# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୪/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 24/2024 Page 20 ₹ 7.00 | SAMBALPUR

୫୦ଶ ଭାଗ ୯୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 92 ମୂଲ୍ୟ ₹୭/-




**'ଭୁଲ ଭୁଲେୟା ୩'ରେ କାର୍ତ୍ତିକଙ୍କ ମିଷ୍ଟ୍ରି ଗାର୍ଲ ତ୍ରିପ୍ତି ଡିମରୀ**

ଫିଲ୍ମ 'ଭୁଲ ଭୁଲେୟା ୩'ର ମିଷ୍ଟ୍ରି ଗାର୍ଲ 'ଆନିମଲ' ଫେମ୍ ତ୍ରିପ୍ତି ଡିମରୀ ବୋଲି ଅଭିନେତା କାର୍ତ୍ତିକ ଆର୍ଯ୍ୟନ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି।

୧୩

୧୬

**ସ୍କୋପ୍‌ମାନଙ୍କ ଇସ୍ତଫା**

ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଜାନେକ୍ ସ୍କୋପ୍‌ମାନ ଶୁକ୍ରବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।















ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୪/୨୦୨୪ | Bhubaneswar, Saturday, February 24/2024







## ବାୟଜୁସ୍ ସିଇଓ ପଦରୁ ହଟିଲେ ରବୀନ୍ଦ୍ରନ୍

ନୂଆଦିଲ୍ଲୀ,୨୩।୨

ଘୋର ଆର୍ôିକ ସଙ୍କଟ ଦେଇ ଗତି କରୁଥିବା ଅନ୍‌ଲାଇନ୍ ଶିକ୍ଷା ପ୍ରଦାନକାରୀ ଏଡୁଟେକ୍ କମ୍ପାନୀ ବାୟଜୁସ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବାୟଜୁ ରବୀନ୍ଦ୍ରନ୍‌ଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇଛି। ୪୪ ବର୍ଷୀୟ ରବୀନ୍ଦ୍ରନ୍ ଏବଂ ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ପରିଚାଳନାଗତ ବିଫଳତା ଯୋଗୁ କମ୍ପାନୀରୁ ବିଦାକରିବା ପାଇଁ ଏକ୍ସଟ୍ରାଅର୍ଡିନାରି ଜେନେରାଲ ମିଟିଂ (ଇଜିଏମ୍)ରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିବା ଏହାର ପ୍ରମୁଖ ନିବେଶକ ପ୍ରୋସସ୍ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ତେବେ ରବୀନ୍ଦ୍ରନ୍‌ଙ୍କ ଅନୁପସ୍ଥିତିରେ ନିଆଯାଇଥିବା ଗୃହୀତ




ସଂକଳ୍ପନାମାକୁ ବାୟଜୁସ୍ ପ୍ରତ୍ୟାଖ୍ୟାନ କରିଛି। ବୋର୍ଡରୁ ରବୀନ୍ଦ୍ରନ୍‌ଙ୍କୁ ବାହାର କରିବା କ୍ଷମତା ଶେୟାରହୋଲ୍ଡର୍ସଙ୍କର ନାହିଁ ବୋଲି କମ୍ପାନୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୨୦୧୫ରେ ପ୍ରତିଷ୍ଠିତ ବାୟଜୁସ୍ ଦୀର୍ଘବର୍ଷ ଧରି ଅନ୍‌ଲାଇନ୍ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଆସିଥିଲା। ବାୟଜୁସ୍‌କୁ ପରିଚାଳନା କରୁଥିବା ☞ପୃଷ୍ଠା–୧୧

# ଓଡ଼ିଶାରେ ହେବ ପ୍ରତିରକ୍ଷା ଯନ୍ତ୍ରାଂଶ ପ୍ରକଳ୍ପ

- ୧୧୭୫୦ କୋଟି ପୁଞ୍ଜିନିବେଶ ସହ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ
- ରାଜ୍ୟ ସରକାରଙ୍କ ସହ ଏମ୍‌ଓୟୁ ସ୍ୱାକ୍ଷରକଲା କଲ୍ୟାଣୀ ଷ୍ଟିଲ୍
- ଓଡ଼ିଶା ଆଡ୍‌ଭାନ୍ସ ମାନୁଫାକ୍ଚରିଂ କ୍ଷେତ୍ରରେ ପ୍ରବେଶ କରିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୨(ଅନିଲ ଦାସ)

ଓଡ଼ିଶାରେ ପ୍ରତିରକ୍ଷା ଓ ବିମାନ ଯନ୍ତ୍ରାଂଶ ନିର୍ମାଣ ହେବ ଏଥିପାଇଁ ରାଜ୍ୟ ସରକାରଙ୍କ ସହ କଲ୍ୟାଣୀ ଷ୍ଟିଲ୍ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଶୁକ୍ରବାର ଲୋକସେବା ଭବନ କନ୍‌ଭେନଶନ ହଲ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଢେଙ୍କାନାଳ ଜିଲାର ଗଜମରାରେ ଏହି ପ୍ରକଳ୍ପ ହେବ। ଏଥିପାଇଁ ୧୧ଶହ ଏକର ଜମି ଚିହ୍ନଟ ହୋଇଛି। ଆସନ୍ତା ସେପ୍ଟେମ୍ବରରୁ ପ୍ରକଳ୍ପ କାମ ଆରମ୍ଭ କରିବ । ୨ ବର୍ଷ ମଧ୍ୟରେ ଉତ୍ପାଦନ ଆରମ୍ଭ ହେବ। ଏଥିରେ ୨ଟି




ପର୍ଯ୍ୟାୟରେ ପୁଞ୍ଜିନିବେଶ ହେବ । ପ୍ରଥମ ପର୍ଯ୍ୟାୟରେ ୧୧ ହଜାର ୭୫୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଏହାଦ୍ୱାରା ରାଜ୍ୟରେ ୧୦ ହଜାର କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟରେ ଉଚ୍ଚଦକ୍ଷତାସମ୍ପନ୍ନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କଲ୍ୟାଣୀ ଇସ୍ପାତ ପ୍ରକଳ୍ପ ସହିତ ଟିଟାନିୟମ ମେଟାଲ ଓ ଆଲଏ ମିଲ୍ ଏବଂ ବିମାନ ଯନ୍ତ୍ରାଂଶ ୟୁନିଟ ସ୍ଥାପନ କରାଯିବ। ଏହାଦ୍ୱାରା ଓଡ଼ିଶା ବଜାରକୁ ଏକ ଉନ୍ନତମାନର ମାନୁଫାକ୍ଚରିଂ କ୍ଷେତ୍ରର ପ୍ରବେଶ ହୋଇଛି। ଏଥିରେ ୧୧,୭୫୦ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ ରାଜ୍ୟରେ ନୂଆ ଯୁଗର ଶିଳ୍ପ କ୍ଷେତ୍ର ପାଇଁ ଏକ ସକାରାତ୍ମକ ବାତାବରଣ ସୃଷ୍ଟି କରିବ। ଏହି ପ୍ରକଳ୍ପ ରାଜ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ଶିଳ୍ପ ବିକାଶରେ ସହାୟକ ହେବା ସହ ନିଯୁକ୍ତି କ୍ଷେତ୍ରକୁ ☞ପୃଷ୍ଠା–୧୧




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୪/୨୦୨୪ Bhubaneswar, Saturday, February 24/2024

# ପୁରୀ ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ଭୁବନେଶ୍ୱର,୨୩।୨(ସୁନିତ୍ ମିଶ୍ର)**

ରାଜ୍ୟରେ ପୁଣି ଏକ ହାଜତ ମୃତ୍ୟୁ ଘଟଣା ନଜରକୁ ଆସିଛି। ପୁରୀ ଜିଲା ଜେଲରେ ଜଣେ ବିଚାରାରାଧୀନ କଏଦୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଗୁରୁବାର ବିଳମ୍ବିତ ରାତିରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଥିଲେ ମଧ୍ୟ ଚପାଇ ଦେବାକୁ ମିଳିତ ଉଦ୍ୟମ ହୋଇଛି। ଏ ସମ୍ପର୍କରେ ଜିଲା ପୋଲିସ କିମ୍ବା ଜେଲ୍ କର୍ତ୍ତୃପକ୍ଷ କେହି ବି ମୁହଁ ଖୋଲୁ ନ ଥିବାରୁ ଘଟଣା ପଛରେ ବଡ଼ ରହସ୍ୟ ଲୁଚି ରହିଥିବା ଜଣାପଡୁଛି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ମୃତ କଏଦୀ ହେଲେ ପୁରୀ ଜିଲା ଚନ୍ଦନପୁର ଥାନା ଅନ୍ତର୍ଗତ ପୁରୁଷୋତ୍ତମ ବଲ୍ଲଭର ଇନ୍ଦ୍ରମଣି ରଣାଙ୍କ ପୁଅ ଲକ୍ଷ୍ମୀଧର ରଣା(୪୮)। ତାଙ୍କର କିଭଳି ଓ କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା ତାହାକୁ ନେଇ ପରିବାର ଲୋକେ

## ଚପାଇଦେବାକୁ ମିଳିତ ଉଦ୍ୟମ

ମଧ୍ୟ ଜାଣିପାରୁ ନାହାନ୍ତି। ତେବେ ଜେଲ୍ କର୍ମଚାରୀମାନେ ତାଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ବେଳକୁ ହସ୍ପିଟାଲ କର୍ତ୍ତୃପକ୍ଷ ରିସିଭ୍ ମୃତ ଘୋଷଣା କରିଥିବା ଜଣାପଡିଛି। ଗାଳି ଗୁଲଜ ସହ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୁରୀ ସଦର ଥାନା ପୋଲିସ ଗତ ୧୭ ତାରିଖରେ ଏକ ମାମଲା (ନଂ.୭୩/୨୪) ରୁଜୁ କରି ଲକ୍ଷ୍ମୀଧରଙ୍କୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ପରେ ଉକ୍ତଦିନ ତାଙ୍କୁ ପୁରୀ ଜିଲା ଜେଲ୍‌ର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ତାଙ୍କ ବିରୋଧରେ ଆଇପିସି ଦଫା ୩୪୧, ୩୨୪, ୨୯୪, ୫୦୬ ଲାଗିଥିଲା।

ଜଣେ ପୋଲିସ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ଲକ୍ଷ୍ମୀଧର ଜଣେ ନିଶାସକ୍ତ ଯୁବକ ଥିଲେ। ଜେଲ୍ ଭିତରେ ନିଶା ନ ପାଇବାରୁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଥିବା ସେ କହିଛନ୍ତି। ହେଲେ ଏକଥା କେତେଦୂର ସତ ତା'ର କିଛି ପ୍ରମାଣ ପୋଲିସ ବିଭାଗ ବିଧିବଦ୍ଧ ଭାବେ ନ ଦେବା ସନ୍ଦେହ ସୃଷ୍ଟି କରିଛି। ଯଦି ଏହି କଥାର ସତ୍ୟତା ଥାଆନ୍ତା ତେବେ ପୋଲିସ ଘଟଣାକୁ ଦୁଇଦିନ କାଳ ଲୁଚାଇ ରଖି ନ ଥାଆନ୍ତା। ସେହିପରି ମାର୍‌ପିଟ୍ ଘଟଣାରେ ସେ ଜେଲ୍ ଆସିଥିବାରୁ ମୃତ୍ୟୁକୁ ନେଇ ମଧ୍ୟ ନାନା କାରଣ ସାମ୍ନାକୁ ଆସୁଛି। ତାଙ୍କର କୌଣସି ଇଣ୍ଟରନାଲ୍ ଇନ୍‌ଜୁରି ଥିଲା ନା ଜେଲ୍ ଭିତରେ ମାଡ଼ କିମ୍ବା ସେପରି କିଛି ଘଟଣା ଘଟିଥିଲା ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଘଟଣା ଅତି ସାଂଘାତିକ ହୋଇଥିବାରୁ ଏହାକୁ ନେଇ ପୁରୀ ଏସ୍‌ପି ପିନାକ ମିଶ୍ର ପୁରୀ ଓ ସଦର ଥାନାର ଆଇଆଇସିଙ୍କୁ ଶୁକ୍ରବାର ସକାଳୁ ଏକାଧିକଥର ☞ପୃଷ୍ଠା-୧୧

# ଓଡ଼ିଶାର ଅଙ୍ଗପ୍ରତ୍ୟଙ୍ଗ ଯାଉଛି ଦିଲ୍ଲୀ

**ଭୁବନେଶ୍ୱର,୨୩।୨ (ଅସମାପିକା ସାହୁ)**

ଭୁବନେଶ୍ୱର ଏମ୍ସରୁ ଶୁକ୍ରବାର ପ୍ରଥମ ଥର ପାଇଁ ଜଣେ ବ୍ରେନ୍ ଡେଡ୍ (ମସ୍ତିଷ୍କ ମୃତ୍ୟୁ) ଘୋଷିତ ବ୍ୟକ୍ତିଙ୍କ ଲିଭର (ଯକୃତ) ନୂଆଦିଲ୍ଲୀକୁ ବିମାନ ଯୋଗେ ପଠାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ସହାୟତାରେ କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ୍ ମୁକ୍ତ ଯାତାୟାତ ପାଇଁ ଭୁବନେଶ୍ୱର ଏମ୍ସରୁ ବିଜୁ ପଟ୍ଟନାୟକ ବିମାନବନ୍ଦର ଯାଏ ଗ୍ରୀନ୍ କରିଡର କରାଯାଇଥିଲା। ତେବେ ଜଣେ ଓଡ଼ିଆଙ୍କ ଅଙ୍ଗପ୍ରତ୍ୟଙ୍ଗ ନୂଆଦିଲ୍ଲୀ ପଠାଯିବା ଅପେକ୍ଷା ଓଡ଼ିଶାରେ ଲିଭର ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କଠାରେ କାହିଁକି ପ୍ରତିରୋପଣ କରାଯାଇନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏଭଳିସ୍ଥଳେ କୁହାଯାଉଛି ଯେ, ଓଡ଼ିଶାରେ



ଭୁବନେଶ୍ୱର ଏମ୍ସରୁ ନୂଆଦିଲ୍ଲୀ ଅଭିମୁଖେ ଗ୍ରୀନ୍ କରିଡରରେ ଲିଭର ନିଆଯାଉଛି।

ଲିଭର ପ୍ରତିରୋପଣର ଭିତ୍ତିଭୂମି ନାହିଁ ଏବଂ କେହି ଦାବିଦାର ନ ଥିବାରୁ ଉକ୍ତ ଅଙ୍ଗପ୍ରତ୍ୟଙ୍ଗ ବାହାରକୁ ପଠାଯାଇଛି। ବାସ୍ତବ କଥା ଯେ, ଓଡ଼ିଶାରେ ଲିଭର ପ୍ରତିରୋପଣ ଭିତ୍ତିଭୂମି ଉପଲବ୍ଧ ନ ହେବା ଯୋଗୁ କେହି ସ୍ଥାନୀୟ ଦାବିଦାର ରହୁନାହାନ୍ତି। ସେମାନଙ୍କୁ ଅତ୍ୟଧିକ ଅର୍ଥ ଖର୍ଚ୍ଚ କରି ଅନ୍ୟ ରାଜ୍ୟର ହସ୍ପିଟାଲ ଉପରେ ନିର୍ଭର ହେବାକୁ ପଡ଼ିବା ସହ ଏଭଳି ସୁଯୋଗରୁ ବଞ୍ଚିତ ହେବାକୁ ପଡୁଛି। ଉଦାହରଣ ଭାବେ ଗତବର୍ଷ ପୁରୀ ସର୍ବୋଦୟନଗରର ଜଣେ ମହିଳାଙ୍କର ଲିଭର ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

ରେଲୱେ ଅଧିକାରୀଙ୍କୁ ପ୍ରାଥମିକତା







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୭୧ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସମୟ: ସକାଳ ୮ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ ସମ୍ମୁଖ ଓ ମୁଖ୍ୟ ଡାକଘର ପାଖ, ସମୟ: ସକାଳ ୯ଟା।
- ୟୁଥ୍ ଫାର୍ମା ଫେଷ୍ଟିଭାଲ, ସ୍ଥାନ: ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର୍ସ, ୟୁନିଟ୍-୪, ସମୟ: ପୂର୍ବାହ୍ନ ୧୦ଟା।
- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୨ଟା ୩୦।
- ସାଧୁ ସନ୍ଥ ମହାକୁମ୍ଭ ମେଳାର ଉଦ୍‌ଯାପନୀ ଉତ୍ସବ ଓ ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଖଣ୍ଡଗିରି, ସମୟ: ଅପରାହ୍ନ ୩ଟା ୩୦।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ ପ୍ରଦର୍ଶନୀ କକ୍ଷ, ସମୟ: ଅପରାହ୍ନ ୫ଟା ୩୦।
- ୪ର୍ଥ ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟାୟନ ପକ୍ଷରୁ ମୀରା ଫେଷ୍ଟିଭାଲ ଅଫ୍ ଡ୍ୟାନ୍ସେସ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଅସୀମ ଉତ୍ସବ ଅବସରରେ ମଞ୍ଚସ୍ଥ ହେବ ନାଟକ 'ସମାନ୍ତର', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।
- କ୍ଲବ ସାଇନ ଏକ୍ସ ଏବଂ ଲାଉଞ୍ଜ ଉଦ୍‌ଘାଟନୀ ଅବସରରେ ଖବରଦାତା ସମ୍ମିଳନୀ, ସ୍ଥାନ: ଲାଇଫ୍ ହୋଟେଲ, ସମତ୍ୟନଗର, ଜନପଥ ରୋଡ୍, ସମୟ: ରାତି ୮ଟା।
- ସିଦ୍ଧ ସାଧକ ଶିଶୁ ଅନନ୍ତ ଦାଶଙ୍କ ମହାପ୍ରୟାଣ ଦିବସରେ ଅଷ୍ଟମପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଶିଶୁଅନନ୍ତ ପୀଠ,ବାଲିପାଟଣା, ସମୟ:ସକାଳ ୬ଟା।

## କଟକ

- ଅସୀମ ଅଖଣ୍ଡ କ୍ରିଏଟିଭ ଫାଉଣ୍ଡେଶନ ଓ କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ ଦିନିକିଆ ଚିତ୍ରଶିଳ୍ପ ଶିବିର, ସ୍ଥାନ: କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ତ୍ରିନାଥ ଦେବଙ୍କ ବାର୍ଷିକ ମହୋତ୍ସବ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: କଟକ କହ୍ନେଇପୁର, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଆଚାର୍ଯ୍ୟ ହରିହର ନିକେତନ, ପୁରୀ, ସମୟ: ସକାଳ ୮ଟା।
- ହୋପ୍ ଇଜ ଲାଇଫର ବାର୍ଷିକ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ପୁରୀ, ସମୟ: ଅପରାହ୍ନ ୫ଟା।
- ଇନ୍ଦ୍ରଦ୍ୟୁମ୍ନ ଆଦର୍ଶ ବିଦ୍ୟାନିକେତନର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଇନ୍ଦ୍ରଦ୍ୟୁମ୍ନ ଲେନ୍, ମାଟିଆପଡ଼ା, ପୁରୀ, ସମୟ: ଅପରାହ୍ନ ୫ଟା।
- ବ୍ରିଙ୍ଗ ୟୋର ଓନ୍ ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ହୋଟେଲ ପିଙ୍କ୍ ହାଉସ୍, ସିଟି ରୋଡ୍, ପୁରୀ, ସମୟ: ଅପରାହ୍ନ ୫ଟା
- ୧୬ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପୁରୀ, ସମୟ: ସନ୍ଧ୍ୟା ୭ଟା ୩୦।
- ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଓ ହରିହାଟ, ସ୍ଥାନ: ଅମୁଣିଆପାଟଣା ଗାଁଦାଣ୍ଡ, ଶ୍ୟାମସୁନ୍ଦରପୁର ରାଧାକାନ୍ତ ମଠ ପ୍ରାଙ୍ଗଣ, ଗୋପୀନାଥ ପାଟଣା ଗୋପୀନାଥ ଦେବଙ୍କ ପୀଠ, ନୁହାରକିରି ମା'ସାଥୀଭଉଣୀ ପୀଠ, ନିମାପଡ଼ା, ସମୟ: ଭୋର ୪ଟା।
- ମା'ବନଦୁର୍ଗା କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ଗୋପକୁଦା, କୃଷ୍ଣପ୍ରସାଦ, ସମୟ: ସକାଳ ୮ଟା।
- ଦଶମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଣିଆସାହି, ସାକ୍ଷୀଗୋପାଳ, ସମୟ: ସକାଳ ୯ଟା।
- ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ରାମଲଙ୍କା, କୃଷ୍ଣପ୍ରସାଦ, ସମୟ: ପୂର୍ବାହ୍ନ ୧୦ଟା।
- ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ରସଦି ଗାଁ, କୃଷ୍ଣପ୍ରସାଦ, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତବିଂଶତମ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ତ୍ରିନାଥ ବଜାର ଉଚ୍ଛୁପୁର, ବଳଙ୍ଗା, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ, ସ୍ଥାନ: କୁଶପଲ୍ଲା ବୃନ୍ଦାବତୀଙ୍କ ପୀଠ, ବେଗୁନିଆ, ସମୟ: ସକାଳ ୬ଟା।
- ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ, ସ୍ଥାନ: ଛତ୍ରପଡ଼ା ନୂଆସାହି, ବେଗୁନିଆ, ସମୟ: ସକାଳ ୭ଟା।
- ରାମଚରିତ ନବାହ୍ନ ପାରାୟଣ, ବାଲୁଙ୍କେଶ୍ୱର ପୀଠ ପ୍ରାଙ୍ଗଣ, ସ୍ଥାନ: ଗହିରଗଡ଼ିଆ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୮ଟା।
- ମା'ଅଁଳେଇ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଉଇଲକିଶନ ନଗର, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ମିନି ଷ୍ଟାଡିୟମ, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- ଆମ ଗାଁ ମହୋତ୍ସବ, ସ୍ଥାନ: ମଲ୍ଲିପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪', ସ୍ଥାନ: ପଦ୍ମାବତୀ ପାର୍କ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଡା. ଲକ୍ଷ୍ମୀକାନ୍ତ ହୋତାଙ୍କ ଗ୍ରନ୍ଥ ଉନ୍ମୋଚନ, ସ୍ଥାନ: ପଦ୍ମାବତୀ ପାର୍କ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ମା' ଭଗିଆଶୁଣିଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭଗିଆ, ସିମୁଳିଆ, ସମୟ: ଦିବସ ବ୍ୟାପୀ।
- ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତରେ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।

## ଭଦ୍ରକ

- ଅଗ୍ନିଉତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ଲୋକାନାଥ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- କ୍ଷେମେଶ୍ୱର ମହାଦେବଙ୍କ ବାର୍ଷିକ ଯଜ୍ଞ, ସ୍ଥାନ: ଚୂଡ଼ାମଣି, ବାସୁଦେବପୁର, ସମୟ: ସକାଳ ୯ଟା।
- ବ୍ଲକ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଦୀନଦୟାଲ ଭବନ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଧାମନଗର ବ୍ଲକର ବୈତରଣୀ ବାମ ପାର୍ଶ୍ୱ ନଦୀ ବନ୍ଧ, ମଲ୍ଲିମାହାରା ଏସ୍‌କେପ, ଗୌରାଙ୍ଗପୁର ଏସ୍‌କେପ ଓ କୋଟିଲା ବ୍ୟାରେଜ୍ ପରିଦର୍ଶନ ସହ ପାଳସାହିଠାରେ ସାଧାରଣ ସଭାରେ ଯୋଗଦେବେ, ସ୍ଥାନ : ଆଇଜିଏମ୍ କଲେଜ ପଡ଼ିଆ,ପାଳସାହି,ଧାମନଗର, ସମୟ : ଅପରାହ୍ନ ୩ଟା୧୦।

## କେନ୍ଦୁଝର

- ଦରଦାମ ବୃଦ୍ଧି ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ କେନ୍ଦୁଝର କଂଗ୍ରେସ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ ଭବନ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- ଯୋଡ଼ା ମଙ୍ଗଳା ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗୋପ ମହାନ୍ତି କଲୋନୀ,ଯୋଡ଼ା, ସମୟ: ସକାଳ ୮ଟା।

## ମୟୂରଭଞ୍ଜ

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପୁରୀରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଓ ଶ୍ରୀ ମଦନମୋହନ ଜୀଉ ବିଜେ, ସ୍ଥାନ: ବଡ଼ସାହି ବ୍ଲକ ସୁହାଗପୁର କଉଡିଖଣି ସ୍ଥିତ ମା' ହିଙ୍ଗୁଳାଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଅଞ୍ଚଳର ସମସ୍ୟା ଏବଂ ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆଶାୟୀ ପ୍ରାର୍ଥୀଙ୍କୁ ନେଇ ଆଞ୍ଚଳିକ ମଞ୍ଚ, ସ୍ଥାନ: ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କ ଦ୍ୱାରା ଏକଲବ୍ୟ ମଡେଲ ବିଦ୍ୟାଳୟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଡିମଗଡ଼ିଆ, ଉଦଳା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ପୂଜାର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ, ସ୍ଥାନ: ବଡ଼ସାହି ବ୍ଲକ ପାଉଁଶିଆ ଭୀମମେଳା ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସଫେଇ ମେଶିନର ଟ୍ରାଏଲ ରନ୍, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୧ଟା।

## ରାୟଗଡ଼ା

- ମୀନାଖୋଲାରେ ମହାଶିବରାତ୍ରୀ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଚନ୍ଦ୍ରପୁର ବ୍ଲକ୍ ସଭା ଗୃହ, ସମୟ: ପୂର୍ବାହ୍ନ ୧୧ଟା
- ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ବ୍ଲକ୍ କୁମୁଟିପେଣ୍ଠ, କୁଚୁଲି, ମିରାବାଲି ଓ ଜେମାଦେଇପେଣ୍ଠ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା

## ନବରଙ୍ଗପୁର

- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ଆରସିଡି ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା
- ଲାଭ ଯୋଜନା-କାର୍ଯ୍ୟାନ୍ୱୟନ ବୈଠକ, ସ୍ଥାନ: ନବରଙ୍ଗପୁର ଡିଆରଡ଼ିଏ କନଫରେନ୍ସ ହଲ୍, ସମୟ: ପୂର୍ବାହ୍ନ ୧୧ଟା
- ମା' କାଳୀ କଙ୍ଗାଲୁଣି ମନ୍ଦିର ରତ୍ନମୁଦ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଖଲବେଡ଼ା, ସମୟ: ପୂର୍ବାହ୍ନ ୧୦ଟା

## କୋରାପୁଟ

- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜୟପୁର ଦଶହରା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ଜିଲାସ୍ତରୀୟ ଶିକ୍ଷା ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ମାଲକାନଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଜାତୀୟ ଅଧିବାସୀ ସମ୍ମିଳନୀ ପରିଚୟ ପ୍ରସ୍ତୁତି ବୈଠକ, ସ୍ଥାନ: ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷ, ସମୟ: ସନ୍ଧ୍ୟା ୫ଟା
- ଜାତୀୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଲଜପତ ରାୟ ଆଇନ ମହାବିଦ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା
- ମାଘ ପୂର୍ଣ୍ଣିମା ଯାତ୍ରା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ତବଲା ଗ୍ରାମ, ସମୟ: ସକାଳ ୯ଟା।
- ଅମୃତ ଭାରତ ଷ୍ଟେଶନର ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଡିଆର୍‌ଏମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।
- ସମ୍ବଲପୁରୀ ଧନୁଯାତ୍ରା କଳାକାରଙ୍କ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ପୁରୁଷ ପ୍ରୋ ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା ୩୦।
- ଲାଜରୁସ୍ ଲାକ୍ରା ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ସେକ୍ଟର-୬, ସମୟ: ସକାଳ ୮ଟା ୩୦।
- ଆଧ୍ୟାତ୍ମିକ ସଚେତନା ଶିବିର, ସ୍ଥାନ: ଡାଇମଣ୍ଡ ଭବନ, ରାଉରକେଲା, ସମୟ: ସକାଳ ୭ଟା।
- ଅଷ୍ଟପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ଆମ୍ବାଗାନ, ସମୟ ସକାଳ ୬ଟା।
- ସ୍ୱସ୍ତି ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ: ଗୋପବନ୍ଧୁ ପାଠାଗାର ଓ ସେକ୍ଟର-୭ ମଧୁମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ସରକାରୀ ସ୍ୱୟଂଶାସିତ କଲେଜରେ ବିଶେଷ କାର୍ଯ୍ୟକ୍ରମ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଟିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: କନ୍ଦାଗାଡ଼(ଗାଇସିଲେଟ), ସମୟ: ପୂର୍ବାହ୍ନ ୧୦ଟା।
- ମଧୁବାବୁ ପେନସନ ବଣ୍ଟନ, ସ୍ଥାନ: ଅମ୍ବାଭୋନା ବ୍ଲକ ଅଫିସ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଆନ୍ତଃ ଜିଲାସ୍ତରୀୟ ସୂଚନା ଅଧିକାର ଓ କାର୍ଯ୍ୟକାରିତା ଉପରେ ମହା ସମ୍ମିଳନୀ ଉଦ୍‌ଘାଟନ, ସ୍ଥାନ: ଲୋଇସିଂହା ଆଦିବାସୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ହିନ୍ଦୁ ପରିଷଦ(ପଶ୍ଚିମ) ବଲାଙ୍ଗୀର ଜିଲା ବନ୍ଧୁ ମିଳନ, ସ୍ଥାନ: ଅମଲା ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ବଡ଼ଗାଁରେ ରାତ୍ରୀକାଳୀନ ରାହାସ ଯାତ୍ରା ମହୋତ୍ସବ, ସ୍ଥାନ: ବାଇବାଇ ଗ୍ରାମ, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି

- କଳାହାଣ୍ଡିର ଆଦିବାସୀ ସମ୍ପ୍ରଦାୟର ନେତା ଓ ବୁଦ୍ଧିଜୀବୀଙ୍କ ସହ ସ୍ୱତନ୍ତ୍ର ଉନ୍ନୟନ କାଉନସିଲର ଉପଦେଷ୍ଟା ପ୍ରଦୀପ ମାଝିଙ୍କ ଏକ ପାରସ୍ପରିକ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ଏସ୍‌ସି ସେଲ୍ ପକ୍ଷରୁ ରୋଗୀ ଓ ନବଜାତ ଶିଶୁଙ୍କୁ ଟାୱେଲ ବଣ୍ଟନ, ସ୍ଥାନ: ଭବାନୀପାଟଣା ସରକାରୀ ଡାକ୍ତରଖାନା,ସମୟ: ପୂର୍ବାହ୍ନ ୧୧ଟା।
- ଲାଞ୍ଜିଗଡ଼ରେ ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ସୂର୍ଯ୍ୟପୂଜା, କାରୁସାଲା କର୍ମ, ମଣ୍ଡାଦି ଦେବତା ପୂଜା, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ମା' ପେଣ୍ଡ୍ରାଣୀ ଦେବୀଙ୍କ ମଣ୍ଡେଇ ଯାତ୍ରା, ସ୍ଥାନ: କୋକସରା ବ୍ଲକର ଡେଙ୍ଗାଗୁଡା, ସମୟ: ଅପରାହ୍ନ ୧ଟା।

## ବୌଦ୍ଧ

- ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଟିକରାପଡା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ଟିକାରାପଡା ଗ୍ରାମ ମଣ୍ଡପ, ସମୟ: ସକାଳ ୬ଟା ।
- କନ୍ଧମାଳ ଖୁଣ୍ଟିଗୋରା ଜୋନସ୍ତରୀୟ ଶୌଣ୍ଡିକ ସମାଜର ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଖୁଣ୍ଟିଗୋରା, ସମୟ: ସକାଳ ୯ଟା ।
- କନ୍ଧମାଳ ବ୍ଲକ ସୁଖାମୁଣ୍ଡା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କୁମାରଖଣ୍ଡି ସୀତାରାମ ମଠ, ସମୟ: ସକାଳ ୯ଟା ।
- ବୌଦ୍ଧ ବ୍ଲକ ବାଉଁଶୁଣୀ କ୍ରିକେଟ ଲିଗ୍ ନବମ ଦିନରେ, ସ୍ଥାନ: ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ସକାଳ ୯ଟା
- କନ୍ଧମାଳ ବ୍ଲକ କୁଲୁଡାଯୋରର ନେତାଜୀ କ୍ରିକେଟ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିନ, ସ୍ଥାନ: ସ୍ଥାନୀୟ ଖେଳପଡିଆ, ସମୟ: ଅପରାହ୍ନ ୧ ଟା ।
- କନ୍ଧମାଳ ବ୍ଲକ ଘଣ୍ଟାପଡା ଆଞ୍ଚଳିକ ସଚେତନ ନାଗରିକଙ୍କ ଦ୍ୱାରା ଘଣ୍ଟାପଡାକୁ ବ୍ଲକ ଓ କନ୍ଧମାଳକୁ ସବ୍‌ଡିଭିଜନ ଘୋଷଣା ଦାବି ନେଇ ସାଧାରଣ ସଭା, ସ୍ଥାନ: ଘଣ୍ଟାପଡା ବନ୍ୟା ଆଶ୍ରୟସ୍ଥଳୀ, ସମୟ : ଅପରାହ୍ନ ୩ଟା ।
- ହରଭଙ୍ଗା ବ୍ଲକର ସରସରାଠାରେ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ସରସରା ଗ୍ରାମ୍ୟ ମଣ୍ଡପ, ସମୟ: ଅପରାହ୍ନ ୫ଟା ।

## ଦେବଗଡ଼

- ସାଇବାବାଙ୍କ ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ମୂର୍ତ୍ତି ଶୋଧନ ପ୍ରାଣ ପ୍ରତିଷ୍ଠା, ଜଳାଭିଷେକ, ସ୍ଥାନ: ସାଇସେବା ସଂସ୍ଥାନ, ପ୍ରଧାନପାଟ, ସମୟ: ସକାଳ ୮ଟା।
- ଦକ୍ଷତା ବିକାଶ କେନ୍ଦ୍ରର ଉଦ୍‌ଘାଟନ, ସ୍ଥାନ: ପୁରୁଣାଗଡ଼, ଦେବଗଡ଼, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଚଷା ସମାଜ ବନ୍ଧୁମିଳନ, ସ୍ଥାନ: ତିଲେଇବଣି ବ୍ଲକର ଧୋବଲିପଥର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବଜରଙ୍ଗ କ୍ରିକେଟ କପ୍ ଉଦ୍‌ଘାଟନ, ସ୍ଥାନ: ମହୁଲିଡିପା ସାହି, ନାଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମା' ମହାମାୟାଙ୍କ ପୂଜାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ରଥସାହି ପୁରୁଣାଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଲକ୍ଷେ ଘର ହରିଜନ ସମାଜ ବନ୍ଧୁମିଳନ ସମାରୋହ, ସ୍ଥାନ: ନୀଳବର୍ଣ୍ଣେସାହି ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲା ନାଗରିକ କମିଟି ପକ୍ଷରୁ ଜିଲାସ୍ତରୀୟ ବୌଦ୍ଧିକ ଆଲୋଚନାଚକ୍ର, ସ୍ଥାନ: ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ, ଦେବଗଡ଼ କଲେଜ ପରିସର, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ବୀରମହାରାଜପୁର ବ୍ଲକ ଅମରପାଲି, ସମୟ: ସକାଳ ୭ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଘିଚାପାଲି ହରିଜନପଡା, ବୀରମହାରାଜପୁର, ସମୟ: ସକାଳ ୯ଟା।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବୀରମହାରାଜପୁର ବ୍ଲକ କାନପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସନ୍ଥ କବି ଭୀମଭୋଇଙ୍କ ସାଧନା, ସିଦ୍ଧି ଓ ସମାଧି ପୀଠରେ ମାଘ ମେଳା ଉତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ସୋନପୁର ବ୍ଲକର ଖଲିଆପାଲି ଭୀମଭୋଇ ମଣ୍ଡପ, ସମୟ : ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗାନ୍ଧୀମନ୍ଦିର ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ।

## ଅନୁଗୋଳ

- ବାର୍ଷିକ ଯାତ୍ରା ଉତ୍ସବ ଉପଲକ୍ଷେ ନାମ ସଂକୀର୍ତ୍ତନ, ସ୍ଥାନ: କଣିହାଁ ପଞ୍ଚାୟତ ମସୁଣିହତା ଗ୍ରାମ, ସମୟ: ସକାଳ ୬ ଟା।
- ଅଷ୍ଟପ୍ରହର ନାମଯଜ୍ଞ ସମାପନ ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ଟାକୁଆ ଗ୍ରାମ, ସମୟ: ସକାଳ ୬ ଟା।
- ଅବଧୂତ ଚିତ୍ରକୂଟ ଆଶ୍ରମରେ ଅହୋରାତ୍ର ନାମଯଜ୍ଞ, ସ୍ଥାନ: କଣିହାଁ ବ୍ଲକ ବଜ୍ରକୋଟ ଆଶ୍ରମ, ସମୟ: ସକାଳ ୭ଟା।
- ଅନନ୍ତ ନାରାୟଣଙ୍କ ନବରାତ୍ର ମହାଯଜ୍ଞ, ସ୍ଥାନ: ଅନୁଗୋଳ ମନ୍ଦରଗିରି, ସମୟ: ସକାଳ ୭ଟା ୫୦।
- ଅଗ୍ନି ଉତ୍ସବ, ସ୍ଥାନ: ହେମସୁରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ହେମସୁରପଡା, ସମୟ: ରାତି ୮ଟା।

## ଗଞ୍ଜାମ

- ଶୋକସଭା, ସ୍ଥାନ: ବେଲଗୁଣ୍ଠା ବିଜ୍ଞାନ ମହାବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା
- ସାହିତ୍ୟ ଆସର, ସ୍ଥାନ:ବୁଗୁଡ଼ା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସମୟ : ପୂର୍ବାହ୍ନ ୧୧ଟା
- ବାଣିଜ୍ୟ ମେଳା, ସ୍ଥାନ: ଭଞ୍ଜନଗର ଜେଲ ପଡିଆ, ସମୟ: ଅପରାହ୍ନ ୫ ଟା
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ମୁଖ୍ୟ ସଡ଼କ ପେଣ୍ଠ, ସମୟ: ସନ୍ଧ୍ୟା ୭ ଟା

## ବ୍ରହ୍ମପୁର

- ଗଞ୍ଜାମ ଜିଲା କଂଗ୍ରେସ କମିଟି (ପୂର୍ବ)ର ଖବରଦାତା ସମ୍ମିଳନୀ, ସ୍ଥାନ: ବ୍ରହ୍ମପୁର କଂଗ୍ରେସ କାର୍ଯ୍ୟାଳୟ,ସମୟ: ଅପରାହ୍ନ ୪ଟା।

## ଗଜପତି

- ବିଜେଡିର ବାଇକ ଶୋଭାଯାତ୍ରା, ସ୍ଥାନ: ମୋହନା ହାଇସ୍କୁଲ ପଡିଆରୁ ଚାପଟପଙ୍କା, ସମୟ: ସକାଳ ୧୦ଟା।

## ଜଗତ୍‌ସିଂହପୁର

- ୫୮ତମ ବିଶ୍ୱଶାନ୍ତି ମହାଯଜ୍ଞ ଗୋପାଳଜୀଉ ମନ୍ଦିର, ସ୍ଥାନ: ବୃନ୍ଦାବନ କଲୋନୀ ପାରାଦୀପ, ସମୟ: ପୂର୍ଣ୍ଣାହୁତି ରାତି ୧୦. ୩୦ ମିନିଟ୍।
- ପ୍ରଥମ ପର୍ଯ୍ୟାୟ ୫-ଟି କଲେଜ ରୂପାନ୍ତରିକରଣ କାର୍ଯ୍ୟକ୍ରମ, ସ୍ଥାନ: ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧.୩୦ ମିନିଟ୍।

## କେନ୍ଦ୍ରାପଡ଼ା

- ଶ୍ରୀବଳଦେବଜୀଉଙ୍କ କନ୍ଦରାସୁର ବେଶ, ସ୍ଥାନ: ଇଚ୍ଛାପୁର କେନ୍ଦ୍ରାପଡ଼ା,ସମୟ: ସନ୍ଧ୍ୟା ୬ଟା।
- ଦିବ୍ୟଜୀବନ ସଂଘ ପକ୍ଷରୁ ଶ୍ରୀବିଷ୍ଣୁ ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଶିବାନନ୍ଦ ଆଶ୍ରମ, କପାଳେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ମା'ବନ୍ଧମଙ୍ଗଳାଙ୍କ ଜନ୍ମୋତ୍ସବ, ସ୍ଥାନ: ରାମନଗରପାଟଣା, ଗୁଲନଗର, ସମୟ: ସକାଳ ୮ଟା।
- ଭତ୍ତା ବଣ୍ଟନ ମେଳା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ଭତ୍ତା ବଣ୍ଟନ ମେଳା, ସ୍ଥାନ: ଗରଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ଅପରାହ୍ନ ୨ଟା।

## ଯାଜପୁର

- ଅଖିଳ ଚକ୍ର ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଉତ୍ସବ, ଯାଜପୁର ତାଉଁତରାପୁର ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣହୁତି, ସ୍ଥାନ: ନୂଆଗାଁ ବ୍ଲକର ମା' ବଡରାଉଳୀଙ୍କ ପୀଠ ଗୁଡୁପାଙ୍ଗୀ, ସମୟ: ଅପରାହ୍ନ ୪ଟା।
- ପଠାଣି ସାମନ୍ତ କପ୍ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସର ୨ୟ ସେମିଫାଇନାଲ ମ୍ୟାଚ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ନୀଳମାଧବ ଜୀଉଙ୍କର ମାଘ ମେଳା ମହୋତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ କଣ୍ଟିଲୋ ପଲଟନ ପଡ଼ିଆ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ନୂଆଗାଁ ବ୍ଲକ କୋରଡାଗଡ, ସମୟ: ଅପରାହ୍ନ ୪ଟା।
- ମହାନଦୀ ଆରତି, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଗଙ୍ଗା ମନ୍ଦିରର ପଶ୍ଚିମ ପାର୍ଶ୍ୱ ମହାନଦୀ କୂଳ, ସମୟ: ସନ୍ଧ୍ୟା ୬ଟା।

# ସହରରୁ ରାଜନୈତିକ ପୋଷ୍ଟର ହଟାଇବ ବିଏମ୍‌ସି

**ଭୁବନେଶ୍ୱର, ୨୩।୨ (ବନ୍ଦନା ସେଠୀ)** ରାଜଧାନୀରୁ ସମସ୍ତ ରାଜନୈତିକ ପୋଷ୍ଟର ବ୍ୟାନର ହଟାଇବ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ସହରର ମୁଖ୍ୟରାସ୍ତା ସମେତ ଗଳିକନ୍ଦି, କାନ୍ଥବାଡ଼ କେଉଁଠି ବି ଆଉ ଦଳୀୟ ପୋଷ୍ଟର ଦେଖିବାକୁ ମିଳିବ ନାହିଁ। ପୋଷ୍ଟର ସମେତ କାନ୍ଥବାଡ଼ରେ ଲେଖାଯାଇଥିବା ଦଳୀୟ ସ୍ଲୋଗାନ ମଧ୍ୟ ହଟାଯିବ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଗକୁ ନିର୍ବାଚନ ଆସୁଥିବାରୁ ନିର୍ବାଚନ କମିଶନଙ୍କ ନିୟମ ମାନି ବିଏମ୍‌ସି ଏଭଳି ପଦକ୍ଷେପ ଗ୍ରହଣ କରୁଛି। ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନ୍ ଉଲ୍ଲଂଘନ କରି ବିଏମ୍‌ସି ଅଞ୍ଚଳରେ ଦଳୀୟ ପ୍ରଚାର ପାଇଁ ଯେଉଁସବୁ ପୋଷ୍ଟର ବ୍ୟାନର ଲାଗିଛି ତାକୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି। କୌଣସି ରାଜନୈତିକ ଦଳର ପୋଷ୍ଟର ବ୍ୟାନର ରହିବ ନାହିଁ। ଏନେଇ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ସେହିପରି ପୋଷ୍ଟର କଢାଯିବା ନେଇ ସମସ୍ତ ରାଜନୈତିକ ଦଳଗୁଡ଼ିକ ଅବଗତ ଥିବାରୁ ସେମାନେ ଏଥିରେ ସହଯୋଗ କରିବେ ବୋଲି କମିଶନର ଆଶା ପ୍ରକାଶ କରିଛନ୍ତି। ତେବେ ପୂର୍ବରୁ ପୋଷ୍ଟର ହଟାଇବାକୁ ନେଇ ବିଏମ୍‌ସି ଅଡୁଆରେ ପଡିଥିଲା। କାନ୍ଥରେ ମରାଯାଇଥିବା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ପୋଷ୍ଟରକୁ ଲିଭାଇଥିବାରୁ ବିଏମ୍‌ସିକୁ ଏମ୍‌ପି କଟାକ୍ଷ କରିଥିଲେ। ସହରସାରା ମାଳମାଳ ହୋଇ ଶାସକ ଦଳର ପୋଷ୍ଟର ଲାଗି ରହିଥିବାବେଳେ ଆକ୍ରୋଶମୂଳକ ଭାବେ ବିଏମ୍‌ସି କାହିଁକି ତାଙ୍କ ପୋଷ୍ଟର ଲିଭାଇଲା ବୋଲି ସେ ପ୍ରଶ୍ନ କରିଥିଲେ। ଅପରପକ୍ଷେ ସହରର କାନ୍ଥବାଡ଼, ଗଛ, ଇଲେକ୍ଟ୍ରିପୋଲ୍ ଯେଉଁଠାରେ ବି ପୋଷ୍ଟର ଲାଗୁଛି ବିଏମ୍‌ସି ତାହାକୁ ହଟାଉଛି। ଏହାଦ୍ୱାରା ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଥିବାରୁ ଏଭଳି ପଦକ୍ଷେପ ନିଆଯାଉଛି। ଏଥିସହ ବିଜ୍ଞାପନ ବା ପୋଷ୍ଟର ଲଗାଇଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ ସହ ତାଙ୍କ ବିରୋଧରେ ଏତଲା ଦିଆଯାଉଛି। ଇତିମଧ୍ୟରେ ୧୦ଲକ୍ଷରୁ ଅଧିକ ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ୩୦ରୁ ଊର୍ଦ୍ଧ୍ୱ ସଂସ୍ଥା ତଥା ବ୍ୟକ୍ତିଙ୍କ ନାମରେ ଏତଲା ଦାୟର କରାଯାଇଥିବା ସୂଚନା ମିଳିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିଜାତୀୟ ବ୍ୟକ୍ତିଙ୍କ ପ୍ରତିରୋଧରେ ପ୍ରଗତିର ପଥରୋଧ ଘଟିପାରେ। କୃତ୍ତିକା ନକ୍ଷତ୍ର ସକାଶେ ଯାତ୍ରା, ବନ୍ଧୁମିଳନ ଓ ମନୋରଞ୍ଜନ ପାଇଁ ବହୁତ ଭଲ। କର୍ମକ୍ଷେତ୍ରରେ ଗଡ଼ବଡ଼ ପରିସ୍ଥିତି ଦେଖାଦେବା ଆଶଙ୍କା ରହିଛି। ସଭାସମିତି, ମାଲିମକଦ୍ଦମା କିମ୍ବା କଳା, ସାହିତ୍ୟ, ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିପାରେ।

**ବୃଷ** ଅନୁକୂଳ ଗ୍ରହସ୍ଥିତିରୁ ଖୁସି ମନରେ କାମ କରିବା ସହ ଚାହୁଁଥିବା ଜିନିଷ ପାଇବେ। ପରିସ୍ଥିତିର ତାଡ଼ନାରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ରୋହିଣୀ ସକାଶେ ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ସତର୍କତାର ଆବଶ୍ୟକତା ପଡ଼ିବ ନାହିଁ। ବନ୍ଧୁଙ୍କ ଆଦରବୋଳା ସମ୍ମାନଜନକ କଥା କେଇପଦ ଶୁଣି ଖୁସି ହୋଇପାରନ୍ତି।

**ମିଥୁନ** ଆପଣ ଆଜି ବାହାର ଲୋକମାନଙ୍କ ଦ୍ୱାରା ଯେତିକି କାମ କରିପାରିବେ, ଘରଲୋକଙ୍କଠାରୁ ସେତିକି ସହଯୋଗ ପାଇବେ ନାହିଁ। କେତେକ ବିବାଦୀୟ କ୍ଷେତ୍ରରେ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କ ସାହାଯ୍ୟ ମାଗିବାକୁ ପଡ଼ିପାରେ। ଜମା ଭଲ ପଡୁନଥିବା ବ୍ୟକ୍ତିମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ।

**କର୍କଟ** ପୁଷ୍ୟା ନକ୍ଷତ୍ର କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅତୀତ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଜାଣିଶୁଣି କେତେକ ସମ୍ପର୍କୀୟ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହୋଇପାରନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ସିଂହ** ଯେତେ ଭଲ କାମ କଲେ ମଧ ତାହା ବିଚାରକୁ ଆସିବ ନାହିଁ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରୁ ଫେରିବା ବାଟରେ ଅପରାହ୍ନେ କଳହର ସମ୍ମୁଖୀନ ହୋଇପାରନ୍ତି। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**କନ୍ୟା** ନିଜ ଉପରେ ଗୁରୁ ଦାୟିତ୍ୱ ଥିଲେ ମଧ ଆଜି ତାହା କରିବାରେ ପଛେଇଯିବେ। କୃତକର୍ମରେ ଅନୁତପ୍ତ ହେବା ସାଙ୍ଗକୁ ଘର ଲୋକଙ୍କ ଆଗରେ ମୁଣ୍ଡ ନୁଆଁଇ ବସିବାକୁ ବାଧ ହେବେ। ନିଜର ବିଫଳତା ହେତୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା ହ୍ରାସ ପାଇପାରେ। ହସ୍ତା ନକ୍ଷତ୍ର ସ୍ଥଗିତ କାମ ସମ୍ପନ୍ନ କରିବାକୁ ଦୁଃସାହସିକ ପଦକ୍ଷେପ ନେବେ।

**ତୁଳା** ପରିସ୍ଥିତି ପ୍ରତି ସଜାଗ ରହି କାମ କରିବା ଦ୍ୱାରା ସବୁ ସମସ୍ୟାକୁ ସୁଧାରି ନେବେ। ଚିତ୍ରା ନକ୍ଷତ୍ର କଚେରି ମାମଲାର ଶୁଣାଣି ବିଳମ୍ବ ହେତୁ ଧୈର୍ଯ୍ୟଚ୍ୟୁତି ଘଟିପାରେ। ସାଧାରଣ ବ୍ୟକ୍ତିବିଶେଷଙ୍କ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବଢ଼ିବ। ସଭାସମିତିରେ ଅଟକି ରହିଥିବା କାମ କିମ୍ବା ଆଲୋଚନାଟି ଆଜି ପୂର୍ଣ୍ଣାଙ୍ଗ ହୋଇଯିବ।

**ବିଛା** ସମ୍ପର୍କୀୟଙ୍କ ବେଖାତିର କଥା ଓ କାର୍ଯ୍ୟକଳାପରୁ କଷ୍ଟ ପାଇବେ। ପାରିବାରିକ ଜୀବନରେ ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଜ୍ୟେଷ୍ଠା ନକ୍ଷତ୍ରର କ୍ରୀଡ଼ା, ଚଳଚ୍ଚିତ୍ର ଓ କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ ଜୀବନଚର୍ଯ୍ୟାରେ ବ୍ୟତିକ୍ରମ ମାନସିକ ଅଶାନ୍ତିର କାରଣ ହେବ।

**ଧନୁ** ସବୁ ପରିସ୍ଥିତି ପ୍ରତି ସତର୍କ ରହି କାମ କରିବା ଭଲ। ଉତ୍ତରାଷାଢ଼ା ନକ୍ଷତ୍ର ନୀରବ ରହିବାକୁ ବାଧ୍ୟ ହେବା ବ୍ୟତୀତ ଅନ୍ୟ ରାସ୍ତା ପାଇବେ ନାହିଁ। ଭୁଲ୍ ବୁଝାମଣା କାରଣରୁ ସମ୍ପର୍କୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ କେତେକ ନୂତନ କାମର ପରିକଳ୍ପନା କରିବେ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ବଡ଼ଭାଇପଣିଆକୁ ସହଜରେ ଗ୍ରହଣ କରିପାରିବେ ନାହିଁ। କାମରେ ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍‌ଠିକ୍ ହୋଇଯିବ। ଶ୍ରବଣା ନକ୍ଷତ୍ର ଆଶା କରୁଥିବା କାମ ସକାଶେ ଅର୍ଥ ସାହାଯ୍ୟ ପାଇବେ। ପ୍ରତିବେଶୀଙ୍କ ସହ ମଧୁର ସମ୍ପର୍କ ସମସ୍ୟା ସମାଧାନରେ ସହାୟକ କରିପାରେ।

**କୁମ୍ଭ** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ବନ୍ଧୁଟି ସ୍ୱାର୍ଥକୁ ପ୍ରଥମେ ନିଜ ସକାଶେ ନେବାର ଉପକ୍ରମ କରିପାରେ। ବୈଷୟିକ କ୍ଷେତ୍ରରେ ବାଦବିବାଦ ଜଟିଳ ହେବ, ତଥାପି ଆପଣ ସଫଳତା ହାସଲ କରିବେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ ଗୃହ, ଭୂମି ସମ୍ପର୍କୀୟ ଦୁଶ୍ଚିନ୍ତା ରହି ପରକ୍ଷଣରେ ଦୂର ହୋଇଯିବ।

**ମୀନ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ହାତ ମିଳାଇ କାମ କଲେ ତାହା ଆପଣଙ୍କ ପାଇଁ ହିତକର ହେବ। ବାରମ୍ବାର ବିଫଳ ହୋଇ ଆଜି ଶେଷ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇପାରନ୍ତି। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁ ଚିନ୍ତାପ୍ରକଟ କରିବେ। ଆଲୋଚନା କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ରହିବ।

ଆଜି ଫେବୃଆରୀ ୨୪ ତାରିଖ, ମାଘ ପୂର୍ଣ୍ଣିମା ଶନିବାର, ଶ୍ରୀମନ୍ଦିରରେ ଗଜ ଉଦ୍ଧାରଣ ବେଶ, ମାଘବ୍ରତ ସମାପନ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ମଘା/ସିଂହ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୩ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୦୭ ଗତେ ଘ.୧୦।୩୩ ମଧ୍ୟେ ରାହୁକାଳ।

ଧରିତ୍ରୀ 50 Years

# ଧରିତ୍ରୀ DHARITRI






## ସ୍ୱାବଲମ୍ବୀ କାରିଗରଙ୍କ ପ୍ରାପ୍ୟ ବଢ଼ିଲା

### ପାରିଶ୍ରମିକ ୪ ହଜାର ଟଙ୍କାରୁ ୬,୫୦୦ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର,୨୩।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଜ୍ୟର ଗ୍ରାମପଞ୍ଚାୟତରେ କାମ କରୁଥିବା ସ୍ୱାବଲମ୍ବୀ କାରିଗର(ସେଲ୍‌ଫ ଏମ୍ପ୍ଲଏଡ୍ ମେକାନିକ)ଙ୍କର ପାରିଶ୍ରମିକ ବୃଦ୍ଧି କରିଛନ୍ତି। ସେମାନଙ୍କର ପାରିଶ୍ରମିକ ୪୦୦୦ ଟଙ୍କା ଥିବାବେଳେ ତାହା ୬, ୫୦୦ଟଙ୍କାକୁ ବୃଦ୍ଧି ପାଇଛି। ଏହା ବର୍ତ୍ତମାନର ପାରିଶ୍ରମିକଠାରୁ ୬୨.୫୦ ପ୍ରତିଶତ ଅଧିକ। ଏହାଦ୍ୱାରା ରାଜ୍ୟର ୧୩ ହଜାର ସ୍ୱାବଲମ୍ବୀ କାରିଗର ଉପକୃତ ହେବେ। ସୂଚନାଯୋଗ୍ୟ ଯେ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲାଗସ୍ତ ସମୟରେ ବିଭିନ୍ନ ସ୍ଥାନରୁ ସ୍ୱାବଲମ୍ବୀ କାରିଗର ଏବଂ ପ୍ରତିନିଧିମାନଙ୍କଠାରୁ ଏଥିପାଇଁ ଅନୁରୋଧ ଓ ପ୍ରସ୍ତାବ ଆସିଥିଲା। ୫-ଟି ଅଧ୍ୟକ୍ଷ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ପାରିଶ୍ରମିକ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ସମସ୍ତ ଗ୍ରାମକୁ ନିୟମିତ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ତଥା ଜଳକଷ୍ଟ ଦୂର କରିବା ପାଇଁ ଗ୍ରାମପଞ୍ଚାୟତଗୁଡ଼ିକରେ ୨ ଜଣ ଲେଖାଏ ସ୍ୱାବଲମ୍ବୀ କାରିଗର ନିୟୋଜିତ ଅଛନ୍ତି। ସେମାନେ ପାଇପ ଜଳ ଯୋଗାଣ, ରକ୍ଷଣାବେକ୍ଷଣ ତଥା ନଳକୂପ ମରାମତି ପାଇଁ ନିରନ୍ତର ସେବା ଯୋଗାଇ ଆସୁଛନ୍ତି।

# 'ଯୁବଗୋଷ୍ଠୀଙ୍କୁ ଉତ୍ତମ କ୍ରୀଡ଼ା ସୁବିଧା ଯୋଗାଇବା ଲକ୍ଷ୍ୟ'




ଭୁବନେଶ୍ୱର,୨୩।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୬୬୦ କୋଟି ଟଙ୍କାର ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସେଥିରେ ୪୮ଟି ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ, କଟକ ଟେବୁଲ ଟେନିସ ଏକାଡେମୀ, ରାଉରକେଲା ଜିମ୍‌ନାଷ୍ଟିକ ଏକାଡେମୀ ଏବଂ ୧୨ଟି

### ୬୬୦ କୋଟିର ବିଭିନ୍ନ କ୍ରୀଡ଼ା ପ୍ରକଳ୍ପର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ହକି ଟ୍ରେନିଂ ସେଣ୍ଟର ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୧ଟି କ୍ରୀଡ଼ା ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏହି ସମସ୍ତ ପ୍ରକଳ୍ପ ୫-ଟି ଉପକ୍ରମରେ ନିଆଯାଇଛି। କ୍ରୀଡ଼ା ଭିତ୍ତିଭୂମିର ତୃଣମୂଳସ୍ତରରେ ବିକାଶ କରିବା ଏବଂ ସ୍ୱାସ୍ଥ୍ୟକର ଜୀବନଶୈଳୀ ପାଇଁ ୪୮ଟି ବହୁମୁଖ୍ୟୀ ଇଣ୍ଡୋର ଷ୍ଟାଡିୟମ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିର୍ମାଣ କରାଯାଇଛି। ଏଥିରେ କୋର୍ଟ୍‌ସ ରୁମ୍ ଏବଂ ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, ଯୋଗ, ଚେସ୍ ଏବଂ ଭାରୋତ୍ତୋଳନ ଓ ଜିମ୍ ଇତ୍ୟାଦି ରହିଛି। ଏଥିସହିତ ଭବାନୀପାଟଣାଠାରେ ନିର୍ମାଣ କରାଯାଇଥିବା ବହୁମୁଖୀ ଇଣ୍ଡୋର ହଲ୍‌କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। କଟକ ଟେବୁଲ ଟେନିସ ଏକାଡେମୀରେ ୧୬ ପ୍ରକାରର ପ୍ରିମିୟମ ଟେବୁଲ ଟେନିସ ସହିତ ଜିମ୍‌ନାସିୟମ ☞ପୃଷ୍ଠା-୧୦

## ଲୋକ ସଭା ନିର୍ବାଚନ: ୧୩ ପରେ ତାରିଖ ଘୋଷଣା

ନୂଆଦିଲ୍ଲୀ,୨୩।୨

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଓ ତାଙ୍କ ଟିମ୍ ବିଭିନ୍ନ ରାଜ୍ୟ ଗସ୍ତକରି ସାଧାରଣ ନିର୍ବାଚନର ପ୍ରସ୍ତୁତି ସମୀକ୍ଷା କରୁଛନ୍ତି। ଏହି ମାରାଥନ୍ ଗସ୍ତ ଆସନ୍ତା ମାର୍ଚ୍ଚ ୧୩ରେ ଶେଷ ହେବା ପରେ ଲୋକ ସଭା ନିର୍ବାଚନ ତାରିଖ ଘୋଷଣା କରାଯାଇପାରେ। ସୁରୁଖୁରୁରେ ନିର୍ବାଚନ ପରିଚାଳନା ପାଇଁ ଏଥର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାର କରାଯିବ ବୋଲି ନିର୍ବାଚନ ଆୟୋଗଙ୍କ ସୂତ୍ରରୁ ଶୁକ୍ରବାର ଜଣାପଡ଼ିଛି।

ଭାରତର ନିର୍ବାଚନ କମିଶନ (ଇସିଆଇ) ଅଧିକାରୀମାନେ ବର୍ତ୍ତମାନ ତାମିଲନାଡୁରେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରୁଛନ୍ତି। ଏହା ପରେ ସେମାନେ ଉତ୍ତର ପ୍ରଦେଶ ଓ ଜମ୍ମୁ-କଶ୍ମୀର ଯିବେ। ଏହି ରାଜ୍ୟ ଗସ୍ତ କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୧୩ରେ ସମ୍ପୂର୍ଣ୍ଣ ହେବ। ସୂଚନାନୁସାରେ କମିଶନ ଗତ କିଛି ମାସ ହେଲା ରାଜ୍ୟଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କ ସହ ଆଲୋଚନା ଚଳାଇଛନ୍ତି। ସିଇଓମାନେ ନିଜ ନିଜ ରାଜ୍ୟର ସମସ୍ୟା, ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ପରିବହନ, ସେମାନଙ୍କ ସୁରକ୍ଷା ବଳ ଆବଶ୍ୟକତା ଏବଂ ସୀମାଗୁଡ଼ିକରେ ସତର୍କତା ବୃଦ୍ଧି ସମ୍ପର୍କରେ ସିଇସିଙ୍କୁ ଅବଗତ କରାଉଥିବା ନେଇ କମିଶନଙ୍କ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଆଗାମୀ ଲୋକ ସଭା ନିର୍ବାଚନକୁ ମୁକ୍ତ ଓ ନିରପେକ୍ଷ କରିବା ଲାଗି କମିଶନ ଏଆଇର ଉପଯୋଗ କରିବେ। ଏଆଇ ଜରିଆରେ ସୋସିଆଲ ମିଡିଆ ଏବଂ ଡିଜିଟାଲ ମିଡିଆ ☞ପୃଷ୍ଠା-୧୦



❝ ନୈତିକତା ଏକ କୃତ୍ରିମ ମାନଦଣ୍ଡରେ ସମସ୍ତଙ୍କୁ ଠିଆ କରିବାକୁ ଚାହୁଁଥିଲା ବେଳେ, ଆଧ୍ୟାତ୍ମିକତା ଜୀବନର ବହୁ ବୈଚିତ୍ର୍ୟ ଭିତରେ ଲୀଳାୟିତ ହୁଏ । ଏହା ମଧ୍ୟ ଆତ୍ମାର ସ୍ୱାଧୀନତାକୁ ସାବ୍ୟସ୍ତ କରେ । -ଶ୍ରୀମା

-ମାଘ ପୂର୍ଣ୍ଣମା,
ମାଘ ବ୍ରତ ସମାପନ,
ଶ୍ରୀମନ୍ଦିରରେ ଗଜ
ଉଦ୍ଧାରଣ ବେଶ,
ଚନ୍ଦ୍ରପୂଜା ଓ ଉପବାସ



# ରେଲୱେ ଅଧିକାରୀଙ୍କୁ ପ୍ରାଥମିକତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସାମ୍ପ୍ରତିକ ଧାରା ଏବଂ ତଥ୍ୟକୁ ବିଚାର କଲେ ଜଣାପଡ଼େ ଯେ, କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ), ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକରେ ମୁଖ୍ୟ ଭିଜିଲାନ୍ସ ଅଧିକାରୀ (ସିଭିଓ) ନିଯୁକ୍ତିବେଳେ ଭାରତୀୟ ରେଳ ସେବା କ୍ୟାଡରର ଅଧିକାରୀଙ୍କୁ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ପ୍ରାଥମିକତା ଦେଇଥାଏ । ସମ୍ପ୍ରତି ଏହି ପଦବୀଗୁଡ଼ିକରେ ଏକ ଡଜନରୁ ଅଧିକ ଅଧିକାରୀଙ୍କ ନିଯୁକ୍ତିକୁ କେନ୍ଦ୍ର ସବୁଜ ସଙ୍କେତ ଦେଇଛି । ଉଲ୍ଲେଖଯୋଗ୍ୟ, ସେମାନଙ୍କ ମଧ୍ୟରୁ ଏକ ସିଂହଭାଗ ଭାରତୀୟ ରେଳ ସେବାରୁ ଆସୁଛନ୍ତି । ସୂତ୍ରରୁ ଜଣାପଡ଼ିଛି ଯେ, ୪ଟି ସିଭିଓ ପଦବୀରେ ଆଇଟିଏସ୍, ଆଇଆର୍‌ଏସ୍, ଆଇଟି, ଆଇପି ଆଣ୍ଡ୍ ଟିଏ ଆଣ୍ଡ୍ ଏଫ୍‌ଏସ୍‌ର ଅଧିକାରୀ ରହିଛନ୍ତି ଏବଂ ଅବଶିଷ୍ଟ ଭାରତୀୟ ରେଳ ସେବାରୁ ଚୟନ କରାଯାଇଛି । ସିଭିସି ସହ ସଂଶ୍ଳିଷ୍ଟ ବ୍ୟକ୍ତିମାନେ କହନ୍ତି ଯେ, ବିଭିନ୍ନ ଭୌଗୋଳିକ କ୍ଷେତ୍ରରେ ପୁଞ୍ଜି ନିବେଶକାରୀ ପ୍ରକଳ୍ପଗୁଡ଼ିକର ପରିଚାଳନାରେ ରେଳ ଅଧିକାରୀଙ୍କର ବ୍ୟାପକ ଅଭିଜ୍ଞତା ହେତୁ ସେମାନେ ଅଧିକ ସୁବିଧା ପାଇଥାନ୍ତି । ଆଇପିଏସ୍, ଆଇଏଫ୍‌ଏସ୍, ଆଇଟିଏସ୍ ଏବଂ ଆଇଆର୍‌ଏସ୍ ସମେତ ଅନ୍ୟାନ୍ୟ କ୍ୟାଡର୍‌ର ଅଧିକାରୀମାନେ ମଧ୍ୟ ସିଭିଓ ଭଳି ସମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଏହା ସ୍ପଷ୍ଟ ଯେ, ଭାରତୀୟ ରେଳ ସେବା କ୍ୟାଡରର ଅଧିକାରୀମାନେ ଅନ୍ୟମାନଙ୍କ ତୁଳନାରେ ଭଲ ପ୍ରଦର୍ଶନ କରିଥାନ୍ତି । କୌତୂହଳର ବିଷୟ, ତଥ୍ୟ ସୂଚିତ କରେ ଯେ, ଆଇଏଏସ୍ ଅଧିକାରୀମାନେ ସିଭିଓ ପୋଷ୍ଟଗୁଡ଼ିକୁ କମ୍ ପସନ୍ଦ କରନ୍ତି କିମ୍ବା ସେମାନଙ୍କୁ କମ୍ ପ୍ରାଥମିକତା ଦିଆଯାଇଥାଏ । ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏକ କମିଟି ଦ୍ୱାରା ଭିଜିଲାନ୍ସ କମିଶନର (ଭିସି) ପଦ ପାଇଁ ବ୍ୟାଙ୍କ୍ ଅଫ ମହାରାଷ୍ଟ୍ରର ପରିଚାଳନା ନିର୍ଦ୍ଦେଶକ ଏ.ଏସ୍.ରାଜୀବଙ୍କୁ ମନୋନୀତ କରାଯାଇଥିଲା ।

### ବିଜ୍ଞାପନରେ ବାଧା

ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟର ନିୟାମକ ପ୍ରାଧିକରଣ ହେଉଛି କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ (ସିସିପିଏ) । ଏବେ ଏହା ବିଭ୍ରାନ୍ତିକର ବିଜ୍ଞାପନ ପାଇଁ ଅନେକ ଆଇଏଏସ୍ କୋଚିଂ ପ୍ରତିଷ୍ଠାନକୁ ନୋଟିସ ଜାରି କରିଛି । ବିନା ଅନୁମତିରେ ସିଭିଲ ସର୍ଭିସ ପରୀକ୍ଷା ପାଇଁ ଏହି ସଂସ୍ଥାଗୁଡ଼ିକୁ ବିଜ୍ଞାପନରେ ଟପ୍ପରଙ୍କ ବ୍ୟକ୍ତିଗତ ବିବରଣୀ ବ୍ୟବହାର କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି କହିବା ସହ କୋଚିଂ ସଂସ୍ଥାଗୁଡ଼ିକର ବିଜ୍ଞାପନ କୌଶଳରେ ଲଗାମ ଲଗାଇବାକୁ ସିସିପିଏ ଲିଖିତ ନିର୍ଦ୍ଦେଶାବଳୀ ଜାରି କରିଛି । ସୂତ୍ରରୁ ପ୍ରକାଶ , ସିସିପିଏ ମୁଖ୍ୟ କମିଶନର ନିଧି ଖାରେ ସ୍ପଷ୍ଟ କରିଛନ୍ତି ଯେ, ଡିସେମ୍ବର ୨୦୨୩ରେ ଆଇଏଏସ୍ କୋଚିଂ ସଂସ୍ଥା ଦ୍ୱାରା ବିଭ୍ରାନ୍ତିକର ବିଜ୍ଞାପନର ତଦାରଖ କରିବା ପାଇଁ ଏକ କମିଟିର ଗଠନ କରାଯିବା ପରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ସେ ଆହୁରି ମଧ୍ୟ କହିଛନ୍ତି, ଆମେ ବହୁ ସମୟରେ ଲକ୍ଷ୍ୟ କରୁ ଯେ, ଶତ ପ୍ରତିଶତ ଚୟନ କିମ୍ବା କେବଳ ସବୁଠୁ ସ୍ୱତନ୍ତ୍ର ସଫଳ କାହାଣୀ ସମ୍ପର୍କରେ ବିଜ୍ଞାପନଗୁଡ଼ିକ ଦିଆଯାଇଥାଏ । ସଂସ୍ଥାଗୁଡ଼ିକ ଦ୍ୱାରା ବଢ଼େଇଚଢ଼େଇ କରି ଦାବି କରାଯାଇଥାଏ, ଯେପରି କି ୨୦୨୨ରେ ୟୁପିଏସ୍‌ସି ପରୀକ୍ଷାରେ ୯୩୩ ପ୍ରାର୍ଥୀଙ୍କୁ ଚୟନ କରାଯାଇଥିଲା ବେଳେ କେବଳ ୧୦ କୋଚିଂ ସେଣ୍ଟରର ବିଜ୍ଞାପନ ଦାବି କରିଥିଲେ ଯେ, ସେମାନଙ୍କ ସଂସ୍ଥାର ୩,୩୦୦ରୁ ଅଧିକ ପୂର୍ବତନ ଆଶାୟୀ କୃତକାର୍ଯ୍ୟ ହୋଇଥିଲେ । ଜାରି କରାଯାଇଥିବା ନିୟମାବଳୀ ଅନୁଯାୟୀ, କୋଚିଂ ସେଣ୍ଟର ସବୁ ସେମାନଙ୍କ ଛାତ୍ରମାନଙ୍କ ସଫଳତା ବିଷୟରେ ସ୍ୱଚ୍ଛ ହେବାକୁ ପଡ଼ିବ । ଏହା ସହ ନାମ, ପଦବୀ ଏବଂ ପାଠ୍ୟକ୍ରମର ଅବଧି ପରି ସବିଶେଷ ବିବରଣୀ ପ୍ରଦାନ କରିବାକୁ ହେବ ।

### ସୁପ୍ରିମକୋର୍ଟ ଓ ଡିଜିପି ନିଯୁକ୍ତି

ଯୋଗ୍ୟ ଅଧିକାରୀ ଥିବା ସତ୍ତ୍ୱେ କାର୍ଯ୍ୟନିର୍ବାହୀ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିଯୁକ୍ତି ଉପରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶନାମା ପାଳନ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ) ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛି । ନିକଟରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ କେ. ଭାଲା ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ପଞ୍ଜାବ, ଉତ୍ତରପ୍ରଦେଶ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ମୁଖ୍ୟ ସଚିବଙ୍କୁ ଲେଖିଛନ୍ତି । ବିଶେଷକରି କାର୍ଯ୍ୟନିର୍ବାହୀ ରାଜ୍ୟ ପୋଲିସ ମୁଖ୍ୟ ନିଯୁକ୍ତି କରିବାର ପ୍ରଚଳିତ ଧାରା ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ଜରୁରୀ ବୋଲି ସେ ଉଲ୍ଲେଖ କରିଛନ୍ତି । ପଞ୍ଜାବ ପୂର୍ବରୁ ଗୌରବ ଯାଦବଙ୍କ ନିଯୁକ୍ତି ଘଟଣାରେ ଏମ୍‌ଏଚ୍‌ଏର ନୋଟିସ ଗ୍ରହଣ କରିଥିବାବେଳେ ଉତ୍ତରପ୍ରଦେଶ ମାତ୍ର ୨୦ ମାସ ମଧ୍ୟରେ ଏହାର ଚତୁର୍ଥ କ୍ରମାଗତ କାର୍ଯ୍ୟନିର୍ବାହୀ ଡିଜିପି ନିଯୁକ୍ତ କରିଛି ଓ ଗତମାସରେ ପ୍ରଶାନ୍ତ କୁମାରଙ୍କୁ ଏହି ପଦବୀରେ ଅବସ୍ଥାପିତ କରିଥିଲା । ଡିଜିପିମାନଙ୍କ ପାଇଁ ପଦବୀରେ ସର୍ବନିମ୍ନ ଦୁଇ ବର୍ଷର କାର୍ଯ୍ୟକାଳ ସୁନିଶ୍ଚିତ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଯେଉଁ ନିର୍ଦ୍ଦେଶ ଅଛି ତାହାକୁ ରାଜ୍ୟଗୁଡ଼ିକ ମାନୁ ନାହାନ୍ତି । କେବଳ ଜମ୍ମୁ ଭଳି ୟୁନିଅନ ଅଞ୍ଚଳକୁ ଛାଡ଼ି ଏହି ନିର୍ଦ୍ଦେଶନାମା କେବଳ ରାଜ୍ୟଗୁଡ଼ିକ ପାଇଁ ପ୍ରଯୁଜ୍ୟ । ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ୟୁପି ଏବଂ ପଞ୍ଜାବରେ ଅସ୍ଥାୟୀ ଡିଜିପିଙ୍କ ଏହି ଧାରାରେ କେତେଜଣ ୧ବର୍ଷରୁ ଅଧିକ ସମୟ କାର୍ଯ୍ୟ କରୁଛନ୍ତି ଓ ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଏହାକୁ ଖଣ୍ଡନ କରିଛନ୍ତି । ଏହା କେବଳ ଆଇନ ପ୍ରଣୟନକାରୀ ସଂସ୍ଥାର ସ୍ଥିରତା ଏବଂ କାର୍ଯ୍ୟକାରିତାକୁ କ୍ଷୁଣ୍ଣ କରୁ ନାହିଁ ବରଂ ଶାସନରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଉପରେ ମଧ୍ୟ ପ୍ରଶ୍ନ ଉଠାଉଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ରାଜ୍ୟ ସରକାର ୟୁପିଏସ୍‌ସିରେ ଯୋଗ୍ୟ ଅଧିକାରୀଙ୍କ ଏକ ପ୍ୟାନେଲ ବା ନିଯୁକ୍ତି ତାଲିକା ପଠାଇବା ଉଚିତ ; ଯାହା ପ୍ୟାନେଲରୁ ୩ଜଣ ଅଧିକାରୀଙ୍କୁ ଚୟନ କରିବ ଏବଂ ପରେ ରାଜ୍ୟ ସରକାର ଏହି ପ୍ୟାନେଲରୁ ଜଣଙ୍କୁ ବାଛିବେ ।

Email: dilipcherian@gmail.com

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 4 | | 8 | | | 7 | | 9 |
| | 2 | | | | | | | |
| | | | | | | 8 | 3 | |
| | | 5 | | 9 | | | 2 | |
| 7 | | 2 | | | | | | 8 |
| 9 | 1 | | | | 6 | | 5 | |
| | | 3 | | | | | | |
| | | | | | | 2 | 9 | 6 |
| 5 | | | 6 | 2 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 4 | 5 | 7 | 1 | 9 | 3 | 2 |
| 9 | 5 | 3 | 4 | 2 | 8 | 6 | 1 | 7 |
| 2 | 1 | 7 | 9 | 3 | 6 | 8 | 4 | 5 |
| 3 | 2 | 9 | 8 | 4 | 7 | 5 | 6 | 1 |
| 1 | 4 | 8 | 6 | 5 | 9 | 2 | 7 | 3 |
| 6 | 7 | 5 | 2 | 1 | 3 | 4 | 9 | 8 |
| 4 | 8 | 1 | 7 | 9 | 2 | 3 | 5 | 6 |
| 7 | 9 | 6 | 3 | 8 | 5 | 1 | 2 | 4 |
| 5 | 3 | 2 | 1 | 6 | 4 | 7 | 8 | 9 |

ଗତକାଲିର ଉତ୍ତର

# କୃଷକଙ୍କ ପ୍ରତି କ୍ରୂର କାହିଁକି



ଭାଲଚନ୍ଦ୍ର ଷଡ଼ଙ୍ଗୀ

ତିନିକୃଷି ଆଇନ ବିରୋଧରେ ଦେଶର କୃଷକମାନଙ୍କ ଐତିହାସିକ ଆନ୍ଦୋଳନର ସଫଳତାର ଦୁଇ ବର୍ଷ ପରେ କୃଷକମାନେ ପୁଣି ଥରେ ଆନ୍ଦୋଳନ କରିବା ଦେଖାଯାଇଛି । ଜାତୀୟସ୍ତରରେ କୃଷକ ସଙ୍ଗଠନମାନଙ୍କ ସର୍ବବୃହତ୍ ମିଳିତ ମଞ୍ଚ ରୂପେ ପରିଚିତ 'ସଂଯୁକ୍ତ କିଶାନ୍ ମୋର୍ଚ୍ଚା' ପକ୍ଷରୁ ଫସଲର ଏମ୍‌ଏସ୍‌ପି ପାଇଁ ଆଇନ ପ୍ରଣୟନ ଓ ଅନ୍ୟାନ୍ୟ ଦାବିରେ ଗତ ୧୬ ତାରିଖରେ 'ଗ୍ରାମୀଣ ଭାରତ ବନ୍ଦ'ର ଡାକରା ଦିଆଯାଇଥିବା ବେଳେ ଫେବୃଆରୀ ୧୩ ରେ ଆଉ କିଛି କୃଷକ ସଙ୍ଗଠନ ଦିଲ୍ଲୀ ଚାଲର ଡାକରା ଦେଇଥିଲେ । ତେବେ କେନ୍ଦ୍ର ସରକାର ଆନ୍ଦୋଳନରତ କୃଷକମାନଙ୍କ ସହ ସମ୍ବେଦନଶୀଳତା ପ୍ରଦର୍ଶନ କରି ସେମାନଙ୍କ ଦାବି ପୂରଣ କରିବା ଦିଗରେ ପଦକ୍ଷେପ ନେବା ପରିବର୍ତ୍ତେ ସେମାନଙ୍କୁ କଥାବାର୍ତ୍ତା ନାଁରେ ଭ୍ରମିତ କରିବାକୁ ଚେଷ୍ଟା କରିଛନ୍ତି । ସେମାନଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ହରିୟାଣା ଓ ପଞ୍ଜାବର ଅନେକ ଜିଲାରେ ଗତ କିଛି ଦିନ ଧରି ଇଣ୍ଟରନେଟ୍‌କୁ ବନ୍ଦ କରାଯାଇଛି । ସରକାରଙ୍କ ରବର ବୁଲେଟ୍ ମାଡ଼ରେ ଅନେକ କୃଷକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଜଣେ ପ୍ରାଣ ହରାଇଛନ୍ତି ।

ଆନ୍ଦୋଳନକାରୀ କୃଷକମାନଙ୍କ ସବୁଠାରୁ ବଡ଼ ଦାବି ହେଉଛି, ଡ. ଏମ୍.ଏସ୍. ସ୍ୱାମୀନାଥନ୍ କମିଶନଙ୍କ ସୁପାରିସ ଅନୁଯାୟୀ ସେମାନଙ୍କ ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଧାର୍ଯ୍ୟ କରିବା ତଥା ଏମ୍‌ଏସ୍‌ପିକୁ ନିଶ୍ଚିତ କରିବା ପାଇଁ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ କରିବା । କୃଷକମାନଙ୍କ ଏହି ଦାବି କିନ୍ତୁ ନୂଆ ନୁହେଁ । ଏଠାରେ ଉଲ୍ଲେଖଯୋଗ୍ୟ, ତିନି କଳା କୃଷି ଆଇନର ପ୍ରତ୍ୟାହାର ଦାବିରେ ଦୁଇବର୍ଷ ତଳେ ହୋଇଥିବା ଆନ୍ଦୋଳନ ସମୟରେ କୃଷକମାନେ ଏହି ଦୁଇ ଦାବିକୁ ସରକାରଙ୍କ ପାଖରେ ଦୃଢ଼ ଭାବେ ଉପସ୍ଥାପନ କରିଥିଲେ । ସେତେବେଳେ ଏହା ଉପରେ ବିଚାରବିମର୍ଶ କରି ନିଷ୍ପତ୍ତି ନେବାକୁ ସରକାର ଏକ କମିଟି ଗଠନ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ପରେ ଅବଶ୍ୟ ଏ ସଂକ୍ରାନ୍ତରେ ଏକ କମିଟି ମଧ୍ୟ ଗଠନ ହୋଇଥିଲା । କିନ୍ତୁ ସେଥିରେ ଯେଉଁମାନେ ସଦସ୍ୟ ରହିଲେ, ସେମାନେ ପ୍ରାୟତଃ କୃଷକ ବିରୋଧୀ ଓ କର୍ପୋରେଟ୍ କୃଷିର ସମର୍ଥକ ଥିଲେ । ସେହି କାରଣରୁ କୃଷକମାନେ ସମ୍ପୃକ୍ତ କମିଟିର ସଦସ୍ୟ ହେବାକୁ ମନାକରି ତାକୁ ବର୍ଜନ କଲେ । ତେବେ କମିଟି ଗଠନ ପରଠାରୁ ଇତିମଧ୍ୟରେ ଦୁଇବର୍ଷ ଅତିବାହିତ ହୋଇଯାଇଥିଲେ ମଧ୍ୟ ଏହା କୌଣସି ନିଷ୍କର୍ଷରେ ପହଞ୍ଚିପାରିଲା ନାହିଁ କି ସରକାରଙ୍କର ସେ ଦିଗରେ କୌଣସି ତତ୍ପରତା ରହିଥିବା ଦେଖାଗଲା ନାହିଁ ।



କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ଦ୍ୱାରା ଗଠିତ କମିଶନ୍ ଫର୍ ଏଗ୍ରିକଲ୍‌ଚର୍ କଷ୍ଟ ଏଣ୍ଡ ପ୍ରାଇସ୍ (ସିଏସିପି)ର ସୁପାରିସ ଅନୁଯାୟୀ କେନ୍ଦ୍ର ସରକାର ପ୍ରତିବର୍ଷ ଖରିଫ ଓ ରବିଋତୁ ପୂର୍ବରୁ ବିଭିନ୍ନ ଫସଲର ଦୁଇଥର ଏମ୍‌ଏସ୍‌ପି ଘୋଷଣା କରିଥା'ନ୍ତି । ସାଧାରଣତଃ ଫସଲର ଉତ୍ପାଦନ ଖର୍ଚ୍ଚକୁ ହିସାବ କରି ତା'ରି ସହିତ ୫୦% ଲାଭକୁ ଯୋଡ଼ି ଏମ୍‌ଏସ୍‌ପି ଧାର୍ଯ୍ୟ କରାଯାଇଥାଏ । ସାଧାରଣତଃ ଏମ୍‌ଏସ୍‌ପି ଧାର୍ଯ୍ୟ କରିବାର ତିନୋଟି ପଦ୍ଧତି ବା ଫର୍ମୁଲା ରହିଛି । ପ୍ରଥମଟି ହେଉଛି A2 ଅର୍ଥାତ୍ ଫସଲ ପାଇଁ ଆବଶ୍ୟକ ବିହନ, ସାର, କୀଟନାଶକ, କୃଷି ଶ୍ରମିକଙ୍କ ମଜୁରି ଓ ଜଳସେଚନ ପରି ଆନୁଷଙ୍ଗିକ ସମସ୍ତ ଖର୍ଚ୍ଚ ବା ଲଗୁଡି ବାବଦରେ ହେଉଥିବା ସମସ୍ତ ବ୍ୟୟ (A2) ଏବଂ ତା' ଉପରେ ୫୦% ଲାଭ ଯାହାକୁ (A2+ ୫୦%)କୁହାଯାଏ । ଦ୍ୱିତୀୟଟି ହେଉଛି (A2 + FL) ଅର୍ଥାତ୍ ଫସଲର ଲଗୁଡି ସହିତ କୃଷିରେ ନିୟୋଜିତ ଚାଷୀର ପରିବାର ସଦସ୍ୟମାନଙ୍କ ଶ୍ରମର ମୂଲ୍ୟ (FAMILY LABOUR)କୁ ମିଶାଇ, ଯାହାକୁ A2 + FL କୁହାଯାଏ, ତା'ରି ଉପରେ ୫୦% ଲାଭ ଅର୍ଥାତ୍ (A2+ FL+୫୦%) । ତୃତୀୟଟି ହେଲା, A2 + FL ସହିତ ଜମିର ଭଡ଼ା (ଖଜଣା କିମ୍ବା ଭାଗଚାଷ ବାବଦରେ ଦେୟ) ଏବଂ କୃଷି ପାଇଁ ନିଆଯାଇଥିବା ଋଣର ସୁଧକୁ ମିଶାଇ ବ୍ୟୟ ଯାହାକୁ C2 କୁହାଯାଏ, ତା'ରି ଉପରେ ୫୦% ଅର୍ଥାତ୍ C2 + ୫୦% ।

ଦେଶର କୃଷି ସଙ୍କଟର ଦୂରୀକରଣ ପାଇଁ ଅତୀତରେ ସରକାରଙ୍କ ଦ୍ୱାରା ବିଶିଷ୍ଟ କୃଷି ବୈଜ୍ଞାନିକ ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଜାତୀୟ କୃଷକ କମିଶନ ତାଙ୍କ ରିପୋର୍ଟରେ ଉପରୋକ୍ତ ତିନୋଟି ପଦ୍ଧତି ମଧ୍ୟରୁ C2 + ୫୦%କୁ ହିଁ ସବୁଠାରୁ ଉପଯୁକ୍ତ ବୋଲି କହି ତାହାରି ଆଧାରରେ ଫସଲର ଏମ୍‌ଏସ୍‌ପି ଘୋଷଣା କରିବାକୁ ସୁପାରିସ କରିଥିଲେ । ଅତୀତରେ ଖୋଦ୍ ସିଏସିପି ଓ୯ଟି ରାଜ୍ୟର ସରକାର ମଧ୍ୟ ଏହି ଫର୍ମୁଲାରେ ଏମ୍‌ଏସ୍‌ପି ଧାର୍ଯ୍ୟ କରିବାକୁ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରିଥିଲେ । ଏପରିକି ୨୦୧୪ ନିର୍ବାଚନ ସମୟରେ ଆଜିର ଶାସକ ଭାଜପା ମଧ୍ୟ ତା'ର ନିର୍ବାଚନୀ ଇସ୍ତାହାରରେ କ୍ଷମତାକୁ ଆସିଲେ ଡ. ଏମ୍.ଏସ୍. ସ୍ୱାମୀନାଥନ୍ କମିଶନଙ୍କ ସୁପାରିସ ଅନୁଯାୟୀ କୃଷକଙ୍କ ଉତ୍ପାଦିତ ଫସଲର ଏମ୍‌ଏସ୍‌ପି ନିର୍ଦ୍ଧାରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲା । ପରିତାପର ବିଷୟ ହେଲା, କେନ୍ଦ୍ର ସରକାର ନିଜର ରାଜନୈତିକ ସ୍ୱାର୍ଥ ପାଇଁ ନିକଟରେ ଦେଶର ଜଣେ ବଡ଼ କୃଷକ ନେତା ରୂପେ ପରିଚିତ ଚୌଧୁରୀ ଚରଣ ସିଂ ଓ ବିଶିଷ୍ଟ କୃଷି ବୈଜ୍ଞାନିକ ଡ. ଏମ୍. ଏସ୍. ସ୍ୱାମୀନାଥନଙ୍କୁ ଭାରତରତ୍ନ ଦେଲେ, କିନ୍ତୁ ସେମାନଙ୍କ ବିଚାର ଓ ପରାମର୍ଶକୁ ଲାଗୁ କରିବାକୁ ପ୍ରସ୍ତୁତ ନୁହନ୍ତି । ଆଶ୍ଚର୍ଯ୍ୟର କଥା, ସ୍ୱାମୀନାଥନ୍ କମିଶନଙ୍କ ସୁପାରିସ ଅନୁଯାୟୀ C2+ ୫୦% ନିୟମରେ ଏମ୍‌ଏସ୍‌ପି ଦେବାକୁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା କେନ୍ଦ୍ର ସରକାର ଗତ ଦଶବର୍ଷ ମଧ୍ୟରେ ତାକୁ ଲାଗୁ ତ କଲେ ନାହିଁ ବରଂ ସେପରି କଲେ ଖାଦ୍ୟଶସ୍ୟର ବିକ୍ରେତା କମ୍ପାନୀଙ୍କ ମୁକ୍ତ ବାଣିଜ୍ୟକୁ ବ୍ୟାଘାତ କରିବ ବୋଲି କହି ୨୦୧୫ରେ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରିବାକୁ ବି ପଛେଇଲେ ନାହିଁ । A2 + FL ହିସାବରେ ଫସଲର ଏମ୍‌ଏସ୍‌ପି ନିର୍ଦ୍ଧାରଣ କରିବା ଦେଶର ଚାଷୀକୁଳଙ୍କୁ ଏକଦମ୍ ଶୋଷିତ ଓ ପ୍ରତାରିତ କରିଛି । ଅନ୍ତର୍ଜାତୀୟ ସଂସ୍ଥା 'ଓଇସିଡି'ର ରିପୋର୍ଟ ଅନୁସାରେ ଯଦି ଭାରତ ସରକାର C2 + ୫୦% ହିସାବରେ କୃଷିଜାତ ଦ୍ରବ୍ୟର ଏମ୍‌ଏସ୍‌ପି ପ୍ରଦାନ କରିଥା'ନ୍ତେ, ତାହେଲେ ୨୦୦୦-୨୦୧୫ ମଧ୍ୟରେ ଭାରତର କୃଷକମାନଙ୍କୁ ଅଧିକ ୪୫ ଲକ୍ଷ କୋଟି ଟଙ୍କା ମିଳିଥା'ନ୍ତା । ଦେଶର କୃଷକଙ୍କୁ ସେମାନଙ୍କ ନ୍ୟାୟସଙ୍ଗତ ପ୍ରାପ୍ୟରୁ ଏଭଳି ବଞ୍ଚିତ କରିଛନ୍ତି ବୋଲି କୁହାଯାଇପାରେ ।

ଏମ୍‌ଏସ୍‌ପି ଗ୍ୟାରେଣ୍ଟି ଆଇନକୁ ଏଡ଼ାଇବାକୁ ସରକାର ବିଭିନ୍ନ ଭୁଲ୍ ପ୍ରଚାର କରୁଛନ୍ତି । ଏହା କାର୍ଯ୍ୟକାରୀ ହେଲେ ସରକାରଙ୍କ ଅତିକମ୍‌ରେ ୧୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ବଜାରରେ ଦରଦାମ୍ ୨୫% ବୃଦ୍ଧି ପାଇବ ବୋଲି କୁହାଯାଉଛି । ଖୋଦ୍ କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁଯାୟୀ, ୨୦୨୦ରେ ଦେଶର କୃଷିଜାତ ଦ୍ରବ୍ୟର ମୋଟ ମୂଲ୍ୟ ୪୦ ଲକ୍ଷ କୋଟି ଟଙ୍କା ଥିଲା । ସେଥିମଧ୍ୟରୁ ଏମ୍‌ଏସ୍‌ପିର ପରିଧିରେ ଆସୁଥିବା ଫସଲର ମୋଟ ମୂଲ୍ୟ ୧୦ ଲକ୍ଷ କୋଟି ଟଙ୍କା ରହିଥିଲା । ସେହିବର୍ଷ ସରକାର ସର୍ବମୋଟ ୨.୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରି ମାତ୍ର ୨୫% ଫସଲକୁ ହିଁ ଏମ୍‌ଏସ୍‌ପିରେ କ୍ରୟ କରିଥିଲେ । ତା'ହେଲେ ଫସଲ କିଣାରେ ୧୦ ଲକ୍ଷ କୋଟି ଟଙ୍କାର ଖର୍ଚ୍ଚ ଆସିଲା କେଉଁଠୁ ? ଅସଲ କଥା ହେଲା, ସରକାର ସେମାନଙ୍କ ସବୁ ଫସଲକୁ କିଣିବାକୁ କୃଷକମାନେ ଦାବି କରୁନାହାନ୍ତି । ଆଜି ବି ସେମାନେ କେବଳ ୨୫% ଫସଲକୁ ଛାଡ଼ିଦେଲେ ବଳକା ୭୫% ଫସଲକୁ ଖୋଲା ବଜାରରେ ଘରୋଇ ବେପାରୀମାନଙ୍କୁ ବିକ୍ରି କରୁଛନ୍ତି । ସେମାନଙ୍କର ଦାବି ହେଲା, ସେହି ୭୫% ଫସଲକୁ ଏମ୍‌ଏସ୍‌ପି ଦେଇ ଘରୋଇ ବେପାରୀ ଓ କମ୍ପାନୀଗୁଡ଼ିକ କିଣନ୍ତୁ ଏବଂ ସେଥିପାଇଁ ସେମାନେ ଆଇନ ଚାହୁଁଛନ୍ତି । ଆଜି ହୁଏତ କେନ୍ଦ୍ର ସରକାର ଘରୋଇ ବେପାରୀ ଓ କମ୍ପାନୀଙ୍କ ସ୍ୱାର୍ଥରେ ଏମ୍‌ଏସ୍‌ପି ପାଇଁ ଆଇନ କରିବାର ପକ୍ଷରେ ନାହାନ୍ତି । ଏମ୍‌ଏସ୍‌ପି ଗ୍ୟାରେଣ୍ଟି ଆଇନ ଭାରତର କୃଷକମାନଙ୍କ ଏକ ନ୍ୟାୟସଙ୍ଗତ ଦାବି, ଯାହାକୁ ସରକାର ଆଜି ନହେଲେ କାଲି ମାନିବାକୁ ବାଧହେବେ ।

ମୋ: ୯୪୩୭୧୬୭୩୯୧

# ଛୁଞ୍ଚିଟିଏ ତିଆରି ହେଉନି



ଡ. ପ୍ରମୋଦ କୁମାର ପଣ୍ଡା

ଓଡ଼ିଶା ୧୫.୫ ନିୟୁତ ହେକ୍ଟର କ୍ଷେତ୍ରଫଳ ସହିତ ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ । ମାତ୍ର ମୁଣ୍ଡପିଛା ଘରୋଇ ଉତ୍ପାଦରେ ଭାରତର ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକର ତାଲିକାରେ ଏହା ୨୨ତମ ସ୍ଥାନରେ ଅଛି । ଯାହା ଆମର ଦୁର୍ବଳ ଆର୍ଥିକ ସ୍ଥିତିକୁ ସୂଚାଉଛି । ଯେ ପର୍ଯ୍ୟନ୍ତ ଆମେ ଖାଉଟି ହିସାବରେ ବଞ୍ଚିଥିବା, ସେ ପର୍ଯ୍ୟନ୍ତ ଏ ଅବସ୍ଥା ସୁଧୁରିବ ନାହିଁ । ପୂର୍ବେ ଆମେ ଅନ୍ୟ ଉପରେ ଏତେଟା ନିର୍ଭର କରୁ ନ ଥିଲୁ । ବ୍ରିଟିଶ ଶାସନ ସମୟରେ ମଧ୍ୟ ଆମ ରାଜ୍ୟରୁ ଚାଉଳ, ଲୁଣ, ଲୁଗାପଟା, ବାସନକୁସନ, ହସ୍ତଶିଳ୍ପ, ପଥରମୂର୍ତ୍ତି ସାମଗ୍ରୀ ପ୍ରଭୃତି ବିଦେଶକୁ ରପ୍ତାନି ହେଉଥିଲା । ୧୯୪୭ରେ ଦେଶ ସ୍ୱାଧୀନ ହେଲା । ସ୍ୱାଧୀନତା ପରଠୁ ଅନ୍ୟ ରାଜ୍ୟ ପ୍ରଗତି କରିବା ଆରମ୍ଭ କଲେ । ୧୯୦୫ରେ ଉତ୍କଳ ଟ୍ୟାନେରୀ ଦେଶର ଅଗ୍ରଣୀ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ହିସାବରେ ଉଭା ହେଲା । କଳିଙ୍ଗ ଏୟାରଲାଇନ୍‌ସ ଉଡ଼ାଜାହାଜ କ୍ଷେତ୍ରରେ ଆତ୍ମ ପ୍ରକାଶ କଲା । ହେଲେ ଓଡ଼ିଶାରେ ସବୁକିଛିର ବିଲୁପ୍ତି ଦେଖି ଦୁଃଖ ଲାଗେ । ପ୍ରଥମେ ଲୁଣ ରପ୍ତାନିକାରୀରୁ ଆମଦାନୀକାରୀ ହେଲୁ । ତା'ପରେ କୋଣାର୍କ ଟିଭି, ଓଡ଼ିଶା ଟେକ୍ସଟାଇଲ ମିଲ୍, ଧାନମଣ୍ଡଳ ଖୋଟକଳ, ଜଟଣୀ ତେଲ ମିଲ୍, କେନ୍ଦୁଝରର ବିଲାତି ଓଡ଼ିଶା, ଗୋଟିଏକୁ ଛାଡ଼ି ସବୁ ଚିନିକଳ ଧୀରେ ଧୀରେ ଇତିହାସ ବକ୍ଷରେ ଲୀନ ହେଲେ । ବର୍ତ୍ତମାନ କୃଷିଜାତ ପଦାର୍ଥରେ ପ୍ରତିଯୋଗିତା ଚାଲିଲାଣି । ପ୍ରଥମେ ଆଳୁ, ଗହମ ଆଦି ଥିଲା, କିନ୍ତୁ ଏବେ ପିଆଜ, ରସୁଣ, ଅଦା, ଗାଜର, ମଟର ଛୁଇଁ, ଫୁଲ, ଘିଅ, ପନିର, ଅଣ୍ଡା, ମାଛ, ଛେଳି ଇତ୍ୟାଦି ବାହାରୁ ନ ଆସିଲେ ଆମ ବଞ୍ଚିବା ହେଉନି । ମାତ୍ର ଆମକୁ ଫରକ ପଡୁନି । ଆମେ ଯୁବା ଗୋଷ୍ଠୀଙ୍କୁ ଏ ବିଷୟରେ ଅବଗତ କରୁନାହୁଁ । ସ୍ୱାଧୀନତାର ୭୫ ବର୍ଷ ବିତିଯାଇଥିଲେ ମଧ୍ୟ ଓଡ଼ିଶାରେ ଛୁଞ୍ଚିଟିଏ ନିର୍ମାଣ କରିବାକୁ ସକ୍ଷମ ହେଲୁ ନାହିଁ । କେବଳ ଛୁଞ୍ଚି କାହିଁକି ସକାଳେ ଶଯ୍ୟାତ୍ୟାଗଠାରୁ ପୁଣି ଶୋଇବା ପର୍ଯ୍ୟନ୍ତ ଯାହା ଯାହା ଘରୋଇ ଆବଶ୍ୟକତା ଅଛି, କିଛି ଆମେ ଉତ୍ପାଦନ କରୁନାହୁଁ । ତେଣୁ ଜିନିଷ ଉତ୍ପାଦନଜନିତ ରୋଜଗାର ସୃଷ୍ଟି କିପରି ହେବ ?

ସକାଳେ ଉଠି ପାଣି ପିଇବା ପାଇଁ ଗ୍ଲାସ, ଦାନ୍ତ ଘଷିବା ପାଇଁ ପେଷ୍ଟ ଓ ବ୍ରଶ୍, ସାବୁନ, ତାୱା, କଡ଼ା, ପ୍ଲେଟ, ଚାମଚ, ଗାଧୋଇବା ପାଇଁ ପ୍ଲାଷ୍ଟିକ ବାଲଟି ଓ ମଗ, ଦେହଲଗା ତେଲ ଇତ୍ୟାଦି ଲିଷ୍ଟ କଲେ ସରିବ ନାହିଁ । କହିଲେ ବନ୍ଧୁ କେଉଁ ଜିନିଷଟା ଆମେ ଓଡ଼ିଶାରେ ଉତ୍ପାଦନ କରୁଛୁ । ଯେଉଁ ରାଜ୍ୟରେ ଏ ସବୁର ଉତ୍ପାଦନ ହେଉଛି, ସେ ସବୁ ରାଜ୍ୟରେ ସରକାର କ'ଣ ଏ ସବୁ କରୁଛନ୍ତି ? କଦାପି ନୁହେଁ । ଆମେ ଓଡ଼ିଆ ନିଜର ଉଦ୍ୟମିତା ମନୋଭାବକୁ ବିକଶିତ କରୁନାହୁଁ । ଯେଉଁ କଳକାରଖାନାକୁ ଆମ ରାଜ୍ୟର ଲକ୍ଷ ଲକ୍ଷ ବେକାର ଯୁବତୀ ଯୁବକ ଦାଦନ ଖଟିବାକୁ ଯାଉଛନ୍ତି, ସେ ସବୁ ଫ୍ୟାକ୍ଟ୍ରିକୁ କ'ଣ ସରକାର ଚଳାଉଛନ୍ତି ? ସେଠିକାର ଲୋକେ ଯଦି ଏତେ ପରିଶ୍ରମୀ ଓ ଉଦ୍ୟମୀ ହୋଇ ପାରୁଛନ୍ତି, ତେବେ ଆମେ କାହିଁକି ହୋଇପାରିବା ନାହିଁ । ଆମ ରାଜ୍ୟର ଶିକ୍ଷିତ ସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ ଅଧିକ । ଅନ୍ୟ ରାଜ୍ୟ ତୁଳନାରେ କଞ୍ଚାମାଲ ଶସ୍ତା ମଧ୍ୟ ।



ମାତ୍ର ଆମେ ଯଦି କିଛି କରିବାକୁ ଚାହିଁବା ନାହିଁ, ତା' ହେଲେ ଖାଉଟି ହେବାନି ତ କ'ଣ ହେବା ? କେବଳ ଭାରିଶିଳ୍ପ ଅର୍ଥାତ ଲୌହଇସ୍ପାତ ଶିଳ୍ପ ହୋଇଗଲେ ଓଡ଼ିଶାର ବିକାଶ ସମ୍ଭବ ହେବ ନାହିଁ । ଖଣିଜ ପଦାର୍ଥ ନ ଥିବା କିମ୍ବା ଭାରିଶିଳ୍ପ ନ ଥିବା ରାଜ୍ୟ ପଞ୍ଜାବ, ହରିୟାଣା କିପରି କୃଷି ଏବଂ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା କରି ବିକଶିତ ରାଜ୍ୟ ହୋଇ ପାରିଛନ୍ତି । ତେଣୁ ଆମକୁ ପୋଷାକ ପତ୍ର, ଜୋତା, ଛତା, ଖାଦ୍ୟ ସାମଗ୍ରୀ, ପ୍ରସାଧନ ସାମଗ୍ରୀ, ମୋବାଇଲ ଫୋନ୍, କମ୍ପ୍ୟୁଟର ଏବଂ ତା'ର ସାମଗ୍ରୀ ଇତ୍ୟାଦି କାରଖାନା ବସାଇବା ପାଇଁ ଅଗ୍ରାଧିକାର ଦେବାକୁ ପଡ଼ିବ । ଏହିସବୁ କାରଖାନା ବସାଇ ଗୁଜରାଟ ଆଜି ଧନୀ ରାଜ୍ୟ ହୋଇପାରିଛି । ଏଥିରେ କମ୍ ପୁଞ୍ଜି ଲାଗିଥାଏ ଏବଂ ଅଧିକ ନିଯୁକ୍ତି ସୃଷ୍ଟି ହୋଇଥାଏ ।

ପଡ଼ୋଶୀଙ୍କୁ ଈର୍ଷା କରିବା, ଚାକିରି ପଛରେ ଗୋଡ଼ାଇବା, କମ୍ ପରିଶ୍ରମରେ ଅଧିକ ଲାଭ ପାଇବା ପ୍ରବୃତ୍ତି ଆମମାନଙ୍କ ମଧ୍ୟରେ ଦିନପ୍ରତିଦିନ ବଢ଼ିବାରେ ଲାଗିଛି । ବନ୍ଧୁ ! ଆମ ପାଖରେ ଯେଉଁ ବଜାର ଉପଲବ୍ଧ ଅଛି ମାରୁଆଡି, ଗୁଜରାଟୀ ଓ ପଞ୍ଜାବୀଙ୍କ ପାଖରେ ମଧ୍ୟ ତାହା ଉପଲବ୍ଧ । ସମାନେ ବିଶ୍ୱର କୋଣ ଅନୁକୋଣକୁ ମାଡି ଯାଉଛନ୍ତି ଆଉ ଆମେ ଆମ ସହରରେ ବ୍ୟବସାୟ କରିବାକୁ ଡରୁଛୁ । ଯଦି ବିହାରରୁ ଆସି ଜଣେ ଓଡ଼ିଶାରେ ଚା ବିକ୍ରି କରିପାରୁଛି, ଯଦି ଉତ୍ତର ପ୍ରଦେଶରୁ ଆସି ଚିନାବାଦାମ ବିକ୍ରି କରିପାରୁଛି ,ତା' ହେଲେ ଆମେ ସେ ସବୁ କାର୍ଯ୍ୟ ନିଜ ରାଜ୍ୟ କିମ୍ବା ଅନ୍ୟ ରାଜ୍ୟରେ କାହିଁକି କରିପାରିବା ନାହିଁ । ବାହାରେ ନ କଲେ ମଧ୍ୟ ନିଜ ରାଜ୍ୟରେ ତ କରିପାରିବା ।

ଯେଉଁ ଜାତି ବେପାର ବାଣିଜ୍ୟରେ ଆଗରେ, ସେ ଜାତି ସେତେ ଉନ୍ନତି କରେ । ପ୍ରାଚୀନ ଓ ମଧ୍ୟ ଯୁଗରେ ଆମେ କେବଳ ଭାରତବର୍ଷ ନୁହେଁ ସମଗ୍ର ବିଶ୍ୱରେ କଳା, ସଂସ୍କୃତି, ବିଜ୍ଞାନ ସବୁଥିରେ ଇତିହାସ ସୃଷ୍ଟି କରିପାରିଥିଲୁ । ମାତ୍ର ଯେତେବେଳେ ବେପାର ବାଣିଜ୍ୟ ଛାଡି ଚାକିରି ଧନ୍ଦା, ମୂଲିଆ କାମ, ଅଳସୁଆମିରେ ମନୋନିବେଶ କଲୁ, ସେତେବେଳେ ଆମଠୁ ସବୁ ଐଶ୍ୱର୍ଯ୍ୟ ଚାଲିଗଲା । ଆମେ ଦରିଦ୍ର ହୋଇ ଦାଦନ ଶ୍ରମିକ ଯୋଗାଣକାରୀ ରାଜ୍ୟ ହିସାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକଲୁ । ଏ ବିଷୟର ଗୁରୁତ୍ୱକୁ ଉପଲବ୍ଧି କରିବାର ସମୟ ଆସିଛି ଓଡ଼ିଆଙ୍କ ପାଇଁ । ଆସନ୍ତୁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସମଗ୍ର ଶିକ୍ଷୟିତ୍ରୀ ଶିକ୍ଷକ ଏ ବିଷୟର ଗୁରୁତ୍ୱକୁ ଉପଲବ୍ଧି କରି ଶିକ୍ଷାଦାନ ସମୟରେ ଛାତ୍ରୀଛାତ୍ରଙ୍କୁ ଉଦ୍ୟମୀ ହୋଇ ବେପାର ବାଣିଜ୍ୟରେ ମନୋନିବେଶ କରିବା ପାଇଁ ପ୍ରବର୍ତ୍ତାଇବା । ଆମେ ଯଦି କୌଣସି ଜିନିଷ ନିର୍ମାଣ କରିବା ନହିଁ କିମ୍ବା ରପ୍ତାନି କରିବା ନାହିଁ, ତା' ହେଲେ ଆମ ରାଜ୍ୟ ଏକ ଖାଉଟି ଓ ଦାଦନ ଶ୍ରମିକ ଯୋଗାଣକାରୀ ରାଜ୍ୟ ହିସାବରେ ବିଶ୍ୱରେ ପରିଚୟ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ ।

ଶ୍ୟାମଚାନ୍ଦପାଟଣା, ଭଦ୍ରକ
ମୋ: ୮୯୧୭୪୨୬୪୪୦

## ଏଇ ଭାରତରେ

ରାଜସ୍ଥାନର କମ୍ପ୍ୟୁଟର ଶିକ୍ଷକ ବିନୋଦ ଭାରତୀ ଗୋଟିଏ ଛେକରେ ମୁକ୍ତା ଉତ୍ପାଦନରୁ ୨୦ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି । ବିନୋଦ ପ୍ରଥମେ ୧୦ ଫୁଟ ଲମ୍ବ ଓ ୫ ଫୁଟ ଚଉଡ଼ାର ଏକ କୁଣ୍ଡ କରି ସେଥିରେ ୪୫୦ ଶାମୁକା ଛାଡ଼ିଥିଲେ । ସେଥିରେ ସେ ୪୫,୦୦୦ ଟଙ୍କା ଖର୍ଚ୍ଚ କରିଥିଲେ । କିନ୍ତୁ ପରେ ସବୁ ଶାମୁକା ମରିଗଲେ । ପୁନର୍ବାର ୧୦୦୦ ଶାମୁକା ଆଣିଲେ ଓ ସେଥିରୁ୭୦ରୁ୮୦ ପ୍ରତିଶତ ବଞ୍ଚିଲେ । ପ୍ରଥମଥର ସେମାନଙ୍କଠାରୁ ମୁକ୍ତା ସଂଗ୍ରହ କରି ସେ ୫୦,୦୦୦ ଟଙ୍କା ପାଇଥିଲେ । ତା' ପରଠାରୁ ଏହି ଚାଷରେ ସେ ସଫଳ ହୋଇ ଏବେ ପ୍ରତିଥର ପାଖାପାଖି ୧୦,୦୦୦ ମୁକ୍ତା ଉତ୍ପାଦନ କରୁଛନ୍ତି । ପ୍ରତି ମୁକ୍ତାକୁ ୫୦୦ ଟଙ୍କାରେ ବିକ୍ରି କରୁଛନ୍ତି । ଭାରତ ସମେତ ୟୁଏଇ ଓ ଥାଇଲାଣ୍ଡ ଆଦି ଦେଶକୁ ମଧ୍ୟ ରପ୍ତାନି କରୁଛନ୍ତି । ବିନୋଦ କଳାରେ ଡିଗ୍ରୀ ହାସଲ କରିବା ପରେ କମ୍ପ୍ୟୁଟରରେ ଡିପ୍ଲୋମା କରିଥିଲେ । ପରେ ନିଜର ଏକ ଏକାଡେମୀରେ ଗ୍ରାମାଞ୍ଚଳ ପିଲାଙ୍କୁ ପଢ଼ାଉଥିଲେ । କିନ୍ତୁ ୫ ବର୍ଷ ପରେ ପିଲା ନ ମିଳିବାରୁ ତାହା ବନ୍ଦ ହୋଇଗଲା । ପରେ ଚାଷ ଓ ଦୈନିକ ମଜୁରିରେ କାମକରି ରୋଜଗାର କଲେ । କିନ୍ତୁ ତାହା ପରିବାରର ଆବଶ୍ୟକତା ପୂରଣ କରି ନ ପାରିବାରୁ ମୁକ୍ତାଚାଷ ଆରମ୍ଭ କରିଥିଲେ ।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ଫେବୃଆରୀ ୧୯୭୫

- ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକଦଳର ନେତା ଓ ରାଜ୍ୟ ବିଧାନ ସଭା ବିରୋଧୀ ଦଳର ଉପଦଳପତି ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ୬୨ ବର୍ଷ ବୟସରେ ପରଲୋକ ।
- କଲିକତାର କୁଚବିହାର ଜିଲା ଅନ୍ତର୍ଗତ ଖରିଜା ହରିଦାସ ଗ୍ରାମରେ ବିସ୍ଫୋରଣ ଘଟି ୭ ମହିଳାଙ୍କ ସମେତ ୧୩ ଜଣ ମୃତ ।
- ଇଣ୍ଡିଚିନା ପ୍ରଦେଶରେ ୩ ସପ୍ତାହ ବ୍ୟାପୀ ଗୃହଯୁଦ୍ଧ ଲାଗିବା ଫଳରେ ୨୫୨୮ ଜଣ ନିହତ ।

## ପାଠକ ଶ୍ରେଷ୍ଠ ବିଚାରକ

### ରାଜତନ୍ତ୍ରରୁ ଗଣତନ୍ତ୍ର

ମହାଶୟ,

ଦେଶରୁ ରାଜତନ୍ତ୍ର ବିଲୋପ ପରେ ଗଣତନ୍ତ୍ର ପ୍ରତିଷ୍ଠା ହେଲା । ଲୋକମାନେ ଉତ୍ତମ ଓ ଯୋଗ୍ୟ ନେତାମାନଙ୍କୁ ବାଛିଲେ । ଦେଖାଗଲା ନେତାମାନେ କେବଳ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇଚାଲିଲେ । ନେତାମାନେ ଜନତାଙ୍କ ପାଖକୁ ଯିବା ଦେଖିବାକୁ ମିଳିଲା ନାହିଁ । କେବଳ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସମାନଙ୍କରେ ସେମାନେ ପତାକା ତଳେ ମିଥ୍ୟା ଭାଷଣ ଦ୍ୱାରା ଉପସ୍ଥିତ ଜନତାଙ୍କ ପାଖରେ ଜଣେ ଜଣେ ଦକ୍ଷ ସୁନାଗରିକର ପରିଚୟ ଦେଲେ । ପୁଣି ନିର୍ବାଚନ ସମୟରେ ଭୋଟ ଆଦାୟ ପାଇଁ ଜନତା ପାଖରେ ସୁନ୍ଦର ଭାବମୂର୍ତ୍ତି ପ୍ରଦର୍ଶନ ପୂର୍ବକ ଭୋଟ ମାଗି ବସିଥାନ୍ତି । ଏହି ରାଜନୈତିକ ଦଳ ଭୋଟ ହାତେଇବାକୁ ବିଭିନ୍ନ ତରିକା ଆପଣେଇଥାନ୍ତି । ଏବେ ଧନବଳ, ଜନବଳ ଓ କୌଶଳରେ ହାଲିଆ ହୋଇପଡ଼ିଥିବା ନେତାଏ ନୂଆ ନୂଆ ବାଟ ଖୋଜିବାରେ ଲାଗିଲେଣି । ବର୍ତ୍ତମାନ ପରିପ୍ରେକ୍ଷୀରେ ସାଧାରଣ ଜନତା ସଚେତନ ବି ହୋଇଗଲେଣି । ଭାରତର ସବୁ ରାଜ୍ୟରେ ମଠ, ମନ୍ଦିର ଓ ଦେବଦେବୀମାନଙ୍କର ବିଜେସ୍ଥଳି ଅଛି । ବଡ଼ ସୁଖର ବିଷୟ , ଭାରତର ଧାର୍ମିକ ପୀଠର ପୁନରୁଦ୍ଧାର ତଥା ବିକାଶ ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ପ୍ରାଧାନ୍ୟ ଦେଇ ଯୋଜନାମାନ କରୁଛନ୍ତି । ଅବଶ୍ୟ ଏହା ଏକ ଉତ୍ତମ କାର୍ଯ୍ୟ, ମାତ୍ର ଭୋଟ ସର୍ବସ୍ୱ ନ ହେବା ଉଚିତ୍ ।

– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମଣି ଜେନା ମାମଲାରେ
ତାରିଖ ହୋଇଛି ତାର
କଟକ ଯିବାକୁ ହେବ
ଆସୁଛି ଯେ ଗୁରୁବାର ।
-(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଭାବପ୍ରବଣ ହେଲେ ସତ୍ୟବାଦୀ ବିଧାୟକ

ସାକ୍ଷୀଗୋପାଳ,୨୩।୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ବାରିକ)

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୁରୀ ଜିଲା ସତ୍ୟବାଦୀର ଏକ ମଣ୍ଡପରେ ଶୁକ୍ରବାର ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ବିଜେଡିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟ ସଭା ପରିଚାଳନା କରିଥିଲେ। ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, କଣାସ ବ୍ଲକ ସଭାପତି ସୁରେଶ କୁମାର ସାହୁ, ଜିଲା ମହିଳା ଉପସଭାପତି କନକଲତା ପଣ୍ଡାଙ୍କ ସମେତ ବହୁ ଦଳୀୟ ସରପଞ୍ଚ, ଜିଲାପରିଷଦ ସଭ୍ୟାସଭ୍ୟ, ସମିତି ସଭ୍ୟାସଭ୍ୟ ଏବଂ କର୍ମୀ ଉପସ୍ଥିତ ଥିଲେ। ସମ୍ପ୍ରତି ସୋସିଆଲ ମିଡିଆଠାରୁ ଆରମ୍ଭ କରି ସାଧାରଣରେ ପ୍ରଚାରିତ ହେଉଛି ଯେ, ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ ଏଥର ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା ପ୍ରାର୍ଥୀ ହୋଇପାରନ୍ତି। ଏହି ଚର୍ଚ୍ଚାକୁ ନେଇ ବିଧାୟକ ସାମନ୍ତରାୟଙ୍କ ସମର୍ଥକମାନେ ବିରୋଧୀ ଗୋଷ୍ଠୀଙ୍କୁ ଟାର୍ଗେଟ କରିଛନ୍ତି। ଏହା ସାମନ୍ତରାୟଙ୍କ ବିରୋଧରେ ଅପପ୍ରଚାର ଓ ଚକ୍ରାନ୍ତ ବୋଲି ଶୁକ୍ରବାର ଅନୁଷ୍ଠିତ ବୈଠକରେ ବିଜେଡି କର୍ମୀମାନେ ମତ ପ୍ରକାଶ କରି ସମ୍ପୃକ୍ତ ଗୋଷ୍ଠୀକୁ ସମାଲୋଚନା କରିଥିଲେ। ସତ୍ୟବାଦୀରେ ବିଜେଡିର ସାଙ୍ଗଠନିକ କାର୍ଯ୍ୟ ଓ ବିକାଶ ବହୁତ ଭଲ ହେଉଥିବାବେଳେ କୁଚକ୍ରୀ ଗୋଷ୍ଠୀଙ୍କ ଅପପ୍ରଚାର ଜିଲା ପର୍ଯ୍ୟବେକ୍ଷକ ଏବଂ ମୁଖ୍ୟମନ୍ତ୍ରୀଙ୍କ କାନରେ କାହିଁକି ପଡୁନାହିଁ ବୋଲି କର୍ମୀମାନେ ପ୍ରଶ୍ନ ଉଠାଇଥିଲେ। ଆଗକୁ ଯଦି ଦଳୀୟ ଆଧାରରେ କିଛି ଭୁଲ୍ ନିଷ୍ପତ୍ତି ନିଆଯିବ ତେବେ ଏହାକୁ ସାମ୍ନା କରିବାକୁ ସମସ୍ତେ ଶପଥ ନେଇଥିଲେ। ବିଧାୟକ ସାମନ୍ତରାୟ ଭାବପ୍ରବଣ ହୋଇ କହିଥିଲେ, ବିରୋଧୀ ଗୋଷ୍ଠୀ ଭୋଟ ବିଭାଜନ କରିବାକୁ ଏହି ସମୟରେ କାର୍ଯ୍ୟ କରିଥାନ୍ତି। ତଥାପି ଦଳକୁ ମୁଁ ସର୍ବଦା ପ୍ରାଧାନ୍ୟ ଦେଇଛି। ମୁଁ ସବୁବେଳେ ମୋ ନିର୍ବାଚନମଣ୍ଡଳୀର ଲୋକଙ୍କ ସହ ରହିଛି। ମୁଁ ଶେଷ ନିଃଶ୍ୱାସ ଯାଏ ସତ୍ୟବାଦୀ ସେବାରେ ଜୀବନ ଉତ୍ସର୍ଗ କରିବି ବୋଲି ସାମନ୍ତରାୟ କହିଥିଲେ। ଆସନ୍ତା ମାର୍ଚ୍ଚ ୫ରେ ୩୦ ହଜାର ଲୋକଙ୍କ ଉପସ୍ଥିତିରେ ଶକ୍ତି ପ୍ରଦର୍ଶନ କରିବା ନେଇ ସେ ସୂଚନା ଦେଇଥିଲେ।



ବୈଠକରେ ବିଧାୟକ ଉମାକାନ୍ତ ସାମନ୍ତରାୟ ଉଦ୍‌ବୋଧନ ଦେଉଛନ୍ତି।

# ବିଜେଡି ଅନ୍ତର୍ଦ୍ୱନ୍ଦ୍ୱ ଉପରେ ବିରୋଧୀଙ୍କ ନଜର

## ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ

ଜଗତ୍‌ସିଂହପୁର, ୨୩।୨ (ପ୍ରମୋଦ କୁମାର ନାୟକ)

ତିର୍ତ୍ତୋଲ ବିଧାନସଭା ଆସନ। ଜଗତ୍‌ସିଂହପୁର ଜିଲାର ଏହି ନିର୍ବାଚନ ମଣ୍ଡଳୀରୁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳ, ନିଶାମଣି ଖୁଣ୍ଟିଆ, ପ୍ରତାପ ଚନ୍ଦ୍ର ମହାନ୍ତି ଓ ନିତ୍ୟାନନ୍ଦ ସାମନ୍ତରାୟଙ୍କ ଭଳି ନେତା ବିଧାୟକ ହୋଇଥିଲେ। ୧୯୭୭ରୁ ୨୦୧୪ ପର୍ଯ୍ୟନ୍ତ ଦେଖିଲେ ଜଣାଯାଏ ଏହି ଆସନରୁ ଜନତା ଦଳ ପ୍ରାର୍ଥୀଙ୍କୁ ଥରେ ବିଧାୟକ ହେବାର ସୁଯୋଗ ମିଳିଥିବା ବେଳେ କଂଗ୍ରେସକୁ ୫ ଓ ବିଜେଡିକୁ ୩ ଥର ବିଧାୟକ ପଦବୀ ମିଳିଥିଲା। ୨୦୧୯ ସାଧାରଣ ଓ ୨୦୨୦ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଜିତିଥିଲେ। ନିର୍ବାଚନମଣ୍ଡଳୀରେ ବିଜେଡି ସ୍ଥିତି ସୁଦୃଢ଼ ହୋଇଛି ସତ। କିନ୍ତୁ ଏହାଭିତରେ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ବଢ଼ି ଚାଲିଛି। ବିଶେଷକରି ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ବିଧାୟକ ବିଜୟଶଙ୍କର ଦାସଙ୍କ ଗୋଷ୍ଠୀ ଅନେକ ସମୟରେ ସାମ୍ନାସାମ୍ନି ହେଉଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିକୁ ୫୪.୧୮% ଭୋଟ ମିଳିଥିବା ବେଳେ ୨୦୨୦ ଉପନିର୍ବାଚନରେ ଏହି ଦଳ ସପକ୍ଷରେ ୨.୨୭% ଭୋଟ କମିଯାଇଥିଲା। ଅନୁରୂପ ଭାବେ ୨୦୧୯ରେ ଭାଜପା ସପକ୍ଷରେ ୩୦.୯୦% ଭୋଟ ଯାଇଥିବାବେଳେ ୨୦୨୦ ଉପନିର୍ବାଚନରେ ୨.୯୮% ଭୋଟ କମିଥିଲା। କିନ୍ତୁ କଂଗ୍ରେସ ପ୍ରାର୍ଥୀଙ୍କୁ ୨୦୧୯ ତୁଳନାରେ ୨୦୨୦ ଉପନିର୍ବାଚନରେ ୩.୫୧% ଅଧିକ ଭୋଟ ମିଳିଥିଲା।



ହିମାଂଶୁ ଭୂଷଣ ମଲ୍ଲିକ



ରାଜଶ୍ରୀ ମଲ୍ଲିକ



ରାଜକିଶୋର ବେହେରା



ବିଜୟଶଙ୍କର ଦାସ

ଏସବୁ ଭିତରେ ଦିନକୁ ଦିନ ରାଜନୈତିକ ଚିତ୍ର ବଦଳୁଛି। ମୁଖ୍ୟତଃ ବିଜେଡି ପ୍ରାର୍ଥୀ ହେବା ପାଇଁ ଆଶାୟୀଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ଆଗକୁ ଗତି କେଉଁ ମୋଡ଼ ନେଉଛି ତାହା ଉପରେ ସମସ୍ତଙ୍କ ନଜର।

୫ ବର୍ଷ ପୂର୍ବରୁ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ପୂର୍ବତନ ଜିଲା ସଭାପତି ବିଷ୍ଣୁ ଚରଣ ଦାସ ଓ ବର୍ତ୍ତମାନର ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ବିଷ୍ଣୁ ଏକାଧିକ ଥର ଜଗତ୍‌ସିଂହପୁର ବିଧାନସଭା ଆସନରୁ ବିଧାୟକ ହୋଇଥିଲେ ସୁଦ୍ଧା ତିର୍ତ୍ତୋଲ ଉପରେ ନଜର ପକାଇବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ଦଳ ୨୦୧୯ରେ ବିଷ୍ଣୁଙ୍କୁ ତିର୍ତ୍ତୋଲ ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା କରିଥିଲା। ସେତେବେଳେ ରାଜଶ୍ରୀଙ୍କ ଅସହଯୋଗ ସତ୍ତ୍ୱେ ବିଷ୍ଣୁ ବିଜୟୀ ହୋଇଥିଲେ। ବିଷ୍ଣୁଙ୍କ ଦେହାନ୍ତ ଯୋଗୁ ୨୦୨୦ରେ ଉପନିର୍ବାଚନ ହୋଇଥିଲା। ସେତେବେଳେ ତାଙ୍କ ଏକମାତ୍ର ପୁଅ ବିଜୟଶଙ୍କରଙ୍କୁ ବିଜେଡି ଟିକେଟ ମିଳିଥିଲା। ବିଜୟଶଙ୍କର ଜିତିଥିଲେ। ତେବେ ରାଜଶ୍ରୀଙ୍କ ସହ ବିଜୟଶଙ୍କରଙ୍କ ବିବାଦ ପ୍ରଶମିତ ହେବା ପରିବର୍ତ୍ତେ ବଢ଼ିବା ସାଙ୍ଗଠନିକ କାର୍ଯ୍ୟରେ ବାଧା ସୃଷ୍ଟି କରିଛି। ବର୍ତ୍ତମାନ ରାଜଶ୍ରୀ ଓ ବିଜୟଶଙ୍କର ତିର୍ତ୍ତୋଲ ବିଧାନସଭା ଆସନରୁ ଦଳୀୟ ଟିକେଟ ପାଇଁ ଲବି ଜାରି ରଖିଛନ୍ତି। ଇତିମଧ୍ୟରେ ବିଜୟଶଙ୍କରଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ନକରାତ୍ମକ ଚର୍ଚ୍ଚା ହେଉଥିବାରୁ ତାଙ୍କ ପ୍ରାର୍ଥିତ୍ୱ ବିବାଦରେ ରହିଛି ବୋଲି କେତେକ କହୁଛନ୍ତି। ତେବେ ଅନ୍ୟ ଆଶାୟୀଙ୍କ ମଧ୍ୟରେ ରମାକାନ୍ତ ଭୋଇ, ମିନତି ବେହେରା, ଯୁଧିଷ୍ଠିର ସେଠୀ, ମନୋଜ ବେହେରା ଓ ଦେବ ମଲ୍ଲିକ ପ୍ରମୁଖ ବିଜେଡି ପ୍ରାର୍ଥୀ ଦୌଡ଼ରେ ରହିଛନ୍ତି। ଯୁଧିଷ୍ଠିର ପୂର୍ବରୁ ଏସ୍‌ସିବି ମେଡିକାଲ କଲେଜ ପାଥୋଲୋଜି ବିଭାଗରେ ଚାକିରି କରିଥିଲେ। ଅତୀତରେ ପରୋକ୍ଷ ରାଜନୀତିରେ ଥିଲେ ସୁଦ୍ଧା ଅବସର ପରେ ପ୍ରତ୍ୟକ୍ଷ ମଇଦାନକୁ ଓହ୍ଲାଇଛନ୍ତି। ଯେହେତୁ ସେ ରଘୁନାଥପୁର ବ୍ଲକ ଅଞ୍ଚଳର ଏକମାତ୍ର ଆଶାୟୀ, ତେଣୁ ଦଳ ତାଙ୍କୁ ଟିକେଟ ଦେବ ବୋଲି ସେ ଆଶା ବାନ୍ଧିଛନ୍ତି। ରମାକାନ୍ତ ଭୋଇ ମଧ୍ୟ ଟିକେଟ ଦୌଡ଼ରେ ଆଗରେ ଅଛନ୍ତି। କାରଣ ରମାକାନ୍ତ ୨୦୧୪ ଓ ୨୦୧୯ରେ ଏହି ଆସନରୁ ଭାଜପା ପ୍ରାର୍ଥୀ ହୋଇ ଯଥାକ୍ରମେ ୧୪,୫୧୬ ଏବଂ ୫୩,୫୮୧ ଭୋଟ ପାଇଥିଲେ। ପରେ ବିଜେଡିରେ ସାମିଲ ହୋଇଥିଲେ। ତେଣୁ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିପାରେ ବୋଲି ରମାକାନ୍ତ ଆଶାବାଦୀ। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ମଧ୍ୟ ଟିକେଟ ପାଇବା ପାଇଁ ଲବି କରୁଛନ୍ତି। ସେହିପରି ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା ଓ ଦେବେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ବିଜେଡି ଟିକେଟ ଦୌଡ଼ରେ ରହିଛନ୍ତି। ଦଳ ଏମାନଙ୍କ ଭିତରୁ କାହାକୁ ଟିକେଟ ଦେଉଛି କି ଅନ୍ୟ ନିର୍ବାଚନମଣ୍ଡଳୀର ନେତାଙ୍କୁ ପ୍ରାର୍ଥୀ କରୁଛି, ତାହା ସ୍ପଷ୍ଟ ହୋଇପାରିନାହିଁ।

କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକ ୨୦୨୦ ଉପନିର୍ବାଚନରେ ପ୍ରଥମ କରି ପ୍ରାର୍ଥୀ ହୋଇ ୨୮,୭୭୮ ଖଣ୍ଡ ଭୋଟ ପାଇଥିଲେ, ଯାହାକି ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ମିଳିଥିବା ଭୋଟଠାରୁ ପାଖାପାଖି ୫ ହଜାର ଅଧିକ। ଏବେ ହିମାଂଶୁ ୬୧ ଦିନରେ ୬୧ ପଞ୍ଚାୟତ ବୁଲିବା ଲକ୍ଷ୍ୟ ରଖି ଗାଁ ବୁଲୁଛନ୍ତି। ଲୋକଙ୍କ ଅଭାବ, ଅସୁବିଧା ବୁଝି ପ୍ରତିକାର ପାଇଁ ଚେଷ୍ଟା କରୁଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ବିଜେଡି ଗୋଷ୍ଠୀ କନ୍ଦଳ ବଢ଼ି ଚାଲିଥିବାରୁ ଏହାର ଫାଇଦା କଂଗ୍ରେସ ହାତକୁ ଯିବା ସମ୍ଭାବନା ସୃଷ୍ଟି ହୋଇଛି। ଆଗାମୀ ନିର୍ବାଚନରେ ଦଳ ତାଙ୍କୁ ଟିକେଟ ଦେବ ଏବଂ ସେ ବିଜୟଲାଭ କରିବେ ବୋଲି ଆଶାବାଦୀ ଥିବା କହିଛନ୍ତି। ଭାଜପା ନେତା ଆଇନଜୀବୀ ରାଜକିଶୋର ବେହେରା କହିଛନ୍ତି ଗତ ଉପନିର୍ବାଚନରେ ଏହି ଆସନରେ ସେ ଭାଜପା ପ୍ରାର୍ଥୀ ହୋଇ ୪୬,୬୦୭ ଖଣ୍ଡ ଭୋଟ ପାଇଥିଲେ। ଏଥର ସେ, କି ଆଉ କିଏ ପ୍ରାର୍ଥୀ ହେବେ ଜଣାନାହିଁ। କିନ୍ତୁ ବିଜେଡି ଉପରେ ଲୋକେ ଅତିଷ୍ଠ ହୋଇ ଭାଜପା ଆଡ଼କୁ ଢଳୁଥିବା ଲକ୍ଷ୍ୟ କରାଯାଉଥିବା କହିଛନ୍ତି। ବିଜେଡି ଗୋଷ୍ଠୀ ବିବାଦ ମଧ୍ୟ ତାତି ଉଠିଲାଣି। ବିକଳ୍ପ ସ୍ୱରୂପ ଲୋକେ ନରେନ୍ଦ୍ର ମୋଦିଙ୍କ ଉପରେ ଆସ୍ଥା ପ୍ରକଟ କରି ଭାଜପା ପ୍ରାର୍ଥୀଙ୍କୁ ଜିତାଇବେ ବୋଲି ସ୍ପଷ୍ଟ ବାରି ହେଉଥିବା ବେହେରା କହିଛନ୍ତି।

# ବିଜେଡି, ଭାଜପା କନ୍ଦଳରେ କଂଗ୍ରେସ ଖୁସ୍

## ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀ

ଖୋର୍ଦ୍ଧା,୨୩।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀରୁ ଅତୀତରେ କମ୍ୟୁନିଷ୍ଟ ନେତା ଗଙ୍ଗାଧର ପାଇକରାୟ, ସତ୍ୟାନନ୍ଦ ଚମ୍ପତିରାୟ, ଚିନ୍ତାମଣି ପାଣିଗ୍ରାହୀ, ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ପ୍ରଶାନ୍ତ ନନ୍ଦ ପ୍ରମୁଖ ନିଜ ଭାଗ୍ୟ ପରୀକ୍ଷା କରିଥିଲେ। ଜାନକୀ ବଲ୍ଲଭ ଓ ପ୍ରଶାନ୍ତ ନନ୍ଦ ଏଠାରୁ ୨ଥର ନିର୍ବାଚିତ ହୋଇଥିଲେ। ଯଦିଓ ଏଠାରେ ନେତୃତ୍ୱର ଅଭାବ ନ ଥିଲା, ତଥାପି ବାହାର ନେତାଙ୍କୁ ଏକାଧିକ ସୁଯୋଗ ମିଳିଛି। ୨୦୦୦ ମସିହାରୁ ଏହି ଆସନ ବିଜେଡି ଦଖଲରେ ରହିଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନରେ ସମୀକରଣ ବଦଳିବା ନେଇ ଚର୍ଚ୍ଚା ହେଉଛି।

ଏହି ଆସନ ଅଧୀନରେ ବେଗୁନିଆ ଓ ବୋଲଗଡ ବ୍ଲକ ରହିଛି। ଗତ ପଞ୍ଚାୟତ ନିର୍ବାଚନକୁ ଦେଖିଲେ ସେବେଠାରୁ ଏଠାରେ ଶାସକ ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ ଲାଗି ରହିଛି। ବର୍ତ୍ତମାନର ବିଧାୟକ ରାଜେନ୍ଦ୍ର ସାହୁ ଏବଂ କଂଗ୍ରେସରୁ ଆସି ବିଜେଡିରେ ଯୋଗଦାନ ପରେ ଦଳର ରାଜ୍ୟ ସାଧାରଣ ସମ୍ପାଦକ ହୋଇଥିବା ପ୍ରଦୀପ ସାହୁଙ୍କ ଗୋଷ୍ଠୀ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଛକାପଞ୍ଝା ଚାଲିଥିବା ସାଧାରଣରେ ଜଣାଶୁଣା। ଏପରିକି ଏକାଧିକ ଥର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇ ଗଣମାଧ୍ୟମର ଶିରୋନାମା ପାଲଟିଛନ୍ତି। ଗତ ୧୯ ତାରିଖ ବୋଲଗଡ଼ ବ୍ଲକ ଅନ୍ତର୍ଗତ ଫାସିଓଦା ପଞ୍ଚାୟତ ଟାଙ୍ଗିସାହିଠାରେ ବିଧାୟକ ରାଜେନ୍ଦ୍ର ସାହୁଙ୍କ ଗାଡ଼ିକୁ ଅଣ୍ଡାମାଡ଼ ହୋଇଥିଲା। ଦଳୀୟ କନ୍ଦଳ ଯୋଗୁ ଏହି ଅଣ୍ଡା ମାଡ଼ ହୋଇଥିବା ଚର୍ଚ୍ଚା ହୋଇଥିଲା। ଏ ସମ୍ପର୍କରେ ବିଧାୟକ ମୁହଁ ଖୋଲି ନ ଥିଲେ ମଧ୍ୟ ବିଜେଡିରେ ରହିଥିବା ଅନ୍ତର୍ଦ୍ୱନ୍ଦ୍ୱ ପଦାକୁ ଆସିଛି। ନିକଟରେ ସାରୁଅରେ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ଶ୍ରୀମୟୀ ମିଶ୍ର ଓ ପ୍ରଦୀପ ସାହୁ ଗୋଟିଏ କାର୍ଯ୍ୟକ୍ରମକୁ ଯାଉଥିବା ବେଳେ ବିଧାୟକଙ୍କ ଗୋଷ୍ଠୀ ପ୍ରଦୀପଙ୍କୁ ତୀବ୍ର ବିରୋଧ କରିଥିଲେ। ଏପରି କି ଉକ୍ତ କାର୍ଯ୍ୟକ୍ରମରେ ପ୍ରଦୀପଙ୍କୁ ଅଞ୍ଚଳବାସୀ ପଞ୍ଚାୟତରେ ପୂରାଇ ଦେଇ ନ ଥିବା ଆଲୋଚନା ହୋଇଥିଲା।

ଶାସକ ଦଳର ଗୋଷ୍ଠୀକନ୍ଦଳ ଏବେ କଂଗ୍ରେସକୁ ଫାଇଦା ହେବ ବୋଲି ଲୋକେ କହିଲେଣି। ସେପଟେ ଏଠାରୁ ଭାଜପା କାହାକୁ ବିଧାନସଭା ଆସନ ପାଇଁ ପ୍ରାର୍ଥୀ କରାଇବ ଜଣାପଡ଼ିନାହିଁ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପୁଣି ଥରେ ଲୋକ ସଭା ନିର୍ବାଚନ ଲଢ଼ି ବିଜୟଲାଭ କରିବେ ବୋଲି ଆଶା ବାନ୍ଧି ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି। ତେଣୁ ତାଙ୍କୁ ସୁହାଇଲା ଭଳି କିଏ ବିଧାନସଭା ଆସନ ଲାଗି ପ୍ରାର୍ଥୀ ହେବେ, ତାହା ଉପରେ ଦଳୀୟ କର୍ମୀଙ୍କ ନଜର। କୁହାଯାଉଛି, ଭାଜପାରେ ଅପରାଜିତାଙ୍କ ଏକଚ୍ଛତ୍ରବାଦକୁ ଦଳରେ ଏକ ଗୋଷ୍ଠୀ ବିରୋଧ କରୁଛନ୍ତି। ଦଳରେ ଅପରାଜିତାଙ୍କ ପ୍ରତି ଅସନ୍ତୋଷ କୁହୁଳିବାରେ ଲାଗିଛି। ପ୍ରଚାର ମଇଦାନରେ ବିଜେଡି ଆଗରେ ରହିଥିବା ବେଳେ ସେଥିରେ ଯେଭଳି ଗୋଷ୍ଠୀ କନ୍ଦଳ ସମସ୍ୟା ହୋଇଛି, ଅନୁରୂପ ସ୍ଥିତି ଭାଜପାର।

ଅନ୍ୟପଟେ ଜାନକୀଙ୍କ ପରେ ଦୁର୍ବଳ ହୋଇପଡିଥିବା କଂଗ୍ରେସ ଏବେ ପୁଣି ଥରେ ଅଣ୍ଟା ସଳଖୁଛି। ଏଠାରୁ ଜାନକୀଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଦଳୀୟ ଟିକେଟରେ ପ୍ରାର୍ଥୀ ହେବା ଏକପ୍ରକାର ସ୍ଥିର ହୋଇଯାଇଛି । ଗତ କିଛି ମାସ ତଳେ ପିସିସି ସଭାପତି ଖୋର୍ଦ୍ଧାରେ ଆୟୋଜିତ ସମାବେଶରେ ପୃଥ୍ୱୀବଲ୍ଲଭଙ୍କ ନାମ ଘୋଷଣା କରି ସାରିଛନ୍ତି ବୋଲି କୁହାଯାଉଛି। ବେଗୁନିଆରେ ଦଳୀୟ ସଙ୍ଗଠନର ମଙ୍ଗ ଧରିଛନ୍ତି ପୃଥ୍ୱୀବଲ୍ଲଭ। ଗତ ପଞ୍ଚାୟତ ନିର୍ବାଚନରେ ତାଙ୍କ ନେତୃତ୍ୱରେ ପଞ୍ଚାୟତ ଓ ଜିଲା ପରିଷଦ ଆସନରେ ପ୍ରାର୍ଥୀମାନେ ଲଢ଼ିଥିଲା। ଏବେ ସେ ଗାଁକୁ ଗାଁ ବୁଲିବାରେ ଲାଗିଛନ୍ତି। ସବୁଠି ତାଙ୍କୁ ଲୋକେ ଶୁଭେଚ୍ଛା ଜଣାଇ ଏଥର ପୃଥ୍ୱୀବଲ୍ଲଭ ବୋଲି କହିବା ଆରମ୍ଭ କଲେଣି।

ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପରେ ଏହି ଆସନ କଂଗ୍ରେସ ହାତରୁ ଖସିଯାଇଥିଲା। ପରବର୍ତ୍ତୀ ସମୟରେ ବିଜେଡି ଏବଂ ଭାଜପା ଏଠାରୁ ସୁଦୃଢ଼ ହୋଇଥିବା ବେଳେ ଏବେ ପୁଣି ଥରେ ବେଗୁନିଆ ନିର୍ବାଚନମଣ୍ଡଳୀରେ ରାଜନୈତିକ ସମୀକରଣ ବଦଳିବ ବୋଲି ଲୋକେ କୁହାକୁହି ହେଲେଣି। ଏହି ଆସନରୁ ପୃଥ୍ୱୀବଲ୍ଲଭ ପୁଣି ଥରେ କଂଗ୍ରେସ ଧ୍ୱଜା ଉଡ଼ାଇବେ ବୋଲି ଦଳୀୟ ନେତା, କର୍ମୀ ଆଶା ବାନ୍ଧିଛନ୍ତି। ତେବେ ଭୋଟର କାହା ଉପରେ ଆସ୍ଥା ଓ ବିଶ୍ୱାସ କରିବେ, ତାହା ସବୁଠୁ ବଡ଼ କଥା।



କଂଗ୍ରେସ ଟିକେଟ ଆଶାୟୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

# ଲୋକ ଯୋଗାଡ଼କରି ଟଙ୍କା ମାଗିବାରୁ ଛୁରା ମାଡ଼

ବେତନଟୀ,୨୩।୨(ଧରଣୀଧର ମହାନ୍ତି)

ରାଜନୈତିକକ ସମାବେଶ ପାଇଁ ଲୋକ ଯୋଗାଡ଼ କରି ଟଙ୍କା ମାଗିବାରୁ ଛୁରା ମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ବାରିପଦା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକର ଦୁର୍ଗାପୁରଠାରେ ଶୁକ୍ରବାର ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ମନୋରଞ୍ଜନ ସେଠୀ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ବେତନଟୀ ଥାନା ଅଧୀନ ତୁଳସୀଚଉରା ଗ୍ରାମର ସୁମନ ମହାନ୍ତ ସେହି ଗ୍ରାମର ଉମ୍ବରୁଧର ମହାନ୍ତଙ୍କ ମାଧ୍ୟମରେ ପ୍ରାୟ ୪୦ ବାଇକ୍ ଚାଳକଙ୍କୁ ଉକ୍ତ ମିଶ୍ରଣ ପର୍ବରେ ଯୋଗଦେବା ପାଇଁ ଚୁକ୍ତି କରିଥିଲେ। ମିଶ୍ରଣ ପର୍ବରେ ବାଇକ୍ ଆରୋହୀମାନେ ଯୋଗଦେଇ ଫେରିବା ପରେ ଚୁକ୍ତି ଅନୁଯାଇ ସୁମନଙ୍କୁ ଟଙ୍କା ମାଗିବା ପାଇଁ ଉମ୍ବରୁଧର ଯାଇଥିଲେ। ମାତ୍ର ସୁମନ ଟଙ୍କା ନ ଦେଇ ଉତ୍କ୍ଷିପ୍ତ ହୋଇ ଉମ୍ବରୁଧରଙ୍କୁ ଛୁରିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୋଲିସ ସୁମନଙ୍କୁ ଥାନାରେ ଅଟକ ରଖିଛି।

# ୨୬ରେ ଲୋକସେବା ଭବନ ଘେରିବ କଂଗ୍ରେସ

ଭୁବନେଶ୍ୱର,୨୩।୨(ସୁନିତ୍ ମିଶ୍ର)

ଜଳସେଚନ ସୁବିଧା, କୃଷିଜାତ ଦ୍ରବ୍ୟର ସଂରକ୍ଷଣ, ଧାନର ଅଭାବୀ ବିକ୍ରି ସମସ୍ୟାର ସମାଧାନ, ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ, ବେକାରି ସମସ୍ୟା ଆଦି ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ ୧ ଲକ୍ଷ କୋଟି ଟଙ୍କାର ଖଣି ଦୁର୍ନୀତି, ୨୦ ହଜାର କୋଟି ଟଙ୍କାର ଚିଟ୍‌ଫଣ୍ଡ ଦୁର୍ନୀତି, ପାନୀୟଜଳ ଯୋଗାଣରେ ୩୩ ହଜାର କୋଟିର ଠିକା ଦୁର୍ନୀତି, ବିଦ୍ୟୁତ୍ ସେବା ଭିତ୍ତିଭୂମି ଆଳରେ ୩୫ ହଜାର କୋଟି ଟଙ୍କାର ଦୁର୍ନୀତି ଏବଂ ନାରୀ ନିର୍ଯାତନା ଓ ନାବାଳିକା ଚାଲାଣ ଆଦି ବିଜେଡି ସରକାରଙ୍କ ସଫଳତା। ଏସବୁ ଦୁର୍ନୀତି ଓ ଅନ୍ୟାୟ ପ୍ରତିବାଦରେ ଆସନ୍ତା ୨୬ ତାରିଖ ପୂର୍ବାହ୍ନରେ କଂଗ୍ରେସ ପକ୍ଷରୁ ଲୋକସେବା ଭବନ ଘେରାଉ କରାଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

ଶୁକ୍ରବାର କଂଗ୍ରେସ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି , ଗତ ୨୪ ବର୍ଷ ହେଲା ବିଜେଡି ସରକାର ଦୁର୍ନୀତିରେ ବୁଡ଼ି ରହିଛନ୍ତି। ରାଜ୍ୟର ପ୍ରକୃତ ବିକାଶ କରିବା ପରିବର୍ତ୍ତେ କେବଳ ନିର୍ବାଚନ ସମୟରେ ବଡ଼ ବଡ଼ ଘୋଷଣାକରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଶରତ କହିଛନ୍ତି।

# ବିଜେଡିରେ ପୂର୍ବତନ ଭାଜପା ରାଜ୍ୟ ସମ୍ପାଦକ

ଭୁବନେଶ୍ୱର,୨୩।୨(ଅନିଲ ଦାସ)

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରସୁଲପୁର ବ୍ଲକର ପୂର୍ବତନ ଭାଜପା ରାଜ୍ୟ ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ପଣ୍ଡାଙ୍କ ସହ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ଶୁକ୍ରବାର ଶଙ୍ଖଭବନଠାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସୁରେନ୍ଦ୍ର ପଣ୍ଡା, ସମସ୍ତ ଭାଜପା ଓ କଂଗ୍ରେସକର୍ମୀଙ୍କୁ ଉଭୟ ଉପଢୌକନ ଦେଇ ସ୍ୱାଗତ କରିଛନ୍ତି। ଭାଜପା ଓ କଂଗ୍ରେସକର୍ମୀଙ୍କ ଯୋଗଦାନ ଫଳରେ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ପ୍ରଣବ କହିଛନ୍ତି। ଏହି ଅବସରରେ ବିଜେଡି ସାଙ୍ଗଠନିକ ସମ୍ପାଦକ କହିଛନ୍ତି ଯେ, ସୁରେନ୍ଦ୍ର ପଣ୍ଡାଙ୍କ ଏହା ହେଉଛି ଘରବାହୁଡ଼ା, ସେ ସ୍ୱର୍ଗତ ଅଶୋକ ଦାସ ଏବଂ କଳ୍ପତରୁ ଦାସଙ୍କ ଘନିଷ୍ଠ ସହଯୋଗୀ ଓ ତାଙ୍କ ପରିବାରର ସଦସ୍ୟ ଥିଲେ। ବିଗତ ଦିନରେ ସେ ଦଳ ପାଇଁ ବହୁତ ପରିଶ୍ରମ କରିବା ସହ ଯାଜପୁର ଜିଲାର ଜଣେ ସଚ୍ଚୋଟ ଓ ସ୍ୱାଭିମାନ କର୍ମୀ ଥିଲେ। ବିଜେଡିରେ ସାମିଲ୍ ହୋଇଥିବା ପଣ୍ଡା ଏହା ତାଙ୍କର ଘରବାହୁଡ଼ା ବୋଲି କହିଛନ୍ତି। ପୂର୍ବରୁ ସେ ଦଳ ସହ ଥିଲେ। ବିଜେଡିରେ ଯୋଗଦେଇ ନିଜ ଘରକୁ ଫେରିଲା ପରି ଲାଗୁଛି ବୋଲି ସୁରେନ୍ଦ୍ର କହିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗଦେଇଛନ୍ତି । ଦଳ ତାଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଯୁବନେତା ତଥା ଯୁଏନ୍ଏସ୍ କଲେଜ ପୂର୍ବତନ ସଭାପତି ବାପିନା ବିଶ୍ୱାଳ, ଯୁବନେତା ଗଙ୍ଗାଧର ସାହୁ, ସୁରେନ୍ଦ୍ର କୁମାର ପଣ୍ଡା (ଗୁଡୁନା), ପ୍ରକାଶ ସେଠୀ, ବିଜୟ ରାଉତ, ଦୀପକ ତିଆଡ଼ି, ଯାଜପୁର ଜିଲା ଅଖିଳ ଭାରତ ଯାଦବ ୟୁନିୟନର ସମ୍ପାଦକ ଇଂ. ମନୋଜ ଦାସ, ଭାଗବତ ୟୁନିୟନ ସଭାପତି ପ୍ରଶାନ୍ତ ସାମଲ, ପୂର୍ବତନ ସଭାପତି ବିନୋଦ ବିହାରୀ ସାମଲ, ବରିଷ୍ଠ କଂଗ୍ରେସ ନେତା ବଟକୃଷ୍ଣ ବାରିକ, ସାମାଜିକ କର୍ମୀ ପ୍ରକାଶ ଜେନା, ନିରୁପମା ନାୟକ, ଯାଦବ ୟୁନିୟନର ସମ୍ପାଦକ ପ୍ରଶାନ୍ତ ସାମଲଙ୍କ ସହ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ୍ ହୋଇଛନ୍ତି।

# ୬ ଆଶାୟୀଙ୍କ ମଧ୍ୟରୁ ବିଧାୟିକାଙ୍କ ଘରୁ ୨

## ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ

ଡେରାବିଶ, ୨୩।୨ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲାର ପାଟକୁରା ନିର୍ବାଚନମଣ୍ଡଳୀ ଡେରାବିଶ ବ୍ଲକର ୨୬ ପଞ୍ଚାୟତ, ଗରଦପୁର ବ୍ଲକର ୧୮ ଓ ମାର୍ଶାଘାଇ ବ୍ଲକର ୭ ପଞ୍ଚାୟତକୁ ନେଇ ଗଠିତ। ନିର୍ବାଚନମଣ୍ଡଳୀ ନାମ ବହନ କରୁଥିବା ପାଟକୁରାର ଠିକଣା ରହିଛି ଗରଦପୁର ବ୍ଲକରେ। ୨୦୦୪ରୁ ବିଜୁ ଜନତା ଦଳ (ବିଜେଡି)ର ପ୍ରାର୍ଥୀ ଏଠାରୁ ବିଜୟୀ ହୋଇ ଆସୁଛନ୍ତି। ୨୦୦୪ରେ ଅତନୁ ସବ୍ୟସାଚୀ ନାୟକ ଏବଂ ବେଦପ୍ରକାଶ ଅଗ୍ରୱାଲ ୨୦୦୯ ଓ ୨୦୧୪ରେ ଏହି ନିର୍ବାଚନମଣ୍ଡଳୀରୁ ବିଧାୟକ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ବେଦପ୍ରକାଶଙ୍କ ବିୟୋଗ ଯୋଗୁ ହୋଇଥିବା ଉପନିର୍ବାଚନରେ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବିଜୟ ମହାପାତ୍ରଙ୍କୁ ୬ ହଜାରରୁ ଅଧିକ ଭୋଟରେ ହରାଇଥିଲେ। ଅସୁସ୍ଥତା କାରଣ ଯୋଗୁ ସାବିତ୍ରୀଙ୍କ ପୁଅ ସଞ୍ଜୟ ଅଗ୍ରୱାଲ ବିଧାୟିକାଙ୍କ ପ୍ରତିନିଧି ଭାବେ ନିର୍ବାଚନମଣ୍ଡଳୀକୁ ଗସ୍ତ କରୁଥିବା ଦେଖାଯାଉଛି। ସଞ୍ଜୟ ମଧ୍ୟ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଅଛନ୍ତି। ସେ ଆସନ୍ତା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଭାବେ ଉଭା ହେବେ ବୋଲି କର୍ମୀ ମହଲରେ ଚର୍ଚ୍ଚା ଜୋର ଧରିଛି।



ସଞ୍ଜୟ ଅଗ୍ରୱାଲ



ମଧୁମିତା ଅଗ୍ରୱାଲ



ସରୋଜକାନ୍ତ ସାହୁ



ରବି ସାମଲ

ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜିଲା ବିଜେଡିର ପୂର୍ବତନ ସଭାପତି ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରବି ସାମଲ ୨୦୦୯ଠାରୁ ଏଯାଏ ଏହି ନିର୍ବାଚନମଣ୍ଡଳୀରେ ବିଭିନ୍ନ ଗାଁକୁ ଗାଁ ବୁଲି ଲୋକସମ୍ପର୍କକୁ ବଢ଼ାଇ ଚାଲିଛନ୍ତି। ତେଣୁ ସେ ଟିକେଟ ହାତେଇବାକୁ ଆଶାବାଦୀ। ସେହିପରି ବର୍ତ୍ତମାନ ଉଠାଜଳସେଚନ ନିଗମର ଅଧ୍ୟକ୍ଷ ଅମରେଶ ପତ୍ରୀ ଜଣେ ଯୁବ ଚେହେରା। କର୍ମୀଙ୍କ ଆସ୍ଥାଭାଜନ ପାଇଁ ବିଭିନ୍ନ ଦଳୀୟ ଓ ସାମାଜିକ କାର୍ଯ୍ୟକ୍ରମରେ ପାଟକୁରା ନିର୍ବାଚନମଣ୍ଡଳୀରେ ନିଜକୁ ଜଡ଼ିତ କରିଛନ୍ତି। ଅମରେଶ ଅନ୍ୟତମ ଆଶାୟୀ ଭାବେ ଉଭା ହୋଇଛନ୍ତି। ପୂର୍ବତନ ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ଝିଅ ମଧୁମିତା ଅଗ୍ରୱାଲ ମଧ୍ୟ ବିଜେଡିର କର୍ମୀ ଭାବେ ମହିଳାଙ୍କ ମଧ୍ୟରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ବିଶେଷକରି ପିତାଙ୍କ ମୃତ୍ୟୁ ପରେ ବେଦ ପ୍ରକାଶ ଅଗ୍ରୱାଲ ସ୍ମୃତି ପରିଷଦ ଗଠନ କରି ଏହାର ଅଧ୍ୟକ୍ଷ ଦାୟିତ୍ୱ ନେଇ ସେ ପ୍ରାକୃତିକ ବିପର୍ଯ୍ୟୟ ଓ ଅସହାୟଙ୍କୁ ସହାୟତା ପ୍ରଦାନ କରି ଆସୁଛନ୍ତି। ସେ ମଧ୍ୟ ଟିକେଟ ଆଶାୟୀ। ସେହିପରି ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ୨୦୦୭ରୁ ଏଯାଏ ପଞ୍ଚାୟତ ସମିତିକୁ ନିଜ ଅକ୍ତିଆରରେ ରଖିଛନ୍ତି। ସ୍ତ୍ରୀ କଳ୍ପନାଙ୍କୁ ୨ଥର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାବେ ନିର୍ବାଚିତ କରାଇପାରିଥିଲେ। ସରୋଜ ୨୦୧୭ରେ ନିଜେ ଏହି ସମିତିର ଅଧ୍ୟକ୍ଷ ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ। ବେଦୁବାବୁ ଓ ବର୍ତ୍ତମାନର ବିଧାୟିକା ସାବିତ୍ରୀଙ୍କ ବିରୋଧୀ ଭାବେ ଜଣାଶୁଣା ସରୋଜ ୨୦୨୨ରେ ବିଧାୟିକାଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ହରାଇ ନିଜ ପ୍ରାର୍ଥୀ ପ୍ରଭାତୀ ମଲିକଙ୍କୁ ବ୍ଲକ ଅଧ୍ୟକ୍ଷା ଭାବେ ଜିତାଇବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ପରିବାରବାଦର ସ୍ୱର ଉତ୍ତୋଳନ କରି ଆସନ୍ତା ନିର୍ବାଚନରେ ଦଳୀୟ ଟିକେଟ ହାତେଇବାକୁ ସେ ଆଶାବାଦୀ ଅଛନ୍ତି। ସେହିପରି ଜଣେ ସାମାଜିକ କର୍ମୀ ଭାବେ ପରିଚିତ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ କୁମାର ରାଉତ ଦୀର୍ଘବର୍ଷ ହେବ ପ୍ରାକୃତିକ ବିପର୍ଯ୍ୟୟରେ ପୀଡ଼ିତ ପରିବାରଙ୍କୁ ସହାୟତା ପ୍ରଦାନ କରିବା ସହ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ନିଜକୁ ଜଡ଼ିତ ରଖିଛନ୍ତି। ଆଶାୟୀଙ୍କ ତାଲିକା ଦେଖିଲେ ଆସନ୍ତା ନିର୍ବାଚନରେ ବିଜେଡି ଶୀର୍ଷ ନେତୃତ୍ୱ କାହାକୁ ଟିକେଟ ଦେବେ, ଏବେ ଦ୍ୱନ୍ଦ୍ୱରେ ପଡ଼ିଯାଇଥିବା ଭଳି ମନେହେବା ସ୍ୱାଭାବିକ।

# କୁହୁଡ଼ି

## ଗଳ୍ପ

**ମଣୀନ୍ଦ୍ର କୁମାର ମେହେର**

ଦିନେ ରବିବାରର ପୂର୍ବାହ୍ନ ପୂର୍ବରୁ କବାଟ ଝରକା ଖୋଲି ବସିଥାଏ ମୁଁ। ଅଚାନକ ଦେଖିଲି ବଚନ ଛିଡ଼ା ହୋଇଛି ବାହାରେ ଝରକାକୁ ଲାଗି।

ଅନ୍ୟଦିନଠାରୁ ତା' ମୁହଁର ଭାବ ଦେଖାଯାଉଥାଏ ଭିନ୍ନ। ଆଖି ଦୁଇଟିରେ ତା'ର ଫୁଟିଉଠୁଥାଏ ଛାତି ଭିତରର ଅବ୍ୟକ୍ତ କୋହ। କମ୍ପିତ କଣ୍ଠରେ କହିଲା ସେ- ସାର୍! ଆପଣ କୁଆଡ଼େ ପ୍ରଫେସର ହୋଇ ଚାଲିଯିବେ ୟୁନିଭରସିଟିକୁ? ସେମିତି କରନ୍ତୁ ନାହିଁ ସାର୍। ଅନ୍ୟମାନଙ୍କଠାରୁ ଶୁଣିଲି ବୋଲି ଏକଥା କହୁଛି ନିବେଦନ କରି। ମୁଁ ତାକୁ ଦେଲି ଆଶ୍ୱାସନା। ସେପରି ସମ୍ଭାବନା ନିକଟ ଭବିଷ୍ୟତରେ ନାହିଁ ବୋଲି କହି ସେ ଫେରିଗଲା ଆଶ୍ୱସ୍ତ ହୋଇ। ତା'ର ପ୍ରଥମ ବର୍ଷର ପ୍ରମୋଶନ ପରୀକ୍ଷା ସରିଗଲା। ସେ ତ ହେଉଛି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ମାଟ୍ରିକ୍ ପରୀକ୍ଷାରେ। ଅଥଚ ଏହି ଫାଷ୍ଟ ଇୟର ପରୀକ୍ଷାରେ ସତେ ଯେମିତି କିଏ ତାକୁ ପାହାଡ଼ର ଶିଖର ଦେଶରୁ ଠେଲିଦେଲା ସମ୍ପୂର୍ଣ୍ଣ କ୍ଷତବିକ୍ଷତ କରି ପାଦଦେଶକୁ। ଆସି ଛୋଟ ପିଲା ପରି କାନ୍ଦିଲା ସେ ମୋ' ପାଖରେ। ସବୁଠାରୁ କମ୍ ନମ୍ବର ରହିଛି ତା'ର। କେତୋଟି ବିଷୟରେ ପାସ୍‌ମାର୍କ ମଧ ରଖିପାରି ନାହିଁ ବୋଲି କାରୁଣ୍ୟ ଜର୍ଜରିତ ହୋଇଯାଇଥିଲା ତା'ର ସୁକୁମାର ଅନ୍ତରଟି। ମୁଁ ବି ଆଦୌ ବିଶ୍ୱାସ କରିପାରୁ ନ ଥିଲି ଯେ ଏପରି ଦୟନୀୟ ହେବ ତା'ର ପରୀକ୍ଷାଫଳ। ସେଦିନଠାରୁ ସେ କେବଳ ପଚାରେ ଗୋଟିଏ କଥା- ସାର୍, ମୁଁ ପରୀକ୍ଷାରେ ଭଲ କରିପାରିବି ତ? ମୁଁ କହେ- ନିଶ୍ଚୟ ପାରିବ ବଚନ। କାରଣ ତୁମେ ହେଉଛ ଜଣେ ପ୍ରତିଭାସମ୍ପନ୍ନ ଛାତ୍ର।

ବିତିଗଲା କେତେ ଦିନ। ଆଉ ଦୃଷ୍ଟିରେ ପଡୁ ନ ଥିଲା ବଚନ। ତା' ସମ୍ପର୍କରେ ଜାଣିବା ପାଇଁ ଯେତେବେଳେ ଅନୁସନ୍ଧାନ କଲି, ମୁଁ ବି ଖସିପଡ଼ିଲି ତା' ପରି ପର୍ବତ ଉପରୁ ତୀକ୍ଷ୍ଣ ପଥର ଖଣ୍ଡଗୁଡ଼ିକ ଉପରେ। ରକ୍ତ ଜର୍ଜରିତ ହୋଇଗଲା ଅନ୍ତଃସ୍ଥଳ ମୋର। ବଚନ ନାହିଁ ଆଉ ସ୍ୱାଭାବିକ ଭାବରେ। ତା'ର ମାନସିକ ଭାରସାମ୍ୟ ହେଇଯାଇଛି ନିୟନ୍ତ୍ରଣହୀନ। କେତେଦିନ ପର୍ଯ୍ୟନ୍ତ ରହିଛି ବନ୍ଦ କୋଠରି ମଧରେ। ପୁଣି ତାକୁ ନେଇ ନିୟମିତ ଚିକିତ୍ସାର ବ୍ୟବସ୍ଥା ହୋଇଛି ବୁର୍ଲାରୁ ରାଞ୍ଚି ପର୍ଯ୍ୟନ୍ତ। ଚିକିତ୍ସିତ ହେବାପରେ ଯଦିଓ ସାମାନ୍ୟ ସ୍ୱାଭାବିକ ଅବସ୍ଥାକୁ ଆସିଲା ସେ, ତାହା ନ ଥିଲା ଆଶ୍ୱସ୍ତିକର। ଏହି ସମୟରେ ଘୂରିବୁଲୁଥିଲା ସେ ବରପାଲିର ରାସ୍ତାରେ ରାସ୍ତାରେ ନିଜ ସହିତ ନିଜେ ଆଳାପ କରିକରି। ତା'ର ଦୁଇଟି ଆଖି ଆଉ ମୁଖମଣ୍ଡଳ ଦେଖାଯାଉଥିଲା ରାହୁଗ୍ରସ୍ତ ଚନ୍ଦ୍ରମା ସଦୃଶ। ମୁଁ ତା'ର ମୁହଁକୁ ସିଧାସଳଖ ଚାହିଁବାର ସାହସ ହରାଇଦେଇ ସାରିଥିଲି। କେତେକେତେ ଅତି ଚିହ୍ନା ଓ ପ୍ରିୟ ଲୋକଙ୍କୁ ସେ ଆଉ ଜାଣି ପାରୁ ନ ଥିଲା। ମୋ' ଆଗ ଦେଇ ଯଦି ସେ ଆସୁଥାଏ, ତେବେ ତାକୁ କେମିତି ଅତିକ୍ରମ କରି ଚାଲିଯିବି ମୁଁ, ଏକଥା ଭାବିବା ବେଳକୁ ସେ ପୂର୍ବପରି ଦୌଡ଼ି ଆସୁଥିଲା ମୋ' ପାଖକୁ। ନମସ୍କାର କରି ନିଜର ଭବିଷ୍ୟତ ସମ୍ପର୍କରେ ପଚାରୁଥିଲା ବାରମ୍ବାର। ମୁଁ ନିଜର ସୀମିତ ଶକ୍ତି ଅନୁଯାୟୀ ଆଶାର ବାଣୀ ଶୁଣାଉଥିଲି ତା'କୁ।

ଦିନେ ମୁଁ ଠିକ୍ କଲେଜକୁ ଯିବା ବେଳେ ମୋ' ସହିତ ପାଦକୁ ପାଦ ମିଳାଇ ଚାଲିଲା ସେ। କହିଲା ସାର୍- ଆପଣ ଦିନେ କହୁଥିଲେ ନା ଗଙ୍ଗାଧର ସ୍ମୃତିଭବନ ପରିସରରେ ଆମେ ବୃକ୍ଷରୋପଣ କରିବା ବୋଲି! ହୃଦୟରୁ ଉଦ୍‌ଗତ ଅଶ୍ରୁଧାରାକୁ ଅଟକାଇବା ମୋ' ପାଇଁ ଥିଲା କି କଷ୍ଟକର ତାହା ବର୍ଣ୍ଣନା କରିବା ପାଇଁ ମୁଁ ଆଜି ବି ସମ୍ପୂର୍ଣ୍ଣ ଅକ୍ଷମ। କିପରି ବଚନକୁ କହିଥା'ନ୍ତି ମୁଁ ଯେ ଗଙ୍ଗାଧର ସ୍ମୃତିଭବନ ପରିସର ଏବେ ଘୁଷୁରିଙ୍କ ବିଚରଣ ସ୍ଥଳ ଓ ସର୍ବସାଧାରଣଙ୍କ ପରିସ୍ରାଗାର। ଏଠି ସ୍ୱପ୍ନ ଦେଖିବା ମନା। ଗଛ ଲଗାଇବା ମନା। ଫୁଲ ଫୁଟାଇବା ପାଇଁ କିପରି ଅଘୋଷିତ ନିଷେଧନାମା ଜାରି ହୋଇଛି, ତାକୁ ତାହା ମୁଁ ବୁଝାଇ ପାରି ନ ଥିଲି। ଆଶ୍ଚର୍ଯ୍ୟର କଥା ଯେ, ଯେଉଁମାନେ ସୁସ୍ଥ ମାନସିକତାର ଅଧିକାରୀ, ସୁଶୃଙ୍ଖଳିତ ମଣିଷ ସେମାନେ କେବେ ଏପରି ଆବେଗ ପ୍ରକାଶ କରି ମୋତେ ଚକିତ କରିଦେଇ ପାରିନାହାନ୍ତି। ମନୋଜ ଦାସ ତାଙ୍କର କୌଣସି ଏକ ଗଳ୍ପରେ ଉଲ୍ଲେଖ କରିଛନ୍ତି- "ଜଗତର ଯେତେକ ଭଲକଥା ତାହା କ'ଣ ମାନସିକ ଭାରସାମ୍ୟ ହରାଇଥିବା ବ୍ୟକ୍ତିମାନେ ହିଁ ଅନୁଭବ କରିପାରନ୍ତି!"

ବଚନ ବର୍ତ୍ତମାନ କେମିତି ଅଛି ତାହାର ସନ୍ତୋଷଜନକ ଉତ୍ତର କାହାଠାରୁ ମିଳିପାରୁନାହିଁ। ସୁଦୀର୍ଘ ବାରବର୍ଷ ପୂର୍ଣ୍ଣ ହୋଇଯାଇଛି ମୁଁ ବରପାଲି ଜନ୍ମମାଟିକୁ ଛାଡ଼ିଆସିବାର। ଯେପରି ଭାବେ କରୋନା କବଳରୁ ମତେ ରକ୍ଷା ମିଳିଲା ଓ ଏବେ ମଧ ସର୍ବଦା ଅସୁସ୍ଥତା ଲାଗିରହିଛି, ମୁଁ ଆଉ କୌଣସି ସ୍ଥାନକୁ ଯିବାଆସିବା ସମ୍ଭବ ହେଉନାହିଁ। ସେଥିପାଇଁ ଶରୀର ଅନୁମତି ଦେଉନାହିଁ ଆଦୌ। ବଚନ ଯେତେବେଳେ ରାସ୍ତାରେ ମୋ' ସମ୍ମୁଖପଟୁ ଆସୁଥାଏ, ତା'ର ମୁହଁ ଓ ଦୁଇ ଆଖିକୁ ଦେଖିବା ମାତ୍ରକେ ଉପଲବ୍ଧି କରିହୁଏ ଯେ, ଏ ଦୃଶ୍ୟମାନ ଜଗତ ଓ ଚରିତ୍ରଗୁଡ଼ିକ ସହିତ ତା'ର ସମ୍ପର୍କ କେବେଠାରୁ ଛିନ୍ନ ହୋଇସାରିଛି। କାହାକୁ ପ୍ରାୟ ସେ ଚିହ୍ନପାରେନା। କାହାରି ସହିତ କଥାବାର୍ତ୍ତା ନ କରି ସିଧାସଳଖ ଚାଲିଥାଏ। ସବୁ ଅପରିଚିତ ହୋଇଯାଉଥିବା ସତ୍ତ୍ୱେ ସେ ଚାଲୁଥିବା ପ୍ରିୟ ରାସ୍ତାଗୁଡ଼ିକୁ ଭୁଲିନାହିଁ। ଭୁଲିନାହିଁ ମଧ ତାହାର ଏହି ପ୍ରିୟ ମଣୀନ୍ଦ୍ର ସାର୍‌ଙ୍କୁ। ନ ଦେଖିବା ପରି ଅଭିନୟ କରି ମୁଁ ଯେତେଥର ତାକୁ ଅତିକ୍ରମ କରି ଚାଲିଯିବା ପାଇଁ ଚାହିଁଛି, ସେତେଥର ମୋ' ପାଖକୁ କ୍ଷିପ୍ର ପଦପାତରେ ଆସି ସେ ଜଣାଏ ବିନୀତ ଭକ୍ତିପୂର୍ଣ୍ଣ ପ୍ରଣାମ। ଯେଉଁ କେତୋଟି ବାକ୍ୟ ବିନିମୟ କରି ଯେତେ ଶୀଘ୍ର ସମ୍ଭବ ତା'ଠାରୁ ମୁକୁଳି ଆସିବା ବେଳେ ତା'ର ପ୍ରତିଟି ବାକ୍ୟର ଉଚ୍ଚାରଣ ଥିଲା କେତେ ସ୍ପଷ୍ଟ, ସୁବିନ୍ୟସ୍ତ ଓ ଶ୍ରଦ୍ଧାଯୁକ୍ତ, ତାହା ଭାବି ବିସ୍ମିତ ହୋଇଯାଏ ମୁଁ। ମୁଁ ସତରେ କ'ଣ ଏ ଜୀବନରେ ଫେରିପାରିବି ବରପାଲିକୁ? ଦେଖିପାରିବି ବଚନର ବଦନ? ସେ ଯେଉଁଠି ଥାଉ ନା କାହିଁକି ଭଗବାନ ତା'ର ସାହା ଓ ଭରସା ହୋଇ ରହିଥା'ନ୍ତୁ ଏହା ହିଁ ମୋ' ଆତ୍ମାର ପ୍ରାର୍ଥନା।

ଯାହା ବି ହେଉ, ବଚନ ପରି ସମର୍ପିତ ଛାତ୍ର ଯେ ଦୁର୍ଲଭ, ତାହା ମୁଁ ହୃଦୟଙ୍ଗମ କରି ଆସିଛି ସର୍ବଦା। ତା' ବିଷୟ ମନେ ପକାଉଁ ପକାଉଁ କ'ଣ ଯେ ଘଟିଯାଉଛି ଦୁଇ ଆଖିରେ ମୋର, ତାହାକୁ ବୁଝାଇବା ସକାଶେ କ'ଣ ଶବ୍ଦର ପ୍ରୟୋଜନ ନିହାତି ଆବଶ୍ୟକ? ପଢ଼ା ଘରର ଝରକା ପାଖରେ ବସି ରହିଥିଲି ଯେଉଁଦିନ, ତାହା ହିଁ ସୃଷ୍ଟି କରିଛି ସେହି ଅବର୍ଣ୍ଣନୀୟ ଉଭୟ ଚକ୍ଷୁର ଚରମ ଦୁର୍ଦ୍ଦଶା। ପ୍ରାଣତନ୍ତ୍ରୀରେ ପ୍ରତିଧ୍ୱନିତ ହେଉଛି ବଚନ ଉଚ୍ଚାରଣ କରିଯାଇଥିବା ସେ ଦୁଇଟି ବାକ୍ୟ- "ସାର୍! ଆପଣ ପରା ୟୁନିଭରସିଟିର ପ୍ରଫେସର ହୋଇ ଚାଲିଯିବେ ଏଠାରୁ? ନା, ସାର! ସେମିତି କେବେ କରିବେନି, ଆମକୁ ଛାଡ଼ି ଦେଇ ଚାଲିଯିବେ ନାହିଁ।"


ମୋ: ୯୯୩୭୭୭୬୫୬୯୮




## ପୁସ୍ତକ ପରିଚୟ

### ଶ୍ରେଷ୍ଠ କବିତା




**କବି:** ହୃଦାନନ୍ଦ ପାଣିଗ୍ରାହୀ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୫୪୦/-

କବି ହୃଦାନନ୍ଦ ପାଣିଗ୍ରାହୀଙ୍କ 'ଶ୍ରେଷ୍ଠ କବିତା' ସଂକଳନର ପ୍ରାରମ୍ଭରେ ଥିବା ଗଦ୍ୟଲେଖରେ ସଂକଳକ ଡ. ଦିଲୀପ କୁମାର ସ୍ୱାଇଁ ଲେଖିଛନ୍ତି: "କବିଙ୍କ ପାଠକ ଓଡ଼ିଶାସାରା। କବିଙ୍କ କବିତାର ଚିତ୍ର, ଚରିତ୍ର ଓ କଥା ଓଡ଼ିଶାର ସବୁ ଗାଆଁରେ ଉପଲବ୍ଧ। କେବେକେବେ ବାଲେଶ୍ୱର ଭାୟା ଭଦ୍ରକ ଗଲାବେଳେ ଦୃଶ୍ୟମାନ ହୁଏ- ସାଳନ୍ଦୀ ନଈ- ମନେପଡ଼େ ହୃଦାନନ୍ଦଙ୍କ କବିତା। କେଉଁଠି ଥାଆନ୍ତି ହୃଦାନନ୍ଦ? ଧାନକ୍ଷେତରେ ନା କବିତା ଖାତାରେ। ଜହ୍ନରାତିରେ ନା ଝରା ବଉଳର ବାସ୍ନାରେ।" ସଂକଳନରେ ହୃଦାନନ୍ଦଙ୍କ ପ୍ରକାଶିତ ୧୫ଟି କାବ୍ୟଗ୍ରନ୍ଥର ଚୟିତ କବିତା ସାମିଲ ହୋଇଛି। ସେସବୁ ବହି ହେଲା- 'ଅନନ୍ତ ପ୍ରେମର ଗୀତ', 'ଲୁହର ଟୋପାଏ ଜହ୍ନ', 'ନଷ୍ଟପାଦ', 'ଆରତ ନଳିନୀବନ', 'ଝରିପଡୁଥିବା ଶୂନ୍ୟତା', 'ଗୋଟାପଣେ ଦୁଃଖରେ', 'ଶକୁନ୍ତଳା', 'ଆଗପାହୁଣ୍ଡ', 'ମାଟି କଥା', 'ପାଣି ଫୋଟକା', 'ଦୀଘି', 'ଅନ୍ଧାର ଧୂଳି', 'ମେଘଆଣ୍ଡି', 'ଛାଇର ପାଦ' ଓ 'ଗାଆଁର ପଣତକାନି'। ହୃଦାନନ୍ଦଙ୍କ ଓଡ଼ିଆ କବିତାରେ ପ୍ରବେଶ ଯଦିଓ ୧୯୭୬-୭୭ରୁ, କିନ୍ତୁ ତାଙ୍କର ପ୍ରଥମ କବିତା ବହି ପ୍ରକାଶପାଏ ୧୯୯୦ରେ। ତାଙ୍କ କବିତାରେ ଗାଁ ମାଟିର ମଣିଷ ଓ ସୁଖଦୁଃଖ ଖୁବ୍ ଏକ ମୌଳିକ ରୂପ, ରଙ୍ଗ ଓ ଛନ୍ଦ ଘେନି ରୂପାୟିତ ହୋଇଥିବାରୁ ତାଙ୍କ କବିତାର ସ୍ୱତନ୍ତ୍ର ଏକ ପାଠକୀୟ ସ୍ୱୀକୃତି ରହିଛି। ଦିଲୀପଙ୍କ ସମ୍ପାଦିତ 'ଶ୍ରେଷ୍ଠ କବିତା' ପାଠକଙ୍କ ଦ୍ୱାରା ଏକ ସମଗ୍ରତା ନେଇ ଆଦୃତ ହେବ ବୋଲି ଆଶା।

### ନାଗଫେଣୀର ଛାଇ




**ଲେଖିକା:** ଅଳକାନନ୍ଦା ତ୍ରିପାଠୀ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୧୯୫/-

ଇନର୍ ଓ ଅଭିମତ-୮ ପୃଷ୍ଠାକୁ ବାଦ୍ ଦେଲେ ଉପନ୍ୟାସଟିର କଳେବର ୧୧୨ ପୃଷ୍ଠା, ସ୍ଥିର ଚିତ୍ତରେ ପଢ଼ିବସିଲେ ଗୋଟିଏ ଦଫାରେ ବହିଟିକୁ ପଢ଼ି ଶେଷ କରିଦେଇ ହେବ। ଅଭିମତ ରଖି ଶାନ୍ତନୁ କୁମାର ଆଚାର୍ଯ୍ୟ କହନ୍ତି: "ନାଗଫେଣୀର ଛାଇ'ର ପାଣ୍ଡୁଲିପି ପଢ଼ିଲି। ଏହା ଗୋଟିଏ ଛୋଟ ଉପନ୍ୟାସ; କିନ୍ତୁ ହଜାରେ ପୃଷ୍ଠାର ବଡ଼ ଉପନ୍ୟାସର ଜଟିଳତାର ଗନ୍ତାଘର ପରି ଏକ ବିରାଟ ମାନବିକ ସମସ୍ୟାର ସିନ୍ଦୁକଟିଏ ଆସି ଆଗରେ ଥୁଆ ହେଲା ସତେ କି! ଯିଏ ଖୋଲିବ ଏ ସିନ୍ଦୁକ ସେ ଜାଣ ପଶିଲା ତା' ବିଶାଳ ଉଦରରେ। ଆଉ ବାଟ ମିଳିବ ନାହିଁ ସହଜରେ ପଦାକୁ ବାହାରିବାର।" କିନ୍ତୁ ବାଟଟିଏ ରହିଛି ଉପନ୍ୟାସରେ, ଉପନ୍ୟାସର ବ୍ୟାସକୂଟ ଭିତରୁ ବାହାରିବାକୁ। ସେ ବାଟଟି ହେଲା ଏକ ପରିଚ୍ଛନ୍ନ ପରିଣତି, ଯାହା ବିବାହ-ଅତିରିକ୍ତ ପ୍ରେମ ପାଇଁ ପଶ୍ଚାତ୍ତାପ। ହିମାଳୟର 'ଦ୍ରୋଣଗିରି' ଓ 'ବୃନ୍ଦାବନ' ଭାରତୀୟ ସଂସ୍କୃତିରେ କାଳକାଳକୁ ବିଦ୍ୟମାନ ଆଶ୍ରୟ-ମୁଦ୍ରାରେ, ଜୀବନର ନାନା ଦ୍ୱନ୍ଦ୍ୱରେ ଧନ୍ଦି ହେଉଥିବା ମଣିଷକୁ କୋଳେଇ ନେବାକୁ। ଅଗତିରେ ଗତିକରିବା ଜୀବନର ବହୁ ସ୍ୱାଭାବିକତା ଭିତରୁ ଗୋଟିଏ। ତା'ର ପରିଣତି କଦାପି ମୃତ୍ୟୁମୁଖୀ ନୁହେଁ, ଅନୁଭବରୁ ଅସୀମ ଶକ୍ତି ସଞ୍ଚୟ କରି ପୁଣି ଜୀବନକୁ ଫେରିଆସିବା। ଯାହା ହେଇଗଲା ଗଲା-ପୁଣି ଆରମ୍ଭିବା ନୂଆ ଜୀବନ; ଏହା ହିଁ ଉପନ୍ୟାସର ଅସଲ କଥା। ଏହି କାରଣରୁ 'ନାଗଫେଣୀର ଛାଇ'ରେ ରହିଛି ଏକ ସକାରାତ୍ମକ ଅଭିନବ ସ୍ୱର। ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଏହାର ପ୍ରଚ୍ଛଦଲେଖ ଲେଖିଛନ୍ତି। ଉପନ୍ୟାସଟିରେ ଅଳକାନନ୍ଦାଙ୍କ ଲେଖକୀୟ ଭବିଷ୍ୟତ ଯେ ଉଜ୍ଜ୍ୱଳ, ଏହା ଜଳଜଳ ଦିଶିଯାଏ।

## କବିତା

### ଲୁହର ଦୀପାଳି

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

ଲୁହରେ ଦୀପାଳି ଜାଳୁ ଜାଳୁ ମୋର
ସରିଯାଏ ଦିନରାତି
ଦେଉଳେ ଜାଳିବି କେମିତି ଦୀପାଳି
ସାଜିବାକୁ ଭାଗ୍ୟବତୀ।

ସପନ ତ ମୋର ଆଷାଢ଼ ଅସରା
ନିତି ଭିଜାଉଛି ମନ
ସୁଖର ଦୀପଟେ ଜାଳିବି କେମିତି
ଦଗ୍ଧ ମନ ଫୁଲବନ।

ଦିବସ ଯୌବନ ଛୁଉଁନାହିଁ ମନ
ଯାତନା ଦେଉଛି ରାତି
ଦେଉଳେ ଜାଳିବି କେମିତି ଦୀପାଳି
ସାଜିବାକୁ ଭାଗ୍ୟବତୀ।

ସଜ କୁସୁମର ତନୁରେ ମୋହର
ଝାଞ୍ଜି ବୈଶାଖର ତାତି
କେମିତି ଗାଇବି ପ୍ରୀତି ମହ୍ଲାର ମୁଁ
ସାଜିବାକୁ ମଧୁମତୀ।

ପୂର୍ଣ୍ଣମୀ ଚାନ୍ଦ ମୁଁ ମେଘର ଉହା
ସାରା ରାତି ଗଲା ବିତି
ଲୁହରେ ଦୀପାଳି ଜାଳୁ ଜାଳୁ ମୋର
ସରିଯାଏ ଦିନରାତି।

ମୋ: ୭୩୭୭୩୧୮୭୮୯

### ଏକପଦୀ

**ବିଷ୍ଣୁ ମୋହନ**

॥ ୧ ॥
ଅନ୍ଧାର ରାତି ଯେବେ ଉଠେ ମାତି
ଧୀର ପଦପାତ କା'ର
ସପନର ପରୀ ଆସୁଛିକି କରି
ପ୍ରୀତିଭରା ଅଭିସାର।

॥ ୨ ॥
ରୂପ ବର୍ଣ୍ଣ ବିଭା ଅପରୂପ ଶୋଭା
ମଦିରାକ୍ତ କରେ ପ୍ରାଣ
କଳାମେଘ ଘେରା ଆକାଶ ଭିତରୁ
ଉଇଁ ଆସୁଛି କି ଜହ୍ନ।

॥ ୩ ॥
ମନରେ ମୋହର କେତେ କାମନାର
ତୁମ ପାଇଁ ଅବସୋସ
ଯାଅ ଗୋ' ବରଷି ଦୂର କରିଦେଇ
ପିଆସୀ ମାଟିର ଶୋଷ।

॥ ୪ ॥
ତୁମେ ଶତରୂପା ଅଲେଖା କବିତା
ହୃଦୟ-ବହିରେ ମୋର
ସେ କବିତା ସୁର ଅତୀବ ମଧୁର
କରେ ପରାଣ ଅଧୀର।

॥ ୫ ॥
ଆସିଗଲେ ଥରେ ଦୂର ହୋଇଯା'ନ୍ତା
କାମନା ମୋ' ଜୀବନର
ପୂରଣ କରନ୍ତି ଦେଇ ମୁଁ ତୁମକୁ
ପୀରତିର ଇସ୍ତାହାର।

ମୋ: ୭୨୦୫୭୫୮୨୫୫

### ପରିବର୍ତ୍ତନ

**ରାକେଶ ପଣ୍ଡା**

ପ୍ରତିଟି ମୁହୂର୍ତ୍ତେ ଜୀବନର
ମୁଁ ଖୋଜିବୁଲେ ଦ୍ରବ୍ୟ, ସେବା ନୂତନ,
ହେଲେ ଜାବୁଡ଼ି ଧରିଥାଏ
ନୀତି, ରୀତି, ଚଳଣି ପୁରାତନ
ମୁଁ ସହରୀ, ଆଧୁନିକ
ଶାରୀରିକ ସ୍ତରରେ,
ହେଲେ ହୋଇ ନାହିଁ ପରିବର୍ତ୍ତନ।

ମୋ' ଗାଉଁଲି ମାନସିକତାରେ
ନା' ହୋଇପାରେ ପୂର୍ବର
ନା' ହୋଇପାରେ ପଶ୍ଚିମା
ଅଧା ବାଟେ ଅଟକେ ଭାବନା,
ସମ୍ପୂର୍ଣ୍ଣତାର ଅନ୍ୱେଷଣେ
ଅସମ୍ପୂର୍ଣ୍ଣ ଆଶା, ଅଭିଳାଷ, କାମନା।

ପରିବର୍ତ୍ତିତ ଏକ ପରିବେଶ ଭୌତିକତାରେ
ଆବଶ୍ୟକ ପରିବର୍ତ୍ତନ ମୋ' ମନସ୍ତତ୍ତ୍ୱରେ
ସଫଳତା ପ୍ରାପ୍ତି ହେବ ଜୀବନର
ଚାଲି ତାଳେ ତାଳେ ସମୟର।

ମୋ: ୯୩୩୮୯୭୬୫୦

### କଲମ୍ବସ୍‌ର ଜାହାଜ

**ମୂଳ ହିନ୍ଦୀ – କୁଅଁର ନାରାୟଣ**
**ଅନୁବାଦ – ପଞ୍ଚାନନ ଅଗ୍ରୱାଲ**

ବାରମ୍ବାର ଲେଉଟି ଆସୁଛି
କଲମ୍ବସର ଜାହାଜ
ଖୋଜି ସାରି ନୂଆ ଦୁନିଆ
ନୂଆ ନୂଆ ମାଲ ବୋଝେଇ

ପବନରେ ଦୁଲୁକୁଛି ମାସ୍ତୁଲ
ହଲି ଯାଉଛି ତାଳପତ୍ର
ବଜାରରେ ଦୂରରୁ ହିଁ ଚମକି ଉଠୁଛି
ହୋଇପାରେ ସୁନା ହୀରା ନୀଳା
ହୋଇପାରେ କାଚ ବା କାଞ୍ଚନ
ଜରୁରୀ ଅଛି ଏହାର ଯାଞ୍ଚ

ସାବଧାନ ହେବା ଜରୁରୀ ପୃଥ୍ୱୀ ଉପରେ
ଏବେ ଏବେ ଲେଉଟି ଆସିଛି
ଅନ୍ତରୀକ୍ଷ ଯାନ, ଖୋଜି ସାରି
ନୂଆ ଦୁନିଆ ଯେଉଁଠି ନାହିଁ ମାଟି
ନାହିଁ ପାଣି ନାହିଁ ପବନ ନାହିଁ ଜଳ।

ମୋ: ୯୭୭୭୭୪୪୦୭୧

### ସପନ ଯାଇଛି ସରି

ଗୀତି-କବିତା

**ମଞ୍ଜୁଲତା ସିଂହ**

ଓଠ ଧାରୁ ହସ ଲିଭି ତ ଯାଇଛି
ସପନ ଯାଇଛି ସରି
ଅଦିନ ଝଡ଼ରେ ପୁଷ୍ପିତ ମନ
ଉପବନ ଗଲା ଝରି।
ନିଦ୍ରାବିହୀନ ରାତିର ଅନ୍ଧାରେ
ଜୀବନ ନଈର କୂଳେ
ଆଖିର ଲୁହରେ ସୁର ମୁଁ ତୋଳିଛି
ଛିନ୍ନ ବୀଣାର ତାରେ
ଉଦାସୀ ସଞ୍ଜରେ କାହିଁକି ଯେ ଏତେ
କାହା ସ୍ମୃତି ଉଠେ ଝଳି
ସପନ ଯାଇଛି ସରି।
ଶୁଣିଛି ଖାଲି ମୁଁ ଝରାପତ୍ରର
ମର୍ମର ଦୀର୍ଘଶ୍ୱାସ
ହସ ବୋଲି ଭାବି ଲୁହ ଯା' ପିଇଛି
ବିଷକୁ ଭାବି ପୀୟୂଷ
ବେଦନା ବିଧୁର ଏ ଛାତିରୁ କେତେ
ବିଳାପ ଯାଇଛି ଝରି
ସପନ ଯାଇଛି ସରି।
ଦରପୋଡ଼ା ଏଇ ପାଉଁଶ ଆଡ଼େଇ
ସାଉଁଟିଛି କେତେ ସ୍ମୃତି
ଶୂନ୍ୟ ହୃଦୟେ କାଟିଛି କେତେ ମୁଁ
ଅମା ଅନ୍ଧାର ରାତି
ଜାଣି ତ ପାରେନା ଜିତୁ ଜିତୁ ପୁଣି
କାହିଁକି ଗଲି ମୁଁ ହାରି
ସପନ ଯାଇଛି ସରି।

ମୋ: ୮୮୪୭୮୫୨୯୧୭

## କାଳକାଳକୁ

**"ଗତି ହିଁ ଜୀବନ;**
**ଭାରି ଭଲ ସେଇ ସାମର୍ଥ୍ୟ ଅର୍ଜନ,**
**ଯାହା ନିରନ୍ତର ପରିବର୍ତ୍ତନ ଦ୍ୱାରା**
**ଅତୀତକୁ ଭୁଲାଇଦିଏ ଓ**
**ବର୍ତ୍ତମାନକୁ ଶେଷ କରିଦିଏ।"**
**– ଜୁଲ୍‌ସ ଭର୍ନ**



**ଜୁଲ୍‌ସ ଗାବ୍ରିଏଲ୍ ଭର୍ନଙ୍କ** ଜନ୍ମ ୮ ଫେବୃଆରୀ ୧୮୨୮ରେ ଫ୍ରାନ୍ସର ନାଣ୍ଟେସ୍‌ରେ ଓ ପରଲୋକ ୨୪ ମାର୍ଚ୍ଚ ୧୯୦୫ରେ ଫ୍ରାନ୍ସର ଆମିଏନ୍‌ସରେ। ଏକାଧାରରେ ଔପନ୍ୟାସିକ, କବି ଓ ନାଟ୍ୟକାର ଏହି ଫରାସୀ ଲେଖକ କଳ୍ପ-ବିଜ୍ଞାନ, ଶିଶୁ-ସାହିତ୍ୟ, ଆତ୍ମଜୀବନୀ ଓ ଅଣ-କାଳ୍ପନିକ ପୁସ୍ତକର ମଧ ସଫଳ ସ୍ରଷ୍ଟା। ଭର୍ନଙ୍କର ବହୁ ପ୍ରସିଦ୍ଧ ରଚନାଗୁଡ଼ିକ ମଧରେ 'ଜର୍ନି ଟୁ ଦ ସେଣ୍ଟର ଅଫ୍ ଦ ଆର୍ଥ', 'ଟ୍ୱେଣ୍ଟି ଥାଉଜେଣ୍ଡ୍ ଲିଗ୍ସ ଅଣ୍ଡର ଦ ସିଜ୍' ଓ 'ଆରାଉଣ୍ଡ୍ ଦ ୱାର୍ଲଡ ଇନ୍ ଏଇଟି ଡେଜ୍' ଅନ୍ତର୍ଭୁକ୍ତ। ଫରାସୀ ଅଭିଯାନୀ ଉପନ୍ୟାସ ରଚନା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ ଏଇ ଲେଖକ।

# ପ୍ରେମିକାର ନାଁ ପଦ୍ମା

**ଲଘୁଗଳ୍ପ**

**ତେଜସ୍ୱିନୀ ପଣ୍ଡା**

ପ୍ରେମ କରିବାର କିଛି ଋତୁ ନ ଥାଏ, ସେ ବୈଶାଖ ହେଉ କି ଆଷାଢ଼। ବୈଶାଖର ଉଷ୍ମତା ଦୁଇଟି ସ୍ପନ୍ଦନର ଦୀପକୁ ତେଜିଦିଏ ତ ଆଷାଢ଼ର ବର୍ଷାବିନ୍ଦୁ ଦୁଇଟି ଶରୀରକୁ ଭିଜେଇଦିଏ। ପ୍ରକୃତିର ବର୍ଣ୍ଣାଢ୍ୟ ଉତ୍ସବରେ ଆହୁରି ପ୍ରେମସିକ୍ତ, ବାସ୍ନାୟିତ ହୁଏ ଧରଣୀ ରାଣୀ।

ସମରେଶ ଓ ଶାଶ୍ୱତୀଙ୍କ ପ୍ରେମ କାହାଣୀ ଆରମ୍ଭ ହୁଏ ଆଷାଢ଼ରେ। ସମରେଶ ସହରରେ ରହି ପାଠ ପଢ଼େ। ପଦାର୍ଥ ବିଜ୍ଞାନର ଛାତ୍ର। ଦେଖିବାକୁ ବି ଖୁବ୍ ସୁନ୍ଦର, ଭାରି ରସିକିଆ। ସାତଖଣ୍ଡ ଗାଁ ବୁଲିଆସିଲେ ବି ତା' ଉଚ୍ଚତାକୁ କେହି ସରି ନୁହେଁ। ଏବେ ଏବେ କୋଡ଼ିଏ ଛୁଇଁଛି, ସରୁ ନାକ ତଳେ ନିଶ ଧୀରେ ଧୀରେ କଅଁଳୁଛି, ଧଳାବର୍ଣ୍ଣର ଲମ୍ବାମୁହଁ, କଥାକୁହା ଆଖି ଦୁଇଟି ପ୍ରେମ ଅପେକ୍ଷାରେ, ଲାଲ୍ ଦିଶୁଥିବା ଓଠ ଯେମିତି ପ୍ରେମିକାକୁ ଚୁମ୍ବନ ଦେବାକୁ ଯୁଗଯୁଗ ଧରି ଅପେକ୍ଷା କରିଛି। ରଜଛୁଟିରେ ଗାଁକୁ ଆସିଥିଲା ସମରେଶ। ସମରେଶର ଘର ସାମ୍ନାରେ ଶାଶ୍ୱତୀ ଘରର ଝରକା ସଂପୂର୍ଣ୍ଣ ମୁହାଁମୁହିଁ ଚାହିଁ ରହିଛି। ଦୁଇଟି ଘର ମଝିରେ ଲମ୍ବିଯାଇଛି ଅଣଓସାରିଆ ପକ୍କା ରାସ୍ତା। ସମରେଶ ଶାଶ୍ୱତୀକୁ ଦେଖିବା ଆଶାରେ ଆଚାର ବାହାନାରେ ଯାଏ ଶାଶ୍ୱତୀ ଘରକୁ। ସହରରେ ଏତେ ଝିଅ କିନ୍ତୁ ଶାଶ୍ୱତୀ ଦେହରେ କି ମହୁ ଅଛି କେଜାଣି ସମରେଶ ତାକୁ ଦେଖିଲେ ପାଗଳ ଭଅଁର। ଶାଶ୍ୱତୀ ଗାଉଁଲି ଝିଅ। ମାଛିକୁ ମ ବୋଲି କୁହେନି। ପାଠ ବି ବେଶୀ ପଢ଼ିନି, ଖାଲି ମାଟ୍ରିକ୍ ପାସ୍ କରିଛି। ଦେଖିବାକୁ ଟିକେ ଶ୍ୟାମଳ ରଙ୍ଗର, ମୁହଁ ଗଢ଼ଣଟା ଭାରି ସୁନ୍ଦର, ଡେଙ୍ଗା ସରସର୍ ପତଳା ଚେହେରା। ପୋଖରୀରେ ପଶି ପଦ୍ମ ତୋଳୁଥିଲେ ତା' ହସହସ ମୁହଁ ଗୋଟାକ ଯେମିତି କାହା ପ୍ରେମରେ ଉବୁଟୁବୁ ହେଉଛି ଭଳି ଦିଶେ। ପ୍ରତ୍ୟେକ ଦିନ ସକାଳୁ ସମରେଶ ଲୁଚି ଲୁଚି ଘରୁ ବାହାରିଯାଏ ଗାଁ ପୋଖରୀକୂଳକୁ ବୋଧେ ଶାଶ୍ୱତୀକୁ ଦେଖାକରିବା ପାଇଁ। ଏମିତି ଆଚାର ବାହାନା ଆଉ କେତେ ଦିନ କରିବ? ଶାଶ୍ୱତୀ ପଦ୍ମ ତୋଳେ, ଫେରିଲା ବେଳକୁ କୂଳରେ ବସିଥାଏ ସମରେଶ। ଶାଶ୍ୱତୀ କିନ୍ତୁ କିଛି କୁହେନି, ଲାଜରେ ମୁହଁ ପୋତି ଚୁପ୍‌ଚାପ୍ ଚାଲିଆସେ। ଘରକୁ ଆସି ଲୁଚି ଲୁଚି ହସେ। ଭାବେ, ମୁଁ ଆଉ ଅଜାଣତରେ ସେ ରସିକିଆ ଟୋକାକୁ ପ୍ରେମ କରୁନି ତ? ଶାଶ୍ୱତୀ କ'ଣ ଜାଣେ ଚଉଦ ପନ୍ଦର ଦିନ ଭିତରେ ସମରେଶ ତାକୁ ଧୀରେ ଧୀରେ ଭଲପାଇ ବସିଛି। ସମରେଶ ତା' ସହ କେବେ କଥା ହେଇନି, କିନ୍ତୁ ପ୍ରେମ!



ନୀରବତାରେ କ'ଣ ପ୍ରେମ କରିହୁଏ! ହୃଦୟର ନୀରବତା ଓଠର କଥାଠାରୁ ବେଶି କିଛି କହିଯାଏ। ପ୍ରେମୀ ଯୁଗଳ ଅଭିମାନରେ ଥିଲେ ପ୍ରେମର ତାପମାତ୍ରା ବଢ଼େ, ଦୂରତା କମିଯାଇ ଦେହ ଆହୁରି ନିକଟତର ହୁଏ। ଶାଶ୍ୱତୀ କିନ୍ତୁ ମନରେ ସାହସ ବାନ୍ଧି ଦିନେ ପଦ୍ମତୋଳି ଫେରିଲା ବେଳକୁ ସମରେଶକୁ ଦେଖି ପଚାରିଲା ତୁମେ ସବୁଦିନ ଏଠି କାହିଁକି ଆସ?

– ସମରେଶ କହିଲା, ପ୍ରେମିକାକୁ ଦେଖା କରିବାକୁ।

– ଶାଶ୍ୱତୀ ପୁଣି ପ୍ରଶ୍ନକଲା କିଏ ତୁମ ପ୍ରେମିକା? ତା' ଘର କେଉଁଠି? ତା' ନାଁ କ'ଣ? ସେ କଳା ନା ଶ୍ୟାମଳ?

– ସମରେଶ ଉତ୍ତର ଦେଲା, ସିଏ ବେଶି ପଦ୍ମ ତୋଳେ ବୋଲି ତା ନାଁ ପଦ୍ମା। ତା' ଘର ମୋ' ଘର ଝରକା ସାମ୍ନାରେ, ତା' ଶରୀରର ବର୍ଣ୍ଣ ମୁରାରୀ ରଙ୍ଗର। ଶାଶ୍ୱତୀ ମନରେ ଆଶଙ୍କା ଓ ସନ୍ଦେହର ଝଡ଼ ଅକସ୍ମାତ୍ ବହିଗଲା। ଏମିତି ପରୋକ୍ଷ ଉତ୍ତର ଦେବାରେ ସମରେଶ ବେଶ୍ ମାହିର୍। କିନ୍ତୁ ସେ ତ କହିଲା ତା' ପ୍ରେମିକାର ନାଁ ପଦ୍ମା ବୋଲି ପୁଣି ଶାଶ୍ୱତୀ!

– ସମରେଶ ଏଥର ସିଧାସିଧା କହିଲା- ମୋ' ପ୍ରେମିକା ଯଦି ତୁମେ, ତୁମ ନାଁ ଯଦି ମୁଁ ପଦ୍ମା ଦିଏ, ତେବେ ତୁମର ଉତ୍ତର କ'ଣ ହେବ? ଶାଶ୍ୱତୀ ମନରୁ ଏବେ ସନ୍ଦେହ ଦୂର ହେଲା।

ନୂଆ ନୂଆ ସଦ୍ୟଜନ୍ମ କୃଷ୍ଣଚୂଡ଼ା ପରି ହସି ଉଠିଲା ଶାଶ୍ୱତୀ। ପଦ୍ମସମୂହ ତା' ଶ୍ୟାମଳ ହାତରେ ପ୍ରେମକୁ ସ୍ୱାଗତ କରି ନିଜକୁ ଶ୍ରେଷ୍ଠ ମଣୁଥିଲେ। ଶାଶ୍ୱତୀ ସମରେଶ ହାତକୁ ବଢ଼ାଇଦେଲା ପଦ୍ମ ଆଉ କହି ଚାଲିଲା, ଏ ପଦ୍ମମାନେ ନିର୍ଜୀବକୁ ଜୀବନ୍ତ କରିଛନ୍ତି, ଦୁଇ ପ୍ରେମୀ ଯୁଗଳଙ୍କ ଭିତରେ ଭରିଦେଇଛନ୍ତି ସ୍ୱର୍ଗୀୟ ପ୍ରେମ, ଆକାଶରେ ଆଙ୍କିଦେଇଛନ୍ତି ଆଷାଢ଼ର ମେଘ, ଶୂନ୍ୟତାକୁ ଦେଇଛନ୍ତି ପରିପୂର୍ଣ୍ଣତାର ରୂପ। ସମରେଶ ତୁମେ ମତେ କଥା ଦିଅ, ଏ ଆଷାଢ଼ର ପ୍ରେମ କେବେ ଶୁଷ୍କ ମରୁଭୂମି ନ ପାଲଟୁ, ସାରାବର୍ଷ ଏ ପ୍ରେମ ବର୍ଷା ଲାଗିରହୁ। ସମରେଶ ଶାଶ୍ୱତୀକୁ ତା' ପାପୁଲିର ପ୍ରଥମ ସ୍ପର୍ଶ ଦେଲା ଆଉ କହିଲା ଏ ଆଦ୍ୟ ଆଷାଢ଼ର ପ୍ରେମ ଅସରନ୍ତି ସମୁଦ୍ର ପରି ବ୍ୟାପିଯିବ, ସୂର୍ଯ୍ୟ ଓ ପଦ୍ମର ସମ୍ପର୍କ ପରି ତୁମେ ମୋ' ହୃଦୟରେ ସବୁଦିନ ପାଇଁ ପଦ୍ମ ସାଜି ଫୁଟି ଉଠିବ।

ମୋ: ୯୬୯୨୩୬୧୪୦୪

# ରୁଟ୍‌ଙ୍କ ଶତକ: ଇଂଲଣ୍ଡ ୩୦୨/୭

## ଚତୁର୍ଥ ଟେଷ୍ଟ

### ଆକାଶ ଦୀପ୍‌ଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ

**ରାଞ୍ଚି, ୨୩।୨**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ଚତୁର୍ଥ କ୍ରିକେଟ ଟେଷ୍ଟ ଶୁକ୍ରବାର ଏଠାରେ ଆରମ୍ଭ ହୋଇଛି। ଜୋ ରୁଟ୍‌ଙ୍କ ଅପରାଜିତ ଶତକ ସହାୟତାରେ ଇଂଲଣ୍ଡ ପ୍ରଥମ ଦିବସ ଖେଳ ଶେଷ ବେଳକୁ ୭ ଉଇକେଟ ହରାଇ ୩୦୨ ରନ ସଂଗ୍ରହ କରିଛି। ଏହି ମ୍ୟାଚରେ ଭାରତ ଦ୍ରୁତ ବୋଲର ଆକାଶ ଦୀପ ଟେଷ୍ଟ କ୍ୟାରିୟର ଆରମ୍ଭ କରିଛନ୍ତି।

### ଧୈର୍ଯ୍ୟ ଦେଖାଇଲେ ରୁଟ୍

ପ୍ରଥମ ୩ଟି ଟେଷ୍ଟରେ ଇଂଲଣ୍ଡ ଷ୍ଟାଇଲ ବାଜବଲ କ୍ରିକେଟ ଖେଳି ନିର୍ଭରଯୋଗ୍ୟ ବ୍ୟାଟର ଜୋ ରୁଟ୍ ସଫଳ ହୋଇ ନ ଥିଲେ। ମାତ୍ର ଏଠରେ ନିଜର ସ୍ୱାଭାବିକ ଗେମ୍ ଖେଳି ଧୈର୍ଯ୍ୟପୂର୍ଣ୍ଣ ଶତକ ହାସଲ କରିଛନ୍ତି ରୁଟ୍। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ ଦ୍ରୁତ ଆରମ୍ଭ କରିଥିଲା। ମାତ୍ର ଦଳ ୫୭ ରନ ମଧ୍ୟରେ ୩ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ଓପନର ଜ୍ୟାକ କ୍ରଲି ୪୨ ବଲ୍‌ରୁ ୪୨ ରନ କରିଥିବାବେଳେ ବେନ୍ ଡକେଟ ୧୧ ଓ ଓଲି ପୋପ୍ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ମିଡିଲ ଅର୍ଡରରେ ରୁଟ୍ ଓ ଜନି ବେୟାରଷ୍ଟୋ ଇନିଂସ ସମ୍ଭାଳିଥିଲେ। ମାତ୍ର ବେୟାରଷ୍ଟୋ ମଧ୍ୟ ଆକ୍ରମଣାତ୍ମକ ରଣନୀତିରେ ୩୫ ବଲ୍‌ରୁ ୩୮ ଏବଂ ଅଧିନାୟକ ବେନ୍ ଷ୍ଟୋକ୍ସ ୩ ରନ କରି ଆଉଟ ହେବାରୁ ୨୪.୧ ଓଭର ବେଳକୁ ଇଂଲଣ୍ଡ ସ୍କୋର ୧୧୨/୫ ହୋଇଯାଇଥିଲା। ରୁଟ୍‌ଙ୍କ ସହ ଯୋଗଦେଇ ବେନ୍ ଫୋକ୍ସ ରକ୍ଷଣାତ୍ମକ ବ୍ୟାଟିଂ କରିବାରୁ ୬ଷ୍ଠ ଉଇକେଟରେ ଶତକୀୟ ଭାଗୀଦାରି ସମ୍ଭବ ହୋଇଥିଲା। ଦୁହେଁ ୨୬୧ ବଲ୍‌ରୁ ୧୧୩ ରନ ସଂଗ୍ରହ କରିଥିଲେ। ଫୋକ୍ସ ୧୨୬ ବଲ୍‌ରୁ ୪୭ ରନକରି ମହମ୍ମଦ ସିରାଜଙ୍କ ବଲ୍‌ରେ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଟମ୍ ହାର୍ଟଲେ ମାତ୍ର ୧୩ ରନ କରିବାକୁ ସକ୍ଷମ ହୋଇଥିଲେ। ୨୧୯ ବଲ୍‌ରୁ ଶତକ ପୂରଣ କରିଥିବା ରୁଟ୍ ୧୦୬ (୨୨୬ ବଲ, ୯ ଚୌକା) ରନରେ ଅପରାଜିତ ରହି ଅସମାପ୍ତ ୭ମ ଉଇକେଟରେ ଓଲି ରବିନସନ (୩୧ରନ)ଙ୍କ ସହ ୫୭ ରନର ଭାଗୀଦାରି ଗଢ଼ି ଇଂଲଣ୍ଡକୁ ସମ୍ମାନଜନକ ସ୍କୋର ଆଡ଼କୁ ନେଇଛନ୍ତି।



ଶଟ୍ ଖେଳିବା ଅବସରରେ ଜୋ ରୁଟ୍।

### ଆରମ୍ଭରୁ ପ୍ରଭାବୀ

କ୍ୟାରିୟରରେ ୩୦ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳି ସାରିଥିବା ୨୭ ବର୍ଷୀୟ ଆକାଶ ଦୀପ୍ ଟେଷ୍ଟ ଡେବ୍ୟୁରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ମ୍ୟାଚ ଆରମ୍ଭ ପୂର୍ବରୁ କୋଚ୍ ରାହୁଲ ଦ୍ରାଭିଡ ତାଙ୍କୁ ଟିମ୍ ଇଣ୍ଡିଆ କ୍ୟାପ ପ୍ରଦାନ କରିଥିଲେ। ଭାରତର ୩୧୩ତମ ଖେଳାଳିଭାବେ ସେ ଟେଷ୍ଟ କ୍ୟାପ୍ ପାଇଥିଲେ। ପ୍ରଥମ ଦିବସରେ ଆକାଶ ୧୭ ଓଭର ବୋଲିଂ ସୁଯୋଗ ପାଇଥିବାବେଳେ ୭୦ ରନ ବିନିମୟରେ ୩ଟି ଉଇକେଟ ନେଇଛନ୍ତି। ସେ ଡକେଟ ତାଙ୍କର ପ୍ରଥମ ଟେଷ୍ଟ ଉଇକେଟ ହୋଇଥିବାବେଳେ ପରେ ସେ ପୋପ୍ ଓ କ୍ରଲିଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ। ମହମ୍ମଦ ସିରାଜ ୨ଟି ଉଇକେଟ ନେଇଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୦୨/୭ (ଜୋ ରୁଟ୍-୧୦୬*, ବେନ୍ ଫୋକ୍ସ-୪୭, ଜ୍ୟାକ କ୍ରଲି-୪୨, ଆକାଶ ଦୀପ୍-୩/୭୦, ମହମ୍ମଦ ସିରାଜ-୨/୬୦, ରବିଚନ୍ଦ୍ରନ ଅଶ୍ୱିନ-୧/୮୩, ରବୀନ୍ଦ୍ର ଜାଡେଜା-୧/୫୫)।



କ୍ୟାରିୟରର ପ୍ରଥମ ଟେଷ୍ଟ ମ୍ୟାଚରେ ଉଇକେଟ ନେବାପରେ ଉଲ୍ଲସିତ ଭାରତୀୟ ଦ୍ରୁତ ବୋଲର ଆକାଶ ଦୀପ୍।

## ସ୍ୱଦେଶ ଫେରିଗଲେ ଇଂଲଣ୍ଡ ସ୍ପିନର ରେହାନ ଅହମଦ

**ରାଞ୍ଚି, ୨୩।୨ (ପି.ଟି.)**

ଇଂଲଣ୍ଡ ଯୁବ ସ୍ପିନର ରେହାନ ଅହମଦ ବ୍ୟକ୍ତିଗତ କାରଣରୁ ଘରବାହୁଡ଼ା କରିଛନ୍ତି। ସେ ଭାରତ ବିପକ୍ଷ ଚଳିତ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ଅବଶିଷ୍ଟାଂଶ ଖେଳିବେ ନାହିଁ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଶୁକ୍ରବାର ଏକ ବିବୃତିରେ ପ୍ରକାଶ କରିଛନ୍ତି। ଏହି ୧୯ ବର୍ଷୀୟ କ୍ରିକେଟର ସିରିଜର ପ୍ରଥମ ୩ ଟେଷ୍ଟରେ ୪୪ ଆଭରେଜରେ ୧୧ ଉଇକେଟ ଅକ୍ତିଆର କରିଛନ୍ତି। ତନ୍ମଧ୍ୟରେ ବିଶାଖାପାଟଣାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ୬ ଉଇକେଟ ସଫଳତା ଅନ୍ୟତମ। ସେ ଜରୁରୀ ପାରିବାରିକ କାରଣରୁ ସ୍ୱଦେଶ ଫେରିଥିବା କୁହାଯାଉଛି। ଟୁର୍‌ର ଅବଶିଷ୍ଟାଂଶ ପାଇଁ ଅହମଦଙ୍କ ସ୍ଥାନରେ ଇଂଲଣ୍ଡ ନୂଆ ଖେଳାଳି ସାମିଲ କରିବ ନାହିଁ। ଇଂଲଣ୍ଡ ଶୁକ୍ରବାର ଚତୁର୍ଥ ଟେଷ୍ଟ ପାଇଁ ଅହମଦଙ୍କ ସ୍ଥାନରେ ଶୋଏବ ବଶିରଙ୍କୁ ସାମିଲ କରିଛି। ୫ ମ୍ୟାଚ ବିଶିଷ୍ଟ ସିରିଜର ଆଉ ଗୋଟିଏ ମ୍ୟାଚ ବାକି ରହିଛି। ଇଂଲଣ୍ଡ ଦଳରେ ଆଉ ଜଣେ ସ୍ପିନର ଅଛନ୍ତି। ସେ ହେଲେ ହାମହାତୀ ସ୍ପିନର ଟମ୍ ହାର୍ଟଲୀ। ଟୁର୍‌ରେ ସେ ସବୁଠାରୁ ଅଧିକ ୧୬ ଉଇକେଟ ନେଇଛନ୍ତି। ଚଳିତମାସ ପ୍ରାରମ୍ଭରେ ଏହି ପାକିସ୍ତାନୀ ବଂଶୋଦ୍ଭବ ତୃତୀୟ ଟେଷ୍ଟ ଖେଳିବା ପାଇଁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ ଆସି ପହଞ୍ଚିବା ପରେ ଭିଜା ସମସ୍ୟାରେ ପଡ଼ିଥିଲେ।



ଓମେନ୍ସ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ସମାରୋହରେ ଶୁକ୍ରବାର ଅଭିନେତା ଶାହରୁଖ ଖାନ୍‌ଙ୍କ ସହ ଅଂଶଗ୍ରହଣକାରୀ ୫ ଦଳର ଅଧିନାୟିକା।

# ଆଲିସ୍ କାପ୍‌ସେଙ୍କ ଦ୍ରୁତ ଅର୍ଦ୍ଧଶତକ

**ବେଙ୍ଗାଲୁରୁ, ୨୩।୨**

ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶୁକ୍ରବାର ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଆରମ୍ଭ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଉଦ୍‌ଘାଟନୀ ମ୍ୟାଚରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଛନ୍ତି ଦିଲ୍ଲୀ କ୍ୟାପିଟାଲ୍ସର ଆଲିସ୍ କାପ୍‌ସେ। ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କ୍ୟାପିଟାଲ୍ସ ମାତ୍ର ୩ ରନରେ ଓପନର ଶେଫାଳି ବର୍ମାଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ଅଧିନାୟିକା ମେଗ୍ ଲାନିଂ ଓ କାପ୍‌ସେ ଦ୍ୱିତୀୟ ଉଇକେଟରେ ୬୪ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ। ଲାନିଂ ୨୫ ବଲ୍‌ରୁ ୩୧ ରନକରି ଆଉଟ ହୋଇଯାଇଥିବାବେଳେ କାପ୍‌ସେ ତୃତୀୟ ଉଇକେଟରେ ଜେମିମା ରୋଡ୍ରିଗ୍ସେଜଙ୍କ ସହ ୭୪ (୪୦ ବଲ୍) ରନର ପାର୍ଟନରଶିପ୍ କରି ଦିଲ୍ଲୀକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇ ଦେଇଥିଲେ। କାପ୍‌ସେ ଦଳ ପକ୍ଷରୁ ସର୍ବାଧିକ ୭୫ (୫୩ ବଲ, ୮ ଚୌକା, ୩ ଛକା) ଓ ରୋଡ୍ରିଗ୍ସେଜ ୪୨ ରନ ସ୍କୋର କରିଥିଲେ। ମୁମ୍ବାଇ ବୋଲରଙ୍କ ମଧ୍ୟରେ ନାଟ୍ ସ୍କିଭର-ବ୍ରଣ୍ଟ ଓ ଆମେଲିକା କେର ୨ଟି ଲେଖାଏ ଏବଂ ଶବନିମ ଇସମାଇଲ ଗୋଟିଏ ଉଇକେଟ ନେଇଥିଲେ।

## ଅଭୟ ସିଂ ସେମିରେ

**ନୂଆଦିଲ୍ଲୀ, ୨୩।୨ (ପି.ଟି.):**
ଏସିଆନ ଗେମ୍ସ ପଦକ ବିଜେତା ଅଭୟ ସିଂ ଟରଣ୍ଟୋରେ ଚାଲିଥିବା ୯୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଚ୍ୟାଲେଞ୍ଜର ଇଭେଣ୍ଟ ଗୁଡ୍‌ୱିଲ କ୍ଲାସିକ ସ୍କ୍ୱାଶ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହାଦ୍ୱାରା ଟପ୍ ସିଡ୍ ଅଭୟ ତାଙ୍କ ଦ୍ୱିତୀୟ ପିଏସ୍ଏ ଚ୍ୟାଲେଞ୍ଜର ଟାଇଟଲ ଆଶାକୁ ଉଜ୍ଜୀବିତ ରଖିଛନ୍ତି। କ୍ୱାର୍ଟରଫାଇନାଲରେ ସେ ଫ୍ରାନ୍ସର ମ୍ୟାସିଓ ଲେଭିଙ୍କୁ ୧୩-୧୧, ୧୧-୭, ୧୧-୩ରେ ହରାଇ ଦେଇଛନ୍ତି। ଅଭୟ ହାଙ୍ଗଝୋ ଏସିଆନ ଗେମ୍ସରେ ଟିମ୍ ଗୋଲ୍ଡ ଏବଂ ମିକ୍ସଡ ଡବଲ୍ସ ବ୍ରୋଞ୍ଜ ଜିତିଛନ୍ତି।

## ନ୍ୟୁଜିଲାଣ୍ଡକୁ ୭୨ ରନରେ ହରାଇଲା ଅଷ୍ଟ୍ରେଲିଆ

**ଅକ୍‌ଲାଣ୍ଡ, ୨୩।୨**

### ଦ୍ୱିତୀୟ ଟି୨୦

ଆଡାମ ଜାମ୍ପା (୪/୩୪)ଙ୍କ ଚମତ୍କାର ବୋଲିଂ ଯୋଗୁ ଏଠାରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆ ୭୨ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏଥି ସହିତ ଦଳ ୨-୦ରେ ଅଗ୍ରଣୀ ଲାଭ କରିବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜ ଆଗୁଆ କବ୍‌ଜା କରିନେଇଛି। ନ୍ୟୁଜିଲାଣ୍ଡ ହେଉଛି ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଦଳ। ଏହି ଦଳ ବିପକ୍ଷରେ ସିରିଜ ବିଜୟ ଲାଭ କରିବା ଦ୍ୱାରା ଅଷ୍ଟ୍ରେଲିଆ ଦୃଢ଼ ଆତ୍ମବିଶ୍ୱାସର ସହ ଜୁନରେ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ହେବାକୁଥିବା ଟି୨୦ ବିଶ୍ୱକପ୍‌କୁ ଯିବ। ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ ୬ଉଇକେଟରେ ଜିତିଥିଲା। ଦୁଇ ଦଳ ମଧ୍ୟରେ ତୃତୀୟ ତଥା ଅନ୍ତିମ ମ୍ୟାଚ ରବିବାର ଇଡେନପାର୍କଠାରେ ଖେଳାଯିବ। ଅଧିନାୟକ ମିଚେଲ ମାର୍ଶ ଏହାକୁ ଏକ ବଡ଼ ବିଜୟ ବୋଲି କହିଛନ୍ତ। ପ୍ରଥମେ ବ୍ୟାଟିଂ କଲା ପରେ ୫୦ ରନ ଅଭାବ ରହିଥିଲା ବୋଲି ଆମେ ମନେ କରିଥିଲୁ। ମାତ୍ର ବୋଲରମାନଙ୍କୁ ଚମତ୍କାର ବୋଲିଂ ଯୋଗୁ ନ୍ୟୁଜିଲାଣ୍ଡ ଦଳକୁ ସ୍ୱଳ୍ପ ସ୍କୋରରେ ସୀମିତ କରି ଦେଇଥିଲୁ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ଇନିଂସ: ୧୯.୫ ଓଭରରେ ୧୭୪/ଅଲଆଉଟ (ଟ୍ରାଭିସ ହେଡ୍-୪୫, ପ୍ୟାଟ କୁମିନ୍ସ-୨୮, ମିଚେଲ ମାର୍ଶ-୨୬; ଲୋକି ଫର୍ଗୁସନ-୪/୧୨, ବେନ୍ ସିଅର୍ସ-୨/୨୯, ମିଚେଲ ସାଣ୍ଟନର-୨/୩୫, ଆଡାମ ମିଲ୍‌ନେ-୨/୪୦)। ନ୍ୟୁଜିଲାଣ୍ଡ ଇନିଂସ: ୧୭ ଓଭରରେ ୧୦୨/ଅଲଆଉଟ (ଗ୍ଲେନ ଫିଲିପ୍ସ-୪୨, ଟ୍ରେଣ୍ଟ ବୋଲ୍ଟ-୧୬; ଆଡାମ ଜାମ୍ପା ୪/୩୪, ନାଥାନ ଏଲିସ-୨/୧୬)।

# ବାପୁଜୀ, ରାମେଶ୍ୱର ସ୍ପୋର୍ଟିଂ ବିଜୟୀ

**ଭୁବନେଶ୍ୱର, ୨୩।୨**
**(ତପନ ସ୍ୱାଇଁ)**

ମୁନ୍ ଲାଇଟ୍ ୟୁଥ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୭ମ ନବ ଦାସ ଓ ୩ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ୩ୟ ଓ ୪ର୍ଥ ଲିଗ୍ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ବାପୁଜୀ କ୍ରିକେଟ କ୍ଲବ ଓ ରାମେଶ୍ୱର ସ୍ପୋର୍ଟିଂ ବିଜୟ ହାସଲ

### ନବ ଦାସ ଓ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ

କରିଛି। ଦିବସର ପ୍ରଥମ ମ୍ୟାଚରେ ବାପୁଜୀ କ୍ଲବ ୭୦ ରନରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ବ୍ୟାଟିଂ ନିଷ୍ପତ୍ତି ନେଇଥିବା ବାପୁଜୀ କ୍ଲବ ୨୦ ଓଭରରେ ୭ ଉଇକେଟ ହରାଇ ୨୫୬ ରନ କରିଥିଲା। ଦଳ ପକ୍ଷରୁ କ୍ଷମାସାଗର ବଳ ସର୍ବାଧିକ ୯୬ ଓ ସିଦ୍ଧାନ୍ତ କୁମାର ଜେନା ୭୩ ରନ କରିଥିଲେ। ବିପକ୍ଷ ଦଳର ବୋଲର ବିଶାଳ କର ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ୨୫୭ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଟାଉନ୍ କ୍ଲବ ୨୦ ଓଭରରେ ୭ ଉଇକେଟ ହରାଇ ୧୮୬ ରନ କରିବାକୁ ସକ୍ଷମ ହୋଇଥିଲା। ବିଶାଳ କର ୪୩ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ସୟଦ ଜାକି ଓ ମନୋଜ କୁମାର ବାରିକ ୨ଟି ଲେଖାଏ ଉଇକେଟ ନେଇଥିଲେ। କୈଳାସ ପାତ୍ର ଅତିଥିଭାବେ ଯୋଗଦେଇ କ୍ଷମାସାଗରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ୧୮ ରନରେ ପ୍ରଗତି ସ୍ପୋର୍ଟିଂକୁ ହରାଇ ଦେଇଛି। ରାମେଶ୍ୱର ୨୦ ଓଭରରେ ୧୪୬ ରନ୍‌କରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ମଲିକ ସର୍ବାଧିକ ୩୬ ଓ ଏମ.ଜି. ଗୋପାଳ ୩୦ ରନ କରିଥିଲେ। ପ୍ରତିପକ୍ଷ ଦଳର ମିଳନ ସାମଲ ୪ଟି ଓ ସୁମିତ ମହାରଣା ୨ଟି ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୧୯.୧ ଓଭରରେ ୧୨୮ ରନକରି ଅଲ୍‌ଆଉଟ ହୋଇଥିଲା। ଶୁଭମ୍ ନାଏକ ସର୍ବାଧିକ ୪୩ ରନ କରିଥିଲେ। ରାମେଶ୍ୱରର ସମ୍ମିତ ବରାଳ ଓ ଲାଲୁ ମହାନ୍ତି ୨ଟି ଲେଖାଏ ଉଇକେଟ ନେଇଥିଲେ। ରଣଜୀ ଖେଳାଳି ତଥା ଚୟନକର୍ତ୍ତା ଦୀପକ ମଙ୍ଗରାଜ ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଏମ.ଜି. ଗୋପାଳଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଦେଇଥିଲେ।



ଏମ.ଜି. ଗୋପାଳ ଓ କ୍ଷମାସାଗର ବଳଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ପାକିସ୍ତାନକୁ ହରାଇଲା ଭାରତ

**ଦୁବାଇ, ୨୩।୨**

### ଫ୍ରେଣ୍ଡଶିପ୍ ଦୃଷ୍ଟିବାଧିତ ଟି୨୦ କ୍ରିକେଟ

ଏଠାରେ ଚାଲିଥିବା ଫ୍ରେଣ୍ଡଶିପ୍ ଦୃଷ୍ଟିବାଧିତ ଟି୨୦ କ୍ରିକେଟ ସିରିଜର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଭାରତ ୪୬ ରନରେ ପାକିସ୍ତାନକୁ ପରାସ୍ତ କରିଛି। ପ୍ରଥମ ବ୍ୟାଟିଂ କରିଥିବା ଭାରତ ସୁନୀଲ ରମେଶଙ୍କ ୬୧ ବଲ୍‌ରୁ ଦ୍ରୁତ ୮୭ ରନ ବଳରେ ୨୦ ଓଭରରେ ୩ ଉଇକେଟ ହରାଇ ୨୨୪ ରନ କରିଥିଲା। ଡି. ଭେଙ୍କଟେଶ୍ୱର ରାଓ ୫୬ ଓ ଅଜୟ ରେଡ୍ଡୀ ୪୨ ରନ ସ୍କୋର କରିଥିଲେ। ଜବାବରେ ପାକିସ୍ତାନ ୨୦ ଓଭରରେ ୬ ଉଇକେଟ ହରାଇ ୧୭୮ ରନରେ ସୀମିତ ରହିଥିଲା। ଏହି ବିଜୟ ଫଳରେ ଭାରତ ସିରିଜକୁ ୧-୧ ସ୍ଥିତିକୁ ଆଣିଛି। ଦୁବାଇରେ ଅବସ୍ଥାପିତ ପାକିସ୍ତାନର କନସୁଲ ଜେନେରାଲ ହୁସେନ ମହମ୍ମଦ ଅତିଥିଭାବେ ଯୋଗଦେଇ ଭାରତର ସୁନୀଲ ରମେଶଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦୁଇ ଦଳ ମଧ୍ୟରେ ତୃତୀୟ ତଥା ଅନ୍ତିମ ମ୍ୟାଚ ରବିବାର ଅନୁଷ୍ଠିତ ହେବ।



ଅତିଥିଙ୍କଠାରୁ ଭାରତର ସୁନୀଲ ରମେଶ ପୁରସ୍କାର ଗ୍ରହଣ କରୁଛନ୍ତି।

**ବହୁମୁଖୀ ଇନଡୋର୍ ଷ୍ଟାଡିୟମ ଭିତ୍ତିପ୍ରସ୍ତର ସ୍ଥାପନ**

ଟିଟିଲାଗଡ,(ଶରତ ମିଶ୍ର): ବଲାଙ୍ଗୀର ଜିଲା ଟିଟିଲାଗଡଠାରେ ବହୁମୁଖୀ ଇନଡୋର୍ଷ୍ଟାଡିୟମ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଆଭାସୀ ମାଧ୍ୟମରେ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଟିଟିଲାଗଡରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ଜିଲାପାଳ ଗୌରଵ ଶିୱାଜୀ ଇସଲୱାର, ଉପଜିଲାପାଳ, ରେହାନ ଖେତ୍ରୀ, ଜିଲା ପରିଷଦ ସଦସ୍ୟା ଗୀତା ବିଶି, ପଞ୍ଚାୟତ ସମିତି ଅଧକ୍ଷା ସଞ୍ଜୁକ୍ତା ନାଏକ, ପୌର ପରିଷଦ, ଉପାଧକ୍ଷ୍ୟା ପୁଷ୍ପାମଞ୍ଜରି ଜାଲ, ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି, ଏସଡିଓ ପୂର୍ତ୍ତ ବିଭାଗ ଦିଲେଶର ମାଝି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ଦେଇଥିଲେ।

## ସଂକ୍ଷେପରେ

### ବେସରକାରୀ ଡ୍ରାଇଭର ସଂଘ ଉପଜିଲାପାଳଙ୍କ ଦ୍ୱାରସ୍ଥ

**ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନା ସମସ୍ୟା**

ପାଟଣାଗଡ଼,୨୩।୨(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ଶୁକ୍ରବାର ବେସରକାରୀ ଡ୍ରାଇଭର ସଂଘ କର୍ମକର୍ତ୍ତା ଉପଜିଲାପାଳଙ୍କୁ ଫେରାଦ ହୋଇଥିଲେ। ସଂଘ ସଭାପତି ସମରେନ୍ଦ୍ର ଦାସଙ୍କ ନେତୃତ୍ୱରେ ଯାଇଥିବା କର୍ମକର୍ତ୍ତାମାନେ ଏ ସମ୍ପର୍କରେ ଉପଜିଲାପାଳଙ୍କ ସହ ଆଲୋଚନା କରି ୬ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଦାବିଗୁଡିକ ମଧ୍ୟରେ ଜରୁରୀକାଳୀନ ସେବାଗୁଡ଼ିକର ସମାଧାନ, ମହାପ୍ରୟାଣ ଗାଡିର ବିନା ଶୁଳ୍କ ସେବା, କାର୍ଯ୍ୟରତ ଡାକ୍ତରମାନେ ଡାକ୍ତରଖାନାକୁ ନିୟମ ଅନୁସାରେ ନ ଆସିବା, ଭେଷଜ ବିଶେଷଜ୍ଞ ବର୍ହିଃ ବିଭାଗରେ ନ ବସିବା, ଷ୍ଟାଫନର୍ସ, ଆଟେଣ୍ଡାଣ୍ଟ ପଦବୀ ପୂରଣ, ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଆଦି ରହିଛି। ଉପଜିଲାପାଳ ଅମିତ ନାୟକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରାଯିବ ବୋଲି ସଂଘ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଡ୍ରାଇଭର ସଂଘ କର୍ମକର୍ତ୍ତା ଏସ୍‌ଡିଏମଓ ଡ.ପିତବାସ ସାଙ୍କୁ ସାକ୍ଷାତ୍ କରି ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ।

### ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଦେଓଗାଁ,୨୩।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପୂର୍ଣ୍ଣଚନ୍ଦ୍ର ହାଇସ୍କୁଲ ମାଟ୍ରିକ ବୋର୍ଡ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପରୀକ୍ଷା କେନ୍ଦ୍ରରେ ନିଯୁକ୍ତି ନିରୀକ୍ଷକ ହଲ ଭିତରେ ବିନା କାରଣରେ ପରୀକ୍ଷାର୍ଥୀଙ୍କୁ ଦୁର୍ବ୍ୟବହାର ସହ କେତେକଙ୍କଠାରୁ ଖାତା ଟାଣି ନେଇ ହଇରାଣ କରିଥିବା କିଛି ପରିକ୍ଷାର୍ଥୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ନବୀନ ମେହେରଙ୍କୁ ପଚାରିବାରୁ ଏହାର ତଦନ୍ତକରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି ବୋଲି କହିଛନ୍ତି ।

### ୩୩୫ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

ଖଡ଼ିଆଲ,୨୩।୨(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଲ ବ୍ଲକ ସମ୍ମିଳନୀ କକ୍ଷଠାରେ ବ୍ଲକ ପ୍ରଶାସନ ପକ୍ଷରୁ ୩୩୫ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ଭତ୍ତା ଯୋଜନାରେ ସାମିଲ କରି ପ୍ରଥମ ମାସ ଭତ୍ତା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଖଡ଼ିଆଲ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଭତ୍ତା ପ୍ରଦାନ କରିଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଖଡିଆଲ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ଖଡିଆଲ ବିଡ଼ିଓ ବିରସେନ ବେହେରା, ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡିଙ୍କ ସହ ବହୁ ନାଗରିକ, ହିତାଧିକାରୀ ଯୋଗଦେଇଥିଲେ। ଖଡିଆଲ ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ବର୍ତ୍ତମାନ ପର୍ଯ୍ୟନ୍ତ ୧୧ ହଜାର ୬୨୯ ଜଣ ଭତ୍ତା ପାଉଥିବା ବେଳେ ଜାତୀୟ ସାମାଜିକ ସୁରକ୍ଷା ସହାୟତା ଯୋଜନାରେ ୮ ହଜାର ୯ ଜଣ ଭତ୍ତା ପାଉଛନ୍ତି।

# ଶିଳାନ୍ୟାସ ହେଲା, କାମ ହେଉନି

ଦେଓଗାଁ,୨୩।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

**ଦେଷଣ୍ଡ ଚାନ୍ଦିଲି ପାହାଡ଼ ବିକାଶ ପ୍ରସଙ୍ଗ**

- ଟେଣ୍ଡର ହୋଇ କାମ ନ ହେବାରୁ ଜନ ଅସନ୍ତୋଷ
- କାମ ବିଳମ୍ବ ହେଲେ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ: ଅଧିକାରୀ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦିଲି ପାହାଡକୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ସହ ବିକାଶ ପାଇଁ ୧କୋଟି ଟଙ୍କା ଅନୁଦାନ ଦେଇଛନ୍ତି। କିନ୍ତୁ ସରକାର ଦେଇଥିବା ଅନୁଦାନ କାମ ନ ହୋଇ ପଡି ରହିଥିବା ସ୍ଥାନୀୟ ସରପଞ୍ଚ ଯଶୋଦା ମେହେର ଅଭିଯୋଗ କରିଛନ୍ତି।

ଚାନ୍ଦିଲି ପାହାଡର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ମଞ୍ଜୁର କରିଥିବା ୧ କୋଟି ଟଙ୍କାର ଅନୁଦାନ ତା୨୮।୧୨।୨୦୨୩ରିଖରେ ଟେଣ୍ଡର ହୋଇଥିଲା। କାମ ପାଇଥିବା ଠିକାଦାର ଟେଣ୍ଡର ପାଇବାର ୩ମାସ ବିତି ଯାଇଥିଲେ ମଧ୍ୟ କାମ ଆରମ୍ଭ କରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପ୍ରକଳ୍ପ କାମ ଛଅମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସରକାରୀ ସ୍ତରରେ ନିୟମ ରହିଛି। କିନ୍ତୁ ଟେଣ୍ଡର ପ୍ରକ୍ରିୟାର ତିନିମାସ ଅବଧି ବିତିଯାଇଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।



ଦିଆଯାଇଥିବା ଶିଳାନ୍ୟାସ ଫଳକ।

ଦେଓଗାଁ ବ୍ଲକର ବିକାଶ ପାଇଁ ସ୍ଥାନୀୟ ନେତାମାନେ ଶିଳାନ୍ୟାସ ପାଇଁ କ୍ରିୟାଶୀଳ ହେଉଥିବାବେଳେ କାମର ତତ୍ପରତା ପାଇଁ କାହାର ନଜର ନାହିଁ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଏ ନେଇ ଦେଓଗାଁ ପଞ୍ଚାୟତ ସମିତି ଅଧକ୍ଷ ଦାୟନିଧି ଖମାରୀଙ୍କୁ ପଚାରିବାରୁ ଟେଣ୍ଡର ପାଇଥିବା ଠିକାଦାରଙ୍କୁ ୬ମାସ ଭିତରେ କାମ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ବ୍ୟତିକ୍ରମ ଘଟିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ବିଭାଗୀୟ ଜେ.ଇ ପ୍ରଶାନ୍ତ କୁମାର ନାଏକ କହିଛନ୍ତି କାମ କରିବାକୁ ମୁଁ ଲେଆଉଟ ଦେଇସାରିଛି। କାମରେ ଠିକାଦାର ଅବହେଳା କଲେ ତାଙ୍କ ବିରୋଧରେ ଓ.ଟି(ଓଭର ଟାଇମ ଡ୍ୟୁ) ପାଇଁ ଜିଲାପାଳଙ୍କୁ ଲେଖାଯିବ ବୋଲି କହିଥିଲେ। ବଲାଙ୍ଗୀର ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂଙ୍କୁ ପଚାରିବାରୁ କାହିଁକି କାମ ଆରମ୍ଭ ହୋଇନାହିଁ ସେ ନେଇ ବିଡିଓଙ୍କ ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ। ଯିଏ ଅବହେଳା କରିଛି ତାଙ୍କ ବିରୋଧରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ସାମାଜିକ ସୁରକ୍ଷା ଭତ୍ତା ବର୍ଦ୍ଧିତ ରାଶି ବଣ୍ଟନ



ଜଣେ ହିତାଧିକାରୀଙ୍କୁ ମନ୍ତ୍ରୀ ଭତ୍ତା ପ୍ରଦାନ କରୁଛନ୍ତି।

ଟିଟିଲାଗଡ଼,୨୩।୨(ଶରତ ମିଶ୍ର)

ଟିଟିଲାଗଡ ରାଜ କନୱର୍ ପାର୍କରେ ଶୁକ୍ରବାର ସାମାଜିକ ସୁରକ୍ଷା ଭତ୍ତା ଓ ଜୀବିକା ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ ୩୧୦୮ଜଣଙ୍କୁ ବର୍ଦ୍ଧିତ ଭତ୍ତା ଓ ୬୦୮୩ଜଣଙ୍କୁ ଜୀବିକା ସହାୟତା ରାଶି ବଣ୍ଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ବର୍ଦ୍ଧିତ ଭତ୍ତା ରାଶି ହିତାଧିକାରୀଙ୍କ ଦୈନନ୍ଦିନ ଜୀବନକୁ ସହଜ କରିବ। ସମ୍ମାନୀତ ଅତିଥିଭାବେ ଉପଜିଲାପାଳ ରେହାନ ଖେତ୍ରି, ପୌର ପରିଷଦ ଉପାଧକ୍ଷା ପୁଷ୍ପାମଞ୍ଜରି ଜାଲ, ପୌର ନିର୍ବାହୀ ଅଧିକାରୀ ମନୋଜ ତାଣ୍ଡି ଓ କାଉନସିଲର ମଞ୍ଚାସୀନ ଥିଲେ।

# ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଠକେଇ, ୩ ଗିରଫ



ପୋଲିସ ଗିରଫ କରିଥିବା ୩ ଅଭିଯୁକ୍ତ।

ପାଟଣାଗଡ,୨୩।୨(ସଚ୍ଚିଦାନନ୍ଦ ମହାକୁର)

ରୋଗୀସେବା ନାଁରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବ୍ୟବହାର କରି ଟଙ୍କା ଆତ୍ମସାତ୍ କରୁଥିବା ୩ ଜଣଙ୍କୁ ଶୁକ୍ରବାର ବଲାଙ୍ଗୀର ଜିଲା ବେଲପଡା ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ବେଲପଡାର ଦୁର୍ଯ୍ୟୋଧନ ସାହୁ, ଡିଙ୍ଗୁରିପାଲିର ଶ୍ରୀପତି ମିଶ୍ର ଓ ଧୁମାଭଟାର କାର୍ତ୍ତିକ କେଶର ଦେଓ ଓରଫ ଚନ୍ଦୁ। ପାଟଣାଗଡ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତ ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ଏସ୍‌ଡିପିଓ ସଦାନନ୍ଦ ପୂଝାରୀ ।

ଏସ୍‌ଡିପିଓ ପୂଝାରୀଙ୍କ ସୂଚନା ଅନୁସାରେ ଦୁର୍ଯ୍ୟୋଧନ, ଶ୍ରୀପତି ଓ କାର୍ତ୍ତିକ ବେଲପଡା ଓ ଆଖପାଖ ଅଞ୍ଚଳରୁ ଗରିବ ଶ୍ରେଣୀର ରୋଗୀଙ୍କୁ ମାଗଣା ଭଲ ଚିକିତ୍ସା, ଆବଶ୍ୟକ ଔଷଧ ପତ୍ର, ଖାଦ୍ୟପେୟ ସହ ଯିବା ଆସିବା ଖର୍ଚ୍ଚ ପଡ଼ିବ ନାହିଁ କହି ପ୍ରଲୋଭିତ କରୁଥିଲେ। ପରେ ଛତିଶଗଡ଼ ରାଜ୍ୟ ରାୟପୁରର ବନ୍ଧିଆ ଡାକ୍ତରଖାନାକୁ ନେଉଥିଲେ। ଉକ୍ତ ଡାକ୍ତରଖାନାରେ ପହଞ୍ଚିଲା ପରେ ସେମାନେ ରୋଗୀମାନଙ୍କୁ ପ୍ରଥମେ ଏକ ସରକାରୀ ଡ଼ାକ୍ତରଖାନାରେ ପଞ୍ଜିକୃତ କରାଉଥିଲେ। ପଞ୍ଜିକରଣ ସମୟରେ ବିଏସ୍‌କେୱାଇ ଓ ଆଧାର କାର୍ଡ କାର୍ଡ ସହ ଏକ ନିର୍ଦ୍ଦିଷ୍ଟ ଫର୍ମରେ ରୋଗୀଙ୍କ ଦସ୍ତଖତ କରାଇ ନେଉଥିଲେ। ଏହାପରେ ଅଭିଯୁକ୍ତମାନେ ସେମାନଙ୍କୁ ବନ୍ଧିଆ ଡାକ୍ତରଖାନାରେ ଭର୍ତ୍ତି କରାଉଥିଲେ। କିଛିଦିନ ଚିକିତ୍ସା ପରେ ରୋଗୀଙ୍କୁ ସେମାନଙ୍କ ଘରେ ପହଞ୍ଚାଇବା ସହ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଥିବା ସମସ୍ତ ଟଙ୍କା ହସ୍ପିଟାଲ କର୍ମଚାରୀଙ୍କ ସହ ମିଶି ଆତ୍ମସାତ କରୁଥିଲେ। ଏହିଭଳି ଚଞ୍ଚକତା ଚାଲିଥିବା ଖବର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବେଲପଡା ଥାନା ଏସଆଇ ସୁବ୍ରତ ସାହୁ ବେଲପଡା ଡାକ୍ତରଖାନା ଦାୟିତ୍ୱରେ ଥିବା ଡ. ରବିନ୍ଦ୍ର ମେହେରଙ୍କୁ ଜଣାଇଥିଲେ। ପରେ ପୋଲିସ ଓ ଡାକ୍ତରଖାନା କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ ପାଟଣାଗଡ ଏସ୍‌ଡିପିଓଙ୍କୁ ଅବଗତ କରାଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଏହି ୩ଜଣଙ୍କୁ ଗୁରୁବାର ଗିରଫ କରିଥିଲା। ସେମାନଙ୍କୁ ଅଧିକ ପଚରାଉଚରା ପରେ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା ପୋଲିସ। କୋର୍ଟରେ ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କୌଣସି ବ୍ୟକ୍ତିବିଶେଷ ମାଗଣା ରୋଗୀ ସେବା ନାଁରେ ଏଭଳି ଠକେଇ କରୁଥିଲେ ତାଙ୍କଠାରୁ ଦୂରେଇ ରହିବାକୁ ଏସ୍‌ଡିପିଓ ପୂଝାରୀ ସତର୍କ କରାଇଛନ୍ତି।

### ୬ଟି ବିଭାଗରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଲୋଇସିଂହା,୨୩।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ହାଇସ୍କୁଲକୁ ୬ଟି ବିଭାଗରେ ମୁଖ୍ୟମନ୍ତ୍ରୀ ପୁରସ୍କାର ମିଳିଛି। ସ୍କୁଲ ଆଲୁମିନି କମିଟିକୁ ଜିଲାସ୍ତରୀୟ ପ୍ରଥମ ପୁରସ୍କାର, ସେକେଣ୍ଡାରି ସ୍କୁଲ ଆୱାର୍ଡ ବ୍ଲକସ୍ତରରେ ପ୍ରଥମ, ସ୍କୁଲ ପରିଚାଳନା କମିଟିକୁ ବ୍ଲକସ୍ତରରେ ପ୍ରଥମ, ସ୍କୁଲର ପ୍ରଧାନଶିକ୍ଷକ ଭାଗବତିଆ ସାହୁଙ୍କୁ ସେକେଣ୍ଡାରି ସ୍କୁଲ ପ୍ରଧାନ ଶିକ୍ଷକ ଆୱାର୍ଡ ବ୍ଲକସ୍ତରରେ ପ୍ରଥମ ମିଳିଛି । ଏହାବ୍ୟତୀତ ବିଦ୍ୟାଳୟର ୬ ଜଣ ଛାତ୍ରୀଛାତ୍ରଙ୍କୁ ଷ୍ଟୁଡେଣ୍ଟ ଏକାଡେମି ଆୱାର୍ଡ ଏବଂ ୨ ଛାତ୍ରୀଛାତ୍ରଙ୍କୁ ଷ୍ଟୁଡେଣ୍ଟ ଲିଡରଶିପ୍ ଆୱାର୍ଡ ମିଳିଥିବା ପ୍ରଧାନଶିକ୍ଷକ ସାହୁ ସୂଚନା ଦେଇଛନ୍ତି।

## ସରକାରୀ କାର୍ଯ୍ୟରେ ସରପଞ୍ଚ ସ୍ୱାମୀଙ୍କ ହସ୍ତକ୍ଷେପ

ଦେଓଗାଁ,୨୩।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

- ଅଭିଯୋଗକୁ ସରପଞ୍ଚଙ୍କ ଖଣ୍ଡନ
- ବିଧିବଦ୍ଧ ଅଭିଯୋଗ ଆସିଲେ ତଦନ୍ତ ହେବ:ବିଡିଓ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତର ସରପଞ୍ଚ ସ୍ୱାମୀ ସରକାରୀ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଉକ୍ତ ପଞ୍ଚାୟତରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ସରପଞ୍ଚ ଜାନକୀ ସାହୁ, ଜିଆର୍‌ଏସ ହିମାଂଶୁ ନନ୍ଦ, କାର୍ଯ୍ୟନିର୍ବାହୀ ଅଧିକାରୀ ବୀରେନ୍ଦ୍ର କୁମାର ନାଗ ଉପସ୍ଥିତ ରହି ଭତ୍ତା ବଣ୍ଟନ କରୁଥିଲେ। ଏହି ସମୟରେ ସରପଞ୍ଚଙ୍କ ସ୍ୱାମୀ ଗୋବର୍ଦ୍ଧନ ସାହୁ ପହଞ୍ଚି ଭତ୍ତା ବଣ୍ଟନରେ ହସ୍ତକ୍ଷେପ କରିଥିଲେ। ଯାହାକୁ ନେଇ ହିତାଧିକାରୀ ଓ ସଚେତନ ନାଗରିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ପରେ କେତେକ ଯୁବକ ଏହି ଘଟଣାର ଚିତ୍ର ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ । ଏ ନେଇ ସରପଞ୍ଚ ସାହୁଙ୍କୁ ପଚାରିବାରୁ ସେ ଭତ୍ତା ବଣ୍ଟନରେ ହସ୍ତକ୍ଷେପ କରିନାହାନ୍ତି, କେବଳ ପଞ୍ଚାୟତକୁ ଆସିଥିଲେ ବୋଲି କହିଥିଲେ। ଘଟଣାକୁ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ନାଗଙ୍କୁ ପଚାରିବାରୁ ମୁଁ ଥିବା ପର୍ଯ୍ୟନ୍ତ ସେ ଆସି ନ ଥିଲେ। ପରେ ଯଦି ଆସି ହସ୍ତକ୍ଷେପ କରିଛନ୍ତି ତାହା ଆଇନ ବିରୁଦ୍ଧ ଅଟେ ବୋଲି କହିଛନ୍ତି। ଅଭିଯୋଗ ବିଷୟରେ ବିଡିଓ କ୍ଷମାନିଧି ଭୋଇଙ୍କୁ ପଚାରିବାରୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ସମସ୍ତ ପିଆରଆଇ ମେମ୍ବରଙ୍କୁ ଉପସ୍ଥିତ ରହି ଲୋକଙ୍କୁ ସହଯୋଗ କରିବାପାଇଁ ଚିଠି କରାଯାଇଛି। ଯଦି ଏଥିରେ କିଛି ବ୍ୟତିକ୍ରମ ଘଟିଛି ସେଭଳି ଅଭିଯୋଗ ମୋ ପାଖରେ ନାହିଁ। ବିଧିବଦ୍ଧ ଅଭିଯୋଗ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପ୍ରଶାସନକୁ ଅବଗତ କରାଯିବ ବୋଲି କହିଥିଲେ।

### ପରିବେଶ ସୁରକ୍ଷା ସଚେତନତା ବୈଠକ

ସଇଁତଳା,୨୩।୨(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ମିଶନ ଶକ୍ତି ଗୃହରେ ମମତା ଏଚ୍‌ଆଇଏମସି ପ୍ରୋଜେକ୍ଟ ଜାଗୃତି ତରଫରୁ ପରିବେଶ ସୁରକ୍ଷା ସଚେତନତା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏସପିଏମ ବେଞ୍ଜାମିନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଓ ମୀନା କୁମାରୀ ଯୋଗଦେଇ ପରିବେଶ ପ୍ରଦୂଷଣର ପ୍ରଭାବ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୨୧ଗୋଟି ଗ୍ରାମର ଗାଁ କଲ୍ୟାଣ ସମିତ ସଦସ୍ୟ ଯୋଗଦେଇଥିଲେ। ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକର ବ୍ୟବହାର ବନ୍ଦ କରିବା, ବାୟୁ ପ୍ରଦୂଷଣ ଉପରେ ସଚେତନତା, ଶୁଖିଲା ଏବଂ ଓଦା ବର୍ଜ୍ୟର ଉଚିତ ପରିଚାଳନା, ବୃକ୍ଷରୋପଣ ଉପରେ ଜନସାଧାରଣଙ୍କୁ ସଚେତନତା କରିବା ବିଷୟରେ ଆଲୋଚନା ହୋଇଥିଲା। ସୁପରଭାଇଜର ରଞ୍ଜୁ ମଣ୍ଡଳ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଶିଷ କୁମାର ନନ୍ଦ, ସୋନାଲି ମହାନନ୍ଦ, କ୍ଷୀରୋଦ୍ରୀ ପଧାନ ଉପସ୍ଥିତ ଥିଲେ। ଶେଷରେ ଗୌରୀଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ଦୁର୍ଘଟଣା ସହାୟତା ସଚେତନତା




ସଚେତନତା ସଭାରେ ମଞ୍ଚାସୀନ ଅତିଥି ।

ଟିଟିଲାଗଡ଼,୨୩।୨(ଶରତ ମିଶ୍ର)

ବିଭିନ୍ନ ରାସ୍ତା ଦୁର୍ଘଟଣା ନେଇ ପୀଡ଼ିତ କିଭଳି ଆଇନର ବ୍ୟବସ୍ଥା ଅନୁଯାୟୀ ତତ୍କାଳ ସହାୟତା ପାଇବେ ସେ ନେଇ ଶୁକ୍ରବାର ଟିଟିଲାଗଡ଼ ତାଲୁକସ୍ତରୀୟ ଆଇନ ସେବା ସମିତି ପକ୍ଷରୁ ଏକ ସଚେତନତା ଶିବିର ବାର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ତାଲୁକ ସମିତି ଅଧ୍ୟକ୍ଷ ତଥା ଟିଟିଲାଗଡ଼ ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ସନ୍ଦୀପ କୁମାର ପଟ୍ଟନାୟକ ଆଇନରେ ରାସ୍ତା ଦୁର୍ଘଟଣା ତଥା ଏନେଇ କ୍ଷତିଗ୍ରସ୍ତ ପରିବାରକୁ ଉପଯୁକ୍ତ ସହାୟତା ପ୍ରଦାନ ବ୍ୟବସ୍ଥା ରହିଥିବା ବିଷୟରେ କହିଥିଲେ। ସଭାରେ ସବ୍‌ଜଜ କୃଷ୍ଣଚନ୍ଦ୍ର ନାୟକ, ଏସ୍‌ଡ଼ିଜେଏମ ଶାସ୍ୱତୀ ମହାପାତ୍ର, ବାର ଆସୋସିଏଶନ ସଭାପତି କୃଷ୍ଣଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢ଼ୀ, ରବିକିରଣ ସ୍ୱାଇଁ, ରଘୁନାଥ ରଥ ରାସ୍ତା ଦୁର୍ଘଟଣା ତଥା ସହାୟତା ପ୍ରଦାନ ଆଇନ ନେଇ ତର୍କ ପ୍ରସ୍ତୁତ କରିଥିଲେ। ତାଲୁକ ସମିତି ଫ୍ରଣ୍ଟ ଅଫିସ ରିଟେନର କାର୍ତ୍ତିକ ଛତର ସଭା ପରିଚାଳନା, ବାର ଆସୋସିଏଶନ ସମ୍ପାଦକ ମହେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଆଇନଜୀବୀ ଶୁଭକରନ ଜୈନ, ସୁଧୀର ମିଶ୍ର, ମନୋଜ ହାତୀ, ସୁଜିତ ପଣ୍ଡା, ଜୟରାଜ ସାହୁ, ହନୁମାନ ବୀରକର୍ଣ୍ଣ, ପ୍ରଦୀପ ପଣ୍ଡା, ବୀରେନ୍ଦ୍ର ବାଗ, ଯୋଗେଶ ସାହୁ, ବୁଲା ଶତପଥୀ, ତନ୍ମୟ ଠାକୁର, ପୁରୁଷୋତ୍ତମ ସ୍ୱାଇଁ, ଟିପକାରୀ ବେହେରା, ସମିତି କିରାଣୀ ଜିବର୍ଦ୍ଧନ ଛତ୍ରିଆ ଉପସ୍ଥିତ ଥିଲେ।

# ଫସଲ ବିବିଧୀକରଣ ସମ୍ପର୍କିତ ତାଲିମ

ଲୋଇସିଂହା,୨୩।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନୁନିଆଁପାଲି ପଞ୍ଚାୟତ ଅନ୍ତର୍ଗତ ପାଣ୍ଡେସରା କମ୍ୟୁନିଟି ସେଣ୍ଟରରେ ଫସଲର ବିବିଧିକରଣ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପାଣ୍ଡେସରା, ଅମରାମୁଣ୍ଡା, ଝାଙ୍କରପାଲି ଆଦି ଗ୍ରାମର ଚାଷୀ ଶିବିରରେ ସାମିଲ ହୋଇଥିଲେ। ବ୍ଲକ କୃଷି ବିଭାଗ, ଓଡ଼ିଶା ସରକାରଙ୍କ କୃଷକ ସଶକ୍ତିକରଣ ବିଭାଗ ଏବଂ ପଲ୍ଲୀ ଆଲୋକ ପାଠାଗାର ସହାୟତାରେ ଆୟୋଜିତ ଶିବିରରେ ବ୍ଲକ କୃଷି ଅଧିକାରୀ ଆଶିଷ କୁମାର ପାଣିଗ୍ରାହୀ,ସହକାରୀ କୃଷି ଅଧିକାରୀ ଅଭିଷେକ ପାଢୀ, ଦେବବ୍ରତ ପାଣ୍ଡା ତାଲିମଦାତାଭାବେ ଯୋଗଦେଇଥିଲେ। ଶିବିରରେ ଉପସ୍ଥିତ ଚାଷୀଙ୍କୁ ଅଣଧାନ ଫସଲର ଯୋଜନା, ଅଭ୍ୟାସ କରଣ, ଏବଂ ସମନ୍ୱିତ ପୋକରୋକ ପରିଚାଳନା ଅଭ୍ୟାସ ଉପରେ ଅଧିକାରୀମାନେ ପରାମର୍ଶ ଦେଇଥିଲେ । ଶିବିରକୁ ସ୍ୱେଚ୍ଛାସେବୀ ଗୋବିନ୍ଦ ବିଶି ପରିଚାଳନା କରିଥିଲେ ।

# ଭାଜପାର ଗାଁକୁ ଚାଲ ଅଭିଯାନ, କର୍ମୀ ସମ୍ମିଳନୀ

ଗୁଡଭେଲା,୨୨।୨(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ଡେଲିମାର୍କେଟରେ ଶୁକ୍ରବାର ଭାଜପାର ଗାଁକୁ ଚାଲ ଅଭିଯାନ ସହ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମାଁ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ କର୍ମୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ଟିଟିଲାଗଡ ପୌରପରିଷଦ ଅଧକ୍ଷା ମମତା ଜୈନ, ବରିଷ୍ଠ ନେତା ନବୀନ ଜୈନ, ତୁଷୁରା ଏନଏସିର କାଉନସିଲର ବବିତା ସାହୁ, ମିତାଲି ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା, କୈଳାସ ରଣା, ଭାଜପା ଟିଟିଲାଗଡ ସଂଯୋଜକ ସଞ୍ଜୀବ ତ୍ରିପାଠୀ, ଭାଜପା ତୁଷୁରା ନଗର ସଭାପତି ମକରଧ୍ୱଜ ରଣା ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ କହିଥିଲେ। ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକ ନିଜର କହି ଲୋକଙ୍କୁ ଭକୁଆ ବଣାଉଥିବା ନେଇ ଦଳୀୟ ନେତୃବୃନ୍ଦ ମତ ପ୍ରକାଶ କରିଥିଲେ। ରଣ୍ଡୁଗୋପାଳ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ଦେଓଗାଁ,୨୩।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ସାଗରପାଲି କଲୋନୀ ନିକଟ ୨୬ ନଂ ରାଜପଥରେ ୭କେଜି ଗଞ୍ଜେଇ ଜବତ କରାଯିବା ସହ ଶୁକ୍ରବାର ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଖଲିଆପାଲିର ମହାଦେବ ରଣା (୨୪) । ଏନେଇ ଦେଓଗାଁ ଥାନାରେ ଏକ ମାମଲା(ନଂ.୪୨/୨୪)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ହରିବନ୍ଧୁ ଗଡତ୍ୟା ସୂଚନା ଦେଇଛନ୍ତି। ଗୁରୁବାର ରାତି ପ୍ରାୟ ୮ରୁ ୯ଟା ମଧ୍ୟରେ ୨ଜଣ ଯୁବକ ବାଇକରେ ଗଞ୍ଜେଇ ଧରି ବଲାଙ୍ଗୀର ପଟକୁ ଯାଉଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ପିଛା କରିଥିଲା । ସାଗରପାଲି କଲୋନୀ ନିକଟରେ ସେମାନଙ୍କୁ ଅଟକାଇବା ବେଳେ ଜଣେ ବ୍ୟକ୍ତି ବାଇକ ଧରି ଚମ୍ପଟ ମାରିଥିବାବେଳେ ଅନ୍ୟ ଜଣଙ୍କୁ ଗଞ୍ଜେଇ ସହ ପୋଲିସ ଧରିଥିଲା। ଶୁକ୍ରବାର ଦେଓଗାଁ ତହସିଲଦାର ବିକ୍ରମ କେଶରୀ ନାୟକଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯାଇଥିଲା। ଫେରାର ଯୁବକଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

# କଲ୍ୟାଣ ମଣ୍ଡପ ଚାରିପାଖରେ କୁଢ଼କୁଢ଼ ଆବର୍ଜନା

ଲୋଇସିଂହା,୨୩।୨(ସୁଶାନ୍ତ ବାରିକ)

**ସଫେଇ ହେଉନି**

ବଲାଙ୍ଗୀର ଜିଲା ଲୋଇସିଂହା କଲ୍ୟାଣ ମଣ୍ଡପ ଚତୁଃପାର୍ଶ୍ୱ ଅଇଁଠା ପତ୍ର ଏବଂ ବର୍ଜ୍ୟବସ୍ତୁ ପଡି ଅପରିଷ୍କାର ହୋଇଛି। ଏଠାରେ ସରକାରୀ ଏବଂ ଘରୋଇ କାର୍ଯ୍ୟକ୍ରମର ଭୋଜିଭାତ ହେଉଥିଲେ ସୁଦ୍ଧା ନିୟମିତ ସଫେଇ ହେଉ ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା କୁହାଯାଉଛି। ଲୋଇସିଂହା ସପ୍ତାହିକ ବଜାରରେ ପଞ୍ଚାୟତ ପକ୍ଷରୁ ନିର୍ମିତ କଲ୍ୟାଣ ମଣ୍ଡପରେ ସରକାରୀ, ଘରୋଇ ଏବଂ ରାଜନୈତିକ କାର୍ଯ୍ୟକ୍ରମମାନ ହେଉଛି। କଲ୍ୟାଣ ମଣ୍ଡପର ପରିଚାଳନା ଦାୟିତ୍ୱ ସ୍ଥାନୀୟ ବରିଷ୍ଠ ନାଗରିକ କମିଟି ହାତରେ ରହିଛି। ରକ୍ଷଣାବେକ୍ଷଣ ଠୁ ଆରମ୍ଭ କରି ଭଡାକଥା ଉକ୍ତ କମିଟି ବୁଝୁଛି। ଦିନକର ଭଡା ୧ ହଜାର ଟଙ୍କା ରଖାଯାଇଛି। ହେଲେ ଏଠାରେ ପାଇଁ ରୋଷେଇ ଘରନାହିଁ।



ରୋଷେଇ ହେଉଥିବା ସ୍ଥାନର ଚାରିପାଖରେ ଆବର୍ଜନା ଜମା ହୋଇ ରହିଛି।

ଛାତ ପଡିଥିବା ସାପ୍ତାହିକ ବଜାରର ଏକ ପିଣ୍ଡିରେ ରୋଷେଇ କରାଯାଉଛି। ଏହାର ଚାରିପାଖରେ ଅଇଁଠା ଖଲିପତ୍ର ଏବଂ କଲ୍ୟାଣ ମଣ୍ଡପ ନଳକୂପ ପାଣି ଜମା ହେଉଛି । ସଫେଇ କରାଯାଉ ନ ଥିବାରୁ ପୂତିଗନ୍ଧମୟ ପରିସ୍ଥିତି ସୃଷ୍ଟି ହେଉଛି। ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଭଡାସୂତ୍ରରେ ମଣ୍ଡପ ନେଉଥିବା ଲୋକେ ବାଧ୍ୟ ହୋଇ ଏଭଳି ସ୍ଥାନରେ ରୋଷେଇ କରୁଛନ୍ତି। ନାଗରିକ କମିଟି ସମ୍ପାଦକ ପ୍ରଶାନ୍ତ ବେହେରାଙ୍କୁ ଏ ନେଇ ପଚାରିବାରୁ ଯିଏ ଦାୟିତ୍ୱରେ ରହିଛନ୍ତି ତାଙ୍କୁ ଅବଗତ କରି ସଫେଇ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଦାୟିତ୍ୱରେ ଥିବା ରବୀନ୍ଦ୍ର ପୁଟେଲ କହିଛନ୍ତି ରାତି ସମୟରେ ଅସମାଜିକ ଯୁବକ ଏଠି ଆଡ୍ଡା ଜମାଇ ଏପରି ଅବସ୍ଥା କରୁଛନ୍ତି। ପୁନଶ୍ଚ ଯେଉଁମାନେ ବି ଭଡା ନେଉଛନ୍ତି ସେମାନଙ୍କର ମଧ୍ୟ ସଫେଇ ଦାୟିତ୍ୱ ରହିଛି ବୋଲି ସେ କହିଥିଲେ ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ମହିଳା ଗିରଫ

**ବରଗଡ଼,୨୩।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଟାଉନ ଥାନା ପୋଲିସ ଶୁକ୍ରବାର ସ୍ଥାନୀୟ ଘରୋଇ ବସ୍‌ଷ୍ଟାଣ୍ଡ ନିକଟରୁ ୨୫ କି.ଗ୍ରା ଗଞ୍ଜେଇ ଜବତ କରିଛି। ଏହି କାରବାରରେ ପୋଲିସ ୨ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ମଧ୍ୟପ୍ରଦେଶର ବୋଲି ସୂଚନା ମିଳିଛି। ବୌଦ୍ଧ ଜିଲାରୁ ୨ଟି ସୁଟ୍‌କେଶରେ ଗଞ୍ଜେଇ ଭର୍ତ୍ତି କରି ସେମାନେ ମଧ୍ୟପ୍ରଦେଶ ରାଜ୍ୟ ଜବଲପୁର ଅଞ୍ଚଳକୁ ଚାଲାଣ କରୁଥିବାବେଳେ ବରଗଡ଼ ପୋଲିସ ହାତରେ ଧରାପଡ଼ିଥିଲେ। ପୋଲିସ ଏହାର ଅଧିକ ତଦନ୍ତ କରୁଛି ।

### କୃତୀ ୨ଭଉଣୀଙ୍କୁ ସମ୍ବର୍ଦ୍ଧନା



**ବରଗଡ଼,୨୩।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୋଆରେ ଅନୁଷ୍ଠିତ ସୁପର ମାଷ୍ଟର ନ୍ୟାଶନାଲ ଗେମ୍ସରେ କୃତିତ୍ୱ ଅର୍ଜନ କରିଥିବା ଅରୁଣା ଘିବିଲା ଏବଂ ଅନୁପମା ଘିବିଲାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଯୁବମୋର୍ଚ୍ଚାର ଜିଲା ସଭାପତି ଯୁଧିଷ୍ଠିର ମେହେରଙ୍କ ତତ୍ତ୍ୱାବଧାନରେ ଏକ ପ୍ରତିନିଧି ଦଳ ଘରକୁ ଯାଇ ୨ ଭଉଣୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ବିଶ୍ରାମାଗାର ଦାବି କଲା ଚାଳକ ସଂଘ

**ବରଗଡ଼,୨୩।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ସୋହେଲାଠାରେ ଚାଳକଙ୍କ ବିଶ୍ରାମ ପାଇଁ ଏକ ବିଶ୍ରାମାଗାର ନିର୍ମାଣ ଦାବି ହୋଇଛି। ଏ ନେଇ ଶୁକ୍ରବାର ଓଡ଼ିଶା ମୋଟର ଚାଳକ ସଂଘ ସୋହେଲା ଶାଖା ପକ୍ଷରୁ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ସୁବାସ ସାହୁ, ସମ୍ପାଦକ ଗିରିଜା ଶଙ୍କର ଖୁଣ୍ଟିଲାଙ୍କ ନେତୃତ୍ୱରେ ସଦସ୍ୟମାନେ ସ୍ମାରକପତ୍ର ଦେବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସଂଘର ଉପଦେଷ୍ଟା ନିତିଶ ଆଚାର୍ଯ୍ୟ, ବରିଷ୍ଠ ସଦସ୍ୟ ସତ୍ୟବାନ ସାହୁ, ଚନ୍ଦ୍ର କୁମ୍ଭାର, ସୁରେଶ କଠାର, ରତ୍ନ ବରିହା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗ

**ପଦ୍ମପୁର,୨୩।୨ (ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁର ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତେଜରାଜ ସୁନାଙ୍କ ଶୁକ୍ରବାର ପରଲୋକ ହୋଇଛି। ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନେଇ ସାଧୁପାଲିସ୍ଥିତ ନିଜ ଭୂମିରେ କବର ଦିଆଯାଇଥିଲା। ଜ୍ୟେଷ୍ଠ ପୁତ୍ର ଡିଲେଶର ମୁଖରେ ମାଟି ଦେଇଥିଲେ। ଶିକ୍ଷକ ବନ୍ଧୁ ମାର୍କଣ୍ଡ ମହାନନ୍ଦ, ନିରଞ୍ଜନ ମହାନନ୍ଦ, ଜଗନ୍ନାଥ ଲୁହାର, ଚିତ୍ତ ଛତର, ପ୍ରଦୀପ ମହାନନ୍ଦ, ଲିଟୁ ବାଗ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସୁନା ୧୯୭୧ରୁ ଶିକ୍ଷକତା ଆରମ୍ଭ କରି ୨୦୦୯ ଜୁଲାଇ ମାସରେ ଅବସର ଗ୍ରହଣ କରିଥିଲେ। ଏହାପରେ ସେ ଗଣ୍ଡା ସମାଜର ଆଞ୍ଚଳିକ ସଭାପତି ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।



ମତଦାନ କେନ୍ଦ୍ର ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ।

# ମତଦାନ କେନ୍ଦ୍ର ନ ହେଲେ ଭୋଟ୍ ବର୍ଜନ

**ବରଗଡ଼,୨୩।୨(ପ୍ରେମାନନ୍ଦ ଖମାରୀ)**

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ସେଭଳି ଭାବେ ରାଜନୈତିକ ଉଷ୍ମତା ବଢ଼ିଚାଲିଛି। ଭୋଟରମାନେ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ଆସନ୍ତା ନିର୍ବାଚନରେ ଯେଭଳି ସୁରୁଖୁରୁ ଏବଂ ସୁବିଧାରେ ନିଜ ମତାଧିକାର ସାବ୍ୟସ୍ତ କରିପାରିବେ, ସେ ନେଇ ବ୍ୟବସ୍ଥା କରିବାକୁ ବରଗଡ଼ ଜିଲା ସଦର ବ୍ଲକ ଅନ୍ତର୍ଗତ ସସ୍ତୁପାଲି ଗ୍ରାମର ଭୋଟରମାନେ ଦାବି କରିଛନ୍ତି। ଏହି କ୍ରମରେ ଶୁକ୍ରବାର ଉକ୍ତ ଗ୍ରାମବାସୀ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ତାଙ୍କ ଗ୍ରାମରେ ମତଦାନ କେନ୍ଦ୍ର କରା ନ ଗଲେ ସେମାନେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ପ୍ରକାଶ ଯେ, ସସ୍ତୁପାଲି ଗ୍ରାମରେ ୮୦୦ ଭୋଟର ଅଛନ୍ତି। କିନ୍ତୁ ସାଧାରଣ ନିର୍ବାଚନ ସମୟରେ ଉକ୍ତ ଗ୍ରାମରେ ମତଦାନ କେନ୍ଦ୍ର କରାଯାଏନାହିଁ। ଗ୍ରାମର ଭୋଟରମାନଙ୍କୁ ୫କି.ମି ଦୂର ଚକରକେନ୍ଦ ମତଦାନ କେନ୍ଦ୍ର ଯିବାକୁ ପଡ଼ିଥାଏ। ସେଥିପାଇଁ ଗ୍ରାମବାସୀଙ୍କୁ ବହୁ ହଇରାଣ ହେବାକୁ ପଡୁଥିବାବେଳେ ଗ୍ରାମର ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଭୋଟର ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାରୁ ବଞ୍ଚିତ ହୋଇଥାନ୍ତି। ଫଳରେ ସସ୍ତୁପାଲି ଗ୍ରାମରେ ସାଧାରଣ ନିର୍ବାଚନ ସମୟରେ ମତଦାନ କେନ୍ଦ୍ର କରିବାକୁ ଗ୍ରାମବାସୀ ଦୀର୍ଘଦିନରୁ ଦାବି କରିଆସୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ ସେ ଦିଗରେ କିଛି ପଦକ୍ଷେପ ନିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥର ସାଧାରଣ ନିର୍ବାଚନ ସମୟରେ ଗ୍ରାମରେ ମତଦାନ କେନ୍ଦ୍ର କରା ନ ଗଲେ ଗ୍ରାମର ଭୋଟର ମତଦାନରୁ ବିରତ ରହିବାକୁ ନିଷ୍ପତ୍ତି ନେଇଥିବା ଗ୍ରାମବାସୀ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ଏହି କ୍ରମରେ ସସ୍ତୁପାଲି ଗ୍ରାମରେ ମତଦାନ କେନ୍ଦ୍ର ବ୍ୟବସ୍ଥା କରାଯିବା ସହିତ ଗ୍ରାମର ସମସ୍ତ ଭୋଟରଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାର ସୁଯୋଗ ଦେବାକୁ ଭୁବନେଶ୍ୱର ଭୋଇ, ନୃପ ସାହୁ, ମହିପାଳ ସାହୁ, ଲଳିତା ସାହୁ, କୁନ୍ତଳା ସାହୁ, ଜଗନ୍ନାଥ ବର୍ଗତି ପ୍ରମୁଖ ଗ୍ରାମବାସୀ ନିବେଦନ କରିଛନ୍ତି।

## ବିକାଶ ପ୍ରକ୍ରିୟାରେ ସାମିଲ ଆହ୍ୱାନ

**ବରଗଡ଼,୨୩।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସଦର ବ୍ଲକ ଅଧୀନ ଖଲିଆପାଲି ପଞ୍ଚାୟତରେ ଶୁକ୍ରବାର ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ରାଜ୍ୟର ସାମଗ୍ରିକ ବିକାଶ, ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ବୋଲି କହିବା ସହିତ ଏହି ବିକାଶ ପ୍ରକ୍ରିୟାରେ ସାମିଲ ହେବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସ୍ଥାନୀୟ ସରପଞ୍ଚ ସସ୍ମିତା ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ବିଡ଼ିଓ ବେଲକୃସ ଡୁଙ୍ଗଡୁଙ୍ଗ, ଦୁଃଖିଶ୍ୟାମ ସାହୁ, ଚନ୍ଦ୍ରକାନ୍ତ ପଟ୍ଟନାୟକ, ରାଜୁ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ପଞ୍ଚାୟତର ସଚେତନ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକର କର୍ମକର୍ତ୍ତା, ସଦସ୍ୟବୃନ୍ଦ ଯୋଗଦାନ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ହିମାଂଶୁ ହୋତା ବିବରଣୀ ଉପସ୍ଥାପନ କରିଥିବାବେଳେ ମନିଶ ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ। ପଞ୍ଚାୟତର ବିକାଶ ସମ୍ବଳିତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା।



କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

## କ୍ରେତା, ବିକ୍ରେତା କର୍ମଶାଳା

**ବରଗଡ଼,୨୩।୨(ପ୍ରେମାନନ୍ଦ ଖମାରୀ)**

ପଞ୍ଚାୟତିରାଜ ଏବଂ ପାନୀୟଜଳ ଯୋଗାଣ ବିଭାଗ ଅଧୀନ ଓରମାସ୍, ବରଗଡ଼ ପକ୍ଷରୁ କ୍ରେତା, ବିକ୍ରେତା ସମ୍ମିଳନୀ ଏବଂ ବଜାରୀକରଣ ସମ୍ପର୍କିତ ଦିନିକିଆ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଉକ୍ତ କର୍ମଶାଳା ହୋଇଥିଲା । ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ପ୍ରଧାନ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ମହିଳା ସ୍ୱୟଂ ସହାୟିକା ଉତ୍ପାଦିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ସେ ପ୍ରଶଂସା କରିବା ସହିତ ପ୍ରତ୍ୟେକ ସାମଗ୍ରୀର ଭଲ ପ୍ୟାକେଜିଂ ଏବଂ ବ୍ରାଣ୍ଡିଂ ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଶର୍ବାଣୀ ବ୍ରାଣ୍ଡ ଥିବା ଛେଳି କ୍ଷୀରରୁ ପ୍ରସ୍ତୁତ ଏବଂ ପ୍ରାକୃତିକ ହାତ ତିଆରି ସାବୁନକୁ ଉନ୍ମୋଚନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମିଶନ ଶକ୍ତି ଜିଲା ଅଧିକାରୀ ଅନିଲ ଡାହନଗା ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। କର୍ମଶାଳାରେ ବିଭିନ୍ନ ଜିଲାର ୭ କ୍ରେତା ଯୋଗ ଦେଇଥିଲେ। ତନ୍ମଧ୍ୟରୁ ୨ ଅନୁଷ୍ଠାନ ଓରମାସ ସହିତ ଚୁକ୍ତି ସ୍ୱାକ୍ଷରିତ କରିଥିଲେ। ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ଦାଶ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବରଗଡ଼ ହସ୍ତତନ୍ତ ଓ ଏଗ୍ରିପ୍ରଡ୍ୟୁସର କମ୍ପାନୀର ଚେୟାରମ୍ୟାନ ଜୟନ୍ତୀ ପ୍ରଧାନ ବରଗଡ଼ର ଉତ୍ପାଦିତ ଦ୍ରବ୍ୟ ଏବଂ ଏହାର ମାନ ଉପରେ ଗୁରୁତ୍ୱାରୋପ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବନାଗ୍ନି ପ୍ରତିକାର, ପରିଚାଳନା ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

**ପାଇକମାଲ,୨୩।୨(ବଡ଼ ଶତପଥୀ)**

ବରଗଡ ଜିଲା ନୃସିଂହନାଥ ବନ ବିଭାଗ ଆନୁକୂଲ୍ୟରେ ଜାମସେଠ ସେକ୍ସନର ଭୂଇଁଖାର ଗ୍ରାମରେ ଏକଦିବସୀୟ ବନାଗ୍ନି ପ୍ରତିକାର ଓ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବନାଞ୍ଚଳ ଅଧିକାରୀ ରାଜେନ୍ଦ୍ର କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ବରଗଡ଼ ବନଖଣ୍ଡ ଏସିଏଫ ରାଜେନ୍ଦ୍ର ଗୋଚ୍ଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁ ପ୍ରତିକାର ଓ ପରିଚାଳନା ସକାଶେ ବନ ବିଭାଗ, ବନ ସୁରକ୍ଷା ସମିତି ଓ ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହିତ ଜଙ୍ଗଲ ନିଆଁ ନିରାକରଣ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲା ପରିବେଶ ସୁରକ୍ଷା ମଞ୍ଚ ବରଗଡ଼ ସମ୍ପାଦକ ପ୍ରକୃତିବନ୍ଧୁ ମୀନକେତନ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜଙ୍ଗଲ ନିଆଁ ଯୋଗୁ ବଢୁଥିବା ବିଶ୍ୱ ଉତ୍ତାପନ, ପରିବେଶ ଉପରେ ଏହାର କୁପ୍ରଭାବ, ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ପରିଷଦ ସଭ୍ୟା ତ୍ରିପୁରା ବରିହା, ଜାମସେଠ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ, ଝାରବନ୍ଧ ସରପଞ୍ଚ ଟେଭାବତୀ ଭୋଇ, ପ୍ରକୃତିବନ୍ଧୁ ନନ୍ଦଲାଲ ନାୟକ, ପ୍ରକୃତିବନ୍ଧୁ ଧୀରେନ ମହାନ୍ତି, ଭୂଇଁଖାର ବନ ସୁରକ୍ଷା ସମିତି ସଭାପତି ବିଜେ ଭୁଏ, ଗୌନ୍ତିଆ ରାଜାରାମ ଦାଉ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଅଂଶଗ୍ରହଣ କରି ଜଙ୍ଗଲ ନିଆଁ ନିରାକରଣ ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ସଚେତନ ହେମାଁ ନାଟ୍ୟ ସଂସଦ ତରଫରୁ ନାଟ୍ୟକାର ରାଜକୁମାର ସାହୁ ନିର୍ଦ୍ଦେଶିତ ଜଙ୍ଗଲ ନିଆଁ ନିରାକରଣ ସମ୍ପର୍କିତ ସଚେତନ ଧର୍ମୀ ନାଟକ 'ମାଙ୍କଡ଼ ବିହା' ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ବନ ସୁରକ୍ଷା ସମିତି ସଭ୍ୟାସଭ୍ୟ, ବନରକ୍ଷୀ, ଫାୟାର ଗ୍ୱାର୍ଡ, ପାରା ଗ୍ୱାର୍ଡ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜାମସେଠ ସେକ୍ସନ ଫରେଷ୍ଟର ରମେଶ କୁମାର ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ନୃସିଂହନାଥ ବନ୍ୟାଞ୍ଚଳର ବୋଡାସମ୍ବର ଗ୍ରାମରେ ଫରେଷ୍ଟର ଭାରତୀ ବିଶିଙ୍କ ନେତୃତ୍ୱରେ ଜଙ୍ଗଲ ନିଆଁ ନିରାକରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଉପଖଣ୍ଡ ଚିକିତ୍ସାଳୟରେ ଡାଏଲିସିସ୍ ସେବା

**ପଦ୍ମପୁର,୨୩।୨(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ନୂତନ ଭାବେ ଉଦ୍‌ଘାଟିତ ଡାଏଲିସିସ ସେବା ଶୁକ୍ରବାର କାର୍ଯ୍ୟକ୍ଷମ ହୋଇଛି। ଏହି ଅବସରରେ ସର୍ଗିବାହାଲ ଗ୍ରାମର ରାଜେଶ କୁମାର ସାହୁ ଏବଂ ପଦ୍ମପୁର ସହରାଞ୍ଚଳର ପୂର୍ବତନ ନଗରପାଳ ସତ୍ୟବାନ ଅଗ୍ରୱାଲଙ୍କ ଡାଏଲିସିସ୍ କରାଯାଇଥିଲା। ଏହି ସମୟରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ଼ ସରୋଜ କୁମାର ସେଠ, ଡ଼ ଜୟକୃଷ୍ଣ ପଟେଲ, ଟେକ୍‌ନିସିଆନ ଅଭିଷେକ ମହାଳିକ ଓ ଦୀପ୍ତିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସେବା ଦ୍ୱାରା ପଦ୍ମପୁର ସହର ସମେତ ଆଖପାଖ ଅଞ୍ଚଳର ବହୁ ଲୋକ ଉପକୃତ ହେବେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ୩ ସ୍କୁଲ

**ଝାରବନ୍ଧ,୨୩।୨(ଦେବେନ୍ଦ୍ର ସାହୁ)**

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅଧୀନ ବୈତାଳି କ୍ଲଷ୍ଟରର ବୈତାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡୁମୁରିପାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ସଂକ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପାଇଁ ବିବେଚିତ ହୋଇଛନ୍ତି। ଏଥିରେ ବୈତାଳି ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଡୁମୁରିପାଣି ବିଦ୍ୟାଳୟ ଦ୍ୱିତୀୟ ଏବଂ ସଂକ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ଆସନ୍ତା ରବିବାର ସୋହେଲାଠାରେ ଆୟୋଜିତ ହେବାକୁ ଥିବା ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା ସଭାରେ ଉକ୍ତ ୩ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଏକ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡିଛି।

## ମିଶନ ଶକ୍ତି ଭବନ ଉଦ୍‌ଘାଟିତ



ମୁଖ୍ୟ ଅତିଥି ମିଶନ ଶକ୍ତି ଭବନକୁ ଉଦ୍‌ଘାଟନ କରୁଛନ୍ତି।

**ସୋହେଲା, ୨୩।୨(ଅଶ୍ୱିନୀ କୁମାର ପାତ୍ର)**

ବରଗଡ ଜିଲା ସୋହେଲା ବ୍ଲକ ପରିସର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଫିସ ନିକଟରେ ନବନିର୍ମିତ ମିଶନ ଶକ୍ତି ଭବନ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବିଡିଓ ସୁରେନ୍ଦ୍ର ମେହେର, ବ୍ଲକ ଅଧକ୍ଷା ବବି ପ୍ରଧାନ, ଜିଲା ପରିଷଦ ସଭ୍ୟା ରୋଜି ନାୟକ ଓ ଜାଇଫୁଲ ସିଂ ବରିହା, ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରଫୁଲ୍ଲ ପ୍ରଧାନ, ମିଶନ ଶକ୍ତି ସଭାନେତ୍ରୀ ଜାନକୀ ପ୍ରଧାନୀ, ସ୍ନେହଲତା ମିଶ୍ର, ସିଡ଼ିପିଓ ରାସେଶ୍ୱରୀ ସାହୁ, ମିଶନ ଶକ୍ତି ସଂଯୋଜିକା ଗୋଲି ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ସିଡିପିଓ ରାସେଶ୍ୱରୀ ସାହୁ ଓ ଗୋଲି ରାଉତ ମିଶନ ଶକ୍ତିର ଆଭିମୁଖ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆଇସିଡିଏସ୍ ସୁପରଭାଇଜର ପଦ୍ମଜା ପରିଡ଼ା, ସସ୍ମିତା ନାଏକ, ବନ୍ଦନା ସାହୁ, ପ୍ରିୟମ୍ବଦା ଦାସ, ପ୍ରମିଳା ମୁନା, ସୂର୍ଯ୍ୟ ବାରିକ, ଭାଗ୍ୟବତୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହିତ ସୋହେଲା ବ୍ଲକର ଅନ୍ୟ ମହାସଂଘ କର୍ମକର୍ତ୍ତା, ଏମ୍‌ବିକେ, ଅଙ୍ଗନୱାଡ଼ି କର୍ମୀ ଏବଂ ଏସ୍ଏଚ୍‌ଜି ସଭ୍ୟା ଉପସ୍ଥିତ ଥିଲେ।

## କପଡ଼ା ଦୋକାନରେ ଜିଏସ୍‌ଟି ଚଢ଼ାଉ

**ବରଗଡ଼,୨୩।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବରପାଲିର ଏକ କପଡ଼ା ଦୋକାନରେ ଶୁକ୍ରବାର ଜିଏସ୍‌ଟି ଚଢ଼ାଉ ହୋଇଥିଲା। ଜିଏସ୍‌ଟି ବିଭାଗର ଏକ ଟିମ୍ ଅତର୍କିତ ଭାବେ ଉକ୍ତ ଦୋକାନରେ ଚଢ଼ାଉ କରି କାଗଜପତ୍ର ଯାଞ୍ଚ କରିଥିଲେ। ଏହାସହିତ ଦୋକାନ ମାଲିକ ଅବନୀ ମେହେରଙ୍କୁ ସେମାନେ ପଚରାଉଚରା କରିଥିଲେ। ଟ୍ୟାକ୍ସ ଫାଙ୍କି ଅଭିଯୋଗରେ ଏହି ଚଢ଼ାଉ ହୋଇଥିବାବେଳେ ସେ ନେଇ ଜିଏସ୍‌ଟି ବିଭାଗ ଅଧିକାରୀମାନେ ଅଧିକ ଯାଞ୍ଚ ଜାରି ରଖିଥିବା ଯୋଗୁ ସବିଶେଷ ତଥ୍ୟ ମିଳିପାରିନାହିଁ ।



କପଡ଼ା ଦୋକାନରେ ଜିଏସ୍‌ଟି ବିଭାଗର ଯାଞ୍ଚ ଚାଲିଛି ।

## ଫୁଟବଲ: ଆଠମଲ୍ଲିକ, ଭବାନୀପାଟଣା ବିଜୟୀ

**ପଦ୍ମପୁର,୨୩।୨(ପ୍ରଦୀପ୍ତ ଦାଶ)**

ରାଜବୋଡ଼ାସମ୍ବର ହାଇସ୍କୁଲ ପଡିଆରେ ରାଜେଶ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ୍ ଆଠମଲ୍ଲିକ ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଠମଲ୍ଲିକ ଦଳ ବଲାଙ୍ଗୀର ଦଳକୁ ୨-୦ ଗୋଲରେ ପରାସ୍ତ କରିଥିଲା। ସେହିପରି ଭବାନୀପାଟଣା ଓ ଦୁର୍ଗ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇ ଭବାନୀପାଟଣା ଦଳ ବିଜୟୀ ହୋଇଥିଲା। ଶନିବାର ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଆଜିର ମ୍ୟାଚ୍‌ରେ ଅନ୍ତର୍ଜାତୀୟ ମାଷ୍ଟର କ୍ରୀଡାବିତ୍ ସନ୍ତୋଷ କୁମାର ପ୍ରଧାନ ମୁଖ୍ୟଅତିଥି, ପୂର୍ବତନ ଫୁଟବଲ ଖେଳାଳି ନରେନ୍ଦ୍ର ସାହୁ, ସମାଜସେବୀ ନିରୋଜ ଦୋରା, ପ୍ରମୋଦ କାଲସାଏ, କୁନାଲ ସିଂ ବରିହା, ଅଶୋକ କାଲସାଏ, ଶ୍ରୀକାନ୍ତ ସାହୁ, ଦେବାରଚନ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆଜିର ଖେଳଗୁଡିକୁ ରେଫରୀ ଶଶିକାନ୍ତ ଦାସିଆ, ସୁଜିତ ରାଜହଂସ, ଦିଲୀପ ରାଉତ ଏବଂ ଦୀପକ ରାଜହଂସ ପରିଚାଳନା କରିଥିଲେ।



ମ୍ୟାଚ୍‌ରେ ଉପସ୍ଥିତ ଅତିଥି ଓ ଖେଳାଳି।

# ଗ୍ରାମ୍ୟ ବ୍ୟାଙ୍କ ଘରୋଇକରଣକୁ ବିରୋଧ

**ବରଗଡ଼,୨୩।୨(ପ୍ରେମାନନ୍ଦ ଖମାରୀ)**

ଗ୍ରାମ୍ୟ ବ୍ୟାଙ୍କ ଘରୋଇକରଣ ପ୍ରତିବାଦରେ ଆନ୍ଦୋଳନ ତେଜି ଉଠିଛି। ଏହି କ୍ରମରେ ଶୁକ୍ରବାର ବରଗଡ଼ସ୍ଥିତ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ଧାରଣା ଦେଇଥିଲେ। ୭ଦଫା ଦାବି ନେଇ କର୍ମଚାରୀଙ୍କ ଏହି ଧାରଣା ଚାଲିଥିଲା। ସେହିପରି ଆସନ୍ତା ମାର୍ଚ୍ଚ ୨୭ ଏବଂ ୨୮ତାରିଖରେ ସାରାଦେଶରେ ରହିଥିବା ୨୨ହଜାର ଗ୍ରାମ୍ୟ ବ୍ୟାଙ୍କକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ପାଇଁ ସଂଘ ନିଷ୍ପତ୍ତି ନେଇଥିବା ସୂଚନା ଦିଆଯାଇଛି ।

ଗ୍ରାମ୍ୟ ବ୍ୟାଙ୍କରେ ପ୍ରାୟ ୩୦ହଜାର ପଦବୀ ଖାଲି ପଡ଼ିଛି। ସେହି ପଦବୀକୁ ତୁରନ୍ତ ପୂରଣ କରିବାକୁ ସଂଘ ଦାବି କରିଛି। ସେହିପରି ଗ୍ରାମ୍ୟ ବ୍ୟାଙ୍କ ଘରୋଇକରଣକୁ ବନ୍ଦ କରାଯାଇ ରାଷ୍ଟ୍ରୀୟ ଗ୍ରାମ୍ୟ ଗଠନ କରିବାକୁ ଦାବି ହୋଇଛି। ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରାଯିବା, ପଦୋନ୍ନତି ଏବଂ ପେନସନ ବ୍ୟବସ୍ଥାର ନିୟମ ପରିବର୍ତ୍ତନ, ଅନୁକମ୍ପାମୂଳକ ନିଯୁକ୍ତି





ବରଗଡ଼ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଆଗରେ କର୍ମଚାରୀମାନେ ଧାରଣା ଦେଇଛନ୍ତି।

**ବ୍ୟାଙ୍କ ସମ୍ମୁଖରେ କର୍ମଚାରୀଙ୍କ ଧାରଣା**

ଏବଂ ଷ୍ଟେଟବ୍ୟାଙ୍କର କ୍ରସ୍ ସେଲିଂକୁ ବନ୍ଦ କରିବାକୁ ସଂଘ ଦାବି କରି ଏହି ଆନ୍ଦୋଳନକୁ ଓହ୍ଲାଇଛି। ଧାରଣାରେ ଅଫିସର ଓ କର୍ମଚାରୀ ସଂଘର ଅଜିତ ମଣ୍ଡଳ, ସନ୍ଦୀପ ମହାପାତ୍ର, ଗଗନ ବାରିକ, ନିଲୁ ଦାଶ, ରାଜକିଶୋର ପଣ୍ଡା, ଅଲେଖ ଷଣ୍ଢ, ଉପେନ୍ଦ୍ର ବନଛୋର ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘର କେଦାର ମିଶ୍ର, ଶ୍ରୀମୁଖ ପ୍ରଧାନ, ଭକ୍ତ ପ୍ରଧାନ, ଦୀନବନ୍ଧୁ ପ୍ରଧାନ ପ୍ରମୁଖ ସାମିଲ ହୋଇ ଦାବିକୁ ସମର୍ଥନ ଜଣାଇଥିଲେ। ସଂଘ ସଭାପତି ତପନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କଂଗ୍ରେସରୁ ଇସ୍ତଫା ଦେଲେ କାଶୀନାଥ



ହେମଗିର,୨୩।୨ (ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲାର ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଶୁକ୍ରବାର ପିସିସି ସଭାପତି ତଥା ଜିଲା କଂଗ୍ରେସ ସଭାପତିଙ୍କୁ ଏକ ଚିଠି ମାଧ୍ୟମରେ ବ୍ୟକ୍ତିଗତ କାରଣ ଦର୍ଶାଇ ଦଳରୁ ଇସ୍ତଫା ଦେଇଥିବା କହିଛନ୍ତି। ତେବେ ସେ ଆଗକୁ କେଉଁ ଦଳରେ ଯୋଗଦେବେ ସେ ନେଇ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ସେ କଂଗ୍ରେସରେ ଥିବା ସମୟରେ ଅଞ୍ଚଳର ଅନେକଗୁଡ଼ିଏ ଉନ୍ନତିମୂଳକ କାମ କରିବା ସହିତ ଅଞ୍ଚଳର ବିକାଶ ପାଇଁ କାମ କରିଛନ୍ତି ।

# ନ୍ୟାୟ ନ ମିଳିଲେ ଭୋଟ୍ ବର୍ଜନ

**ଡୁମକେଲାକୁ ବିକାଶ ଅପହଞ୍ଚ**

ରାଉରକେଲା,୨୩।୨ (ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ରଘୁନାଥପଲ୍ଲୀ ନିର୍ବାଚନ ମଣ୍ଡଳୀ ଅଧୀନ ଡୁମକେଲାରେ ପ୍ରାୟ୮୦ଭାଗ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ମାତ୍ର ଏହି ଅଞ୍ଚଳ ବର୍ତ୍ତମାନ ସୁଦ୍ଧା କୌଣସି ଗ୍ରାମପଞ୍ଚାୟତ କିମ୍ବା ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି)ରେ ଅନ୍ତର୍ଭୁକ୍ତ ହୋଇପାରିନାହିଁ। ଫଳରେ ଏହି ଅଞ୍ଚଳ ଦୀର୍ଘ ଦଶନ୍ଧି ଧରି ସରକାରୀ ଯୋଜନାରୁ ବାଦ୍ ପଡ଼ିଛି। ତୁରନ୍ତ ଏହି ଅଞ୍ଚଳକୁ ନ୍ୟାୟ ନ ମିଳିଲେ ଆଗାମୀ ନିର୍ବାଚନରେ ଭୋଟ୍ ବର୍ଜନ କରିବାକୁ ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

ଡୁମକେଲାରେ ରହିଛି ଖାଡିଆ ବସ୍ତି, ଖଟାଲ ବସ୍ତି, ଧୋବୀ ଲାଇନ ବସ୍ତି ଓ ମାଛୁଆର ଖଟାଲ ବସ୍ତି। ଏହି ଅଞ୍ଚଳର ଜନସଂଖ୍ୟା ୩ହଜାରରୁ ଉର୍ଦ୍ଧ୍ୱ ହେବ। ୬ମାସ ତଳେ ରାଉରକେଲା ପ୍ରଶାସନ ପକ୍ଷରୁ ଲୁଆକେରା ସମେତ ଡୁମକେଲା କେଉଁ ଗ୍ରାମପଞ୍ଚାୟତ କିମ୍ବା ଆର୍‌ଏମ୍‌ସିରେ ସାମିଲ ହେବା ତାର ସମୀକ୍ଷା ହୋଇଥିଲା। ମାତ୍ର ଦୀର୍ଘମାସ ପରେ ମଧ୍ୟ ଏହାର ସୁଫଳ ହୋଇନାହିଁ। ସେହିପରି ଡୁମକେଲା ଖାଡିଆ ତଳ ବସ୍ତି ଅଞ୍ଚଳକୁ ଛାଡିଦେଲେ ଆଉ କୌଣସି ବସ୍ତିରେ ପାନୀୟଜଳ ବ୍ୟବସ୍ଥା ନାହିଁ। ମହିଳାମାନେ ନଳକୂପରୁ କପଡା ବାନ୍ଧି ପାଣି ସଂଗ୍ରହ କରୁଛନ୍ତି। ଏଥିସହିତ ବସ୍ତିର ସୋଲାର ଲାଇଟ ଅଚଳ ହୋଇପଡିଛି। ବସ୍ତି ରାସ୍ତା ବି ବିପର୍ଯ୍ୟସ୍ତ ଅବସ୍ଥାରେ ପଡିଛି। ରାସ୍ତାରେ ବଡ ବଡ ଖାଲଖମା ଯୋଗୁ ଯାତାୟାତରେ ସମସ୍ୟା ହେଉଛି। ଏସବୁ ସମସ୍ୟାର ସମାଧାନ ପାଇଁ ବସ୍ତି ବାସିନ୍ଦା ନା ଆରଏମସି ନା ବ୍ଲକ ପ୍ରଶାସନ ପାଖରେ ଫେରାଦ ହୋଇ ପାରୁଛନ୍ତି । ନିର୍ବାଚନ ପୂର୍ବରୁ ଡୁମକେଲାକୁ ଗ୍ରାମପଞ୍ଚାୟତ କିମ୍ବା ଆରଏମ୍‌ସିରେ ସାମିଲ କରିବାକୁ ଆଦିବାସୀ ନେତ୍ରୀ ବାସନ୍ତୀ ଖାଡିଆ ଦାବି କରିଛନ୍ତି। ସେହିପରି ଦାବି ପୂରଣ ନ ହେଲେ ଭୋଟ୍ ବର୍ଜନ କରିବା ପାଇଁ ବସ୍ତିର ଭାରତୀ ଖାଡିଆ, ଓଷା ମାଝୀ, ସୁନିତା ଖାଡିଆ, ମମତା ଖାଡିଆ, ମୀନା ସୁନିଆନି, ନିରା ତନ୍ତୀ, ପ୍ରୀତି ଖାଡିଆ ପ୍ରମୁଖ ମହିଳା ଚେତାବନୀ ଦେଇଛନ୍ତି।

ଡୁମକେଲାବାସୀଙ୍କ ଦାବି ନେଇ ପାନପୋଷ ସହକାରୀ ଜିଲାପାଳ ଗୋପବନ୍ଧୁ ନାଏକଙ୍କୁ ପଚାରିବାରୁ ସେ କହିଲେ, ଡୁମକେଲାବାସୀଙ୍କ ସମସ୍ୟା ବିଷୟରେ ସରକାରଙ୍କ ପାଖକୁ ରିପୋର୍ଟ ଯାଇଛି। ଏଥିସହ ଲୁଆକେରାବାସୀଙ୍କ ସହିତ ସମୀକ୍ଷା ମଧ୍ୟ ହୋଇ ରିପୋର୍ଟ ପଠାଯାଇଛି। ସରକାର ନିଶ୍ଚିତ ଏହାର ନିଷ୍କର୍ଷ ବାହାର କରିବେ ଏବଂ ଡୁମକେଲାବାସୀଙ୍କୁ ନ୍ୟାୟ ମିଳିବ ବୋଲି ସେ କହିଥିଲେ। ସେହିପରି ଏ ସମ୍ପର୍କରେ ରଘୁନାଥପଲ୍ଲୀ ବିଧାୟକ ସୁବ୍ରତ ତରେଇଙ୍କୁ ପଚାରିବାରୁ ସେ କହିଲେ, ୧୯୯୫ ପୂର୍ବରୁ ଡୁମକେଲା ରାଉରକେଲା ଷ୍ଟିଲ ଟାଉନଶିପ୍ ଅଞ୍ଚଳ ଆର୍‌ଏମ୍‌ସି ଅଧୀନରେ ଥିଲା। ଆଜି ମଧ୍ୟ ତାର ଏକ ଶାଖା ଅଫିସ ସେକ୍ଟର-୫ରେ ରହିଛି। ମାତ୍ର ୧୯୯୫ରେ ରାଜ୍ୟ ସରକାରଙ୍କ ସହ ଆର୍‌ଏସ୍‌ପି ଏକ ଚୁକ୍ତି କରିବା ପରେ ଡୁମକେଲା ଆରଏମ୍‌ସିରୁ ଆର୍‌ଏସ୍‌ପି ଅନ୍ତର୍ଭୁକ୍ତ ହେଲା। ମାତ୍ର ଆର୍‌ଏସ୍‌ପି ୧୯୯୫ ପରେ ଚୁକ୍ତି ମୁତାବକ ପ୍ରତିଶ୍ରୁତି ପାଳନ କଲାନାହିଁ। ୨୦୦୯ରେ ମୁଁ ରଘୁନାଥପାଲ୍ଲୀ ବିଧାୟକ ହେବା ପରେ ଡୁମକେଲାର ବିକାଶମୂଳକ କାର୍ଯ୍ୟ ହେଲା। ଏଠାରେ ୧୫ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଯୋଜନା ମାଧ୍ୟମରେ ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। ମାତ୍ର ଡୁମକେଲା ଗ୍ରାମପଞ୍ଚାୟତ କି ଆରଏସମିରେ ସାମିଲ ହେବା ବାକି ରହିଛି। ଏ ନେଇ ଆମେ ପ୍ରଶାସନିକ ଅଧିକାରୀଙ୍କ ସହିତ ସମୀକ୍ଷା କରିଛୁ ଏବଂ ରାଜ୍ୟ ସରକାରଙ୍କ ପାଖକୁ ରିପୋର୍ଟ ପଠାଇଛୁ। ନିର୍ବାଚନ ପରେ ଡୁମକେଲାର କିଛି ଅଂଶ ଗ୍ରାମପଞ୍ଚାୟତ ଓ କିଛି ଅଂଶ ଆର୍‌ଏମ୍‌ସିରେ ସାମିଲ ହେବ ବୋଲି ତରେଇ କହିଥିଲେ।



ଦାବି ଉଠାଇଥିବା ଡୁମକେଲା ବାସିନ୍ଦା।

# ସ୍ତ୍ରୀ ହତ୍ୟା ମାମଲା: ସ୍ୱାମୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ରାଉରକେଲା,୨୩।୨ (ସଙ୍ଗୀତା ଜେନା)

ସ୍ତ୍ରୀ ହତ୍ୟା ମାମଲାରେ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ ପରେ ରାଉରକେଲା ଏଡିଜେ-୨ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମନା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ହତ୍ୟାକାଣ୍ଡରେ ସହଯୋଗୀଙ୍କୁ ୨ ବର୍ଷ ଜେଲ ଦଣ୍ଡ ଓ ୨ ହଜାର ଟଙ୍କା ଜରିମନା ନିର୍ଦ୍ଦେଶ ହୋଇଛି। ଶୁକ୍ରବାର ଅପରାହ୍ନରେ ଏଡିଜେ-୨ ମନୋଜ କୁମାର ଏହି ଶୁଣାଣି କରିଥିଲେ। ବରିଷ୍ଠ ଆଇନଜୀବୀ କୈଳାସ ପ୍ରଧାନ ସରକାରୀ ଓକିଲ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

ସୂଚନାଯୋଗ୍ୟ, ହେମଗିରି ଥାନା କୁଇସ୍ରା ଗ୍ରାମରେ ମନବୋଧ ପ୍ରଧାନ ଓ ତାଙ୍କ ସ୍ତ୍ରୀ ନିନ୍ଦିରା ପ୍ରଧାନ ରହୁଥିଲେ। ପ୍ରାୟତଃ ଉଭୟଙ୍କ ମଧ୍ୟରେ କଳି ହେଉଥିଲା। ୨୦୨୧ ସେପ୍ଟେମ୍ବର ୯ତାରିଖ ରାତିରେ ମନବୋଧ ଘରେ ଖାଇବା ବେଳେ କୌଣସି କଥାକୁ କେନ୍ଦ୍ର କରି ନିନ୍ଦିରା ଭାତଥାଳିକୁ ଫିଙ୍ଗି ଦେଇଥିଲେ। ଘରେ ପୁତୁରାବୋହୁ ଲିଲାଦ୍ରୀ, ଦାଦା ଶ୍ୱଶୁର ମନବୋଧଙ୍କୁ ସମର୍ଥନ ଦେଉଥିଲେ। ଭାତଥାଳି ଫିଙ୍ଗିବାକୁ ନେଇ ମନବୋଧ ତାଙ୍କ ସ୍ତ୍ରୀଙ୍କୁ ଘର ବାହାରେ ଥିବା ଏକ ଗଛମୂଳକୁ ନେଇ ଟାଙ୍ଗିଆ ଓ ବାଡ଼ିରେ ନିସ୍ଠୁର ମାଡ଼ ଓ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଲିଲାଦ୍ରୀ ଓ ମନବୋଧ ଏକ ଖଟିଆରେ ନିନ୍ଦିରାଙ୍କ ମୃତଦେହକୁ ନେଇ ନିକଟସ୍ଥ ରେଳ ଧାରଣାରେ ଫିଙ୍ଗି ଦେଇଆସିଥିଲେ। ଅପରପକ୍ଷେ ରେଳ ଧାରଣାରୁ ମୃତଦେହ ମିଳିବା ନେଇ ସ୍ଥାନୀୟ ଜିଆରପି ପୋଲିସ ଏସ୍‌ଆଇ ଆଲୋକ ନାୟକ ଏକ ମାମଲା (ନଂ.୪୩/୨୧) ରୁଜୁ କରି ତଦନ୍ତ କରିଥିଲେ। ସେହିପରି ମୃତ ମହିଳାଙ୍କ ପରିବାର ସଦସ୍ୟ ଭରତ କିଷାନ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଅଦାଲତ ଉକ୍ତ ମାମଲାର ବିଚାର କରି ମନବୋଧ ଓ ଲିଲାଦ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଜରିମନା ଅନାଦାୟ ହେଲେ ମନବୋଧଙ୍କୁ ୨ ମାସ ଅତିରିକ୍ତ ଜେଲ ଦଣ୍ଡ ଏବଂ ଲିଲାଦ୍ରୀଙ୍କୁ ଅତିରିକ୍ତ ୧ ମାସ ଜେଲ ଦଣ୍ଡ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

## ହାଇୱା ଧକ୍କାରେ ଠିକା ଶ୍ରମିକ ମୃତ

ରାଉରକେଲା,୨୩।୨ (ଦିନେଶ ମିଶ୍ର): ରାଉରକେଲା ଡେଲାକୁଦର ଛକ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ହୋଇଛି। ଏହି ଦୁର୍ଘଟଣାରେ ଠିକା ଶ୍ରମିକ ଚିତ୍ରା ଲୁଗୁନ୍(୩୨)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ଜବତ କରି ଶୁକ୍ରବାର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ମନ୍ଦିର ରୋଡ୍ ଅଞ୍ଚଳର ଚିତ୍ରା ଗୁରୁବାର ରାତିରେ ଘରକୁ ଫେରୁଥିବା ବେଳେ ତାଙ୍କୁ ଡେଲାକୁଦର ଛକ ନିକଟରେ ଏକ ହାଇୱା ଧକ୍କା ଦେଇଥିଲା।




ସେକ୍ଟର-୨ ବସଷ୍ଟାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଡିଜେ ସାଉଣ୍ଡରେ ଚା' ଦୋକାନୀ ମୃତ

ରାଉରକେଲା,୨୩।୨ (ଦିନେଶ ମିଶ୍ର/ସଙ୍ଗୀତା ଜେନା)

ରାଉରକେଲା ଏସ୍‌ଟିଆଇ ଛକରେ ସରସ୍ୱତୀ ପୂଜା ଭସାଣି ବେଳେ ଡିଜେ ସାଉଣ୍ଡ ଶବ୍ଦ ଅସହ୍ୟ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ପ୍ରେମନାଥ ବାରଭାୟା(୫୫)। ଖବର ପାଇ ରଘୁନାଥପଲ୍ଲୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଡିଜେ ଗାଡିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା (ରାତି ସାଢେ ୯ଟା) ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ହୋଇ ନ ଥିବା ଜଣାପଡିଛି। ସୂଚନାଯୋଗ୍ୟ, ଶୁକ୍ରବାର ସନ୍ଧ୍ୟାରେ ଏସ୍‌ଟିଆଇ ବସ୍ତିରେ ସରସ୍ୱତୀ ଭସାଣି ହେଉଥିଲା। ଏସ୍‌ଟିଆଇ ଛକରେ ଚା' ଦୋକାନ କରିଥିବା ପ୍ରେମନାଥଙ୍କ ଦୋକାନ ସମ୍ମୁଖ ଦେଇ ଭସାଣି ଶୋଭାଯାତ୍ରା ଯିବାବେଳେ ଖୁବ୍ ଜୋରରେ ଡିଜେ ସାଉଣ୍ଡ ବାଜିବାରୁ ସେ ହଠାତ୍ ତଳେ ପଡିଗଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

## ସ୍ୱୟଂଚାଳିତ ଫୋର୍ସ କୁଲିଂ ସିଷ୍ଟମ ଉଦ୍‌ଘାଟିତ

ରାଉରକେଲା,୨୩।୨ (ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ନୂତନ ପ୍ଲେଟ ମିଲରେ ସ୍ୱୟଂଚାଳିତ ଫୋର୍ସ କୁଲିଂ ସିଷ୍ଟମ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଏନ୍‌ପିଏମ୍ ଏବଂ ଏସ୍‌ପିପି ବିଭାଗ ସିଜିଏମ କାର୍ତ୍ତିକେୟ ବେହେରା, ଆରଡିସିଆଇଏସ ରାଉକେଲା କେନ୍ଦ୍ରର ସିଜିଏମ୍ କେ. କେ କେଶରୀ, ଆରଡିସିଆଇଏସ ରାଞ୍ଚିର ସିଜିଏମ୍ ପି. ପାଠକ, ଜିଏମ୍ ଅପରେଶନ ଆର. ଶର୍ମା, ନୀଳମଣି ମହାପାତ୍ର, ମେକାନିକାଲ ଜିଏମ୍ ଏସ୍ ସୁଧାକର, ଆରଡିସିଆଇଏସ୍‌ର ଏଫଆର ଏଣ୍ଡ ଟି ର ଜିଏମ୍ ଡାକ୍ତର ଏସ୍. ରଥଙ୍କ ସମେତ ଆରଏସପି ଓ ଆରଡିସିଆଇଏସ୍‌ର ବହୁ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ସ୍ଥାପିତ ଅତ୍ୟାଧୁନିକ ନୂତନ ସିଷ୍ଟମ ମାଧ୍ୟମରେ କୁଲିଂ ବେଡ୍ ଏବଂ ଯାଞ୍ଚ ଶଯ୍ୟରେ ସଂଯୋଗକାରୀ ରୋଲର ଟେବୁଲରେ ଉନ୍ନତମାନର ରଣକୌଶଳ ପ୍ରୟୋଗ କରି ଅତ୍ୟାଧୁନିକ ସିଷ୍ଟମ ଅନ୍‌ଲାଇନ ଅଲଟ୍ରାସୋନିକ ଟେଷ୍ଟିଂରେ ପ୍ରବେଶ ହେବା ପୂର୍ବରୁ ପ୍ଲେଟର ତାପମାତ୍ରା ହ୍ରାସ କରିବା ମୂଳଲକ୍ଷ୍ୟ ରହିଛି। ଯାହାଦ୍ୱାରା ୟୁଏସ୍‌ଟି ଓ ଫିନିସିଂ ଲାଇନର ଉତ୍ପାଦନ ବୃଦ୍ଧି ପାଇବା ସହିତ ବୃତାନ୍ତ ପ୍ରକରଣରେ ପ୍ଲେଟ ଗୁଡିକ ପାଇଁ ଉନ୍ନତ ପୃଷ୍ଟ ଅବସ୍ଥା ପ୍ରଦାନ କରିବ। ଅତଏବ ଏହି ସିଷ୍ଟମ ଏକ ଅତ୍ୟାଧୁନିକ ନିୟନ୍ତ୍ରଣ ଉପକରଣ ଏବଂ ନିୟନ୍ତ୍ରକ ଭାବେ ସଜ୍ଜିତ ହୋଇଥିବା ବେଳେ ପ୍ଲେଟ ପ୍ରବେଶ ପ୍ରସ୍ଥାନରେ ଏହା କୁଲିଂ ୱାଟର ସ୍ପ୍ରେର ଠିକ ନିୟନ୍ତ୍ରଣ ସୁନିଶ୍ଚିତ କରିବା ପାଇଁ ଜରୁରୀ ସାବ୍ୟସ୍ତ ହେବ ।



ଅଧିକାରୀ ଓ କର୍ମଚାରୀ ନୂତନ କୁଲିଂ ମେଶିନ ନିରୀକ୍ଷଣ କରୁଛନ୍ତି।

## କୃଷକ ହତ୍ୟା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା,୨୩।୨ (ସଙ୍ଗୀତା ଜେନା)

ପଞ୍ଜାବ ହରିଆଣା ସୀମାରେ ହୋଇଥିବା କୃଷକ ହତ୍ୟାକୁ କଡା ନିନ୍ଦା କରି ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ ଫେଡେରେଶନ ପକ୍ଷରୁ ଶୁକ୍ରବାର କଳାଦିବସ ପାଳନ କରାଯାଇଛି। ଏହି କ୍ରମରେ ସନ୍ଧ୍ୟାରେ ସେକ୍ଟର-୨ ବସଷ୍ଟାଣ୍ଡ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୋଲିସ ମୁଖ୍ୟ ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ସହିତ ସର୍ବୋଚ୍ଚ ଅଦାଲତ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ କରିବା ଲାଗି ଦାବି ହୋଇଥିଲା। ସେହିପରି ଏହାର ପ୍ରତିବାଦରେ ଆସନ୍ତା ୨୬ ତାରିଖରେ ଦେଶବ୍ୟାପୀ ଟ୍ରାକ୍ଟର ପରୁଆର କରିବାକୁ ଘୋଷଣା କରାଯାଇଥିଲା। ବିକ୍ଷୋଭ କାର୍ଯ୍ୟକ୍ରମରେ ସଂଯୁକ୍ତ କିଷାନ ମୋର୍ଚ୍ଚା ନେତା ସୁରେନ୍ଦ୍ର ଦାଶ, ସିଟୁ ଜିଲା ସମ୍ପାଦକ ରାଜକିଶୋର ପ୍ରଧାନ, ବି. ପି. ମହାପାତ୍ର, ଅରିନ୍ଦମ ଦତ୍ତ, ଲକ୍ଷ୍ମୀଧର ନାୟକ, ଅରୁଣ ମହାରଣା, ରଜତ ମୁଣ୍ଡା, ଚରଣ ସିଂହ, ରାଜବୀ ବସନ୍ତ ରାୟଙ୍କ ସମେତ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ।

## ହନୁମାନ ବାଟିକାର ୩୦ତମ ପ୍ରତିଷ୍ଠା ଦିବସ ଉଦ୍‌ଯାପିତ



ଉଦ୍‌ଯାପନୀ ଦିବସରେ ପୂର୍ଣ୍ଣାହୁତି ଦିଆଯାଉଛି।

ରାଉରକେଲା,୨୩।୨ (ଦିନେଶ ମିଶ୍ର)

ହନୁମାନ ବାଟିକାର ୩୦ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଉତ୍ସବ ଗତ ୨୧ତାରିଖରୁ ଆରମ୍ଭ ହୋଇଥିଲା। ହନୁମାନ ବାଟିକା ପରିଚାଳନା ଟ୍ରଷ୍ଟର ଅଧ୍ୟକ୍ଷ ଦିଲୀପ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ୩ ଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିନ ସକାଳେ ପଣ୍ଡିତ ଅଜୟ ଶତପଥୀଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟପୂଜା, ଗୋପୂଜା ଓ ବିଶ୍ୱଶାନ୍ତି ପାଇଁ ହୋମଯଜ୍ଞ କରାଯାଇଥିଲା। ଦ୍ୱିତୀୟ ଦିନରେ ସାମୂହିକ ହନୁମାନ ଚାଳିଶା ଓ ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ଶେଷ ଦିବସରେ ଅଷ୍ଟପ୍ରହର ନାମଯଜ୍ଞ ସହ ହୋମଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଏଥିରେ ପଣ୍ଡିତ ଅଜୟ ମିଶ୍ର ଓ ଜୟଦେବ ମିଶ୍ରଙ୍କ ସମେତ ହନୁମାନ ବାଟିକାର ସମସ୍ତ ପଣ୍ଡିତ ଯୋଗଦେଇ ବିଶ୍ୱଶାନ୍ତି ନିମନ୍ତେ ସାମୂହିକ ପ୍ରାର୍ଥନା କରିଥିଲେ। ହୋମଯଜ୍ଞରେ ସାମାଜିକ କର୍ମୀ ଶୁଭ ପଟ୍ଟନାୟକ ସସ୍ତ୍ରୀକ କର୍ତ୍ତା ଭାବେ ଯୋଗ ଦେଇଥିଲେ। ପ୍ରମୋଦ କୁମାର ନୈତୁଲ୍ୟ, ମ୍ୟାନେଜର ରାମାଶ୍ରୟ ପାଣ୍ଡେ, ବରୁଣ ମାଝୀ, ଲକ୍ଷ୍ମଣ, ଭରତ ମିଶ୍ର, ଅଶୋକ କୁମାର ପାଣି, ବିଭୁ ଦାଶଙ୍କ ସମେତ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଦିବ୍ୟାଙ୍ଗ ନାବାଳିକା ବଳାତ୍କାରୀଙ୍କୁ ଆଜୀବନ କାରାଦଣ୍ଡ

ରାଉରକେଲା,୨୩।୨ (ସଙ୍ଗୀତା ଜେନା)

ରାଉରକେଲା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶୁକ୍ରବାର ଜଣେ ଦିବ୍ୟାଙ୍ଗ ନାବାଳିକା ବଳାତ୍କାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦିଆଯାଇଛି। ଅତିରିକ୍ତ ଦୌରାଜଜ୍ ତ୍ୱରିତ ଅଦାଲତ ସ୍ୱତନ୍ତ୍ର ପୋକସୋ କୋର୍ଟର ବିଚାରପତି ପି. ସୁରିୟା ରାଓ ଦୋଷୀ ଯୁଗଳ ଚେରୁଆଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ଏହା ସହ ପୀଡ଼ିତାଙ୍କୁ ୨ ଲକ୍ଷ ଟଙ୍କା ଜରିମନା ପ୍ରଦାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୀଡ଼ିତାଙ୍କୁ ଥଇଥାନ ଓ ରକ୍ଷଣାବେକ୍ଷଣା ପାଇଁ ୭ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ତାଲୁକ ଆଇନସେବା ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଆଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ବିଶ୍ରା ଥାନା ଅଞ୍ଚଳର ରହୁଥିବା ପୀଡ଼ିତା ଜଣଙ୍କ ମୁକ,ବଧିର ଅଛନ୍ତି। ପୀଡ଼ିତାଙ୍କ ପିତାମାତା ଘରେ ନ ଥିବା ବେଳେ ଯୁଗଳ ଉକ୍ତ ନାବାଳିକା(୧୪)ଙ୍କ ଅନିଚ୍ଛା ସତ୍ତ୍ୱେ ବାରମ୍ବାର ବଳାତ୍କାର କରିଥିଲେ। ପୀଡ଼ିତା ଗର୍ଭବତୀ ହେବା ପରେ ଘଟଣା ସାମ୍ନାକୁ ଆସିଥିଲା। ଏ ନେଇ ବିଶ୍ରା ଥାନାରେ ଏକ ମାମଲା (ନଂ.୯୮/୧୮) ରୁଜୁ ହୋଇଥିଲା। ବିଚାରପତି ୧୮ଜଣ ସରକାରୀ ସାକ୍ଷୀଙ୍କ ବୟାନ ଓ ୩୮ଟି ଦସ୍ତାବିଜକୁ ବିଚାର କରି ଉକ୍ତ ରାୟ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ସୁଦାମ ଚନ୍ଦ୍ର ଦାଶ ମାମଲା ପରିଚାଳନା କରୁଥିଲେ।

## ଓଡ଼ିଶା ଓପନ୍ ଟେନିସ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ରାଉରକେଲା,୨୩।୨ (ଦିନେଶ ମିଶ୍ର)

ସେକ୍ଟର-୯ ସ୍ଥିତ ଷ୍ଟିଲ କ୍ଲବ ପରିସରରେ ରାଉରକେଲା ଟେନିସ୍ ଆସୋସିଏଶନ(ଆରଟିଏ) ପକ୍ଷରୁ ନବମ ଓଡିଶା ଓପନ୍ ଟେନିସ୍ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍‌କୁ ପଶ୍ଚିମାଞ୍ଚଳ ଡିଆଇଜି ନିତି ଶେଖର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଖେଳୱାଡ୍ ମନୋଭାବ ନେଇ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିବାକୁ ନିତିଶେଖର ଖେଳାଳିମାନଙ୍କୁ ଆହ୍ୱାନ ଦେଇଥିଲେ। ସାମାଜିକ କର୍ମୀ ଦିଲୀପ କୁମାର ବେହେରା ଓ ଆରଟିଏ ସମ୍ପାଦକ ପ୍ରକାଶ ସେନାପତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଚାମ୍ପିୟନ୍‌ଶିପ୍‌ରେ ଓଡିଶାର ବିଭିନ୍ନ ଜିଲାରୁ ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଚାମ୍ପିୟନଶିପ୍‌ରେ ୪ଟି ବର୍ଗ ରଖାଯାଇଛି। ଚାମ୍ପିୟନ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି ମ୍ୟାଚକୁ ଜତିନ୍ ବତ୍‌ସିଆ ମ୍ୟାଚ ରେଫରି ଭାବେ ପରିଚାଳନା କରିବେ। ଏହି ୩ ଦିନିଆ ଓପନ ଟେନିସ ଚାମ୍ପିୟନଶିପ୍‌କୁ ଆରଟିଏର କୋଷାଧ୍ୟକ୍ଷ ଦିନେଶ ଅଗ୍ରୱାଲ, ଅଖିଲ ଗୁପ୍ତା, ଜଶପାଲ ସିଂ, ଏସ୍. ବଲ, ଐଶ୍ୱର୍ଯ୍ୟା ଅଗ୍ରୱାଲ, ପାର୍ଥ ଦେ, ଦୀପ ବେହେରା, ଅନିଷ ଅଗ୍ରୱାଲ, ରାଜକୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

# ସଚିବାଳୟ ଘେରାଉରେ ସାମିଲ ପାଇଁ ଆହ୍ୱାନ

ରାଉରକେଲା,୨୩।୨ (ସଙ୍ଗୀତା ଜେନା)

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛନ୍ତି। ମୌଳିକ ସେବା ଯୋଗାଇଦେବା ପରିବର୍ତ୍ତେ ଉଭୟ ସରକାର ଜନସାଧାରଣଙ୍କୁ ଲୁଟ୍ କରିଚାଲିଥିବା ଅଭିଯୋଗ କରି ଆସନ୍ତା ୨୬ ତାରିଖରେ କଂଗ୍ରେସ ପକ୍ଷରୁ ସଚିବାଳୟ ଘେରାଉ କରାଯିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଅପରାହ୍ନରେ ସେକ୍ଟର-୨୧ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଉରକେଲା ଡିସିସି ସଭାପତି ରବି ରାୟ କହିଥିଲେ, ଏହି ସରକାରଙ୍କ ସମୟରେ ଦୁର୍ନୀତିର ପାହାଡ଼ ସୃଷ୍ଟି ହୋଇଛି। ଖଣି ଦୁର୍ନୀତି, ଚିଟ୍‌ଫଣ୍ଡ ଘୋଟାଲା, ଭିତ୍ତିଭୂମିର ପୁନର୍ବିନ୍ୟାସ ପାଇଁ ଦୁର୍ନୀତି ତଥା ରାଜ୍ୟରେ ମହିଳାମାନଙ୍କ ବିପର୍ଯ୍ୟସ୍ତ ସ୍ଥିତି ଦିନକୁ ଦିନ ବୃଦ୍ଧି ପାଇଚାଲିଛି। ରାଜ୍ୟରେ ପ୍ରତିଦିନ ମହିଳା ବଳାତ୍କାର ମାମଲା ବଢୁଛି। ଏପରିକି ନାବାଳିକାଙ୍କ କ୍ଷେତ୍ରରେ ଏହା ଅଧିକ ପରିଲକ୍ଷିତ ହେଉଛି। ଶାସନକଳ ପରିଚାଳନାରେ ପ୍ରଚାରପ୍ରସାରକୁ ସର୍ବସ୍ୱ କରି ରଖାଯାଇଛି। ସେହିପରି ଶିକ୍ଷାବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ୧ମରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠି ହଜାର ହଜାର ପଦବୀ ଖାଲି ପଡ଼ିଛି। ସ୍କୁଲ ଓ କଲେଜଗୁଡ଼ିକରେ ୫୦ପ୍ରତିଶତ ଶିକ୍ଷକ ପଦବୀ ପୂରଣ ହୋଇପାରିନାହିଁ। ଅନୁରୂପ ଭାବେ ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅତ୍ୟନ୍ତ ଉଦ୍‌ବେଗଜନକ ରହିଛି। ପ୍ରସୂତି ଖଟିଆରେ ବୁହାହେଉଛନ୍ତି। ସେହିପରି ପ୍ରାଥମିକ ଚିକିତ୍ସା କେନ୍ଦ୍ରରୁ ଜିଲା ସଦର ମହକୁମା ପର୍ଯ୍ୟନ୍ତ ଡାକ୍ତରଖାନାରେ ଡାକ୍ତର, ପାରାମେଡ଼ିକାଲ ଓ ଅନ୍ୟ ପଦବୀ ଖାଲି ରହିଛି। ପ୍ରତିବର୍ଷ ୨ ଲକ୍ଷ ବେକାର ଯୁବକଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ୧୦ହଜାର ଯୁବକ ନିଯୁକ୍ତି ପାଉନାହାନ୍ତି। ଦରଦାମ ବୃଦ୍ଧି ଲୋକଙ୍କୁ ହୀନସ୍ତା କଲାଣି। ଏହାର ବିରୋଧ କରି ଆସନ୍ତା ୨୬ ତାରିଖରେ ଭୁବନେଶ୍ୱରସ୍ଥିତ ରାଜ୍ୟ ସଚିବାଳୟ ଘେରାଉ କରାଯିବ। ଏଥିରେ ରାଉରକେଲା ସହରବାସୀ ଯୋଗଦେବାକୁ ରାୟ ଆହ୍ୱାନ ଦେଇଥିଲେ। ଖବରଦାତା ସମ୍ମିଳନୀରେ କମିଟିର ସମ୍ପାଦକ ବିରେନ ସେନାପତି, ମିଡିଆ ସଂଯୋଜକ ନିହାର ଦାସ, ରାମପୁକାର ସିଂହ, ଉପସଭାପତି ସରୋଜ ଲେଙ୍କା, ସମ୍ପାଦକ ଦିଲୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଡିସିସି ସଭାପତି ଓ ଅନ୍ୟମାନେ।

## ସଂକ୍ଷେପରେ

### ନୂତନ ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ଜମନକିରା, ୨୩।୨ (ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ପରିସରରେ ଶୁକ୍ରବାର ନୂତନ ମିଶନ ଶକ୍ତି ଗୃହ ବିଧାୟକ କିଶୋର ଚନ୍ଦ୍ର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ବିଡ଼ିଓ ରୀନା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆଶ୍ରିତା ଭୋଇ, ସ୍ନିଗ୍ଧା ପଟେଲ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଦିଲୀପ ଦାସ, ୟୁନିଅନ ବ୍ୟାଙ୍କ ଶାଖା ପରିଚାଳକ ସନ୍ତୋଷ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହି ବିଭିନ୍ନ ହିତାଧିକାରୀଙ୍କୁ ଋଣ ପ୍ରଦାନ କରିଥିଲେ। ମିଶନ ଶକ୍ତି ବ୍ଲକ ସମିତି ସଭାନେତ୍ରୀ ବିନତା ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓଡ଼ିଶା ଜୀବିକା ମିଶନର ବିପିଏମ୍ ସରୋଜ କୁମାର ମିଶ୍ର ମା'ମାନଙ୍କ ପାଇଁ ସରକାର କରିଥିବା ଯୋଜନା ସମ୍ପର୍କରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଅଞ୍ଚଳର ମୋଟ ୧୨୫ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ୫ କୋଟି ୮୦ ଲକ୍ଷ ଋଣ ପ୍ରଦାନ କରାଯାଇଥିଲା। ଶେଷରେ ବିଡ଼ିଓ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ଥମୁନି ହାତୀ ଉପଦ୍ରବ

ପଡିଆବାହାଲ, ୨୩।୨ (ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ସଦର ଓ ପଡିଆବାହାଲ ରେଞ୍ଜ ଅଞ୍ଚଳରେ ବଣୁଆ ହାତୀ ଉପଦ୍ରବ ଥମିବା ନାଁ ନେଉନି। ଦୁଇଦିନ ତଳେ ସଦର ରେଞ୍ଜ ଝାଙ୍କରପାଲି ପଞ୍ଚାୟତ ବେଜପଡ଼ା ଗ୍ରାମରେ ହାତୀ ପଶି ରାଜେନ୍ଦ୍ର ଓ ଶର୍ମିଳା ମଲ୍ଲିକଙ୍କ ଘର ଏବଂ ସଞ୍ଜୁଲତା ବଡେଇଙ୍କ କୁକୁଡ଼ା ଫାର୍ମ ଭାଙ୍ଗିଥିଲା। ଗତ ରାତିରେ ପୁଣି ପଡିଆବାହାଲ ରେଞ୍ଜର ପଟୁଆବାହାଲରେ ହାତୀ ତାଣ୍ଡବ ରଚିଛି। ଏକ ମିଲରୁ ଚାଉଳ ଖାଇବା ସହ ସୁଧାଂଶୁ ସାହୁଙ୍କ ଘର ଓ ଜୋରଖଣ୍ଡିରେ ଥିବା ଏକ ଘର ଭାଙ୍ଗିଥିଲା। ସନ୍ଧ୍ୟା ୭ଟାରୁ ହାତୀ ପହଞ୍ଚିବା ଖବର ପାଇ ବନ କର୍ମଚାରୀ ପହଞ୍ଚିଥିଲେ ସୁଦ୍ଧା ହାତୀ ଉପଦ୍ରବକୁ ରୋକାଯାଇ ପାରି ନ ଥିଲା। ଏଥିରୁ ରକ୍ଷା ପାଇବା ପାଇଁ ସୋଲାର ଫେନ୍‌ସିଂ ସହ ତାଣ୍ଡବ ରଚୁଥିବା ହାତୀକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ଏହାର ପ୍ରତିବାଦରେ ଲୋକେ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି। ଏ ନେଇ ଡଙ୍ଗରପଡା ସରପଞ୍ଚ ଅୟସକାନ୍ତ ବଡପଣ୍ଡା ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଆନ୍ଦୋଳନ କରାଯିବାକୁ ଚେତାବନୀ ଶୁଣାଇଛନ୍ତି।

### ପାର୍କିଂରୁ ବାଇକ୍ ଚୋରି ଉଦ୍ୟମ, ଅଭିଯୁକ୍ତ ଗିରଫ

ସମ୍ବଲପୁର, ୨୩।୨ (ପ୍ରମୋଦ ବହିଦାର): ସମ୍ବଲପୁର ରେଳଷ୍ଟେଶନ ପାର୍କିଂରୁ ବାଇକ୍ ଚୋରି ଉଦ୍ୟମ କରୁଥିବା ଅଭିଯୁକ୍ତଙ୍କୁ ରେଳବାଇ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୂଆପଡ଼ା ଜିଲା ରାଜଖରିଆର କୋଟିପଡ଼ାର ଜଗନ୍ନାଥ ନାଗ(୨୪)। ସୂଚନା ଅନୁସାରେ ଗତ ୧୭ ତାରିଖରୁ ପାର୍କିଂରେ ରହିଥିବା ଏକ ବାଇକ୍‌କୁ ଜଗନ୍ନାଥ ଚୋରି ଉଦ୍ୟମ କରୁଥିବା ବେଳେ ଜଗୁଆଳିଙ୍କ ହାତରେ ଧରା ପଡ଼ିଥିଲେ। ଜଗୁଆଳିଠାରୁ ଖବର ପାଇ ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗିରଫ କରିଥିଲା।

# ୨୫ରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଭାଷା ସମ୍ମିଳନୀ

## ସାମିଲ ହେବେ ଶତାଧିକ ଗବେଷକ, କବି, ଲେଖକ

ସମ୍ବଲପୁର, ୨୩।୨ (ଭବାନୀ ଶଙ୍କର ଭୋଇ)

ଓଡ଼ିଶାର ପଶ୍ଚିମାଞ୍ଚଳ ତଥା ଉପାନ୍ତ ଛତିଶଗଡ଼ ଓ ଝାଡ଼ଖଣ୍ଡ ଅଞ୍ଚଳର ପ୍ରାୟ ୨ କୋଟିରୁ ଅଧିକ ଲୋକଙ୍କ ମାତୃଭାଷା ହେଉଛି ସମ୍ବଲପୁରୀ। ତଥାପି ସମ୍ବଲପୁରୀ ଭାଷା ସାମ୍ବିଧାନିକ ସ୍ୱୀକୃତି ପାଇପାରି ନାହିଁ। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୫ରେ ସମ୍ବଲପୁରରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଭାଷା ସମ୍ମିଳନୀ ଆୟୋଜନ କରାଯିବ। ଶୁକ୍ରବାର ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

ଆୟୋଜକ କମିଟି ସଭାପତି ପ୍ରଫୁଲ୍ଲ ହୋତା ଖବରଦାତା ସମ୍ମିଳନୀରେ ଦେଇଥିବା ସୂଚନା ଅନୁସାରେ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ହେବାକୁ ଥିବା ଏହି ସମ୍ମିଳନୀରେ ପଶ୍ଚିମାଞ୍ଚଳର ୧୧ ଜିଲାରୁ ଗବେଷକ, କବି, ଲେଖକ, ବୁଦ୍ଧିଜୀବୀ ଏବଂ ଭାଷାକର୍ମୀଙ୍କୁ ନିମନ୍ତ୍ରଣ କରାଯାଇଛି। ସୂଚନା ଅନୁସାରେ ସମ୍ମିଳନୀର ପ୍ରଥମ ଅଧିବେଶନରେ ବିଭିନ୍ନ ଜିଲାରୁ ଆସିଥିବା ଗବେଷକମାନଙ୍କ ଦ୍ୱାରା ସମ୍ବଲପୁରୀ ଭାଷାର ଉଦ୍ଭବ ଓ କ୍ରମବିକାଶ ଶୀର୍ଷକରେ ୨୦ଟି ଗବେଷଣା ପ୍ରବନ୍ଧ ଉପସ୍ଥାପିତ ହେବ। ଦ୍ୱିତୀୟ ଅଧିବେଶନରେ କବି, ଲେଖକ ଏବଂ ଗବେଷକମାନେ ସମ୍ବଲପୁରୀ ଭାଷାର ବିକାଶ ଦିଗରେ ମତାମତ ଉପସ୍ଥାପନ କରିବେ। ଶତାଧିକ ବର୍ଷର ଲିଖିତ ସାହିତ୍ୟ ରହିଥିବା ସତ୍ତ୍ୱେ ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ମିଳିପାରି ନାହିଁ। ସମ୍ବଲପୁରୀ ଭାଷାର ଐତିହାସିକ ପ୍ରମାଣ ଦେବାକୁ ଯାଇ ଗବେଷକ ଡ. ଶ୍ୟାମ ସୁନ୍ଦର ଧର କହିଥିଲେ, ସପ୍ତମ ଶତାବ୍ଦୀର ଚର୍ଯ୍ୟାପଦରୁ ସମ୍ବଲପୁରୀ ଶବ୍ଦର ପ୍ରମାଣ ମିଳିସାରିଛି। ସମ୍ବଲପୁରୀ ଭାଷାର ଲୋକସାହିତ୍ୟ ପରମ୍ପରା ଅତି ପ୍ରାଚୀନ ବୋଲି ସେ ମତ ଦେଇଥିଲେ। ଭାରତ ସରକାର ନୂତନ ଶିକ୍ଷାନୀତି – ୨୦୨୦ ପ୍ରଣୟନ କରି ସେଥିରେ ମାତୃଭାଷାରେ ଶିକ୍ଷାଦାନକୁ ପ୍ରାଧାନ୍ୟ ଦେବା ପାଇଁ ରହିଥିବା ବେଳେ ସମ୍ବଲପୁରୀ ଭାଷାରେ ଶିକ୍ଷାଦାନ କରାଯିବାକୁ ଖବରଦାତା ସମ୍ମିଳନୀରେ ଅତିଥିମାନେ ଦାବି କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ସମଗ୍ର ରାଜ୍ୟର ହୋଇଥିଲା ବେଳେ ସମ୍ବଲପୁରୀ ଭାଷା ସାହିତ୍ୟର ପ୍ରଚାର ପ୍ରସାର ବିକାଶ ଦିଗରେ ଉଦାସୀନ ରହିଥିବା ଆୟୋଜନ କମିଟି ପକ୍ଷରୁ କୁହାଯାଇଛି। ଏହାସହ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସମ୍ବଲପୁରୀ ଭାଷା କିପରି ସ୍ଥାନିତ ହେବ ସେ ଦିଗରେ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି। ଶେଷରେ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ସମ୍ପାଦକ ପ୍ରଶାନ୍ତ ପାଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।


ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା ବୃନ୍ଦ।

# ସଚିବାଳୟ ଘେରାଉ ନେଇ ଜିଲା କଂଗ୍ରେସର ପ୍ରସ୍ତୁତି



ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ସମ୍ବଲପୁର, ୨୩।୨ (ବି.ଶଙ୍କର)

ରାଜ୍ୟ ସଚିବାଳୟ ଘେରାଉ କାର୍ଯ୍ୟକ୍ରମ ନେଇ ଶୁକ୍ରବାର ସମ୍ବଲପୁର ଜିଲା କାର୍ଯ୍ୟାଳୟରେ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଜୟଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଆସନ୍ତା ୨୬ରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା ବିରୋଧରେ ଘେରାଉ କାର୍ଯ୍ୟକ୍ରମ ରହିଛି। ଏ ନେଇ ଦଳୀୟ ନେତା ଓ କର୍ମୀ ଆଲୋଚନା କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ କର୍ମକର୍ତ୍ତା ଘେରାଉରେ ସାମିଲ ହେବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗରଡିଆ, ପିସିସି ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପଧାନ, ପିସିସି ସମ୍ପାଦକ ଅମିତ ଗୁରୁ, ଜିଲା ଯୁବକଂଗ୍ରେସ ସଭାପତି ପ୍ଲାବନ ବହିଦାର, କଂଗ୍ରେସ ନେତା ଅମରେନ୍ଦ୍ର ରାୟଗୁରୁ, ନିରଞ୍ଜନ ତ୍ରିପାଠୀ, ରବି ରାଉତ, ଗିରିଜା ଶଙ୍କର ନାୟକ, ଚତୁର୍ଭୁଜ ଝାଙ୍କର, ଆଶୁତୋଷ ସ୍ୱାଇଁ, କଂଗ୍ରେସ ନେତ୍ରୀ ବିନୋଦିନୀ ଦୀପ, ସୁତପା ମିତ୍ର, ସୁରେଞ୍ଜିନି ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ

# ସଂସ୍କୃତି ବଜାୟ ରଖିବାକୁ ଗୁରୁତ୍ୱାରୋପ

କୁଚିଣ୍ଡା, ୨୩।୨ (ବିରଞ୍ଚି ଦର୍ଶା)

କୁଚିଣ୍ଡା କଲେଜ ପଡିଆରେ ଶୁକ୍ରବାର ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଜିଲାସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶୋଭାରାମ ପ୍ରଧାନଙ୍କ ସଭାପତିତ୍ୱ କରିଥିବାବେଳେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଜନଜାତି ସଂସ୍କୃତି ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରି ଏଥିପାଇଁ ସରକାରଙ୍କ ଜନଜାତି କଲ୍ୟାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଥିବା କହାଯାଇଥିଲା। ଜିଲା ସ୍ୱତନ୍ତ୍ର ଉନ୍ନୟନ ଉପାଧ୍ୟକ୍ଷ ରାଖି ମୁଣ୍ଡା, ସଭ୍ୟ ଗୋବିନ୍ଦ ନେଟି, ଜିଲାପରିଷଦ ସଭାପତି କୁମୁଦିନୀ ନାୟକ, ଉପସଭାପତି ମାଧବ ମିର୍ଦ୍ଧା, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ଜିଲାପରିଷଦ ସିଡ଼ିଓ ଧର୍ମେନ୍ଦ୍ର ମଲ୍ଲିକ, କୁଚିଣ୍ଡା ଉପଜିଲାପାଳ ହେମସାଗର ଭୋଇ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, କୁଚିଣ୍ଡା ବିଡ଼ିଓ ନିରଞ୍ଜନ ସା, ବାମରା ବିଡ଼ିଓ ପୁଷ୍ପକ ପ୍ରଧାନ, ଓର୍‌ମାସ ଡେପୁଟି ସିଇଓ ଶ୍ରୀମନ୍ତ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଚରକ ମଣ୍ଡଳୀ ଭାବେ ଗୁରୁଶ୍ରୀ ଶଙ୍କର ପ୍ରସାଦ ପ୍ରଧାନ, ଗୁରୁ ରଞ୍ଜନ କୁମାର ସାହୁ, ସୁରଥ ଚନ୍ଦ୍ର ନାୟକ, ହୃଦାନନ୍ଦ ଶର୍ମା, ପୁର୍ଣ୍ଣେନ୍ଦୁ ମହାନ୍ତି, ବାଣେଶର ପ୍ରଧାନ, ଜିତୁ ଗୋପାଳ, ଗିରିଧାରୀ ମୁଣ୍ଡା ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଏଥିରେ ଜିଲାର ୯ ବ୍ଲକରୁ ମୋଟ ୧୭ଗୋଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ସମସ୍ତ ଜନଜାତି ଭିତ୍ତିକ କଳା ପ୍ରଦର୍ଶନକାରୀ ଦଳର ମୂଲ୍ୟାୟନ କରାଯାଇଥିଲା। ଜମନକିରା ବ୍ଲକ ଶିରିଡ ପଞ୍ଚାୟତ ଗଦାଧରପୁର ମୁଣ୍ଡା ସମ୍ପ୍ରଦାୟର ଆଦିବାସୀ ଲୋକନୃତ୍ୟ ପ୍ରଥମ ହୋଇଥିବା ବେଳେ ବାମରା ବ୍ଲକ ଉଚ୍ଚକାପାଟ ପଞ୍ଚାୟତ ଲହରଙ୍ଗା କିଷାନ ସମ୍ପ୍ରଦାୟର ନାଦୁ ନୃତ୍ୟ ଦ୍ୱିତୀୟ ଏବଂ ଧନକଉଡା ବ୍ଲକ କନଖିଣ୍ଡା ପଞ୍ଚାୟତର ବୀର ବିର୍ସା ମୁଣ୍ଡା ନୃତ୍ୟ ଦଳ ତୃତୀୟ ବିଜେତା ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଳୟ କୁମାର ବେହେରା ପରିଚାଳନା କରିଥିଲେ। ପରେ ଅତିଥିଗଣ ପ୍ରଥମ ବିଜେତା ଦଳକୁ ୨୧୦୦୦ ଟଙ୍କା, ଦ୍ୱିତୀୟ ଦଳକୁ ୧୫୦୦୦ ଟଙ୍କା ଓ ତୃତୀୟ ଦଳକୁ ୧୧୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏହାସହ ସମସ୍ତ ଅଂଶ ଗ୍ରହଣକାରୀ ଦଳଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମହୋତ୍ସବରେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦାନ କରିଥିବା ବେଳେ ଏଥିରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଜନଜାତି ସଂସ୍କୃତି ଭିତ୍ତିକ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। କୁଚିଣ୍ଡା ବିଡ଼ିଓ ନିରଞ୍ଜନ ସା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମହୋତ୍ସବରେ ମଞ୍ଚାସୀନ ଅତିଥିଗଣ।

### ଭାଜପା ମହାନଦୀ ମଣ୍ଡଳ ପକ୍ଷରୁ ବୁଥ୍‌ଚାଲ ଅଭିଯାନ

ସମ୍ବଲପୁର, ୨୩।୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଭାଜପା ମହାନଦୀ ମଣ୍ଡଳ ପକ୍ଷରୁ ଶୁକ୍ରବାର ବୁଥ୍‌ଚାଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସୁଶାନ୍ତ ପୁରୋହିତଙ୍କ ସଭାପତିତ୍ୱରେ ସୋମନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଜିଲା ସଧାରଣ ସମ୍ପାଦକ ଅନିଲ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ କିଭଳି ବୁଥ୍ ସ୍ତରରେ କାର୍ଯ୍ୟ କରାଯିବ, କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଯିବ ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମିର ରଞ୍ଜନ ବାବୁ, ଫଣି ଭୂଷଣ ମିଶ୍ର, ଅଜିତ ବେହେରା, ଶୀତାକାନ୍ତି ମେସୁଆ, ଲକ୍ଷ୍ମୀପ୍ରିୟା ପ୍ରଧାନ, କବିତା ବେହେରା, କଳ୍ପନା ବେହେରା, ମାନସୀ ମିଶ୍ର, ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି ପ୍ରମୁଖ ସାମିଲ ଥିଲେ।

### ବନ ସୁରକ୍ଷା ସମିତିର ବାର୍ଷିକ ଅଧିବେଶନ

ଜମନକିରା, ୨୩।୨ (ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ଖଇରଡ଼ିହି ଗାଁରେ ଥିବା ପଞ୍ଚବଟୀ ବନ ସୁରକ୍ଷା ସମିତିର ବାର୍ଷିକ ଅଧିବେଶନ ଶୁକ୍ରବାର ସ୍ଥାନୀୟ ଫରେଷ୍ଟ ବିଟ ହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅସ୍ଥାୟୀ ସଭାପତି ଭାବେ ପୂର୍ବତନ ସଭାପତି ଗୋକୁଳ ନନ୍ଦ ଦାନି ସଭା ପରିଚାଳନା କରିଥିବା ବେଳେ ସ୍ଥାୟୀ ସଭାପତି କ୍ଷୀରୋଦ ଦେହୁରି ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ସୁରଜିତ ନାଏକ ବାର୍ଷିକ ବିବରଣୀ ପଠନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ନାୟକ, ସୁଶାନ୍ତ ବାଘ, ଅଲେଖ ପଧାନ, ଚିନ୍ତାମଣି ପଧାନ, ସୁବାସ ପଟେଲ, ବାବୁରାମ ବିଲର, ରାଜୁ ମୁଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜଙ୍ଗଲକୁ କିପରି ସୁରକ୍ଷିତ ରଖାଯାଇପାରିବ ଓ ବନ୍ୟପ୍ରାଣୀ ଯେପରି ଅବାଧରେ ବିଚରଣ କରିପାରିବେ ସେ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

### କୃଷ୍ଣ ବଳରାମଙ୍କୁ ଆଣିବାକୁ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ

କୁଚିଣ୍ଡା, ୨୩।୨ (ବିରଞ୍ଚି ଦର୍ଶା): କୁଚିଣ୍ଡାର ଖଣ୍ଡୋକଟାରେ ୩୧ତମ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ଚତୁର୍ଥଦିନରେ ପହଞ୍ଚିଛି। ଗୋପପୁରରେ କୃଷ୍ଣଙ୍କ ଦ୍ୱାରା ବକାସୁର ବଧ, ତୃଣାବର୍ତ୍ତ ବଧ ଆଦି କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ମଥୁରା ନଗରୀରେ ମହାରାଜ କଂସ ବିଚଳିତ ହୋଇ ରଙ୍ଗସଭା ମାଧ୍ୟମରେ ପଡୋଶୀ ରାଜ୍ୟର ରାଜାମାନଙ୍କୁ ଆମନ୍ତ୍ରଣ କରିଥିଲେ। ମହାରାଜ କଂସ ରାଜାମାନଙ୍କ ସହ ଗୁପ୍ତ ମନ୍ତ୍ରଣା କରି କୃଷ୍ଣଙ୍କ ହତ୍ୟା ପାଇଁ ଷଡଯନ୍ତ୍ର ରଚିଥିଲେ। ପରେ ଧନୁଯାତ୍ରା ଆୟୋଜନ କରି କୃଷ୍ଣ ବଳରାମଙ୍କୁ ଆଣିବାକୁ ଗୋପପୁରକୁ ଅକ୍ରୁରଙ୍କୁ ପ୍ରେରଣ କରିବା ଆଦି ନାଟ୍ୟ ଅଭିନୟ ଦର୍ଶକଙ୍କ ମନକୁ ବେଶ ଛୁଇଁଥିଲା। ତ୍ରିପୁର ବିଜୟୀ କଂସଙ୍କ ଦରବାରରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ ରାଜ ଅତିଥି ଭାବେ ଯୋଗଦେଇଥିଲେ। କଳାକାରଙ୍କ ନିଖୁଣ ଅଭିନୟକୁ ଉପଭୋଗ କରିବା ନିମନ୍ତେ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା।

### ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ

ସମ୍ବଲପୁର, ୨୩।୨ (ଭବାନୀ ଶଙ୍କର ଭୋଇ)

ଅଇଁଠାପାଲି ବସ୍ ଟର୍ମିନାଲ ପରିସରସ୍ଥ କାର୍ଯ୍ୟାଳୟରେ ଶୁକ୍ରବାର ସମ୍ବଲପୁର ଘରୋଇ ବସ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଦୀପ କୁମାର ପ୍ରଧାନ ୫୯ଖଣ୍ଡ ଭୋଟ ପାଇ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି। ସେହିପରି ମୃତ୍ୟୁଞ୍ଜୟ ମହାନ୍ତି ୫୧ ଖଣ୍ଡ ଭୋଟ ପାଇ ସାଧାରଣ ସମ୍ପାଦକ ନିର୍ବାଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଃଖିଶ୍ୟାମ ପୂଜାରୀ ଉପସଭାପତି, ପ୍ରଦୀପ କୁମାର ସାହୁ ଯୁଗ୍ମ ସମ୍ପାଦକ ଓ ସଞ୍ଜୀବ ନାଥ ଶର୍ମା କୋଷାଧ୍ୟକ୍ଷ ଭାବରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନ ପ୍ରକ୍ରିୟାକୁ ସୁବ୍ରତ କୁମାର ପାଣିଗ୍ରାହୀ ଓ ବିଶ୍ୱନାଥ ପଣ୍ଡା ସମ୍ପାଦନ କରିଥିଲେ।

### ଷଣ୍ଢପଥର ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର


ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରଧାନ ଶିକ୍ଷକ।

ଜମନକିରା, ୨୩।୨ (ରବୀନ୍ଦ୍ର ପ୍ରସାଦ ଦାନି): ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଅନ୍ତର୍ଗତ ଷଣ୍ଢପଥର ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଏହି ହାଇସ୍କୁଲ ଶ୍ରେଷ୍ଠ ବିଦ୍ୟାଳୟ, ଶ୍ରେଷ୍ଠ ପରିଚାଳନା କମିଟି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ରୂପେ ପୁରସ୍କୃତ ହୋଇଛନ୍ତି। ସମ୍ବଲପୁର ମଣ୍ଡଳୀୟା ପଡିଆଠାରେ ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ନିର୍ଦ୍ଦେଶକ ବିକାଶ ପ୍ରଧାନ, ଜିଲା ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବାହାର, ଜୟଶ୍ରୀ ଦୋରା ପ୍ରମୁଖ ଯୋଗଦେଇ ପୁରସ୍କାର ସ୍ୱରୂପ ମାନପତ୍ର ଓ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ।

# ଶବରୀ ନାରାୟଣ ପୀଠର ରୌପ୍ୟ ଜୟନ୍ତୀ

ସମ୍ବଲପୁର, ୨୩।୨ (ଭବାନୀ ଶଙ୍କର ଭୋଇ)

ମାନେଶ୍ୱର ବ୍ଲକ ବାଉଁଶରାସ୍ଥିତ ଶବରୀ ନାରାୟଣ ପୀଠର ରୌପ୍ୟ ଜୟନ୍ତୀ ଉତ୍ସବ ଗୁରୁବାର ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ୧୯୯୮ମସିହାରୁ ଶବରୀ ନାରାୟଣ କଲ୍ୟାଣ ସଂଘ ତରଫରୁ ଏଠାରେ ମାଘ ଚତୁର୍ଦ୍ଦଶୀରେ ପୂଜା ହୋଇଆସୁଛି। ଅଞ୍ଚଳରେ ବହୁସଂଖ୍ୟାରେ ସଁଉରା ସମ୍ପ୍ରଦାୟର ଲୋକ ବସବାସ କରୁଥିବା ବେଳେ ଶବରୀ ନାୟରାୟଣଙ୍କ ମନ୍ଦିର ନିର୍ମାଣ ପାଇଁ ଲୋକେ ଚିନ୍ତା କରିଥିଲେ। କିଛିବର୍ଷ ତଳେ ମନ୍ଦିର ତିଆରି ପରେ ପୂଜା ମହୋତ୍ସବ ଅନୁଷ୍ଠିତ ହେଉଛି। ଚଳିତବର୍ଷ ଉତ୍ସବରେ ୧୨ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ କଳସ ସ୍ଥାପନ, ହୋମଯଜ୍ଞ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ସୂର୍ଯ୍ୟକୁମାର ପାଢ଼ୀ ଓ ସୁକାନ୍ତ ତ୍ରିପାଠୀ ପୂଜା କାର୍ଯ୍ୟ କରିଥିବାବେଳେ ବଳରାମ ଭୋଇ, ଉଦ୍ଧବ ଭୋଇ, ଲକ୍ଷ୍ମୀନାରାୟଣ ଭୋଇ, ଦେବେରାଜ ବିଶ୍ୱାଳ ପ୍ରମୁଖ ସପତ୍ନୀଙ୍କ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଶବରୀ ନାରାୟଣ କଲ୍ୟାଣ ସଂଘ ସଭାପତି ପର୍ଶୁରାମ ଭୋଇଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଅତିଥି ଭାବେ ଯୋଗଦେଇଥିଲେ। ଶବରୀ ନାରାୟଣ ମନ୍ଦିର ପାଇଁ ନିଜକୁ ଉତ୍ସର୍ଗ କରିଥିବା ପୁରାତନ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସଂଘର ପ୍ରକଳ୍ପ ସଂଯୋଜକ ମକରଧ୍ୱଜ ବର୍ଗେ ଧନ୍ୟବାଦ ଅର୍ପଣ କରିଥିଲେ। ନୀଳାଞ୍ଚଳ ବାଗ, ଜୟନାରାୟଣ ଭୋଇ, ଚନ୍ଦ୍ରହାସ୍ୟ ନେଗୀ, ସଞ୍ଜୟ ଭୋଇ ସହଯୋଗ କରିଥିଲେ।



# ଟେଣ୍ଡର ହୋଇଥିବା ନାଳ ଉପରେ ଚେକ୍‌ଡ୍ୟାମ୍ ନିର୍ମାଣ ଦାବି


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ସମ୍ବଲପୁର, ୨୩।୨ (ପ୍ରମୋଦ ବହିଦାର): ଝୁଝୁମୁରା ବ୍ଲକ ମେଘପାଳ ପଞ୍ଚାୟତର ଝରଝରି ନାଳ ଉପରେ ଚେକ୍‌ଡ୍ୟାମ ନିର୍ମାଣ ପାଇଁ ଟେଣ୍ଡର କରି ଅନ୍ୟସ୍ଥାନରେ ନିର୍ମାଣକୁ ଉଦ୍ୟମକୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଏହାସହ ଟେଣ୍ଡର ହୋଇଥିବା ଝରଝରି ନାଳ ଉପରେ ଯଥାଶୀଘ୍ର ଚେକ୍‌ଡ୍ୟାମ୍ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସରପଞ୍ଚ ମମତା ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀ ଏ ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ମରୁଡ଼ି ଅଞ୍ଚଳ ଭାବେ ପରିଚିତ ଉକ୍ତ ପଞ୍ଚାୟତରେ ଜଳସେଚନ ଓ ପାନୀୟ ଜଳ ସମସ୍ୟା ଲାଗିରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ନଳକୂପ ଖୋଳାଯାଇଛି। ମାତ୍ର ବର୍ତ୍ତମାନ ସମସ୍ତ ନଳକୂପ ଅଚଳ ହୋଇପଡ଼ିଛି। ତେଣୁ ସ୍ଥାନୀୟ ଲୋକେ ଏଠାରେ ପ୍ରବାହିତ ଖରସ୍ରୋତା ଝରଝରି ନାଳ ଉପରେ ନିର୍ଭରଶୀଳ। ତେବେ ଏହି ନାଳରେ କୌଣସି ଚେକ୍‌ଡ୍ୟାମ୍ ବା ଆନିକଟ୍ ନ ଥିବାରୁ ଏହାର ଜଳ ପ୍ରବାହିତ ହୋଇ ଖରାଦିନେ ଅପେକ୍ଷାକୃତ ଶୁଷ୍କ ହୋଇଥାଏ। ତେଣୁ ଗ୍ରୀଷ୍ମକାଳରେ ଲୋକେ ଜଳ ପାଇଁ ଅସୁବିଧା ଭୋଗିଥାନ୍ତି। ତେଣୁ ଏଠାରେ ଏକ ଚେକ୍‌ଡ୍ୟାମ୍ କରି ଜଳ ଗଚ୍ଛିତ କରିବାକୁ ଦାବି କରାଯାଇଥିଲା। ତଦନୁସାରେ ଝରଝରି ନାଳ ଉପରେ ଏକ ଚେକ୍‌ଡ୍ୟାମ୍ ନିର୍ମାଣ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇ ଅର୍ଥ ମଧ୍ୟ ମଞ୍ଜୁର କରାଯାଇଛି। ଏପରକି ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ମଧ୍ୟ ସମ୍ପନ୍ନ ହୋଇସାରିଛି। ହେଲେ ଏହିନାଳ ପରିବର୍ତ୍ତେ ଖାଡ଼ିବେର୍ଣ୍ଣା ନାଳ ଉପରେ ସେତୁ ନିର୍ମାଣ ପାଇଁ ଉଦ୍ୟମ କରାଯାଉଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

# ସେତୁ ନିର୍ମାଣ ନ ହେଲେ ନିର୍ବାଚନ ବର୍ଜନ

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ବିଚ୍ଛିନ୍ନାଞ୍ଚଳବାସୀ

ସମ୍ବଲପୁର, ୨୩।୨ (ପ୍ରମୋଦ ବହିଦାର): ସମ୍ବଲପୁର ଜିଲା ନାକଟିଦେଉଳ ପଞ୍ଚାୟତ ଅନ୍ତର୍ଗତ ବିଚ୍ଛିନ୍ନାଞ୍ଚଳ ଭାବେ ପରିଚିତ ସାଲେଭଟା, କଣ୍ଢେଲ, ବାବୁତଇଲା, ବସାଲୋଇ, ନେଭରାପାଳ, ପଥୁରିନାଲି, ରୋହିଣିଆଗାଡ଼ିଆ, ତୁଳସୀତଇଲା, ସାଙ୍କରପାଲି, ଡେରାପଥ, ଧଉରାଗୋଠ ଆଦି ୧୧ ଖଣ୍ଡ ଗ୍ରାମର ଅଧିବାସୀ ଟିକିରା ନଦୀରେ ସେତୁ ନିର୍ମାଣ ପାଇଁ ଦାବି କରିଛନ୍ତି। ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ନିର୍ବାଚନ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଅଞ୍ଚଳର ବହୁ ସଂଖ୍ୟାରେ ମହିଳାପୁରୁଷ ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଏହି ମର୍ମରେ ଦବିପତ୍ର ପ୍ରଦାନ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁସାରେ କଣ୍ଢେଲ–ଗଦାଧରପୁର ରାସ୍ତାରେ ପଡୁଥିବା ଟିକିରା ନଦୀ ସେମାନଙ୍କୁ ନାକଟିଦେଉଳ ପଞ୍ଚାୟତଠାରୁ ବିଚ୍ଛିନ୍ନ କରିରଖିଛି। ଏହି ୧୧ ଖଣ୍ଡ ଗ୍ରାମର ବସବାସ କରୁଥିବା ୫ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ସେମାନଙ୍କ ମୌଳିକ ଆବଶ୍ୟକତା ଏପରି କି ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ମଧ୍ୟ ନାକଟିଦେଉଳ ଉପରେ ନିର୍ଭରଶୀଳ। ଜରୁରିକାଳୀନ ପରିସ୍ଥିତିରେ ଏହି ନଦୀ ପାଇଁ ଆମ୍ବୁଲାନ୍ସ ମଧ୍ୟ ଗ୍ରାମକୁ ଅପହଞ୍ଚ ହୋଇ ରହିଯାଉଛି। ତେଣୁ ଗ୍ରାମବାସୀ ଗୁରୁତର ରୋଗୀ, ଗର୍ଭବତୀ ବା ବୟସ୍କ ରୋଗୀଙ୍କୁ ଖଟିଆରେ ବୋହି ନଦୀ ପାରି କରିବାକୁ ବାଧ୍ୟ ହେଉଛନ୍ତି। ସେହିପରି ଉକ୍ତ ଗ୍ରାମଗୁଡ଼ିକରୁ ବହୁ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ନିୟମିତ ନାକଟିଦେଉଳ ଓ ବାଟଗାଁକୁ ଯିବାକୁ ପଡ଼ିଥାଏ। ହେଲେ ଟିକିରା ନଦୀ ସେମାନଙ୍କ ଯାତାୟାତରେ ବାଧକ ସୃଷ୍ଟି କରିଥାଏ। ବର୍ଷାଦିନେ ଏହି ନଦୀ ସେମାନଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିଥାଏ। ଏହାର ବିକଳ୍ପ ଭାବେ ରହିଥିବା ରାସ୍ତାରେ ଗଲେ ପ୍ରାୟ ୨୫ କିଲୋମିଟର ବୁଲିବାକୁ ପଡ଼ିଥାଏ। ପୁଣି ଏହି ରାସ୍ତା ଜଙ୍ଗଲ ଅଞ୍ଚଳ ଅତିକ୍ରମ କରୁଥିବାରୁ ହାତୀ ଭୟ ମଧ୍ୟ ରହିଛି। ତେଣୁ ଏଠାରେ ଏକ ସେତୁ ନିର୍ମାଣ ପାଇଁ ଦୀର୍ଘ ୬/୭ ବର୍ଷ ହେଲା ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

ନିକଟରେ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିଆନଙ୍କ ବାଟଗାଁ ଗସ୍ତ ସମୟରେ ଏହାକୁ ନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିପାଇଁ ତୁରନ୍ତ ପଦକ୍ଷେପ ସ୍ୱରୂପ ସେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ଏଠାରେ ସେତୁ ପାଇଁ ଅର୍ଥ ମଞ୍ଜୁର ଘୋଷଣା କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏହାକୁ ନାକଚ କରି ଯାମଜୁରୀ ସେତୁ ନିର୍ମାଣରେ ବିନିଯୋଗ ପାଇଁ ନିଷ୍ପତ୍ତି ନିଆଯାଇଛି, ଯାହା ଦୁର୍ଭାଗ୍ୟଜନକ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଟିକିରା ନଦୀରେ ସେତୁ ନିର୍ମାଣ ସହ କଣ୍ଢେଲ–ଗଦାଧରପୁର ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟଥା ଗ୍ରାମବାସୀ ଆଗାମୀ ନିର୍ବାଚନ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଅଞ୍ଚଳବାସୀ।

## ସଂକ୍ଷେପରେ

### ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଲାଞ୍ଜିଗଡ,୨୩।୨(ରମେଶଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଥାନା ଅଞ୍ଚଳ ଲାଞ୍ଜି ପଞ୍ଚାୟତ ଉମେଜ ଗାଁର ବୀର ସୁନା(୪୫)ଙ୍କ ଗୁରୁବାର ସନ୍ଧ୍ୟାରେ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ ମଧ ବିଳମ୍ବିତ ରାତି ଯୋଗୁ ଶୁକ୍ରବାର ସକାଳୁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାନୁସାରେ ବୀର ଗାଁ ନିକଟସ୍ଥ ଜଙ୍ଗଲକୁ ଯାଇ ଫେରୁଥିବାବେଳେ ପାହାଡିଆ ଝରଣା ପାଣିରେ ପଡିଯାଇ ବୁଡି ରହିଥିଲେ। ପରିବାର ଲୋକେ ଘରକୁ ଫେରିବା ବିଳମ୍ବ ଦେଖି ଖୋଜିବା ପାଇଁ ଜଙ୍ଗଲ ରାସ୍ତାରେ ଯାଉଥିବାବେଳେ ନିକଟସ୍ଥ ଝରଣାରେ ମୁହଁମାଡ଼ି ତଳେ ପଡ଼ିଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗାଁ ଲୋକେ ବୀରଙ୍କ ମୃତଦେହକୁ ଉଦ୍ଧାର କରି ବିଳମ୍ବିତ ରାତିରେ ବିଶ୍ୱନାଥପୁର ପୋଲିସକୁ ଖବର ଦେଇଥିଲେ।

### ଭୁବନେଶ୍ୱର ସ୍ଥାନାନ୍ତରବେଳେ ବାଟରେ ମୃତ୍ୟୁ

**ହାଇୱା ଧକ୍କାରେ ବାଇକ୍ ଆରୋହୀ ଗୁରୁତର ଘଟଣା**

ଲାଞ୍ଜିଗଡ଼,୨୩।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ କ୍ରଶର ସମ୍ମୁଖରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଏକ ହାଇୱା ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହେଇଥିଲେ। ଯୁବକ ଜଣକ ପଶ୍ଚିମବଙ୍ଗର ଜାମିଲ ଅହମ୍ମଦ ବୋଲି ଜଣାପଡିଥିଲା। ଯୁବକ ଜଣକ ବାଇକରେ ଭବାନୀପାଟଣା ପଟୁ ଆସୁଥିବା ବେଳେ କ୍ରଶରରୁ ଏକ ହାଇୱା ଓଡି ୦୫ ବିଏଫ-୨୩୦୨ ବାହାରୁ ଥିବାବେଳେ ହାଇୱାର ସାମନା ପଟେ ପିଟି ହୋଇ ଯୁବକ ଜଣକ ଗାଡି ତଳେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଓ ହାଇୱା ଡ୍ରାଇଭରଙ୍କ ସହାୟତାରେ ଗୁରୁତର ଆରୋହୀଙ୍କୁ ବୋଲେରୋରେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣି ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ବିଶ୍ୱନାଥପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିବାବେଳେ ବିଶ୍ୱନାଥପୁର ଥାନାରେ ଏକ ମାମଲା (ନଂ. ୧୯।୨୦୨୪) ରୁଜୁ ହୋଇଛି। ଯୁବକଙ୍କ ସ୍ୱାସ୍ଥ୍ୟବସ୍ଥା ଅତ୍ୟଧିକ ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରୁ ଭୁବନେଶ୍ୱର ସ୍ଥାନାନ୍ତର କରିଥିବାବେଳେ ଅଧା ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ବିଶ୍ୱନାଥପୁର ଥାନା ଅଧିକାରୀ ମମତା ହେମ୍ବ୍ରମ ସୂଚନା ଦେଇଛନ୍ତି।

### କାଠକୁରା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଥୁଆମୂଳ ରାମପୁର, ୨୩।୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କାଠକୁରାସ୍ଥିତ ସରକାରୀ (ଏସ.ଏସ.ଡି) ଆଶ୍ରୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହେଇଯାଇଛି। ପ୍ରଧାନଶିକ୍ଷକ ଡମ୍ବରୁଧର ଗଡତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି ଏବଂ ମୁଖ୍ୟ ବକ୍ତାଭାବେ ବ୍ଲକ ଡେଭଲପମେଣ୍ଟ ଅଧିକାରୀ କ୍ଷୀରସିନ୍ଧୁ ଦୁର୍ଗା, ସମ୍ମାନିତ ଅତିଥି ଭାବେ ଡବ୍ଲୁଇଓ ଶୁଭଜିତ ରଞ୍ଜନ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା କିଆମଣି ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ଚନ୍ଦ୍ର ନାଏକ, ୱାର୍ଡ ମେମ୍ବର ପବିତ୍ର ନାଏକ, ଚିତ୍ରସେନ ମାଝି, ମହିଳା ସ୍ୱାସ୍ଥ୍ୟକର୍ମୀ ମାଳତୀ ହେମ୍ବ୍ରମ, ସ୍ଥାନୀୟ ଆଶାକର୍ମୀ ରତ୍ନମଣି ନାଏକ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ ସୀତୟା ନାଏକ, ଶିକ୍ଷକ ପ୍ରେମଲାଲ ନାଏକ, ଅନୁପ ସାହୁ, ଉକ୍ତ ଆଶ୍ରମର ସହ ଶିକ୍ଷକ ତାପସ ଗଡତିଆ, ଶିକ୍ଷକ ଜୟଦେବ ନାଏକ, ଶିକ୍ଷକ ଜଗା ସାହୁ, ବଳଭଦ୍ର ବାଗ, ଦୁର୍ଗା କୀର୍ତ୍ତି ମଞ୍ଚାସୀନ ଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଆଶ୍ରମ ପ୍ରଧାନ, ଶିକ୍ଷକ ଡମ୍ବରୁଧର ଗଡତିଆ ଆଶ୍ରମର ବାର୍ଷିକ ବିବରଣୀ ପଠନ କରିଥିଲେ।

# ମନ୍ଦିର ସମ୍ମୁଖରେ ଡ୍ରେନ୍ ନିର୍ମାଣ ବନ୍ଦ କର

- ଡ୍ରେନ୍ କାମ ବନ୍ଦ ନ କଲେ ଆନ୍ଦୋଳନ
- ଖବରଦାତା ସମ୍ମିଳନୀରେ ସୂଚନା

ଭବାନୀପାଟଣା,୨୩।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଥିବା ଦୁଇଶହ ବର୍ଷର ପ୍ରାଚୀନ ଐତିହ୍ୟ ସମ୍ପନ୍ନ ବାଲାଜୀ ମନ୍ଦିର ସମ୍ମୁଖରେ ଥିବା ରଥ ଖଳା ଉପରେ ଅବୈଧ ଭାବରେ ସ୍ଥାନୀୟ ପୌରପାଳିକା ପକ୍ଷରୁ ଜୋର୍ ଜବରଦସ୍ତି ଡ୍ରେନ ନିର୍ମାଣ କାର୍ଯ୍ୟ କରାଯାଉଛି। ଏହାକୁ ତୁରନ୍ତ ବନ୍ଦ ନ କଲେ ବାଲାଜୀ ମନ୍ଦିର ସୁରକ୍ଷା ସମିତି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଶୁକ୍ରବାର ଅପରାହ୍ନରେ ମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲାଜୀ ମନ୍ଦିର ସୁରକ୍ଷା ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି।

ରାଜ୍ୟ ସରକାର ଶ୍ରୀକ୍ଷେତ୍ର ପୁରୀରେ ଜଗନ୍ନାଥ ପରିକ୍ରମା ପ୍ରକଳ୍ପରେ କୋଟି କୋଟି ଟଙ୍କା ବିନିଯୋଗ କରି ଜଗନ୍ନାଥ ମନ୍ଦିରର ସୋନ୍ଦର୍ଯ୍ୟକରଣ କରିବା ସହ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର ନିମନ୍ତେ ରାଜ୍ୟର ଶତାଧିକ ଜଗନ୍ନାଥ ମନ୍ଦିରକୁ ସୌନ୍ଦର୍ଯ୍ୟକରଣ ପାଇଁ ଅନୁଦାନ ଯୋଗାଇ ଦେଉଛନ୍ତି। ଏପରିକି ବାଲାଜୀ ମନ୍ଦିରର ପୁନରୁଦ୍ଧାର ପାଇଁ ୨୦ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି ଓ ଏହି ଅର୍ଥରେ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ତେବେ ଐତିହ୍ୟ ସମ୍ପନ୍ନ ଏହି ମନ୍ଦିରର ସମ୍ମୁଖରେ ରଥଖଳାରେ ଭବାନୀପାଟଣା ପୌରପାଳିକା ପକ୍ଷରୁ ଅବୈଧ ଭାବରେ ଡ୍ରେନ ନିର୍ମାଣ କରିବା ଅତି ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ ଅବିବେକୀ କାର୍ଯ୍ୟ ବୋଲି ବାଲାଜୀ ମନ୍ଦିର ସୁରକ୍ଷା ସମିତିର ସଭାପତି ଜଗଦୀଶ ମଣ୍ଡଳ କହିଛନ୍ତି। ଏହି ମନ୍ଦିର ଦେବୋତ୍ତର ବିଭାଗ ଅଧୀନରେ ରହିଛି। ମନ୍ଦିର ଜାଗାରେ ପୌରପାଳିକା ଜବରଦସ୍ତି ଅବୈଧ ଡ୍ରେନ ନିର୍ମାଣ କରୁଛି। ଏଣୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସହକାରୀ ଦେବୋତ୍ତର କମିଶନର ପୌରନିର୍ବାହୀ ଅଧିକାରୀଙ୍କୁ ପତ୍ର ଦେଇଥିଲେ ହେଁ ପୌରପାଳିକା ପକ୍ଷରୁ ଅବୈଧ ଡ୍ରେନ ନିର୍ମାଣ କାର୍ଯ୍ୟ ଚାଲିଛି। ମନ୍ଦିର ସମ୍ମୁଖରେ ଡ୍ରେନ ନିର୍ମାଣ ହେଲେ ରଥଯାତ୍ରା, ରଥ ନିର୍ମାଣ, ଅଷ୍ଟ ପ୍ରହରୀ ସମେତ ବର୍ଷ ତମାମ ମନ୍ଦିରରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ଧର୍ମୀୟ ଓ ସାମାଜିକ ଅନୁଷ୍ଠାନରେ ଅନେକ ସମସ୍ୟା ଉପୁଜିବ। ଏଣୁ ପୌରପାଳିକା ଏହି ଅବୈଧ ଡ୍ରେନ ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରି ଡ୍ରେନ ନିମନ୍ତେ ବିକଳ୍ପ ବ୍ୟବସ୍ଥା କରିବାକୁ ବାଲାଜୀ ମନ୍ଦିର ସୁରକ୍ଷା ସୁରକ୍ଷା ସମିତି ଦାବି କରୁଛି। ନଚେତ ବାଲାଜୀ ମନ୍ଦିର ସୁରକ୍ଷା ସମିତି ପକ୍ଷରୁ ପୌର କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ଅନଶନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ବାଲାଜୀ ମନ୍ଦିର ସୁରକ୍ଷା ସମିତିର ଉପସଭାପତି ଅର୍ଜୁନ ଧଙ୍ଗଡାମାଝୀ, ସାଧାରଣ ସମ୍ପାଦକ ଗଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କ ସମେତ ଶତାଧିକ ସହରବାସୀ ଉପସ୍ଥିତ ଥିଲେ। ସେହିପରି ପୌରପାଳିକାର ଏହି ଅବିବେକୀ ନିର୍ମାଣ କାର୍ଯ୍ୟକୁ ସହରବାସୀ ନିନ୍ଦା କରିଛନ୍ତି।



ଖବରଦାତା ସମ୍ମିଳନୀରେ ବାଲାଜୀ ମନ୍ଦିର ସୁରକ୍ଷା ସମିତି କର୍ମକର୍ତ୍ତା।

# ମୋଟେର-ତରାପୁର ରାସ୍ତା କାମ ଶିଳାନ୍ୟାସ



ବିଧାୟକ ରାସ୍ତା କାମ ପାଇଁ ଶିଳାନ୍ୟାସ କରୁଛନ୍ତି।

କୋକସରା,୨୩।୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ୨୬ନମ୍ବର ଜାତୀୟ ରାଜପଥ ମୋଟେର ଫାଣ୍ଡି ଛକ ନିକଟରୁ ଢ଼ହଗାଁ ଭାୟା ତରାପୁର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ପାଇଁ ଟେଣ୍ଡର ହୋଇଥିବାବେଳେ ଧର୍ମଗଡ଼ ବିଧାୟକ ମୋଷଧି ବାଗ ଏହାର ଶିଳାନ୍ୟାସ କରିଛନ୍ତି। ଏହି ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡି ରହିଥିଲା। ଦୀର୍ଘ ଦିନ ଧରି ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳବାସୀ ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଥିଲେ। ଅଞ୍ଚଳବାସୀଙ୍କ ଦାବି ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ଅନୁମୋଦନ ହୋଇ ୧୨.୭୧୪ କିଲୋମିଟର ପାଇଁ ୧୪ କୋଟି ୧୭ ଲକ୍ଷ ବ୍ୟୟ ବରାଦ କରାଯାଇଛି। ଏହି ରାସ୍ତା ନିର୍ମାଣ ହେଲେ ମୋଟେରଠାରୁ ଧର୍ମଗଡ଼, ବିଜୁ ଏକ୍ସପ୍ରେସ ୱେ, ନବରଙ୍ଗପୁର, ପଡୋଶୀ ରାଜ୍ୟ ଛତିଶଗଡ଼ ସଂଯୋଗ କରିବ। ରାସ୍ତା ଶିଳାନ୍ୟାସ ସମୟରେ ମୁଖ୍ୟ ଅତିଥି ଭାବେ ବିଧାୟକ ମୋଷଧି ବାଗ, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ବିଜେଡି ପଞ୍ଚାୟତ ସଭାପତି କୁମୁଦ ବେହେରା, ସମାଜସେବୀ ଦୁଷ୍ମନ୍ତ ପାଙ୍ଗଯୋଷୀ, ପୂର୍ବତନ ସରପଞ୍ଚ ସୁଶୀଲ କୁମାର ଶବର, କନିଷ୍ଠ ଯନ୍ତ୍ରୀ ନବ ବେହେରାଙ୍କ ସହ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ଭାରତ ରଙ୍ଗ ମହୋତ୍ସବର ୨୫ବର୍ଷ ପୂର୍ତ୍ତି ସମାରୋହ

ଭବାନୀପାଟଣା,୨୩।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ପ୍ରଗତି ଶିକ୍ଷାନୁଷ୍ଠାନଠାରେ ଜନ ଭାରତ ରଙ୍ଗ ପକ୍ଷରୁ ଭାରତ ରଙ୍ଗ ମହୋତ୍ସବର ୨୫ତମ ପୂର୍ତ୍ତି ସମାରୋହ ପାଳିତ ହୋଇଯାଇଛି। ଏହାକୁ ପ୍ରତିଭା ଅନୁଷ୍ଠାନ ଓ ପ୍ରଗତି ଅନୁଷ୍ଠାନର ମିଳିତ ପ୍ରୟାସରେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତିଭା ଅନୁଷ୍ଠାନର କଳାକାରମାନେ ଓ ପ୍ରଗତି କଂସେପ୍ଟ ସ୍କୁଲର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସଂସ୍କୃତି ସଙ୍ଗଠକ ଜୟନ୍ତ ବେହେରା, ବିଶେଷ ଅତିଥି ଭାବେ ପ୍ରଗତି ଅନୁଷ୍ଠାନର ପ୍ରତିଷ୍ଠାତା ଇଂ. ଅଜୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବରେ ବିସିମିଲ୍ଲା ଖାନ ପୁରସ୍କାରପ୍ରାପ୍ତ ସଙ୍ଗୀତକାର ସର୍ବେଶ୍ୱର ଭୋଇ, ସଙ୍ଗୀତ ଏକାଡେମୀ ପୁରସ୍କାରପ୍ରାପ୍ତ ନୀଳାଞ୍ଚଳ ପାନ, ଲାଲ୍ଲରସେନ ଆଣ୍ଡ ଟରବୋ କମ୍ପାନୀ ମୁମ୍ବାଇର ସିଏସଆର ମୁଖ୍ୟ ପ୍ରତ୍ୟୁଷ ପଣ୍ଡା, ପ୍ରଗତି କଂସେପ୍ଟ ସ୍କୁଲର ଅଧ୍ୟକ୍ଷ ଚିନ୍ମୟ ଗୁରୁ, ପ୍ରତିଭା ଅନୁଷ୍ଠାନର ଅଧ୍ୟକ୍ଷା, ଧ୍ୟାନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରତିଭା ଅନୁଷ୍ଠାନର ସମ୍ପାଦକ ଚିଣ୍ଟୁ ନାୟକ ଧନ୍ୟବାଦ ଦେଇଥିଲେ। ପ୍ରଗତି କଂସେପ୍ଟ ସ୍କୁଲର ପୁନ୍ୟଦୀପା ଖମାରି ମଞ୍ଚ ପରିଚାଳନା କରିଥିଲେ।

# ମତଦାନ କେନ୍ଦ୍ର ପାଇଁ ପ୍ରଶାସନର ଦ୍ୱାରସ୍ଥ ଗ୍ରାମବାସୀ

କୋକସରା,୨୩।୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ଭୁର୍ଷାଗୁଡା ଗ୍ରାମବାସୀ ମୌଳିକ ଅଧିକାରରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ମତଦାନ ହେଉଛି ନାଗରିକଙ୍କ ମୌଳିକ ଅଧିକାର, ହେଲେ ଭୁର୍ଷାଗୁଡା ଭୋଟରମାନେ ନିଜ ଗ୍ରାମରେ ମତଦାନ କେନ୍ଦ୍ର ଖୋଲିବାକୁ ଜିଲା ପ୍ରଶାସନ ନିକଟରେ ଦାବି ଜଣାଇ ଆସୁଛନ୍ତି। ହେଲେ କୌଣସି ସମାଧାନ ହେଉନାହିଁ। ଫଳରେ ଶୁକ୍ରବାର ଶତାଧିକ ଗ୍ରାମବାସୀ ନିଜ ଗାଁରେ ମତଦାନ କେନ୍ଦ୍ର ଖୋଲିବାକୁ ବ୍ଲକ ପ୍ରଶାସନ ନିକଟରେ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଭୁର୍ଷାଗୁଡା ଗ୍ରାମରେ ୨ଟି ୱାର୍ଡ଼ରେ ୮ ଶହ ପାଖାପାଖି ଭୋଟର ରହିଛନ୍ତି। ପ୍ରତିଥର ନିର୍ବାଚନ ସମୟରେ ଗାଁଠାରୁ ୩କିମି ଦୂରରେ ଥିବା ଘଣ୍ଟିଗୁଡା ପ୍ରାଥମିକ ବିଦ୍ୟାଳୟର କେନ୍ଦ୍ରକୁ ଭୋଟ ଦେବାକୁ ଯାଉଛନ୍ତି। ଏଣୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ବିଧାନସଭା ନିର୍ବାଚନ ଆସୁଥିବାବେଳେ ଭୁର୍ଷାଗୁଡା ପ୍ରାଥମିକ ବିଦ୍ୟାଳୟରେ ମତଦାନ କେନ୍ଦ୍ର କରିବା ପାଇଁ ବିଡ଼ିଓ ସ୍ନେହାପ୍ରଭା ମାଝିଙ୍କୁ ଭେଟିଛନ୍ତି ଭୁର୍ଷାଗୁଡାବାସୀ। ଗ୍ରାମର ଟଙ୍କଧର ନାଏକ, ଜନାର୍ଦ୍ଦନ ନାଏକ, ମୋହନ ବିଶି, ବିମାନ ମାଝି, ପିଣ୍ଟୁ କୋଟିଆ, ଲବ ଧ. ମାଝି, ଚୌବନ କୋଟିଆ, ଅର୍ଜୁନ ଧ. ମାଝି, ଜୟରାମ ନାଏକ, ଭୋଜରାଜ କୋଟିଆ, ରାଜମୋହନ ଧ.ମାଝି, ସେନାପତି ନିଆଲ ଓ ଶତାଧିକ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ କୋକସରା ବିଡ଼ିଓ ସ୍ନେହାପ୍ରଭା ମାଝିଙ୍କ ପ୍ରତିକ୍ରିୟା ନେବାରୁ ଅଭିଯୋଗ ମିଳିଛି। ଆମେ ଜିଲା ପ୍ରଶାସନକୁ ଜଣାଇଛୁ। କିପରି ମତଦାନ କେନ୍ଦ୍ର ହେବ ସେ ନେଇ ଜିଲା ପ୍ରଶାସନ ଯାହା ପଦକ୍ଷେପ ନେବେ ବୋଲି କହିଛନ୍ତି।

# ମା' ମାଉଁଳି ଦେବୀଙ୍କ ମାଘ ମଣ୍ଡେଇ ଯାତ୍ରା



ମଣ୍ଡେଇ ଯାତ୍ରାରେ ଦେବଦେବୀଙ୍କୁ ଭକ୍ତମାନେ ପ୍ରଣିପାତ କରୁଛନ୍ତି।

କୋକସରା,୨୩।୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡ଼ାଗୋଡ଼ା ପଞ୍ଚାୟତ କୁଳେରଗୁଡା ଗ୍ରାମର ଆରାଧ୍ୟ ଦେବୀ ହେଉଛନ୍ତି ମା' ମାଉଁଳି। ଦେବୀଙ୍କ ପ୍ରତି ରହିଛି ଅଞ୍ଚଳବାସୀଙ୍କ ଅଗାଢ଼ ବିଶ୍ୱାସ। ଚଳିତବର୍ଷ ମାଘ ମଣ୍ଡେଇ ଯାତ୍ରା ଆନନ୍ଦ ଉଲ୍ଲାସର ସହିତ ଓ ପ୍ରବଳ ଜନସମାଗମରେ ଦେଖିବାକୁ ମିଳିଥିଲା। ମାଘ ମଣ୍ଡେଇ ଯାତ୍ରାରେ ସାମିଲ ହେବାକୁ ଗୋତମୁଣ୍ଡାର ଅଧିଷ୍ଠାତ୍ରୀ ଦେବୀ ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣି, ଡେଙ୍ଗାଗୁଡା ଗ୍ରାମର ମା' ହିଙ୍ଗୁଳାଇ, ଭଇଁସାଲପଦାର ମା' ପେଣ୍ଡ୍ରାଣୀ ଓ ଅନ୍ୟ ଦେବାଦେବୀଙ୍କ ଲାଠିକୁର୍ଚ୍ଚି ଆସି ପହଞ୍ଚିବା ପରେ ମନ୍ଦିର ନିକଟରେ ପୂଜାର୍ଚ୍ଚନା କରି ଦେବାଦେବୀଙ୍କୁ ଆମନ୍ତ୍ରଣ କରିଥିଲେ। ପରେ ଶିରାଙ୍କ ଦେହରେ କାଳିସି ଲାଗି ହୋଇ ଲାଠିକୁର୍ଚ୍ଚି ଗାଁ ପରିକ୍ରମା କରି ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଏହି ସମୟରେ ଦେବାଦେବୀଙ୍କ ବିନୀତି ଚାଉଳ ମସ୍ତକରେ ଲଗାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ଲୁହାକଣ୍ଟାର ଦୋଳିରେ ଦେବାଦେବୀମାନେ ଝୁଲିଥିଲେ। ମାନସିକଧାରୀ ଶ୍ରଦ୍ଧାଳୁମାନେ ମା' ମାଉଁଳୀଙ୍କ ନିକଟରେ ଶୁକ୍ଳ ଭୋଗ ଓ ରକ୍ତ ଭୋଗ ଅର୍ପଣ କରିଥିଲେ। ଅଞ୍ଚଳବାସୀଙ୍କ ବିଶ୍ୱାସ ରହିଛି ମାଘ ମଣ୍ଡେଇ ଯାତ୍ରା ଅନୁଷ୍ଠାନ କଲେ ଗ୍ରାମରୁ ରୋଗ, ଶୋକ, ବ୍ୟାଧିରୁ ଅଞ୍ଚଳବାସୀ ମୁକ୍ତ ହୁଅନ୍ତି ଓ ଆଗାମୀ ଦିନରେ ଚାଷବାସ ଭଲ ହେବା ସହ ଗ୍ରାମବାସୀ ସୁଖଶାନ୍ତିରେ କାଳାତିପାତ କରନ୍ତି। କୁଳେରଗୁଡା ଗ୍ରାମ୍ୟ ପୂଜା କମିଟିର ସଭାପତି ଭକ୍ତରାମ ସୋରି, ସମ୍ପାଦକ ବିରଞ୍ଚି ନାଗ, ଭରତ ମାଝି, ଧନେଶ୍ୱର ମାଝି, ସୋମନାଥ ମାଝି, ସଦନ ମାଝି, ତିଲ ପୋର୍ଟି, ବଳରାମ ନାଏକ, ଯୁଧିଷ୍ଠିର ଧରୁଆ, ଶ୍ୟାମ ପୋଡ଼, ବିରଞ୍ଚି ଧରୁଆ, ନାଥ ବାଗ, ରାମେଶ୍ୱର ସୋରି, ବୈକୁଣ୍ଠ ସୋରି ଅନିରୁଦ୍ଧ ବେଶ୍ରା, ନନ୍ଦ ମାଝି, ଅରକ୍ଷିତ ନାଗ, କୁମରମଣି ବାଗ, ଡମ୍ବୁ ସୋରି, ଭରତ ନିଆଲଙ୍କ ସହ ସମସ୍ତ ଗ୍ରାମବାସୀ ଏହି ମଣ୍ଡେଇ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସୂର୍ଯ୍ୟପୂଜା

ଲାଞ୍ଜିଗଡ଼,୨୩।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାରରୁ ଆରମ୍ଭ ହୋଇ ସୋମବାର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଲାଞ୍ଜିଗଡ ସହର ଭକ୍ତିମୟ ପରିବେଶରେ ଉତ୍ସବ ମୁଖର ହୋଇଉଠିଛି। ଏହି ଉପଲକ୍ଷେ ଶୁକ୍ରବାର ସକାଳ ୬ଟା ୫୦ରେ ସୂର୍ଯ୍ୟପୂଜା, ସାବିତ୍ରୀ ପୂଜା, ସୌରଗ୍ନି ସ୍ଥାପନ, ମଣ୍ଡଳାଦି ପୂଜା, ଦେବତା ପୂଜା, କୁଣ୍ଡ ସଂସ୍କାର, ହୋମ ସହିତ ଦିବା ସାଢେ ୧୧ଟାରେ ଶାଳା ସଂସ୍କାର, ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବେ ଲାଞ୍ଜିଗଡ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ ଓ ଗୌରୀସ୍ୱପ୍ନ ସିଂଦେଓ, ବେଦାନ୍ତ ଲିମିଟେଡ଼ ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲ ଓ ଶୁଭେସ୍ମା ପାଲ, ଚନ୍ଦ୍ରଧଜ ପେଶନିଆ ଓ ଶାନ୍ତିଲତା ପେଶନିଆ, ଶରତଚନ୍ଦ୍ର ସିଂ ଓ ସବିତା ସିଂ, ସୁବାସ ଚନ୍ଦ୍ର ଅଗ୍ରୱାଲ ଓ ପିଙ୍କିବାଇ ଅଗ୍ରୱାଲ ଏବଂ ଶ୍ରୀକାନ୍ତ ବହିଦାର ଓ ସୁସ୍ମିତା ବହିଦାର କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମୁଖ୍ୟ ପୁରୋହିତ ଭାବେ ଅନନ୍ତଚରଣ ରଥ କାର୍ଯ୍ୟକ୍ରମ କରୁଛନ୍ତି। ପୂଜକ ଭାବେ ବିଶ୍ୱନାଥ ମିଶ୍ର, ପ୍ରକାଶ ରଥ, ଜଗନ୍ନାଥ ମହାପାତ୍ର, ସୁନୀଲ କୁମାର ମିଶ୍ର, ସନ୍ତୋଷ ମହାପାତ୍ର, ଜ୍ଞାନ ରଞ୍ଜନ ରଥ, ବିରଞ୍ଚି ନାରାୟଣ ରଥ, ସନ୍ତୋଷ ପାଣିଗ୍ରାହୀ, ସନ୍ତୋଷ ସାମନ୍ତରାୟ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ବଦ୍ରି ନାରାୟଣ ମିଶ୍ର, ନିକୁଞ୍ଜ ଶତପଥୀ, ଦାମୋଦର ରଥ, ଦୁର୍ଗାପ୍ରସାଦ ରଥ, ସୁଦାମ ରଥ ପ୍ରମୁଖ ପୂଜା କାର୍ଯ୍ୟ କରିଥିବାବେଳେ ଦୀନବନ୍ଧୁ ବାରିକ, ମନୁ ବାରିକ କାର୍ଯ୍ୟରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ଶ୍ରୀହରିହର ସାଂସ୍କୃତିକ ସେବା ସମିତି ସଭାପତି ରାଜେନ୍ଦ୍ର ପ୍ରତାପ ସିଂଦେଓଙ୍କ ସମେତ ସମସ୍ତ କର୍ମକର୍ତ୍ତା, ଲାଞ୍ଜିଗଡ଼ ଯୁବଗୋଷ୍ଠୀ, ଲାଞ୍ଜିଗଡ ମହିଳା ମଣ୍ଡଳୀ ପ୍ରମୁଖ ସହଯୋଗ କରୁଛନ୍ତି। ଏହି ୫ ଦିନ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଥିବା ଲାଞ୍ଜିଗଡ଼ ଶ୍ରୀ ହରିହର ସାଂସ୍କୃତିକ ସେବା ସମିତି ପକ୍ଷରୁ ସୂଚନା ମିଳିଛି।



ଶ୍ରୀଜଗନ୍ନାଥ ମନ୍ଦିରରେ ହୋମଯଜ୍ଞ କରାଯାଉଛି।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର

ନୂଆପଡା,୨୩।୨ (ମକାରୁ ବେମାଲ)

ସ୍ଥାନୀୟ ପୋଲିସ ପଡିଆଠାରେ ଓଡ଼ିଶା କୋଠାବାଡି ଓ ନିର୍ମାଣ ଶ୍ରମିକ ବୋର୍ଡ ତରଫରୁ ଜିଲା ପ୍ରଶାସନ ଏବଂ ଜିଲା ଶ୍ରମ ବିଭାଗଙ୍କ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର କୁମାର ବାର୍ଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ଦିଲୀପ ନିର୍ମଲକର, ସୁକଦେବ ସାହୁ, ଶୁକ୍ଲାମ୍ବର ନିଆଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଓଡିଶା ଅଣସଙ୍ଗଠିତ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ୬ଜଣଙ୍କୁ ମୃତ୍ୟୁକାଳିନ ସହାୟତା ରାଶି ୧୦ ଲକ୍ଷ ଟଙ୍କା ଚେକ ଆକାରରେ ପ୍ରଦାନ କରିଥିଲେ। ଶିକ୍ଷା ସହାୟତା ରାଶି ବାବଦକୁ ୫ ଜଣ ଶ୍ରମିକଙ୍କୁ ୩୩ ହଜାର, ବିବାହ ସହାୟତା ୨୪୩ ଜଣଙ୍କୁ ୧ କୋଟି ୨୧ ଲକ୍ଷ ୫୦ ହଜାର,ମାତୃତ୍ୱ ସହାୟତା ୨୪ ଜଣଙ୍କୁ ୨ ଲକ୍ଷ ୪୦ ହଜାର, ଅନ୍ତେଷ୍ଟିକ୍ରିୟା ପାଇଁ ୫୭ ଜଣଙ୍କୁ ୨ ଲକ୍ଷ ୮୫ ହଜାର, ମୃତ୍ୟୁକାଳିନ ସହାୟତା ୮୮ ଜଣଙ୍କୁ ୧ କୋଟି ୭୫ ଲକ୍ଷ ଟଙ୍କା, ସର୍ବମୋଟ ୪୧୭ ଜଣ ନିର୍ମାଣ ଶ୍ରମିକଙ୍କୁ ୩ କୋଟି ୨୦ ଲକ୍ଷ ୮ ହଜାର ଟଙ୍କା ଚେକ ମାଧ୍ୟମରେ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ୪ ଶହରୁ ଉର୍ଦ୍ଧ ନିର୍ମାଣ ଶ୍ରମିକ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ସୁନିତା ଲାକ୍ରା ମଞ୍ଚ ପରିଚାଳନା କରିଥିଲେ।



ନିର୍ମାଣ ଶ୍ରମିକଙ୍କୁ ଚେକ ପ୍ରଦାନ କରାଯାଉଛି।

# ଆମ ସଂସ୍କୃତି ଆମ ଖେଳଣା ଶୀର୍ଷକ କର୍ମଶାଳା

ଭବାନୀପାଟଣା,୨୩।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ସରକାରୀ ଉଚ୍ଚ ବିଦ୍ୟାଳୟରେ 'ଆମ ସଂସ୍କୃତି ଆମ ଖେଳନା' ଶୀର୍ଷକ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ କୁନି ପିଲାମାନଙ୍କୁ ଖେଳନା ମାଧମରେ ପାଠ ପଢାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି କର୍ମଶାଳାକୁ ବିଶିଷ୍ଟ ମୂର୍ତ୍ତିକାର ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରଭାସ କୁମାର ମିଶ୍ର, ମେରିଲିନ ସୁଧାଂଶୁମୟୀ ମହାନ୍ତି, ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ସାହୁ ପ୍ରମୁଖ ଉଦ୍‌ଘାଟନ କରିବା ସହ କର୍ମଶାଳା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପାଠପଢାକୁ ଆନନ୍ଦଦାୟକ, ଆଗ୍ରହପୂର୍ଣ୍ଣ କରିବା ସହ ପିଲାମାନେ କିପରି ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେବେ, କିପରି ସ୍ୱଳ୍ପ ମୂଲ୍ୟରେ ଓ ବିନାମୂଲ୍ୟରେ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତ କରାଯାଇ ପାରିବ ସେ ସମ୍ପର୍କରେ କର୍ମଶାଳାରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।



କର୍ମଶାଳାରେ ଯୋଗ ଦେଇଥିବା ଅତିଥିଗଣ।

ଏହି ଅବସରରେ ମାଟି ମୂର୍ତ୍ତି ତଥା ଖେଳଣା ପ୍ରସ୍ତୁତି କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ପ୍ରାଧ୍ୟାପକ ନିରଞ୍ଜନ ଶବର, ମୁଖ୍ୟବକ୍ତା ଭାବେ ମାଣିକେଶରୀ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ମୁଖ୍ୟ ମେଜର ଜୟଦେବ ସାହୁ, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ନମିତା ରାଣୀ ଭୋଇ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଦିଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଭଟାଙ୍ଗପଦର ସାଧନକେନ୍ଦ୍ର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରୁ ଓ ଅନୁଷ୍ଠାନରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୩-୨୪ ପାଇଥିବା ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କର୍ମଶାଳାରେ ଶିକ୍ଷକ ପ୍ରଶିକ୍ଷକ ଈଶ୍ୱର ଚନ୍ଦ୍ର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଢଳଦେବ ମୁଣ୍ଡ, ଭାରତ ଭୂଷଣ ସାହୁ, ଲକ୍ଷ୍ମୀପ୍ରିୟା ମୁଦୁଲି, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଝସକେତନ ପଧାନ ତଥା ଭଟାଙ୍ଗପଦର କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ, ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିବ ପ୍ରସାଦ ଦାସ ଓ ଧନ୍ୟବାଦ ଦେଇଥିଲେ ସୁଶ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଶତପଥି।

# ଛେନାପୋଡ଼ ଦେଇଛି ସ୍ୱତନ୍ତ୍ର ପରିଚୟ

## ଯୁବ ଉଦ୍ୟୋଗୀ ସୌମ୍ୟରଞ୍ଜନ

ସୋନପୁର, ୨୩।୨ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବିନିକାର ଜଣେ ଉଚ୍ଚ ଶିକ୍ଷିତ ଯୁବକ ସୌମ୍ୟରଞ୍ଜନ ପୂଜାରୀ ଚାକିରି ପଛରେ ନ ଗୋଡାଇ ଜଣେ ସଫଳ ଉଦ୍ୟୋଗୀ ହୋଇ ପାରିଛନ୍ତି। କିଛି ନୂଆ କରିବାର ପ୍ରଚେଷ୍ଟା ଓ କଠିନ ପରିଶ୍ରମ ତାଙ୍କୁ ସଫଳତା ଆଣି ଦେଇଛି। ବିଭିନ୍ନ ପ୍ରକାର ଛେନାପୋଡ଼ ପ୍ରସ୍ତୁତି ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। ଜିଲା କିମ୍ବା ପଡୋଶୀ ଜିଲାରେ ମେଳା ମହୋତ୍ସବ ପଡିଲେ ଭିନ୍ନ ଭିନ୍ନ ରକମର ଛେନାପୋଡ ପାଇଁ ଲୋକେ ସୌମ୍ୟଙ୍କ ତ୍ରିବେଣୀ ଡାଏରୀ ଷ୍ଟଲକୁ ଖୋଜି ବୁଲୁଛନ୍ତି। ଲୋକଙ୍କ ଚାହିଦା ଜାଣି ସେ ନୂଆ ସ୍ୱାଦ ଓ ରୂପରେ ବଜାରକୁ ଛେନାପୋଡ଼ ଛାଡୁଛନ୍ତି। ନିକଟରେ ସରିଥିବା ସୁବର୍ଣ୍ଣପୁରର ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳାରେ ତାଙ୍କ ଛେନାପୋଡର ଖୁବ୍ ଚାହିଦା ଥିଲା। ଗୁଡ, କେଶର, ଚକୋଲେଟ୍ ଓ ଭାନିଲା ଛେନାପୋଡ ପାଇଁ ଷ୍ଟଲରେ ଭିଡ ଜମୁଥିଲା। ଛୋଟ ପିଲାମାନେ ଖୋଜୁଥିଲେ ଭାନିଲା ଓ ଚକୋଲେଟ୍ ଛେନାପୋଡ଼।

ଇଲେକ୍ଟ୍ରୋନିକ୍ସ ଓ ଟେଲିକମ୍‌ରେ ଡିପ୍ଲୋମା ପଢି ସାରିବା ପରେ ସୌମ୍ୟ ନିଜର ଉଦ୍ୟୋଗ ଆରମ୍ଭ କରିଥିଲେ। ଆଜିକାଲି ବହୁ ଲୋକ ମଧୁମେହ ରୋଗରେ ଆକ୍ରାନ୍ତ। କୌଣସି ବିବାହ, ବ୍ରତ ଆଦି ଉତ୍ସବରେ ରସଗୋଲା, ଛେନାପୋଡ ଆଦି ଖାଇବା ପାଇଁ ମନ ହେଉଥିଲେ ମଧ ଖାଇ ପାରନ୍ତି ନାହିଁ। ତେବେ ଏହା ଦେଖି ସୌମ୍ୟରଞ୍ଜନଙ୍କ ମୁଣ୍ଡକୁ ଉପାୟ ଜୁଟିଲା। ବଜାରକୁ ପ୍ରଥମେ ଗୁଡ ଛେନାପୋଡ଼ ଓ ସୁଗାର ଫ୍ରି ଛେନାପୋଡ ଛାଡିଲେ। ସେ ଆରମ୍ଭ କରିଥିବା ଉଦ୍ୟମରୁ ସଫଳତା ମିଳିଲା। ପରେ ଛୋଟପିଲାଙ୍କ ରୁଚି ଅନୁଯାୟୀ ଚକୋଲେଟ୍, ଭାନିଲା ଓ କେଶର ଛେନାପୋଡ ମଧ ପ୍ରସ୍ତୁତ କଲେ। ତ୍ରିବେଣୀ ଡାଏରୀ ଦ୍ୱାରା ପ୍ରସ୍ତୁତ କେଶର ଛେନାପୋଡର ଆଦର ମଧ ଦିନକୁ ଦିନ ବଢିବାରେ ଲାଗିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲୋକେ ଏଥିପାଇଁ ବରାଦ କରୁଛନ୍ତି। ସୋନପୁର ରୟାଲ ପଡିଆ ପୁସ୍ତକ ମେଳାରେ ଉକ୍ତ ଡାଏରୀ ଫାର୍ମ ଦ୍ୱାରା ଖୋଲା ଯାଇଥିବା ଷ୍ଟଲରେ ଗ୍ରାହକଙ୍କ ଭିଡ ଲାଗୁଥିଲା। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ସରକାରୀ ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କ ପସନ୍ଦ ଥିଲା ସୌମ୍ୟଙ୍କ ଛେନାପୋଡ। ତେବେ କେବଳ ଛେନାପୋଡ ନୁହେଁ ପନିର, ଶୁଦ୍ଧ ଗୁଆ ଘିଅ ଓ ଦହି ଆଦି ସେ ବିକ୍ରି କରୁଥିଲେ। ପାଠପଢା ସାରିବା ପରେ ସୌମ୍ୟ ୫ ବର୍ଷ ପୂର୍ବରୁ କେତୋଟି ଗାଈ କିଣି ନିଜ ଗାଁ ବିନିକାର ସାହାଜବାହାଲରେ ଏକ ଡାଏରୀ ଫାର୍ମ ଆରମ୍ଭ କରିଥିଲେ। ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଡାଏରୀ ଫାର୍ମ କରି ସଫଳତା ପାଇବା ସହ ଛେନାପୋଡ ଏବଂ ଦୁଗ୍ଧଜାତ ସାମଗ୍ରୀ ପ୍ରସ୍ତୁତ କରି ସେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଜଣେ ସଫଳ ଯୁବ ଉଦ୍ୟୋଗୀ ଭାବେ ସେ ଜିଲାରେ ପରିଗଣିତ ହେବା ସହ ସରକାରଙ୍କ ଦ୍ୱାରା ପୁରସ୍କୃତ ମଧ୍ୟ ହୋଇଛନ୍ତି। ତେବେ ସରକାରଙ୍କ ଶିଳ୍ପ ବିଭାଗ ଦ୍ୱାରା ପ୍ରଦତ୍ତ ୫ ଲକ୍ଷ ଟଙ୍କା ଋଣରେ ସେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା କରିଛନ୍ତି। ଏହା ସୌମ୍ୟଙ୍କୁ ବେଶ୍ ସହାୟକ ହୋଇଥିଲା। ସୁବର୍ଣ୍ଣପୁରଠାରେ ପୂର୍ବରୁ ଅନୁଷ୍ଠିତ ଉଦ୍ୟୋଗୀ ସପ୍ତାହ ପାଳନ ଅବସରରେ ସଫଳ ଯୁବ ଉଦ୍ୟୋଗୀ ଭାବେ ସୌମ୍ୟ ଜିଲା ପ୍ରଶାସନ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଏହି ଦୁଗ୍ଧ ଆଧାରିତ ଉଦ୍ୟୋଗରେ ସେ ସ୍ୱରୋଜଗାରକ୍ଷମ ହେବା ସହ ୧୦ଜଣଙ୍କୁ ନିଯୁକ୍ତି ଦେବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ବିନିକାରେ ତାଙ୍କର କାଉଣ୍ଟର ଥିବା ବେଳେ ନିକଟରେ ବରଗଡରେ ଏକ ନୂଆ କାଉଣ୍ଟର ଖୋଲିଛି। ଆଗକୁ ରାଜ୍ୟର ବିଭିନ୍ନ ସହରରେ କାଉଣ୍ଟର ଖୋଲି ନିଜ ଡାଏରୀ ବିସ୍ତାର କରିବାକୁ ଯୋଜନା କରିଥିବା ସୌମ୍ୟ କହିଛନ୍ତି।



ଷ୍ଟଲରେ ଛେନାପୋଡ ଓ ଅନ୍ୟ ଦୁଗ୍ଧଜାତ ସାମଗ୍ରୀ ସହିତ ସୌମ୍ୟରଞ୍ଜନ।

## ସଂକ୍ଷେପରେ

### ବୁଣାକାର ସଚେତନତା ଶିବିର

ବାଉଁଶୁଣୀ, ୨୩।୨ (ଦେବାଶିଷ ନେପାକ)

ବୟନ ଶିଳ୍ପ ନିର୍ଦ୍ଦେଶକ ବୌଦ୍ଧ ଆନୁକୂଲ୍ୟରେ ଶ୍ରୀଦଧିବାମନ ଓ ଜୟ ଶ୍ରୀରାମ ତନ୍ତୁବାୟ ସହଯୋଗ ସମିତି ଲିଃ ମିଳିତ ସହଯୋଗରେ ବୌଦ୍ଧ ବ୍ଲକ ଅନ୍ତର୍ଗତ ନାରାୟଣନଗର ଗ୍ରାମରେ ବୁଣାକାର ମାନଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଓ ଅନ୍ୟ ଅତିଥିମାନେ ଉକ୍ତ ଗ୍ରାମରେ ପହଂଚିବା ପରେ ଗ୍ରାମବାସୀମାନଙ୍କ ତରଫରୁ ଭବ୍ୟ ସ୍ୱାଗତ କରା ଯାଇଥିଲା। ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ, ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ବୁଣାକାରମାନଙ୍କ ସାମଗ୍ରିକ ଉନ୍ନତି ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ବର୍ତ୍ତମାନ ରାଜ୍ୟ ସରକାର ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ସାହୁ , ବୌଦ୍ଧ ବୟନ ମଣ୍ଡଳର ଉପ-ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ରଘୁନାଥ ପୂଜାହାରୀ ଯୋଗଦେଇ ବୁଣାକାରଙ୍କ ନିମନ୍ତେ ଉର୍ଦ୍ଧିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ବୟନ ସୁପରଭାଇଜର ତୁନି ମେହେର ଅତିଥି ଭାବେ ଯୋଗଦେଇ ବୁଣାକାର ମାନଙ୍କୁ ମିଳୁଥିବା ତନ୍ତ ଓ ତନ୍ତ ସରଞ୍ଜାମ ଉପରେ ଆଲୋକପାତ କରିଥିଲେ। ବୁଣାକାର ମାନେ ସରକାରୀ ଯୋଜନାରେ କିପରି ସାମିଲ ହୋଇ ଅଧିକରୁ ଅଧିକ ଲାଭ ପାଇପାରିବେ ଏବଂ ସେମାନଙ୍କ ସାମାଜିକ ଅର୍ଥନୈତିକ ବିକାଶ ଘଟିବ ସେ ବିଷୟରେ ପ୍ରକାଶ ଚନ୍ଦ୍ର ମେହେର ମତବ୍ୟକ୍ତ କରିଥିଲେ। ଅତିଥି ପରିଚୟ ପ୍ରଦାନ ଓ ସଭା କାର୍ଯ୍ୟ ପରିଚାଳନା କରିଥିଲେ ବୟନ ଗବେଷକ ରମେଶ ପ୍ରସାଦ ମେହେର। ଏହି ଶିବିରରେ ବରିଷ୍ଠ ବୁଣାକାର ତିଳ ମେହେର, ଗୋବର୍ଦ୍ଧନ ମେହେର,ଶମ୍ଭୁ ମେହେର,ଗୌର ମେହେରଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ସମ୍ପାଦକମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଶିବିରରେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ ବୌଦ୍ଧ ତରଫରୁ ସମସ୍ତ କର୍ମଚାରୀ ଓ ସମିତି ତରଫରୁ ସୁରୁବାବୁ ମେହେର, ରାଜକିଶୋର ମେହେର ସହଯୋଗ କରିଥିଲେ। ଶେଷରେ ରମେଶ ପ୍ରସାଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ଏକ ହଜାରରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ବୁଣାକାର ଯୋଗ ଦେଇଥିଲେ।

# ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ


ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ଓ ଦୁଇ ଅଭିଯୁକ୍ତ।

## ୨ ଗିରଫ, ଟ୍ରକ୍ ଜବତ

ବୌଦ୍ଧ, ୨୩।୨ (ଅଜିତ କୁମାର ବାରିକ)

ବୌଦ୍ଧ ପୋଲିସ ଗତ ୨ ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ଚଢାଉକରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିବା ନେଇ ଶୁକ୍ରବାର ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ବୌଦ୍ଧ ଥାନା ପରିସରରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ପ୍ରସାଦ କହିଥିଲେ, ପୋଲିସ ପକ୍ଷରୁ ପାଟ୍ରୋଲିଂ ସମୟରେ ବିଭିନ୍ନ ସ୍ଥାନରୁ ୧୦ କୁଇଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ ହୋଇଛି । ଗଞ୍ଜେଇ ଚୋରାଚାଲାଣରେ ବ୍ୟବହୃତ ରାଜ୍ୟ ବାହାରର ଏକ ଟ୍ରକ୍ ଓ ୧୮ ହଜାର ଟଙ୍କା ଜବତ କରାଯାଇଛି ।

ଗୁରୁବାର ଦିନ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଆମ୍ବଝରୀ ନିକଟରୁ ୨୭୦ କିଲୋ, ଗୋଛାପଡା ନିକଟରୁ ୪୫୦ କିଲୋ ଗଞ୍ଜେଇ ଜବତ କରିଥିବା ବେଳେ ଏହି ଘଟଣାରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି । ଶୁକ୍ରବାର ଦିନ ବୌଦ୍ଧ ମହାନଦୀ ବ୍ରିଜ୍ ଛକ ନିକଟରୁ ପୋଲିସ ୩୦୫ କିଲୋ ଗଞ୍ଜେଇ ଜବତ କରିବା ସହ ଚୋରାଚାଲାଣରେ ବ୍ୟବହୃତ ଟ୍ରକର ଚାଳକ ଓ ହେଲପରଙ୍କୁ ଗିରଫ କରିବାରେ ସଫଳ ହୋଇଛି। ମହାରାଷ୍ଟ୍ରର ନମ୍ବର ଥିବା ଏକ ଟ୍ରକ (ନଂ.ଏମଏଚ ୪୦ ଏକେ ୧୦୬୨)ରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ପୋଲିସ ମହାନଦୀ ବ୍ରିଜ ଛକ ନିକଟରେ ଜଗି ରହି ଉକ୍ତ ଗାଡି ଅଟକାଇ ଯାଞ୍ଚ କରିଥିଲା । ଏହି ସମୟରେ ଟ୍ରକ୍ ଭିତରେ କାଜୁମଞ୍ଜି ଚୋପା ବାହାରିବା ସହ ଗଞ୍ଜେଇ ବାହାରିଥିଲା । ପୋଲିସ ଉକ୍ତ ଟ୍ରକ୍‌ରୁ ୩ କୁଇଣ୍ଟାଲ ୫ କେଜି ଗଞ୍ଜେଇ ଓ ଟ୍ରକକୁ ଜବତ କରିବା ସହ ଚାଳକ ଓ ହେଲପରଙ୍କୁ ଗିରଫ କରିଥିଲା । ଟ୍ରକ ଚାଳକ ମହାରାଷ୍ଟ୍ର ନାଗପୁର ଜିଲା ପରଦି ଥାନା କପାସି ଗ୍ରାମର ଆଜାଦ ସରଫରଜ ଖାନ (୩୫) ଓ ହେଲ୍‌ପର ନାଗପୁର ଜିଲା ଖପରଖେଦା ଥାନା ପିପଲା ଗ୍ରାମର ସିଦ୍ଧାନ୍ତ ରାମ ମିଳନ ଯାଦବ (୨୫) ବୋଲି ଜଣାପଡିଛି । ପୋଲିସ ବୌଦ୍ଧ ଥାନାରେ ନଂ ୮୫/୨୩ରେ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତ ଚାଳକ ଓ ହେଲ୍‌ପରଙ୍କୁ କୋର୍ଟ ଚାଲାଣ କରିଛି । ଖବରଦାତା ସମ୍ମିଳନୀରେ ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଅଷ୍ଟ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଅମରପାଲି, ୨୩।୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ପଞ୍ଚାୟତର ଘିଚାପାଲି ଗ୍ରାମରେ ହେଉଥିବା ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଦିନ ସକାଳୁ ନାମ ଆରମ୍ଭ ହୋଇଥିଲା। ନାମମଣ୍ଡପରେ ଘନଶ୍ୟାମ ବିଶାଳ ଓ ଜୟନ୍ତୀ ବିଶାଳ ସପତ୍ନିକ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ । ଯଜ୍ଞମଣ୍ଡପରେ ପାନୁ ବେହେରା ଓ ବୁନ୍ଦୁରି ବେହେରା ସପତ୍ନିକ କାର୍ଯ୍ୟ ସମ୍ପାଦନ କରିଥିଲେ। ପବିତ୍ର ନନ୍ଦ ଓ କୃଷ୍ଣଚନ୍ଦ୍ର ନନ୍ଦ ପୂଜକ ଭାବେ କାର୍ଯ୍ୟ ତୁଲାଇଥିଲେ। ଅଷ୍ଟପ୍ରହରୀ ନାମଯଜ୍ଞରେ ଘିଚାପାଲି ସମେତ ପୁଲେଶ୍ୱର, ଲୁତୁରପଙ୍କ, ବହଳପଦର, ବୁରୁବୁଡା, ବୀରମହାରାଜପୁର, ପାତ୍ରପାଲି, ବଡ଼ବର୍ତ୍ତାକଟା, ତିଲେଇମାଳ, ଚିଙ୍ଗିରାନାଲି, ଖଣ୍ଡହତା, ରିଜୁମୁଣ୍ଡା ଆଦି ଗ୍ରାମର ସଙ୍କୀର୍ତ୍ତନ ଦଳ ଅଂଶଗ୍ରହଣ କରି ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଶୁକ୍ରବାର ସକାଳୁ ନଗର ସଙ୍କୀର୍ତ୍ତନ କରାଯାଇଥିଲା। ହୋମ ଯଜ୍ଞ ପରେ ପୂର୍ଣ୍ଣାହୁତି ପଡ଼ିଥିଲା। ନାମଯଜ୍ଞ କମିଟିର ସଭାପତି ରାଜ କୁମାର ସାହୁ ,ସମ୍ପାଦକ ଶ୍ୟାମ ସୁନ୍ଦର ନନ୍ଦ, କୋଷାଧ୍ୟକ୍ଷ ମାଧବ ନାଏକଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେଡିର ଘରକୁ ଘର ଶଙ୍ଖ କାର୍ଯ୍ୟକ୍ରମ


କରଞ୍ଜକଟା ଗ୍ରାମରେ ଘରକୁ ଘର ଶଙ୍ଖ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ଅମାତ ଓ ଅନ୍ୟମାନେ।

ବୌଦ୍ଧ, ୨୩।୨ (ଅଜିତ କୁମାର ବାରିକ)

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରମୁଖ ରାଜନୈତିକ ଦଳଗୁଡିକ ଭୋଟରଙ୍କ ନିକଟତର ହେବାକୁ ଜୋରଦାର ପ୍ରୟାସ ଆରମ୍ଭ କରି ଦେଇଛନ୍ତି। ସାରା ରାଜ୍ୟରେ ଏବେ ଘରକୁ ଘର ଶଙ୍ଖ କାର୍ଯ୍ୟକ୍ରମ ଚାଲୁ ରହିଛି। ଶୁକ୍ରବାର ଦିନ ହରଭଙ୍ଗା ବ୍ଲକର କରଞ୍ଜକଟା ଗ୍ରାମରେ ବିଜେଡି ପକ୍ଷରୁ ଘରକୁ ଘର ଶଙ୍ଖ କାର୍ଯ୍ୟକ୍ରମ ହୋଇଥିବା ବେଳେ ଏଥିରେ ଜଙ୍ଗଲ ଓ ପରିବେଶ, ପାନୀୟଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦାପ କୁମାର ଅମାତ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଅମାତ ଦଳୀୟ ନେତୃବୃନ୍ଦଙ୍କୁ ନେଇ ଘରକୁ ଘର ବୁଲି ରାଜ୍ୟ ସରକାରଙ୍କ ସଫଳତା ବଖାଣିବା ସହ ପରିବାରର ସହମତି ଭିତ୍ତିରେ ଘର ସମ୍ମୁଖ କାନ୍ଥରେ ଶଙ୍ଖ ଚିହ୍ନ ଲଗାଇଥିଲେ। କାର୍ଯ୍ୟକ୍ରମରେ ବିଜେଡିର ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ କର୍ଣ୍ଣ, ସରପଞ୍ଚ ନିହାର ଘୋଷ, ଅଜିତ ଭୋକ୍ରାଙ୍କ ସମେତ ବହୁ ମହିଳା ସାମିଲ ଥିଲେ।

## ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ବଣ୍ଟନର ଶୁଭାରମ୍ଭ

ବିନିକା, ୨୩।୨ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅଫିସରେ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପଧାନଙ୍କ ଅଧ୍ୟକ୍ଷତାରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ହିତାଧିକାରୀଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ବଣ୍ଟନର ଶୁଭାରମ୍ଭ କରିଥିଲେ। ମଧୁବାବୁ ପେନସନ ଯୋଜନାରେ ୩୭ ଜଣ ଓ ୨୩ ଜଣ ହିତାଧିକାରୀଙ୍କୁ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ବର୍ଦ୍ଧିତ ହାରରେ ବଣ୍ଟନ କରିଥିଲେ। ଏଥିସହିତ ବାଳକ ହାଇସ୍କୁଲ ରୋଡ଼ରେ ନୂତନ ଭାବେ ନିର୍ମାଣ ହୋଇଥିବା ୨୨ ଗୋଟି ଦୋକାନ ଗୃହ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ଉପାଧ୍ୟକ୍ଷା ତପସ୍ୱିନୀ ମେହେରଙ୍କ ସମେତ ସମସ୍ତ କାଉନସିଲର ଯୋଗ ଦେଇଥିଲେ। କର୍ମଚାରୀ ସିଏମଏମ ଉମାକାନ୍ତ ସିଂ, ସିଓ ସମିତା ବାରିକ, ପିଏ ସରୋଜ ମେହେରଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଖୁଣ୍ଟିଗୋରାରେ କଳସ ଶୋଭାଯାତ୍ରା


ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି ।

ଖୁଣ୍ଟିଗୋରା, ୨୩।୨ (ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ଜୋନ ସ୍ତରୀୟ ଶୌଣ୍ଡିକ ସମାଜ ପକ୍ଷରୁ ସୁବର୍ଣ୍ଣଗ୍ରାହୀ ଅଷ୍ଟ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ନାଗର ଚରଣ ସାହୁଙ୍କ ନେତୃତ୍ୱରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଗ୍ରାମର ଶ୍ରଦ୍ଧାଳୁମାନେ ଯଜ୍ଞ ମଣ୍ଡପରୁ ଘଣ୍ଟ, ଶଙ୍ଖ, ମୃଦଙ୍ଗ ବାଦ୍ୟର ତାଳେ ତାଳେ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରୁ ୩ କି.ମି. ଦୂର ଖଇରମାଳ ଗ୍ରାମ ପୋଖରୀକୁ ଯାଇଥିଲେ । ସେଠାରେ ଗଙ୍ଗାପୂଜା ପୂର୍ବକ କଳସରେ ଜଳ ଆଣି ପୂଜା ମଣ୍ଡପଠାରେ ସ୍ଥାପନ କରାଯାଇଛି। ପଣ୍ଡିତ ଜୟରାମ ପାଣି ପୂଜାର୍ଚ୍ଚନା କରିଥିଲେ। ଫକୀର ସାହୁ ଓ ତାଙ୍କ ସ୍ତ୍ରୀ ସୁକାନ୍ତି ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଦିଗାମ୍ବର ସାହୁ, ଗଙ୍ଗା ସାହୁ, ଅଖିଳ ସାହୁ, ଦୟାନିଧି ସାହୁ, ସ୍ୱାଧୀନ ସାହୁ, ଲୁନା ସାହୁ, ସୁଧୀର ସାହୁ, ସୁବୋଧ ସାହୁ, ସାଗରସାହୁପ୍ରମୁଖ ସହଯୋଗ କରିଥିଲେ।

## ବିଜୁ ସେତୁ ଶିଳାନ୍ୟାସ କଲେ ବିଧାୟିକା


ବିଜୁ ସେତୁର ଶିଳାନ୍ୟାସ ଉତ୍ସବରେ ବିଧାୟିକାଙ୍କ ସମେତ ଅତିଥିଗଣ।

ଭେଡେନ, ୨୩।୨ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡେନ ବ୍ଲକ ତାଳଗାଁରୁ ଗ୍ରୀନଡୋଲାକୁ ସଂଯୋଗ ପାଇଁ ଜିରା ନଦୀରେ ନିର୍ମାଣ ହେବାକୁ ଥିବା ବିଜୁ ସେତୁର ଶିଳାନ୍ୟାସ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶିଳାନ୍ୟାସ କରିଥିଲେ। ଫଳରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବିର ଅନ୍ତ ଘଟିଛି। ଏହି ଅଞ୍ଚଳରେ ଗମନାଗମନ ସୁବିଧା ପାଇଁ ଜିରା ନଦୀରେ ୧୭କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଦାନ ଦେଇଛନ୍ତି। ବ୍ଲକ ଉପାଧ୍ୟକ୍ଷ ଡୋଲାମଣି ଖେତି, ସରପଞ୍ଚ ଡମ୍ବରୁଧର ପାଣ୍ଡେ, ସମିତିସଭ୍ୟ ତୋଷବନ୍ତ ବେହେରା, ଜିଲା ପରିଷଦ ସଭ୍ୟା ପଦ୍ମିନି ଗଡ଼ତିଆ, ନରେଶ ଘୁଷୁରୀ, କ୍ଷେତ୍ରରାଜ ମହାକୁର, ସୁରେଶ ମହାକୁର, ସତ୍ୟବାନ ଦାଶ, କୁମର ସେଟ, ଗରିବ ମହାକୁର, ଜପ ପଧାନ, ମଧୁ କରନଙ୍କ ସମେତ ଶତାଧିକ ବିଜେଡି କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ତରଭାରେ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ

ସୋନପୁର, ୨୩।୨ (ମୃତ୍ୟୁଞ୍ଜୟ ଶତପଥୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଶୁକ୍ରବାର ସୁବର୍ଣ୍ଣପୁର ଜିଲାର କ୍ରୀଡା ଭିତ୍ତିଭୂମିର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ତରଭାରେ ୪କୋଟି ୪୦ଲକ୍ଷ ଟଙ୍କା ବ୍ୟୟରେ ବହୁମୁଖୀ ଅତ୍ୟାଧୁନିକ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ ହୋଇଛି। ସେହିପରି ସୋନପୁର ସହର ରାମେଶ୍ୱରସ୍ଥିତ ଷ୍ଟାଡିୟମରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ପ୍ରାୟ ୨କୋଟି ୬୮ଲକ୍ଷ ଟଙ୍କା ବ୍ୟୟରେ ଉନ୍ନତିମୂଳକ କାମ ସହ ରାମେଶ୍ୱର ଇନ୍‌ଡୋର ଷ୍ଟାଡିୟମକୁ ଶୀତତାପ ନିୟନ୍ତ୍ରିତ କରାଯିବ। ଏହି ଅବସରରେ ଜିଲାର ତରଭା ଓ ସୋନପୁରଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ତରଭାରେ ଆୟୋଜିତ ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲାପାଳ ଅନ୍ୟା ଦାସ, ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କୁମାର କମ୍ପ, ତରଭା ବିଡିଓ ଅନିଲ କୁମାର କୁଲୁ, ତରଭା ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ, ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦାମୋଦର କୈବର୍ତ୍ତ ଓ ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ସେହିପରି ସୋନପୁରରେ ଅନୁଷ୍ଠିତ ଉତ୍ସବରେ ଜିଲା ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଇଂ ମନୋରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ସହରର କ୍ରୀଡାବିତ୍ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।


ତରଭାରେ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟନ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ଜିଲାପାଳ ।

# ଲୋକାଭିମୁଖୀ ଯୋଜନା ଉପରେ ଗୁରୁତ୍ୱ

ଡୁଙ୍ଗୁରିପାଲି, ୨୩।୨ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଗ୍ରାମ ପଞ୍ଚାୟତରେ ଗୁରୁବାର ଆମ ଓଡିଶା ନବୀନ ଓଡିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସ୍ଥାନୀୟ ହାଇସ୍କୁଲ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ରାମପୁର ସରପଞ୍ଚ ମନୋଜ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ରାମପୁର ଜୋନ ଜିଲା ପରିଷଦ ସଭ୍ୟ ଗଣେଶ ଭୋଇ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ରାମପୁର ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ରମେଶ ଚନ୍ଦ୍ର ପୂଜାରୀ, ସାମାଜିକ କର୍ମୀ ଉମେଶ ପୂଜାରୀ, ରାମପୁର ପଞ୍ଚାୟତ ସମିତି ସଭ୍ୟା ସରିତା ଭରାସାଗର, ଏସବିଆଇ ବିଏମ ରାମନାଥ ମେହେର ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ପୂଜାରୀ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ରାମପୁର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଉନ୍ନତୀକରଣ ନେଇ ଲୋକଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଗ୍ରାମାଞ୍ଚଳର ବିକାଶ ଓ ରାଜ୍ୟ ସରକାରଙ୍କ ପ୍ରୟାସ ଉପରେ ସଚେତନ କରଯାଇଥିଲା । ଶିବିରରେ ମନ୍ତ୍ରୀଙ୍କ ଦ୍ୱାରା ରାମପୁରର ୭ଟି ଏସଏଚଜି ଗ୍ରୁପକୁ ସରକାରଙ୍କ ବିନା ସୁଧରେ ୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା । ପଞ୍ଚାୟତ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା । ଶେଷରେ ସମିତି ସଭ୍ୟା ସରିତା ଭରାସାଗର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ସମଲେଇଚୁଆ ଗ୍ରାମ ପଞ୍ଚାୟତ ପରିସରରେ ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ବିଭୁଦତ୍ତ ରାଜହଂସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ , ଡୁଙ୍ଗୁରିପାଲି ଜୋନ ଜିଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝୀ, ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ଚିନାୟୁରୀ ପଞ୍ଚାୟତ ସମିତି ସଭ୍ୟା ବିନ୍ଦୁ ଦଣ୍ଡସେନା, କପାସିରା ସରପଞ୍ଚଙ୍କ ପ୍ରତିନିଧି ପ୍ରଦୀପ ସା ଯୋଗ ଦେଇଥିଲେ । ବିଭିନ୍ନ ବିଭାଗ ତରଫରୁ ଷ୍ଟଲ ଖୋଲାଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ପ୍ରଦର୍ଶିତ କରାଯିବା ସହ ବିଭାଗୀୟ ଅଧିକାରୀମାନେ ଏ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ । ସ୍ଥାନୀୟ କଳାକାରଙ୍କୁ ନେଇ ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମଲେଇଚୁଆ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର କୁମାର ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ସହାୟକ କୁଶ ପଧାନ, ବଦ୍ରିନାରାୟଣ ପାଣ୍ଡିଆ, ଜିତେନ୍ଦ୍ରୀୟ ସାହୁ ଉପସ୍ଥିତ ଥିଲେ। ୱାର୍ଡ ମେମ୍ବର, ପଞ୍ଚାୟତ କର୍ମଚାରୀ,ଏମବିକେ, ସମସ୍ତ ସିଆରପି, ଅଙ୍ଗନୱାଡି କର୍ମୀ, ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।


ରାମପୁର ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟ ଅତିଥିବୃନ୍ଦ ।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ କରି ଫେରାର ବେଳେ ଦୁର୍ଘଟଣା

ବଡ଼ଗାଁ, ୨୩।୨ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଜମର୍ଲା ଗ୍ରାମର ଜଣେ ଯୁବତୀ ଶୁକ୍ରବାର ସାନ୍ଧ୍ୟାରେ ଶୌଚରୁ ଫେରୁଥିବାବେଳେ କାରରେ ଯାଉଥିବା ଜଣେ ଯୁବକ ଅଟକି ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଯୁବତୀ ଜଣଙ୍କ ପାଟି କରିବାରୁ ଗ୍ରାମବାସୀ ଆସୁଥିବା ଦେଖି ଯୁବକ ଜଣଙ୍କ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପଟୁଆବେଡାରୁ ମନୋହରପୁର ଯାଉଥିବା ରାସ୍ତାର ଛକ ଠାରେ ଏକ ବୋଲେରୋକୁ ଧକ୍କା ଦେଇଥିଲେ। ଫଳରେ ଯୁବକ ଜଣଙ୍କ ଆହତ ହୋଇଛନ୍ତି। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି।

### ୩୪୦ ଠିକା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ରାଉରକେଲା, ୨୩।୨ (ବିପ୍ଳବ ରଞ୍ଜନ ଦାଶ)

ଆରଏସପି ଏଚ୍ଆରଡି କେନ୍ଦ୍ରଠାରେ ଶୁକ୍ରବାର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ଆର୍ଏସ୍ପିର ଟ୍ରାଫିକ୍ ଓ କଞ୍ଚାମାଲ ବିଭାଗ, ଟ୍ରାନ୍ସପୋର୍ଟ, କମ୍ୟୁନିକେଶନ ଇଞ୍ଜିନିୟରିଂ, ଏଫ୍ଏମ୍ଏମ୍ ଓ ଏଚ୍ଆରଡି ସେଣ୍ଟର ଅଞ୍ଚଳରେ କାର୍ଯ୍ୟରତ ୩୪୦ ଠିକା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କାର୍ମିକ ଠିକା ଶ୍ରମିକ ସେଲ୍ ସୌଜନ୍ୟରେ କର୍ମଚାରୀ ରାଜ୍ୟ ବୀମା କର୍ପୋରେଶନ ମଡେଲ ହସ୍ପିଟାଲ ଓ ଆଇଜିଏଚ୍ ସହାଭାଗିତାରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଆର୍ଏସ୍ପି ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ଏଚ୍ଆରଡି ବିଭାଗର ସିଜିଏମ୍ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ଉପସ୍ଥିତ ଥିଲେ। ପରେ ସିଆଇଏସ୍, ଟିଏମ୍ଏମ୍ ଓ ପ୍ରୋଜେକ୍ଟ ଓସିଏଲସି ବିଭାଗର ମହାପ୍ରବନ୍ଧକ ସଞ୍ଜୟ ମେହରୋତ୍ରା ସ୍ୱାସ୍ଥ୍ୟ ଶିବିରର ବୈଶିଷ୍ଟ୍ୟ ନେଇ ତଥ୍ୟ ପ୍ରଦାନ କରିଥିଲେ। ଆଜିର ଶିବିରରେ ଉଚ୍ଚତା, ଓଜନ, ବଡି ମାସ୍ ଇଣ୍ଡେକ୍ସ, ଚକ୍ଷୁ ପରୀକ୍ଷା, ରକ୍ତ ଚାପ, ରକ୍ତ ଶର୍କରା, ରକ୍ତ ପରୀକ୍ଷା, ହେପାଟିଟିସ ବି ସହ ଶ୍ରବଣ ଓ ପଲ୍ସ ହାର ଆଦି ପରୀକ୍ଷା ହୋଇଥିଲା। ଚିହ୍ନଟ ରୋଗୀମାନଙ୍କୁ ମାଗଣାରେ ଔଷଧ ପ୍ରଦାନ ସହିତ ସ୍ୱାସ୍ଥ୍ୟଭିତ୍ତିକ ଚିକିତ୍ସା ଓ ଉପଚାର ବିଷୟରେ ମାର୍ଗଦର୍ଶନ କରାଯାଇଥିଲା। ଇଏସ୍ଆଇସି ଏବଂ ଓଏଚ୍ଏସ୍ର ଡାକ୍ତରୀ ଦଳ ଓ ଟେକ୍ନିସିଆନମାନଙ୍କ ଦ୍ୱାରା ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଆରଏସ୍ପି କାର୍ମିକ ଠିକା ଶ୍ରମିକ ସେଲ୍ର ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ମାରିଆ ସିନ୍ଧୁର ଓ ବିଭାଗୀୟ ଦଳ ଶିବିର ପରିଚାଳନା କରିଥିଲେ।



ସୁନ୍ଦରଗଡ ଜିଲା କୋଇଡା ବ୍ଲକର କଲମଗଂ। ଓ ବାଟୁଲଡିହି ଗ୍ରାମବାସୀ ଭୋଟ ବର୍ଜନ ପାଇଁ ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

# ଭୋଟ ବର୍ଜନ ପାଇଁ ବିଡିଓଙ୍କ ଦ୍ୱାରସ୍ଥ ୨ଗ୍ରାମବାସୀ

ଟେନ୍ସା, ୨୩।୨ (ସମୀର କୁମାର ପାଢ଼ୀ)

ଦେଶ ସ୍ୱାଧୀନକୁ ପୂରିଲାଣି ୭୬ ବର୍ଷ। ହେଲେ ଆଜିବି ଏପରି ଅନେକ ଗାଁ ରହିଛି ଯେଉଁଠି ଲୋକେ ବିଦ୍ୟୁତ୍ ଆଲୋକ ଦେଖି ନାହାଁନ୍ତି। ଏପରିକି ପାନୀୟ ଜଳ ଓ ପକ୍କା ରାସ୍ତା ଏମାନଙ୍କ ପାଇଁ ଆକାଶ କଇଁଆ ଚିଲିକା ମାଛ ସଦୃଶ୍ୟ। ଏଭଳି ୨ଟି ଗାଁ ହେଉଛି ସୁନ୍ଦରଗଡ ଜିଲା କୋଇଡା ବ୍ଲକ ଡେଙ୍ଗୁଳା ପଞ୍ଚାୟତର କଲମଗଂ। ଓ ବାଟୁଲଡିହି। ଏହି ୨ଟି ଗ୍ରାମବାସୀ ଅନ୍ଧାରରେ ଜୀବନ କାଟୁଛନ୍ତି। ଚୁଆ ପାଣି ପିଇ ଜୀବନ ଜିଅଁନ୍ତି ଓ ଗାଁରୁ ଗୋଡ଼ କାଢ଼ିବାକୁ ପାହାଡ଼ିଆ ରାସ୍ତାରେ ଚାଲନ୍ତି। ମୌଳିକ ସୁବିଧାରୁ ବଞ୍ଚିତ ହେବା ପରେ ବାରମ୍ବାର ସ୍ଥାନୀୟ ପ୍ରସାଶନ, ଉପଖଣ୍ଡ ପ୍ରସାଶନ ଏମିତିକି ଜିଲାପାଳଙ୍କ ନିକଟରେ ବହୁବାର ମୌଳିକ ସୁବିଧା ଯୋଗାଇଦେବାକୁ ଦାବି ଜଣାଇ ଆସୁଛନ୍ତି। ହେଲେ କୌଣସି ସୁଫଳ ମିଳୁନାହିଁ। ଶେଷରେ୨ଟି ଗ୍ରାମର ୨ଶହରୁ ଅଧିକ ଭୋଟର ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଶୁକ୍ରବାର ୨ ଗ୍ରାମର ଶତାଧିକ ଭୋଟର ସରପଞ୍ଚଙ୍କ ସହିତ ଆସି ବିଡିଓଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଏପରିକି ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ବ୍ଲକ କାର୍ଯ୍ୟାଳୟରେ ଧାରଣା ସହିତ ଚଳିତ ନିର୍ବାଚନରେ ଭୋଟ ବର୍ଜନ ପାଇଁ ଚେତାବନୀ ଦେଇଛନ୍ତି।

## ସୁନ୍ଦରଗଡ଼ ଜିଲା ବିଧାନସଭା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର, ୨୩।୨ (ଅନିଲ ଦାସ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ରାଜନୈତିକ ଦଳଗୁଡ଼ିକ ନିଜର ସଙ୍ଗଠନକୁ ମଜଭୁତ କରିବାରେ ଲାଗିଛନ୍ତି। ଏହି କ୍ରମରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ସୁନ୍ଦରଗଡ଼ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଛି। ସୁନ୍ଦରଗଡ଼ ଜିଲା ସହ ପର୍ଯ୍ୟବେକ୍ଷକ ଭାବେ ଦେବାଶିଷ ମଲ୍ଲିକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ତଳସରା ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ବୈକୁଣ୍ଠ ନାଏକ, ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳୀ ପାଇଁ ଦେବାଶିଷ ମଲ୍ଲିକ, ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ପାଇଁ ମନୋଜ ସେନାପତି, ରଘୁନାଥପାଲି ନିର୍ବାଚନମଣ୍ଡଳୀ ପାଇଁ ପ୍ରଶାନ୍ତ ଜେନା, ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଦୁର୍ଗା ସାମନ୍ତରାୟ, ରଘୁନାଥପାଲି ନିର୍ବାଚନମଣ୍ଡଳୀ ପାଇଁ ଧର୍ମେଶ ନାୟକ ଏବଂ ବଣାଇ ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ଷ୍ଟାଲିନ ପରିଜାଙ୍କୁ ନିଯୁକ୍ତି ଦିଆଯାଇଛି।

## ନେଦରଲାଣ୍ଡ ହକି ଖେଳାଳିଙ୍କ ସେଲ୍ ହକି ଏକାଡେମୀ ପରିଦର୍ଶନ



ନେଦରଲାଣ୍ଡର ହକି ଖେଳାଳିଙ୍କ ସହ ସେଲ୍ ହକି ଏକାଡେମୀ ଦଳ।

ରାଉରକେଲା, ୨୩।୨ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ବିର୍ସା ମୁଣ୍ଡାଠାରେ ଚାଲିଥିବା ହକି ପ୍ରୋ ଲିଗ୍ ମ୍ୟାଚ୍ ଖେଳିବାକୁ ଆସିଥିବା ନେଦରଲ୍ୟାଣ୍ଡ ଜାତୀୟ ହକି ଦଳର ୬ ଜଣ ସଦସ୍ୟ ଶୁକ୍ରବାର ସେକ୍ଟର-୬ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ ଓ ସେଲ୍ ହକି ଏକାଡେମୀ ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଉରକେଲା କ୍ରୀଡ଼ା ବିଭାଗର ଉପନିର୍ଦ୍ଦେଶକ ଅଭିଜିତ ମହନ୍ତ ଉପସ୍ଥିତ ଥିଲେ। ନେଦରଲାଣ୍ଡ ହକି ଖେଳାଳିଙ୍କୁ ଏ ନେଇ ଆରଏସପି ପିଏଚ, ସମାଜ କଲ୍ୟାଣ, ବିମାନ ବନ୍ଦର ଓ କ୍ରୀଡ଼ା ବିଭାଗର ଜିଏମ୍ ଆର. କେ. ବର୍ମା ଏବଂ ଆରଏସପି ସ୍ପୋର୍ଟସ ୟୁନିଟର ସଦସ୍ୟମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ନେଦରଲାଣ୍ଡ ହକି ଖେଳାଳିମାନେ ସେଲ୍ ହକି ଏକାଡେମୀର କ୍ୟାଡେଟମାନଙ୍କ ସହିତ ମତ ବିନିମୟ କରିବା ସହିତ ହକି ପ୍ରଶିକ୍ଷଣ ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ଏ ନେଇ ସିନିୟର ଖେଳାଳିମାନେ ନେଦରଲାଣ୍ଡର ଖେଳାଳିଙ୍କ ସହ ହକିର କିଛି ଆକର୍ଷଣୀୟ ସଟ୍ ଖେଳିବା ସହିତ ଯୁବ ପ୍ରତିଭାମାନଙ୍କ ସହ ନିଜ ଅଭିଜ୍ଞତା ଭାଗ କରିଥିଲେ। ପରିଦର୍ଶନ କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କୃଷି ବିଜ୍ଞାନ କେନ୍ଦ୍ରରେ ଉନ୍ନତ କୃଷି ଯନ୍ତ୍ରପାତି କର୍ମଶାଳା



କର୍ମଶାଳାରେ ଅଧିକାରୀଙ୍କ ଗ୍ରହଣରେ ଚାଷୀ।

ସୁନ୍ଦରଗଡ, ୨୩।୨ (ଜୟ ନାରାୟଣ ମେଣ୍ଡୁଲି)

କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର ଉପରେ ଏକ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ୩୫ ଜଣ ଅଗ୍ରଣୀଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କେନ୍ଦ୍ରରେ ଅମ୍ବାଡସିର ଆର୍ଥିକ ସହାୟତାରେ ଏକ କୃଷି ଯନ୍ତ୍ରପାତି ହବ୍ ଆରମ୍ଭ ହେବାକୁ ଯାଉଛି। ଏଥିରେ ବିଭିନ୍ନ ଉନ୍ନତ କୃଷିଯନ୍ତ୍ରପାତି ଯଥା- ମିନି ଟ୍ରାକ୍ଟର, ପାୱାରଟିଲର, ମଞ୍ଜି ଓ ସାର ବୁଣା ଯନ୍ତ୍ର, ମାଣ୍ଡିଆ ଅମଳ ଯନ୍ତ୍ର, ଧାନରୁଆ ଯନ୍ତ୍ର, ଧାନକଟା ଯନ୍ତ୍ର, ବହୁବିଧ ଫସଲ ଅମଳ ଯନ୍ତ୍ର, ବ୍ରସ କଟର, ଗଛକଟା ଯନ୍ତ୍ର, ରୋଟାଭେଟର, କଲଟିଭେଟର, ଶକ୍ତି ଚାଳିତ ସ୍ପ୍ରେୟର, ପଦଚାଳିତ ସ୍ପ୍ରେୟର ଆଦି ପ୍ରଦର୍ଶନ କରାଯିବା ସହିତ ଚାଷୀଙ୍କ ବ୍ୟବହାର ପାଇଁ ରଖାଯିବ। ଏହି କର୍ମଶାଳାରେ ବିଭିନ୍ନ ଯନ୍ତ୍ରପାତି ଯୋଗାଇଥିବା କମ୍ପାନୀର ବୈଷୟିକ କର୍ମୀମାନେ ଯୋଗଦେଇ ସେଗୁଡିକର ବ୍ୟବହାର, କାର୍ଯ୍ୟଦକ୍ଷତା ବିଷୟରେ ଚାଷୀଙ୍କୁ ବୁଝାଇବା ସହିତ ପ୍ରଦର୍ଶିତ କରିଥିଲେ। ଉପସ୍ଥିତ ବୈଜ୍ଞାନିକ ଓ ଚାଷୀଙ୍କ ବିଭିନ୍ନ ଯନ୍ତ୍ରପାତି ବ୍ୟବହାର ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଓଡ଼ିଶା କୃଷି ଶିଳ୍ପ ନିଗମର ଜିଲା ପରିଚାଳକ ସୁବୋଧ ତନୟା ପାଣିଗ୍ରାହୀ ଯୋଗଦେଇ କୃଷି ଯନ୍ତ୍ରପାତିର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଡେଭିଡ ଜେମସ ବାଗେ, ଡ. ମନୋଜ କୁମାର ଜେନା, ଡ. ଦ୍ୱିବେନ୍ଦୁ ମଣ୍ଡଳ, ଡ. ସଜୀବ ବିଶ୍ୱାସୀ, ଋଷିକେଶ ସାହୁ, ବିକାଶ ଜୟପୁରିଆ, ବିଦ୍ୟାଧର ଟୁଡୁ, ମୟୁଖ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି କର୍ମଶାଳାରେ ଭାଗ ନେଇଥିଲେ ଓ କୃଷି ଯନ୍ତ୍ରପାତି ହବ୍ଟି ଜିଲାର ଚାଷୀ ଭାଇଙ୍କ ପାଇଁ ବହୁ ଉପାଦେୟ ହୋଇପାରିବ ବୋଲି ମତ ଦେଇଥିଲେ। ଏହି ତାଲିମ ଶିବିରକୁ କେନ୍ଦ୍ରର କର୍ମଚାରୀ କମଳ ଲୋଚନ ମହାନ୍ତ, ଚକ୍ରଧର ସାହୁ, କର୍ମଚାରୀ ଜିତେନ୍ଦ୍ର ସେଠୀ, ଭ୍ରମରବର ସା, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ।

### ଟ୍ରାକ୍ଟର ଚକ ତଳେ ଗଲା ଶିଶୁ ଜୀବନ

ବଡ଼ଗାଁ, ୨୩।୨ (ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ନିକଟ ଭୋଇପାଲି ପଞ୍ଚାୟତ ଡେମୁପଡ଼ା ଗ୍ରାମରେ ଶୁକ୍ରବାର ଅପରାହ୍ନ ୨ଟାରେ ଏକ ଶିଶୁ ଟ୍ରାକ୍ଟର ଚକତଳେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଅଜୟ ପ୍ରଧାନଙ୍କ ପୁଅ ରୂପେଶ।

### ଦୁଇଦିନ ହେଲା ରାସ୍ତାରେ ଅସଜଡା ଟ୍ରକ୍

କୋଲାବିରା, ୨୩।୨ (ଚିନ୍ମୟ କୁମାର ବହିଦାର): କୋଲାବିରା ଥାନା ଅନ୍ତର୍ଗତ ଏନ୍ଏଚ୍ ୪୯ ପତ୍ରାପାଲି ପେଟ୍ରୋଲ ପମ୍ପ ସାମ୍ନାରେ ଏକ ଟ୍ରକ୍ ଦୁଇଦିନ ହେଲା ବ୍ରେକ୍ଡାଉନ ହୋଇ ରାସ୍ତା ମଝିରେ ପଡିରହିଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଅନ୍ୟ ଯାନବାହନ ପ୍ରତି ସମସ୍ୟା ସୃଷ୍ଟି ହେଉଛି। ଏହାକୁ ନେଇ ଦୁର୍ଘଟଣା ଘଟିବା ମଧ୍ୟ ଆଶଙ୍କା ରହିଛି। ଗାଡି ମାଲିକ ଏହାକୁ ସଜାଡିବା ନେଇ ପଦକ୍ଷେପ ନେଉ ନ ଥିବାବେଳେ ଗାଡିକୁ ହଟାଇବା ଦିଗରେ ସ୍ଥାନୀୟ ପୋଲିସ ତତ୍ପରତା ଦେଖାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଗାଡିକୁ ଯଥାଶୀଘ୍ର ରାସ୍ତା କଡକୁ ହଟାଯିବାକୁ ଦାବି ହେଉଛି।





ରାଉରକେଲା ଆର୍ଟିଓ ପକ୍ଷରୁ କୁଆଁରମୁଣ୍ଡାରେ ନିର୍ମିତ ଭେହିକିଲ ଫିଟନେସ ଓ ସାର୍ଟିଫିକେଶନ କେନ୍ଦ୍ର ଶୋଚନୀୟ ଅବସ୍ଥାରେ ପଡି ରହିଛି।

## ପୌରାଧକ୍ଷଙ୍କ ଅଭିଯୋଗ ଉପରେ ହସ୍ତକ୍ଷେପକଲେ ଜିଲାପାଳ

ବ୍ରଜରାଜନଗର, ୨୩।୨ (ବିଜୟ ବରାଡ଼)

**ବ୍ରଜରାଜନଗର ପୌର ପରିଷଦ**

ବ୍ରଜରାଜନଗର ପୌର ପରିଷଦ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ବିରୋଧରେ ପୌରାଧକ୍ଷା ଯାଜ୍ଞସେନୀ ଓରାମ ଆଣିଥିବା ଅଭିଯୋଗ ଉପରେ ହସ୍ତକ୍ଷେପ କରିଛନ୍ତି ଝାରସୁଗୁଡା ଜିଲାପାଳ ଆବୋଲି ସୁନୀଲ ନରୱାଣେ। ଜିଲାପାଳ ଶୁକ୍ରବାର ବ୍ରଜରାଜନଗର ଆସି ଏହାର ତଦନ୍ତ ଆରମ୍ଭ କରିଛନ୍ତି। ପ୍ରଥମେ ସେ ପୌରାଧକ୍ଷଙ୍କ ପାଖକୁ ଯାଇ ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ଆଗକୁ ଏହାର ପୁନରାବୃତ୍ତି ନ ହେବା ସହ ନିର୍ବାହୀ ଅଧିକାରୀ ତାଙ୍କ ସହିତ ମିଶି କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଘଟଣା ସମ୍ପର୍କରେ ନିର୍ବାହୀ ଅଧିକାରୀ ଗୁରୁବାର ଚୁପ ରହିବା ପରେ ଶୁକ୍ରବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ତାଙ୍କ ଦ୍ୱାରା ଅଜାଣତରେ ଯଦି କିଛି ଭୁଲ୍ ହୋଇଥାଏ ସେ ପୌରାଧକ୍ଷାଙ୍କ ସହିତ ଆଲୋଚନା କରିବା ସହ ତାଙ୍କ ସହିତ ମିଶି ବ୍ରଜରାଜନଗରର ବିକାଶ କରିବେ ବୋଲି ପ୍ରକାଶ କରିଛନ୍ତି। ତେବେ ଘଟଣା ସମ୍ପର୍କରେ ପୌର ଉପାଧକ୍ଷ ଗୋପାଳ ସୀତାନୀଙ୍କୁ ପଚାରିବାରେ ସେ ପୌରାଧକ୍ଷାଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହିତ ସେ ଜଣେ ଦକ୍ଷତାସମ୍ପନ୍ନ ରାଜନୀତିଜ୍ଞ ଓ ନିର୍ବାହୀ ଅଧିକାରୀ ବ୍ରଜରାଜନଗରର ବିକାଶ ଚାହୁଁଛନ୍ତି ବୋଲି ପ୍ରକାଶ କରିଛନ୍ତି।

## ହକି ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ





ଲହୁଣୀପଡା, ୨୩।୨ (ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ବଡ଼ପୁରୁଣାପାଣୀ ପଞ୍ଚାୟତରେ ନିର୍ମିତ ହୋଇଥିବା ହକି ପ୍ରଶିକ୍ଷଣ କେନ୍ଦ୍ରକୁ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ବିଡିଓ ଅନୁରାଗ ମିଶ୍ର, ଏପିଓ ବିଷ୍ଣୁ ମୋହନ ନାୟକ, କ୍ୟାସିୟର ଦେବରାଜ ମାହାନ୍ତ, ହକି ସଂଯୋଜକ ତମଲ ବାରିକ, ସିପି ଅମରେନ୍ଦ୍ର ସଣ୍ଡିଲଙ୍କ ତତ୍ତ୍ୱାବଧାନରେ ଆଭାସି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଜିଲା ପରିଷଦ (କ) ଜୁଲିଆନି କାଣ୍ଡିର, ଲହୁଣୀପଡା ପଞ୍ଚାୟତ ସମିତି ସଭ୍ୟା ଲକ୍ଷ୍ମୀ କିଷାନ, ରାଜାମୁଣ୍ଡା ସମିତି ସଭ୍ୟ ଅଶୋକ ବେହେରା, ବଡ଼ ପୁରୁଣାପାଣି ସମିତି ସଭ୍ୟ ଶୁଶାନ୍ତ ମୁଣ୍ଡାରୀ ସମେତ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଓଡିଶାର ବିଭିନ୍ନ ସ୍ଥାନରେ ନିର୍ମିତ ହୋଇଥିବା ହକି ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଶୁକ୍ରବାର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି।

## ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ

କୋଲାବିରା, ୨୩।୨ (ଚିନ୍ମୟ କୁମାର ବହିଦାର)

ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ବର୍ଦ୍ଧିତ ଏକହଜାର ଟଙ୍କା ଲେଖାଏ ଜୀବିକା ସହାୟତା ରାଶି ପ୍ରଦାନ ଆରମ୍ଭ ହୋଇଛି। କୋଲାବିରା ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଚେତାନନ୍ଦ ନଇଁ ହିତାଧିକାରୀଙ୍କୁ ଏକ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୬୫ ଜଣ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଆଗାମୀ ୨୯ ତାରିଖ ମଧ୍ୟରେ ପଞ୍ଚାୟତର ୧୩୭୦ ହିତାଧିକାରୀ ସମେତ କୋଲାବିରା ବ୍ଲକର ୯ ପଞ୍ଚାୟତର ୧୧୮୯୧ ଜଣ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ବ୍ଲକ ଯୋଗାଣ ନିରୀକ୍ଷକ ମୋମିତା ବାଗ୍ ସୂଚନା ଦେଇଛନ୍ତି।

## ସର୍ବଭାରତୀୟ କ୍ରିକେଟ: ବଲାଙ୍ଗୀର ସେମିରେ

ବ୍ରଜରାଜନଗର, ୨୩।୨ (ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳର ଆମ୍ବିସନ କ୍ରିକେଟ ପଡିଆରେ ତୃତୀୟ ଶ୍ୟାମଳ ରାଓ ମେମୋରିଆଲ କ୍ରିକେଟ ମ୍ୟାଚ ଚାଲୁରହିଛି। ଶୁକ୍ରବାର ମ୍ୟାଚ୍ ଛତିଶଗଡ ରାୟଗଡର ଗୁରୁକୁଳ କ୍ରିକେଟ ଏକାଡେମୀ ଓ ଏନ୍ସିଏ ବଲାଙ୍ଗୀର କ୍ରିକେଟ ଟିମ୍ ମଧ୍ୟରେ ଖେଳାଯାଇଥିଲା। ବଲାଙ୍ଗୀର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ୨୪.୩ ଓଭରରେ ୧୦ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲା। ଜବାବରେ ରାୟଗଡ଼ ଦଳ ୧୯.୪ ଓଭରରେ ୧୦ ଉଇକେଟ ହରାଇ ୮୩ ରନ କରି ମ୍ୟାଚ ହାରିଯାଇଥିଲା। ବିଜୟ ହାସଲକରି ବଲାଙ୍ଗୀର ଦଳ ସେମିଫାଇନାଲକୁ ପ୍ରବେଶ କରିଛି। ବିଜୟୀ ଦଳର ଖେଳାଳି ପିକେଶ ସ୍ୱାଇଁ ୫ ଓଭରରେ ୧୪ ରନ ଦେଇ ୫ ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜି. ବେନୁଗୋପାଳ ରାଓ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ବିଭୂତି ଭୂଷଣ ପାତ୍ର ଓ ଦୀପକ ପଟେଲ ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ବ୍ଲକ ଘେରିଲା ସିପିଆଇଏମ୍

ସୁନ୍ଦରଗଡ, ୨୩।୨ (ଜୟ ନାରାୟଣ ମେଣ୍ଡୁଲି)





ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସଦର ଜୋନ କମିଟି ପକ୍ଷରୁ ଶୁକ୍ରବାର ବିଭିନ୍ନ ଦାବି ନେଇ ସଦର ବ୍ଲକ ଘେରାଉ କରାଯାଇଥିଲା। ଗ୍ରାମାଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା, ଅନିୟମିତତାର ସମାଧାନ ଓ ଦୁର୍ନୀତିର ଉଚିତ ତଦନ୍ତ ଦାବିରେ ଏହି ଘେରାଉ ହୋଇଥିଲା। ହସ୍ପିଟାଲ ଛକଠାରୁ ଏକ ଶୋଭାଯାତ୍ରାରେ ସିପିଆଇ କର୍ମୀମାନେ ବାହାରି ସଦର ବ୍ଲକ ଅଫିସ ନିକଟରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ହେବା ସହ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଧେଶ୍ୟାମ ଗର୍ଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା କାର୍ଯ୍ୟ କାରିଣୀ ସଦସ୍ୟ ସନ୍ତୋଷ କୁମାର ଆଚାର୍ଯ୍ୟ, ଜିଲା ସମ୍ପାଦକ ପ୍ରଦୋଷ କୁମାର ମହାନ୍ତି ଯୋଗଦେଇ ଚାଷୀ, ଶ୍ରମିକଙ୍କ ପ୍ରତି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଆଖି ବୁଜି ଦେଇ କେବଳ ପୁଞ୍ଜି ପତିଙ୍କ ସ୍ୱାର୍ଥ ରକ୍ଷା ଦିଗରେ ବ୍ୟସ୍ତ ରହୁଛନ୍ତି ବୋଲି କହିଥିଲେ। ସଦର ଜୋନ ରୋମାଞ୍ଚ ପୃଷେଠ ବ୍ଲକର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ରାଜ୍ୟ ପରିଷଦ ସଭ୍ୟ ରାଜେନ୍ଦ୍ର ନାଏକ ରାଜ୍ୟ ଓ କେନ୍ଦ୍ର ସରକାର ନିଜର ଆତ୍ମ ପ୍ରଚାରରେ ବ୍ୟସ୍ତ ରହି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ଭୁଲି ଯାଉଛନ୍ତି ବୋଲି ଅଭିଯୋଗ କରିଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ କୁମାର ଦାଶ ଯୋଗଦେଇ ଚାଷୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ କେତେ ଦରଦ ତାହା ଦିଲ୍ଲୀ ଠାରେ ହେଉଥିବା ଚାଷୀ ଆନ୍ଦୋଳନକୁ ଦେଖି ସ୍ପଷ୍ଟ ଜଣାପଡୁଛି ବୋଲି କହିଥିଲେ। ଆନ୍ଦୋଳନରତ ଚାଷୀଙ୍କ ମଧ୍ୟରୁ ପୋଲିସ ଗୁଳିରେ ସହିଦ୍ ହୋଇଥିବା ୩ଜଣ ଚାଷୀଙ୍କ ସମ୍ମାନାର୍ଥେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସହ ସମ୍ପାଦକ ଶୁକଦେବ ପ୍ରଧାନ, ଭଗବାନ ସା, ମୀନା ମୁଣ୍ଡା, ଆହଲ୍ୟା ନାଏକ, ପ୍ରମୋଦ ପ୍ରଧାନ, ସବିତା ଭୋଏ ପ୍ରମୁଖ ଉପସ୍ଥିତ ଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ତେନ୍ତୁଳିଗଛରୁ ୨ ଝୁଲନ୍ତା ମୃତଦେହ ଜବତ

ଝରିଗାଁ,୨୩।୨(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଞ୍ଚଳରେ ଏକ ତେନ୍ତୁଳିଗଛରୁ ଶୁକ୍ରବାର ନାବାଳିକା ଓ ନାବାଳକଙ୍କ ଝୁଲନ୍ତା ମୃତଦେହ ମିଳିଛି। ଉଭୟେ ଗୋଟିଏ ଗାଁର। ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ନେଇ ଚର୍ଚ୍ଚା ହେଉଛି। ଝରିଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନାନୁଯାୟୀ, ନାବାଳିକା ଜଣକ ଗୁରୁବାର ଖାଇ ସାରିବା ପରେ ଭଉଣୀ ସହ ଗୋଟିଏ ବଖରାରେ ଶୋଇଥିଲେ। ସକାଳୁ ପରିବାର ଲୋକ ନାବାଳିକାଙ୍କୁ ଶୋଇବା ଘରେ ପାଇ ନ ଥିଲେ। ସେ ଶୌଚହେବାକୁ ଯାଇଥିବା ଭାବି ଖୋଜାଖୋଜି କରି ନ ଥିଲେ। ଗାଁର ବାସୁଦେବ ଗୌଡ଼ ସକାଳ ପ୍ରାୟ ୬ଟାରେ ଗାଁଠାରୁ ଅଧ କିଲୋମିଟର ଦୂରକୁ ମହୁଲଫୁଲ ସଂଗ୍ରହ ପାଇଁ ଯାଇଥିଲେ। ନାଳ ସେପଟ ତେନ୍ତୁଳିଗଛରେ ମୃତଦେହ ଝୁଲୁଥିବା ଖବରପାଇ ବାସୁଦେବ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ସେଠାରେ ପହଞ୍ଚି ନାବାଳିକାଙ୍କ ସମେତ ଉକ୍ତ ଗାଁର ଜଣେ ନାବାଳକଙ୍କ ମୃତଦେହ ଝୁଲୁଥିବା ଦେଖି ସେମାନଙ୍କ ପରିବାରକୁ ଜଣାଇଥିଲେ। ଏହାପରେ ଉଭୟ ପରିବାର ଲୋକେ ଝରିଗାଁ ଥାନାରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଝରିଗାଁ ଥାନା ଏଏସ୍‌ଆଇ ରାମଚନ୍ଦ୍ର ନାୟକ, କେଦାରନାଥ ରାଉତ, କନଷ୍ଟେବଲ ଶିଖା ଜୋରଦାର ଏବଂ ନରେନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ତଦନ୍ତ ଜାରି ରଖିଛନ୍ତି। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ପ୍ରାଥମିକ ତଦନ୍ତରୁ ସନ୍ଦେହ ହେଉଥିବା ପୋଲିସ କହିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶୋକାକୁଳ ପରିବେଶରେ ଉଭୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଝରିଗାଁ ଥାନା ପୋଲିସ କେସ୍ ନମ୍ବର ୪/୨୪ ଏବଂ ୫/୨୪ରେ ମାମଲା ରୁଜୁ କରିଛି।

### ବିବାହ ପରେ କିନ୍ନରଙ୍କୁ ପ୍ରତାରଣା ଅଭିଯୋଗ

କାମାକ୍ଷାନଗର,୨୩।୨(ସୁଧୀର ପରିଡ଼ା)

କିନ୍ନରଙ୍କୁ ପ୍ରେମ ବିବାହ ପରେ ଜଣେ ଯୁବକ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ କିନ୍ନର ଶୁକ୍ରବାର ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ପୋଲିସ କହିଛି, ବର୍ଷେ ତଳେ ଅଭିଯୋଗକାରୀ କିନ୍ନରଙ୍କ ସହ କାମାକ୍ଷାନଗର ଥାନା ରାଜକୁଳାକାଟେଣୀ ଗ୍ରାମର ଦୀପ୍ତିମୟ ମହାରଣାଙ୍କ ସାକ୍ଷାତ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଏହାପରେ ଦୁହେଁ ଭୁବନେଶ୍ୱରରେ ଲିଭ ଇନ୍‌ରେ ରହିଥିଲେ। ସେମାନେ ଠାକୁରଙ୍କୁ ସାକ୍ଷୀ ରଖି ବିବାହ ମଧ୍ୟ କରିଥିଲେ। କିନ୍ତୁ ଏହି ବିବାହରେ ଦୀପ୍ତିମୟଙ୍କ ପରିବାର ଲୋକେ ରାଜି ନ ଥିଲେ। ତଥାପି ଦୀପ୍ତିମୟ କୋର୍ଟ ମ୍ୟାରେଜ କରିବାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହି ବର୍ଷକ ମଧ୍ୟରେ ଦୀପ୍ତିମୟ ସମ୍ପୃକ୍ତ କିନ୍ନରଙ୍କ ଠାରୁ ବିଭିନ୍ନ ସମୟରେ ଟଙ୍କା ଓ ସୁନା ଅଳଙ୍କାର ନେଇଥିଲେ। ଶେଷରେ ଦୀପ୍ତିମୟ ତାଙ୍କୁ ପ୍ରତାରଣା କରିଥିବା କିନ୍ନର ଜଣକ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅପରପକ୍ଷରେ ଅଭିଯୁକ୍ତ ଦୀପ୍ତିମୟ ଫେରାର ଥିବା ପୋଲିସ କହିଛି।

# ଟ୍ରକ୍ ଧକ୍କାରେ ବାପପୁଅ ମୃତ

■ ଖବର ଶୁଣି ଚାଲିଗଲା ଦାଦାଙ୍କ ଜୀବନ
■ ଉତ୍ତେଜନା ପରେ ଛକରେ ହମ୍ପ୍‌ସ ନିର୍ମାଣ ହେଲା

ଢେଙ୍କିକୋଟ(ନୀଳମଣି ମଣ୍ଡଳ)/ କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ), ୨୩।୨

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ଏନ୍‌ଏଚ୍ ୨୦ ପିପିଳିଆ ଛକ ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଲୁହାଛଡ଼ ବୋଝେଇ ଟ୍ରକ୍ ଧକ୍କାରେ ବାପା, ପୁଅଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ସଦର ଥାନା ଅଧୀନ ବାରିଗାଁର କାଣ୍ଡେ ମୁଣ୍ଡା(୬୦) ଓ ପୁଅ ଲକ୍ଷ୍ମଣ ମୁଣ୍ଡା (୩୫)। ମୃତ ଖବର ଶୁଣିବା ପରେ ଲକ୍ଷ୍ମଣଙ୍କ ଦାଦା ସମରା ମୁଣ୍ଡା(୪୦)ଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ୨ ଘଣ୍ଟା ଧରି ଜାତୀୟ ରାଜପଥରେ ଯାନବାହନ ଅଟକି ରହିଥିଲା।



ଉତ୍ତେଜିତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ସୂଚନା ଅନୁଯାୟୀ, କାଣ୍ଡେ ସ୍କୁଟି ଯୋଗେ ପୁଅ ଲକ୍ଷ୍ମଣଙ୍କ ସହ ବାଙ୍କପାଟୁଳୀ ସାପ୍ତାହିକ ହାଟକୁ ଯାଉଥିଲେ। ପିପିଳିଆ ଛକ ପାରହେବା ସମୟରେ କେନ୍ଦୁଝର ପଟରୁ ଆସୁଥିବା ଏକ ଲୁହାଛଡ଼ ବୋଝେଇ ଟ୍ରକ୍ (ଓଡି ୦୯ ଏଏ ୧୧୬୬ )ସେମାନଙ୍କ ସ୍କୁଟି ପଛରୁ ଧକ୍କା ଦେଇଥିଲା। ଧକ୍କାଦେଇ ସ୍କୁଟି ସହ କିଛି ବାଟ ଘୋଷାଡ଼ି ନେଇଥିଲା। ଫଳରେ ବାପପୁଅ ଗୁରୁତର ହୋଇଥିଲେ। ଖବର ପାଇ ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ, ଘଟଗାଁ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର, ଘଟଗାଁ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଗୁରୁତରଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ପଠାଇଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଉତ୍ତ୍ୟକ୍ତ ଲୋକେ ଉକ୍ତ ଛକର ଦୁଇ ପାର୍ଶ୍ୱରେ ହମ୍ପ୍‌ସ ନିର୍ମାଣ ସହ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ପୂର୍ବାହ୍ନ ସାଢ଼େ ୮ ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଯାତାୟାତ ବ୍ୟାହତ ହୋଇଥିଲା। ଏସ୍‌ଡିପିଓ ଏନ୍‌ଏଚ୍‌ଆଇ ବିଭାଗୀୟ କର୍ମକର୍ତ୍ତାଙ୍କ ସହ ବାର୍ତ୍ତାଳାପ ପରେ ତୁରନ୍ତ ହମ୍ପସ ନିର୍ମାଣ ହେବାରୁ ଜନସାଧାରଣ ଶାନ୍ତ ହୋଇଥିଲେ। ପୋଲିସ ବାପା,ପୁଅଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗାଡ଼ିର ଡ୍ରାଇଭର ପୋଲିସ ହେପାଜତରେ ଅଛନ୍ତି। ଏ ନେଇ ଘଟଗାଁ ଥାନାରେ ଏକ ମାମଲା (ନଂ.୧୨୯/୨୪) ରୁଜୁହୋଇ ତଦନ୍ତ ଚାଲୁଥିବା ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ କହିଛନ୍ତି। ଅନ୍ୟପକ୍ଷେ ଭାଇ ଓ ପୁତୁରାଙ୍କ ମୃତ୍ୟୁ ଖବର ପାଇ କାଣ୍ଡେଙ୍କ ସମ୍ପର୍କୀୟ ଭାଇ ସମରାଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ଗୋଟିଏ ପରିବାରର ୩ ଜଣଙ୍କ ଶୋଚନୀୟ ମୃତ୍ୟୁକୁ ନେଇ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରିବାର ଲୋକେ ଅଘଟଣରେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଘଟଗାଁ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର କହିଛନ୍ତି, ସମରାଙ୍କ ମୃତ୍ୟୁ ଟିବି କାରଣରୁ ହୋଇଛି। ଦୁର୍ଘଟଣା ପରେ ତାଙ୍କ ମୃତ୍ୟୁ ହୋଇଥିବାରୁ ଏଭଳି ଆଲୋଚନା ହେଉଥିବା କହିଥିଲେ।

# ବିଷାକ୍ତ ଖାଦ୍ୟରୁ ବ୍ୟାପୁଛି ଝାଡ଼ାବାନ୍ତି

■ ୧୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି
■ ସ୍ଥିତି ଯାଞ୍ଚ କଲେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ
■ ବିଭିନ୍ନ ଦୋକାନରେ ଚଢ଼ାଉ, ଜରିମାନା ଆଦାୟ

ଯାଜପୁରରୋଡ୍/କୋରେଇ, ୨୩।୨ (ପବିତ୍ର ରଞ୍ଜନ ମହାନ୍ତି/ ଚନ୍ଦ୍ରକାନ୍ତ ପତି)

ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା ଅଞ୍ଚଳରେ ୨ଦିନ ହେବ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଶଙ୍ଖଚିଲା ହାଟରେ ଦହିବରା ଏବଂ ଚଟପଟି ଦୋକନରୁ ଖାଦ୍ୟଖାଇ ସଂଖ୍ୟାଧିକ ଆକ୍ରାନ୍ତ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗୁରୁବାର ଏବଂ ଶୁକ୍ରବାର ଏହି ଦୁଇ ଦିନରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୧୦୦ରୁ ଅଧିକ ରୋଗୀ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବାବେଳେ ଅନେକଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଏବଂ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ଚିକିତ୍ସା ଚାଲିଛି।

ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କ୍ଷମତାଠାରୁ ଅଧିକ ରୋଗୀ ଏକକାଳୀନ ପହଞ୍ଚିବାରୁ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। ନବନିର୍ମିତ ୨୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପରିସରରେ ପାଦ ରଖିବାକୁ ସ୍ଥାନ ମିଳୁନାହିଁ। ଫଳରେ ବେଡ୍ ତଳେ ଏବଂ ଉପରେ ରୋଗୀ ଚିକିତ୍ସିତ ହେଉଛନ୍ତି। ୩୦ ଶଯ୍ୟାବିଶିଷ୍ଟ ପୁରୁଣା କୋଠାରେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କୁ ତଳେ ଓ ବାରଣ୍ଡାରେ ସାଲାଇନ ଲଗାଇ ଚିକିତ୍ସା କରାଯାଉଥିବା ଦେଖିବାକୁ ମିଳିଛି। ମେଡିକାଲ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, କୋରେଇ ବ୍ଲକ ଖମଣ ପଞ୍ଚାୟତର ରାଧାନଗର, ଉଦୟପାଟଣା, ଗୁରୁସାହି, ଠାକୁରପାଟଣା ଓ ବ୍ୟାସନଗର ପୌର ପରିଷଦର ବିଭିନ୍ନ ୱାର୍ଡ ଅଞ୍ଚଳର ଲୋକେ ଆକ୍ରାନ୍ତ ହୋଇ ଏଠାରେ ଚିକିତ୍ସିତ ହେଉଛନ୍ତି। ଯେଉଁ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଟିକେ ଭଲ ରହିଛି ସେମାନଙ୍କୁ ପ୍ରତିଷେଧକ ଦେଇ ଘରକୁ ପଠାଯାଉଛି। ସଙ୍କଟାପନ୍ନ ରୋଗୀଙ୍କୁ ଅନ୍ୟୂନ ୬ ରୁ ୭ଟି ସାଲାଇନ ଦେବାକୁ ଡାକ୍ତରଖାନା ପରିସରରେ ରଖାଯାଇଛି। କେବଳ ଶଙ୍ଖଚିଲା ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏବଂ ଅନେକ ଶିଶୁ ଆକ୍ରାନ୍ତ ହୋଇ ଏଠାରେ ଚିକିତ୍ସିତ ହେଉଛନ୍ତି। ଏହି ରୋଗରେ ଆକ୍ରାନ୍ତଙ୍କ ପ୍ରବଳ ବାନ୍ତି ସହ ଲଗାତର ଝାଡ଼ା ହେଉଥିବାବେଳେ ଦେହରୁ ଜଳୀୟ ଅଂଶ କମିଯାଇଛି ବୋଲି ଡାକ୍ତର କହିଛନ୍ତି। ଖବର ପାଇ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣା ଏବଂ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ରାକେଶ କୁମାର ସାହୁ ଗୁରୁବାର ରାତିରେ ପହଞ୍ଚି ସ୍ଥିତ ଯାଞ୍ଚ କରିବା ସହ ବିଭିନ୍ନ ଦୋକାନରେ ଚଢ଼ାଉ କରିଛନ୍ତି। ଖାଦ୍ୟ ବିଷାକ୍ତ ଯୋଗୁ ଏଭଳି ଘଟଣା ଘଟିଥିବା ଖାଦ୍ୟ ନିରାପତ୍ତା ଅଧିକାରୀ ସୂଚନା ଦେଇଛନ୍ତି। ଚଢ଼ାଉ ସମୟରେ ୧୭,୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ୨୭ ଦୋକାନୀଙ୍କୁ ନୋଟିସ କରାଯାଇଥିବା ନିରାପତ୍ତା ଅଧିକାରୀ କହିଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି, ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଯେଉଁମାନେ ଗୁରୁତର ଥିଲେ ସେମାନଙ୍କୁ ଯାଜପୁର ଏବଂ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେ ଓ ଖାଦ୍ୟ ନିରାପତ୍ତା ଅଧିକାରୀ ବିଭିନ୍ନ ସ୍ଥାନରେ ଯାଞ୍ଚ କରିଛନ୍ତି।

## ବଦଳିଲେ ୬ ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ, ପର୍ଯ୍ୟବେକ୍ଷକ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ପାଟଣା (ବୀରକିଶୋର ଦାଶ),୨୩।୨

**କପି ଧରିଲା ଏଆଇ**

କେନ୍ଦୁଝର ଜିଲାର ବିଭିନ୍ନ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ କପି ହେଉଥିବା ଏଆଇ ପକ୍ଷରୁ ଜଣାପଡ଼ିଛି। ଜିଲା ଶିକ୍ଷା ବିଭାଗ ପକ୍ଷରୁ କେନ୍ଦ୍ରର ୬ ଅଧୀକ୍ଷକ ଓ ପର୍ଯ୍ୟବେକ୍ଷକଙ୍କୁ ବଦଳି କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ଗୌରୀରାଣୀ ନାୟକ ଚିଠି (ନଂ. ୨୧୧୨/୨୨ ଜାନୁଆରୀ ୨୦୨୪) ଯୋଗେ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଥମ ଦିନ ସାହିତ୍ୟ ପରୀକ୍ଷାରେ ସରକାରୀ ଉଚ୍ଚ ବିଦ୍ୟାଳୟ ସାହାରପଡ଼ା ପରୀକ୍ଷା କେନ୍ଦ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ୟାମେରାରେ ପରୀକ୍ଷା କେନ୍ଦ୍ରରେ ତ୍ରୁଟି ଧରାପଡ଼ିଥିଲା। ଜଣେ ଛାତ୍ରୀ କପି ନେବା ଜଣାପଡ଼ିବା ପରେ ବୋର୍ଡ ପକ୍ଷରୁ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ସ୍ୱର୍ଣ୍ଣଲତା ସାହୁଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ରାଇଡ଼ିହା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଏକଙ୍କୁ କେନ୍ଦ୍ର ଅଧୀକ୍ଷକ ଦାୟିତ୍ୱ ଦିଆଯାଇଛି। ସେହିପରି ପରୀକ୍ଷା କେନ୍ଦ୍ରରେ ଅନିୟମିତତା ଏବଂ ସୁପରିଚାଳନା ହେଉ ନ ଥିବାରୁ ଏନ୍‌କେ ହାଇସ୍କୁଲ, ବାରାହାଟିପୁରା ପର୍ଯ୍ୟବେକ୍ଷକଙ୍କୁ ବଦଳି କରାଯାଇ ହଳଧରପୁର ସ୍କୁଲର କୁଅଁର ସିଂ ମୁଣ୍ଡା, ଘଟଗାଁ ତାରିଣୀ ହାଇସ୍କୁଲର କେନ୍ଦ୍ର ଅଧୀକ୍ଷକଙ୍କୁ ବଦଳି କରାଯାଇ ଏନ୍‌କେ ହାଇସ୍କୁଲ ବାରାହାଟିପରା ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ଦେହୁରୀପଶି ଏସ୍‌ଏସ୍‌ଟି ହାଇସ୍କୁଲର ଅବଜରଭରଙ୍କୁ ପରିବର୍ତ୍ତନ କରାଯାଇ ତାଙ୍କ ସ୍ଥାନରେ ଘଟଗାଁ ତାରିଣୀ ହାଇସ୍କୁଲର ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏମ୍‌ସି ବିଦ୍ୟାପୀଠ ନନ୍ଦିପଦା କେନ୍ଦ୍ର ଅଧୀକ୍ଷକଙ୍କୁ ବଦଳି କରାଯାଇ ତାଙ୍କ ସ୍ଥାନରେ ଜୟକୃଷ୍ଣ ମିଶ୍ରଙ୍କୁ କେନ୍ଦ୍ର ଅଧୀକ୍ଷକ ଦାୟିତ୍ୱ ଦିଆଯାଇଛି। ଜେପି ଦାସ ବିଦ୍ୟାମନ୍ଦିର, ବଡ଼ରମ୍ପାସର ଅବଜରଭରଙ୍କୁ ପରିବର୍ତ୍ତନ କରାଯାଇ ତାଙ୍କ ସ୍ଥାନରେ ଏମ୍‌ସି ବିଦ୍ୟାପୀଠ ନନ୍ଦିପଦାର ସହକାରୀ ଶିକ୍ଷକ ଅନିରୁଦ୍ଧ ସେଠୀଙ୍କୁ ଦାୟିତ୍ୱ ଦିଆଯାଇଛି।

### ହାଇୱା ଧକ୍କାରେ ବାଇକ ଆରୋହୀଙ୍କ ମୃତ

ଯାଜପୁର,୨୩।୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ମଙ୍ଗଳପୁର ବଜାର ଦୁର୍ଗାମଣ୍ଡପ ସମ୍ମୁଖରେ ଶୁକ୍ରବାର ଅପରାହ୍ନ ୨ଟାରେ ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ଉଭୟ ହାଇୱା ଓ ବାଇକ ପେଟ୍ରୋଲ ପମ୍ପ ପଟରୁ ମେଡିକାଲ ଛକ ଅଭିମୁଖେ ଆସୁଥିବାବେଳେ ଧକ୍କା ହୋଇଥିଲା। ହାଇୱା ଡାଲାରେ ପିଟି ହେବାରୁ ବାଇକ୍‌ଟି ଛିଟିକି ପଡ଼ିଥିଲା। ଫଳରେ କର୍ଯ୍ୟାଁ ପଞ୍ଚାୟତ ଗରବନ୍ଧ ଗ୍ରାମର ଦିବ୍ୟରଞ୍ଜନ ମଲ୍ଲିକ କିଛି ଦୂରରେ ପଡ଼ିଥିବା ବେଳେ ବାଇକରେ ବସିଥିବା ଶୁଭଦୀପ ଦାସ ହାଇୱା ଚକ ତଳେ ପଡ଼ିଯାଇଥିଲେ। ଶୁଭଦୀପଙ୍କୁ ତୁରନ୍ତ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ଏବଂ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଇଡ଼, ବଇଦ, ମଦଘଡା
କାମ ସରିଲେ ଗଡ଼ଗଡା।**

ରୋଗ ଭଲ ହୋଇଗଲାପରେ ଆଉ ବଇଦକୁ ଲୋଡ଼ା ଯାଇ ନ ଥାଏ। ପଇଡ଼ରୁ ପାଣି ପିଇସାରିବା ପରେ ତାହା ଅଲୋଡ଼ା ହୋଇ ଯାଇଥାଏ। ସେହିପରି ମଦ ପିଇସାରିବା ପରେ ମଦଘଡ଼ା ବା ମଦ ବୋତଲକୁ ଅଦରକାରୀ ଭାବେ ବାହାରକୁ ଫିଙ୍ଗି ଦିଆଯାଇଥାଏ। ଉପକୃତ ହେବା ପରେ ଉପକାରୀ ବ୍ୟକ୍ତି ଅଖୋଜା ଅଲୋଡ଼ା ହୋଇ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପାଣି କେନ୍ଦୁରି,
ଆପଣା ମନକୁ ଆପେ ସୁନ୍ଦରୀ।**

ସାଧାରଣତଃ ସମସ୍ତେ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। ତେବେ ସିଏ ହିଁ ପ୍ରକୃତରେ ଭଲ ବୋଲି ଗଣା ହୋଇଥାଏ, ଯାହାକୁ ସମସ୍ତେ ଭଲ ବୋଲି ପ୍ରଶଂସା କରିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଦମକଳ କେନ୍ଦ୍ର ପରିସରରେ ଭାଲୁ



ଭୁବନ ଦମକଳ କେନ୍ଦ୍ର ପରିସରରେ ପ୍ରବେଶ କରିଥିବା ଭାଲୁ।

ଭୁବନ,୨୩।୨(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଦମକଳ କେନ୍ଦ୍ର ପରିସରରେ ଏକ ଭାଲୁ ପ୍ରବେଶ କରିଥିଲା। ଗୁରୁବାର ରାତିରେ ଏହି ଘଟଣା ଘଟିଥିବା ବେଳେ ଏହାକୁ ନେଇ ରାତ୍ରି ଡ୍ୟୁଟିରେ ଥିବା କର୍ମଚାରୀ ଜଣକ ଭୟଭୀତ ହୋଇପଡ଼ିଥିଲେ। ଭାଲୁକୁ ଦେଖି ସମ୍ପୃକ୍ତ କର୍ମଚାରୀ ଜଣକ ପାଟି କରିବାରୁ କାର୍ଯ୍ୟାଳୟରେ ଥିବା ଅନ୍ୟ କର୍ମଚାରୀମାନେ ଉଠି ପଡ଼ିଥିଲେ। ସେମାନେ ହୋହଲ୍ଲା କରିବା ସହିତ ଟର୍ଚ୍ଚ ଲାଇଟ୍ ପକାଇବାରୁ ଭାଲୁଟି ପାଚେରି ଡେଇଁ ଜଙ୍ଗଲ ଆଡ଼କୁ ପଳାଇ ଯାଇଥିଲା। ଖାଦ୍ୟ ଅନ୍ୱେଷଣରେ ଭାଲୁଟି ନିକଟସ୍ଥ ଭାରତୀ ପାହାଡ଼ରୁ ଆସି ଦମକଳ ବାହିନୀ କାର୍ଯ୍ୟାଳୟରେ ପଶିଯାଇଥିବା ଜଣାପଡ଼ିଛି। ବନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହୋଇଛି।

## ବିଲରୁ କ୍ଷତାକ୍ତ ଭାଲୁ ମୃତଦେହ ଜବତ

କେନ୍ଦୁଝର, ୨୩।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ନେଲୁଙ୍ଗ ଗ୍ରାମ ନିକଟ ଏକ ବିଲରୁ କ୍ଷତାକ୍ତ ଅବସ୍ଥାରେ ଏକ ମାଈ ଭାଲୁର ମୃତଦେହ ବନ ବିଭାଗ ଜବତ କରିଛି। ଭାଲୁଟିର ବୟସ ୧୫ ବର୍ଷ ହେବ। ଭାଲୁଟି ରାତିରେ ଜଙ୍ଗଲରୁ ଚାଲିଆସି ଫେରିପାରି ନ ଥିବା ବେଳେ ସକାଳେ ଲୋକଙ୍କ ହାବୁଡ଼ରେ ପଡିଯିବାରୁ ପିଟି ପିଟି ମାରି ଦେଇଥିବା ସନ୍ଦେହ କରାଯାଉଛି। ତେବେ ଏହାର ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡ଼ିବ। ଅନ୍ୟପକ୍ଷରେ ଭାଲୁ ଭାଲୁ ମଧ୍ୟରେ ଲଢ଼େଇ ଯୋଗୁ ଭାଲୁଟିର ମୃତ୍ୟୁ ହୋଇଥିବା ବନ ବିଭାଗ ଅନୁମାନ କରିବା ସହିତ ଏହାର ବ୍ୟବଚ୍ଛେଦକରି ତଦନ୍ତ କରୁଛି। ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ ସଂରକ୍ଷିତ ଜଙ୍ଗଲରେ ବହୁସଂଖ୍ୟାରେ ଭାଲୁ ରହିଛନ୍ତି। ଜଙ୍ଗଲ କ୍ଷୟ, ଖାଦ୍ୟ ଅଭାବ ଯୋଗ୍ୟ ବନ୍ୟପ୍ରାଣୀ ଗାଁ ମୁହାଁ ହେଉଛନ୍ତି। ଫଳରେ ଅନେକ ସମୟରେ ଗାଁଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଏସିଏଫ ଅଶୋକ ଦାସ କହିଛନ୍ତି, ଭାଲୁ ମଧ୍ୟରେ ଲଢ଼େଇରୁ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ।

## ମାଓବାଦୀ କ୍ୟାମ୍ପ ଠାବ, ଗୁଳି ବିନିମୟ

ବରଗଡ଼/ପାଇକମାଳ, ୨୩।୨ (ପ୍ରେମାନନ୍ଦ ଖମାରୀ/ ବଢ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳ ନିକଟ ଗନ୍ଧମାର୍ଦ୍ଦନ ପାହାଡ଼ରେ ଦୀର୍ଘଦିନ ବ୍ୟବଧାନ ପରେ ମାଓବାଦୀଙ୍କ ଗତିବିଧି ପୁଣି ପରିଲକ୍ଷିତ ହୋଇଛି। ଶୁକ୍ରବାର ସକାଳେ ସ୍ଥାନୀୟ ଖଣ୍ଡିଝରନ ଡ୍ୟାମ୍ ନିକଟ ଜଙ୍ଗଲରେ ଏସ୍‌ଓଜି ଯବାନମାନେ ମାଓବାଦୀଙ୍କ କ୍ୟାମ୍ପ ଠାବ କରିଛନ୍ତି। ଯବାନମାନେ ସେହି କ୍ୟାମ୍ପ ନିକଟତର ହେବାବେଳେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ଏହାପରେ ଯବାନମାନେ ପାଲଟା ଗୁଳି ଚାଳନା କରିଥିଲେ। ତେବେ ଗୁଳି ବିନିମୟରେ କେହି ମୃତାହତ ହୋଇଥିବା ସୂଚନା ମିଳିନାହିଁ। ଠାବ ହୋଇଥିବା କ୍ୟାମ୍ପରୁ ମାଓବାଦୀଙ୍କ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ ହୋଇଛି ବୋଲି ବରଗଡ଼ ଏସ୍‌ପି ପି.ଏସ୍ ମିନା କହିଛନ୍ତି। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ଯବାନମାନେ କୋମ୍ବିଂ ଅପରେଶନକୁ ଜୋରଦାର୍ କରିଛନ୍ତି। ସେହିପରିଉତ୍ତରାଞ୍ଚଳ ଆଇଜି ହିମାଂଶୁଲାଲ ବରଗଡ଼ରେ ପହଞ୍ଚି ଉକ୍ତ ଅପରେଶନର ସମୀକ୍ଷା କରିଥିବା ସୂଚନା ମିଳିଛି।

ଏସ୍‌ପି ମୀନା ସୂଚନା ଦେଇ କହିଛନ୍ତି, ଗନ୍ଧମାର୍ଦ୍ଦନ ଅଞ୍ଚଳରେ ମାଓବାଦୀମାନେ ଗୋଟିଏ କ୍ୟାମ୍ପ କରି ରହିଥିବା ନେଇ ପୋଲିସ ମୁଖ୍ୟାଳୟ ଏବଂ ଜିଲା ପୋଲିସକୁ ଖବର ମିଳିଥିଲା। ସେହି ଖବରକୁ ଆଧାର କରି ଉଭୟ ବଲାଙ୍ଗୀର ଏବଂ ବରଗଡ଼ ପଟୁ ଏସ୍‌ଓଜି ଯବାନମାନେ କୋମ୍ବିଂ ଅପରେଶନ କରିଥିଲେ।

## ପ୍ରଥମ ପୃଷ୍ଠାରୁ

### 'ଯୁବଗୋଷ୍ଠୀଙ୍କୁ ଉତ୍ତମ ...

ଏବଂ ଭାରୋତ୍ତୋଳନ ରୁମ୍ ରହିଛି। ଏହା ଚେସ ଖେଳାଳିଙ୍କ ପାଇଁ ପ୍ରୋତ୍ସାହନ ଯୋଗାଇବା ସହ ଯୋଗ ଓ ଜୁମ୍ବା ଇତ୍ୟାଦି ବ୍ୟବସ୍ଥା ରହିଛି। ଏଥିସହିତ ରାଜ୍ୟରେ ଟେବୁଲଟେନିସକୁ ପ୍ରୋତ୍ସାହନ ଯୋଗାଇବା କ୍ଷେତ୍ରରେ ଓଡ଼ିଶା ଟେବୁଲ ଟେନିସ ଏକାଡେମୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଉରକେଲା ଜିମ୍‌ନାଟିକ୍‌ସ ଏକାଡେମୀ ଅନ୍ତର୍ଜାତୀୟ ସ୍ତରର ହୋଇଥିବା ବେଳେ ଏଥିରେ ଭାରୋତ୍ତୋଳନ, ଟେବୁଲଟେନିସ,ଯୋଗ ଏବଂ ଜିମ ଇତ୍ୟାଦି ରହିଛି। ହକିକୁ ପ୍ରୋତ୍ସାହନ ଦେବା ସହ ଛୋଟ ପିଲାମାନଙ୍କ ପାଇଁ ଏକ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଗ୍ରାମାଞ୍ଚଳ ଓ ଆଦିବାସୀ ବହୁଳ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ଟର୍ଫ ସହ ହକି ତାଲିମ କେନ୍ଦ୍ର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିଲେ। ସୁନ୍ଦରଗଡରେ ୧୭, ସମ୍ବଲପୁରରେ ୨, ଯାଜପୁର ୧, କଟକ ୧, ଗଞ୍ଜାମ ୧ ଏବଂ ଭୁବନେଶ୍ୱରରେ ୧ଟି ହକି ତାଲିମ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ୨୩ ହକି ତାଲିମ କେନ୍ଦ୍ର ନିର୍ମାଣ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ରେମୁଣା, ବାଲିଗୁଡ଼ା, ଟିଟିଲାଗଡ଼ ଏବଂ କରଞ୍ଜିଆଠାରେ ୪ଟି ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ, ଭଦ୍ରକଠାରେ ସୁଇମିଂ ପୁଲ, କେନ୍ଦ୍ରାପଡ଼ାରେ ଫୁଟବଲ ଟ୍ରେନିଂ ସେଣ୍ଟର, ଇଣ୍ଡୋର ସୁଇମିଂ ପୁଲ, ମହିଳା ଫୁଟବଲ ତାଲିମ କେନ୍ଦ୍ର ଏବଂ ଦେବଗଡଠାରେ ହକି ତାଲିମ କେନ୍ଦ୍ର, ବାରିପଦା ଓ ଭଦ୍ରକ ନେହେରୁ ଷ୍ଟାଡିୟମ ଉନ୍ନତୀକରଣର ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି।

ଏହିଅବସରରେମୁଖ୍ୟମନ୍ତ୍ରୀକହିଛନ୍ତିଯେ,ଆମରଯୁବଗୋଷ୍ଠୀଙ୍କୁ ଉତ୍ତମ କ୍ରୀଡ଼ା ସୁବିଧା ଯୋଗାଇଦେବା ଆମର ଲକ୍ଷ୍ୟ। ଏହା ରାଜ୍ୟରେ କ୍ରୀଡ଼ା ବିକାଶକୁ ଏକ ବୃହତ୍ ଦିଗ ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ କେତେଜଣ କ୍ରୀଡ଼ାବିତ୍‌ଙ୍କ ସହ ଆଲୋଚନା କରିବା ସହ କ୍ରୀଡ଼ା ପାଇଁ ସେମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

### ଲୋକ ସଭା ନିର୍ବାଚନ: ୧୩ ପରେ ...

ପ୍ଲାଟ୍‌ଫର୍ମଗୁଡ଼ିକରୁ ମିଥ୍ୟା ତଥ୍ୟକୁ ହଟାଯିବ। ନିର୍ବାଚନ ବେଳେ ସାମାଜିକ ଗଣମାଧ୍ୟମରୁ ମିଛ ଓ ଉତ୍ତେଜକ କଣ୍ଟେଣ୍ଟକୁ ହଟାଯିବା ସତ୍ତ୍ୱେ କୌଣସି ଦଳ ବା ପ୍ରାର୍ଥୀ ଏହାର ଉଲ୍ଲଂଘନ କଲେ କମିଶନ କଡ଼ା କାର୍ଯ୍ୟାନୁଷ୍ଠାନ ନେବେ। ଏପରି କି ଉଲ୍ଲଂଘନକାରୀ ପ୍ରାର୍ଥୀଙ୍କ ଆକାଉଣ୍ଟକୁ ବ୍ଲକ୍ ମଧ୍ୟ କରାଯିବ। ଇସିଆଇ ତଥ୍ୟାନୁସାରେ ଆଗାମୀ ଲୋକ ସଭା ନିର୍ବାଚନ ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ରର ଉତ୍ସବ ହେବାକୁ ଯାଉଛି। ଏଥିରେ ୯୬.୮୮ କୋଟି ଯୋଗ୍ୟ ଭୋଟର ମତଦାନ କରିପାରିବେ। ୧୮-୧୯ ବର୍ଷର ୧.୮୫ କୋଟି ନୂଆ ଭୋଟର ପ୍ରଥମ ଥର ପାଇଁ ମତଦାନ କରିବେ ବୋଲି ଜଣାପଡ଼ିଛି।

# 'ତ୍ୟାଗ ଓ ସେବାର ପରିଭାଷା ହେଉଛନ୍ତି ସାରଙ୍ଗଧର'

ଢେଙ୍କାନାଳ,୨୩।୨(ରତନ ନାୟାର)

ତ୍ୟାଗ ଓ ସେବାର ପରିଭାଷାକୁ ବୁଝିବାକୁ ହେଲେ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କୁ ବୁଝିବାକୁ ହେବ। ତାଙ୍କର ଜନ୍ମଭୂମି ହରେକୃଷ୍ଣପୁରକୁ ଯିବାକୁ ପଡ଼ିବ। ଢେଙ୍କାନାଳ ଜିଲା ଅଡିଟୋରିୟମଠାରେ ଶୁକ୍ରବାର ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ସ୍ମୃତିରେ ଡାକ ଟିକେଟ୍ ଉନ୍ମୋଚନ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଡାକ ଟିକେଟ ଉନ୍ମୋଚନ ସହ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଢେଙ୍କାନାଳ ଓ ଅନୁଗୋଳ ଜିଲାର ୨୩ଟି ଡାକଘର ଉଦ୍‌ଘାଟନ କରିଛନ୍ତି।

ଏହିଅବସରରେ କେନ୍ଦ୍ରମନ୍ତ୍ରୀ କହିଲେ, ଢେଙ୍କାନାଳ ଏକ ସ୍ୱାଭିମାନୀ ଓ ସାଂସ୍କୃତିକ ସମ୍ପନ୍ନ ଅଞ୍ଚଳ। ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ, ଶହୀଦ ବାଜି ରାଉତ, ବୀର ବୈଷ୍ଣବ ଚରଣ ପଟ୍ଟନାୟକ, ମହେଶଚନ୍ଦ୍ର ସୁବାହୁ ସିଂ, ପବିତ୍ର ମୋହନ ପ୍ରଧାନ ଓ ରାଜା ସୋମନାଥ ସିଂ ଜଗଦେବ ଆମ ଅଞ୍ଚଳର ଗୌରବ। ଆମେ ପୂର୍ବ ପୁରୁଷଙ୍କୁ ଯଥୋଚିତ ସମ୍ମାନ ଦେବା ଉଚିତ। ଦେଶ ମାତୃକାର ସେବା ପାଇଁ ସାରଙ୍ଗଧର ଦାସ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେହି ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ସାରଙ୍ଗଧର ଦାସଙ୍କ ଉପରେ ଉନ୍ମୋଚିତ ଡାକ ଟିକଟ ତାଙ୍କର ବିଚାର ଏବଂ ମୂଲ୍ୟବୋଧକୁ ନୂଆ ପିଢ଼ିଙ୍କ ପାଖରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କେନ୍ଦ୍ରମନ୍ତ୍ରୀ ଆହୁରି କହିଲେ, ଡାକ ବିଭାଗ ଭାରତୀୟ ଜନଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି। ଅନେକ ସାହିତ୍ୟ, କବିତା, ଆଶା ଆଉ ଆକାଂକ୍ଷା ଡାକ ବିଭାଗ ସହ ଯୋଡି ହୋଇଛି। ଶୁକ୍ରବାର ଅନୁଗୋଳ ଓ ଢେଙ୍କାନାଳ ଜିଲାର ୨୩ଟି ଡାକଘର ଲୋକାର୍ପିତ ହେବା ବଡ଼ ଉପଲବ୍ଧି। ସ୍ୱାଧୀନତା ସଂଗ୍ରାମରେ ଢେଙ୍କାନାଳ ଜିଲା ତଥା ଓଡ଼ିଶାର ଅବଦାନ ଯେତିକି ଅଛି, ଓଡ଼ିଶା ସେତେ ଅଗ୍ରାଧିକାର ପାଇନାହିଁ। ମାତ୍ର ଏଠି କିଛି ଲୋକ ନଖ ଛିଣ୍ଡାଇ ଶହୀଦ ହେବାର ଅଭିନୟ କରୁଛନ୍ତି। ସେମାନେ ଜାଣିବା ଦରକାର ଢେଙ୍କାନାଳର ୧୨ ବର୍ଷର ବାଜି ରାଉତ ମା' ମାଟିର ସୁରକ୍ଷା ପାଇଁ ବ୍ରିଟିଶଙ୍କ ଠାରୁ ଗୁଳି ଖାଇଥିଲେ। ଓଡ଼ିଶା ପରିମଣ୍ଡଳର ମହା ମୁଖ୍ୟ ଡାକପାଳ ଶୁଭେନ୍ଦୁ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ଭାଜପା ନେତା ରୁଦ୍ର ନାରାୟଣ ପାଣି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ସାରଙ୍ଗଧର ଦାସଙ୍କ ସ୍ମୃତିରେ ଡାକ ଟିକେଟ୍ ଉନ୍ମୋଚିତ**



ସାରଙ୍ଗଧର ଦାସଙ୍କ ସ୍ମୃତିରେ ଡାକ ଟିକେଟ୍ ଉନ୍ମୋଚନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

**ଖସିଲା ଶେୟାର ବଜାର କାରବାର**

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୫ (୧୫.୪୪) ପଏଣ୍ଟ କମି ୭୩,୧୪୩ (୭୩,୧୪୨.୮୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ ୫ (୪.୭୫) ପଏଣ୍ଟ ହ୍ରାସ ଘଟି ୨୨,୨୧୩ (୨୨,୨୧୨.୭୦) ଅଙ୍କରେ କାରବାର ବନ୍ଦ କରିଥିଲା।


**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨ଲକ୍ଷ କୋଟି ଉପରେ ଜେଏଫ୍ଏସ୍ଏଲ୍ର ବଜାର ମୂଲ୍ୟ

ଭୁବନେଶ୍ୱର,୨୩।୨ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଲାଏନ୍ସ ଗ୍ରୁପ୍ର ଅଗ୍ରଣୀ କମ୍ପାନୀ ଜିଓ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍(ଜେଏଫ୍ଏସ୍ଏଲ୍) ର ବଜାର ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ଏପରିକି ୨ଲକ୍ଷ କୋଟି ଟଙ୍କା ଉପରେ ଜେଏଫ୍ଏସ୍ଏଲ୍ର ବଜାର ମୂଲ୍ୟ ହୋଇଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଶେୟାର ବଜାର କାରବାର ସମୟରେ କମ୍ପାନୀର ମାର୍କେଟ କ୍ୟାପ୍ ୧୭% ବୃଦ୍ଧି ଘଟି ୨.୦୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ସେହିଭଳି ଶୁକ୍ରବାର କାରବାର ଶେଷ ସୁଦ୍ଧା ଜେଏଫ୍ଏସ୍ଏଲ୍ର ଶେୟାର ମୂଲ୍ୟ ୩୩୫ ପଏଣ୍ଟରେ ବନ୍ଦ ହୋଇଛି। ଏ ପର୍ଯ୍ୟନ୍ତ ଶେୟାର ବଜାରରେ ଏଭଳି ୩୯ କମ୍ପାନୀ ରହିଛନ୍ତି, ଯେଉଁମାନଙ୍କର ବଜାର ମୂଲ୍ୟ ୨ ଲକ୍ଷ କୋଟିରୁ ଅଧିକ ମାର୍କେଟ କ୍ୟାପ୍ ସହ କାରବାର କରୁଛନ୍ତି। ଏଥିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ୨୦.୦୫ ଲକ୍ଷ କୋଟି ମାର୍କେଟ କ୍ୟାପ୍ ସହ ସବୁଠୁ ମୂଲ୍ୟବାନ ଭାରତୀୟ କମ୍ପାନୀ ଭାବେ ସଫଳତା ଲାଭ କରିଛି। ଅପରପକ୍ଷରେ ଜେଏଫ୍ଏସ୍ଏଲ୍ର ପ୍ୟାରେଣ୍ଟ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଶେୟାର ଫେବୃଆରୀ ମାସରେ ରେକର୍ଡ ବୃଦ୍ଧି ଘଟିଛି। ଏପରିକି ୨୦୨୪ ଫେବୃଆରୀ ୨୩ ମଧ୍ୟରେ କମ୍ପାନୀ ଶେୟାରରେ ପ୍ରାୟ ୩୫% ବୃଦ୍ଧି ରେକର୍ଡ ହୋଇଛି।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପାୱାର ଗ୍ରୀଡ୍ ବିଶ୍ରାମ ସଦନର ଭିତ୍ତିପ୍ରସ୍ତର



ଭୁବନେଶ୍ୱର, ୨୩।୨

ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାର ଗ୍ରୀଡ୍) ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ 'ବିଶ୍ରାମ ସଦନ'ର ଆନୁଷ୍ଠାନିକ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ହିମାଚଳ ପ୍ରଦେଶର ବିଳାସପୁର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା (ଅଲ ଇଣ୍ଡିଆ ଇନ୍ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସେସ୍ ବା ଏମ୍ସ ବିଳାସପୁର) ପରିସରରେ ଏକ ୪ମହଲା ବିଶିଷ୍ଟ ବହୁ ତଳ ପ୍ରାସାଦ 'ବିଶ୍ରାମ ସଦନ' ପାୱାର ଗ୍ରୀଡ୍ ପକ୍ଷରୁ ନିର୍ମାଣ କରାଯିବ। ଏହି ପରିପ୍ରେକ୍ଷୀରେ ଏମ୍ପି ଜେ.ପି. ନଡ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଡା. ମନସୁଖ ଏଲ୍ ମାଣ୍ଡବ୍ୟ ଏବଂ ଅନୁରାଗ ସିଂ ଠାକୁରଙ୍କ ସମେତ ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, ପାୱାର ଗ୍ରୀଡ୍ର ସିଏମ୍ଡି ଆର୍.କେ.ତ୍ୟାଗୀ, ନିର୍ଦ୍ଦେଶକ (ପର୍ସନାଲ) ଡ. ଯତୀନ୍ଦ୍ର ଦ୍ୱିବେଦୀ, ବିଳାସପୁର ଏମ୍ସର ଇଡି ଡା. (ପ୍ରଫେସର) ବୀର ସିଂ ନେଗୀ ଏବଂ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ବିଏସ୍ଏଚ୍ର ଏକ୍ସକ୍ଲୁସିଭ ଆଉଟ୍ଲେଟ୍

## ବୋସ୍ ଆଣ୍ଡ ସିମେନ୍ସର ପ୍ରଥମ ବ୍ରାଣ୍ଡ୍ ଷ୍ଟୋର



ଭୁବନେଶ୍ୱର,୨୩।୨

ବିଏସ୍ଏଚ୍ ହୋମ୍ ଆପ୍ଲାଏନ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ର ଏକ୍ସକ୍ଲୁସିଭ ଆଉଟ୍ଲେଟ ଶୁକ୍ରବାର ଭୁବନେଶ୍ୱରର ପୁରୀ ବାଇପାସ୍ ରୋଡ୍ରେ ଉଦ୍ଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଜିରକନ୍-ଟେକ୍ ଆନୁକୂଲ୍ୟରେ କମ୍ପାନୀର ପ୍ରଥମ ବୋସ୍ ଆଣ୍ଡ ସିମେନ୍ସ ବ୍ରାଣ୍ଡ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଏସ୍ଏଚ୍ ହୋମ୍ ଆପ୍ଲାଏନ୍ସ ଇଣ୍ଡିଆର ଏମ୍ଡି ତଥା ସିଇଓ ସୈଫ୍ ଖାନ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏସ୍ଏଚ୍ ହୋମ୍ ଆପ୍ଲାଏନ୍ସ ଇଣ୍ଡିଆର ଆଞ୍ଚଳିକ ମୁଖ୍ୟ (ଇଷ୍ଟ) ରାଜ୍ୟ ବର୍ଦ୍ଧନ ମିଶ୍ର, ଡିଲର ପାର୍ଟନର ସନ୍ତୋଷ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ୨୦୦୦ବର୍ଗ ଫୁଟ ପରିବ୍ୟାପ୍ତ ସ୍ଥାନରେ ଉଭୟ ବୋସ୍ ଆଣ୍ଡ ସିମେନ୍ସର ବ୍ୟାପକ ଶୃଙ୍ଖଳାର ଉତ୍ପାଦ ଉପଲବ୍ଧ ରହିଛି, ଯାହା ଭୁବନେଶ୍ୱରର ଗ୍ରାହକଙ୍କ କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତା ଏବଂ ଆକାଂକ୍ଷାକୁ ପୂରଣକରି କାର୍ଯ୍ୟକ୍ଷମତା, ଡିଜାଇନ ଏବଂ ଶକ୍ତି ଦକ୍ଷତାର ଶୀର୍ଷକୁ ପ୍ରତିଫଳିତ କରିଥାଏ। ଏ ସମ୍ପର୍କରେ ବିଏସ୍ଏଚ୍ ହୋମ୍ ଆପ୍ଲାଏନ୍ସ ଇଣ୍ଡିଆର ଏମ୍ଡି ତଥା ସିଇଓ ସୈଫ ଖାନ୍ କହିଛନ୍ତି, ବୋସ୍ ଏବଂ ସିମେନ୍ସର ପ୍ରଥମ ବ୍ରାଣ୍ଡ୍ ଷ୍ଟୋରର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ସ୍ଥାନୀୟ ଖୁଚୁରା ଅଂଶୀଦାରମାନଙ୍କ ସହିତ ଅର୍ଥପୂର୍ଣ୍ଣ ସହଯୋଗର ପ୍ରୟାସରେ ବ୍ରାଣ୍ଡର ପ୍ରିମିୟମ ଉତ୍ପାଦର ଅଫରଗୁଡ଼ିକୁ ଅଧିକ ସୁଲଭ କରିବାକୁ ଲକ୍ଷ୍ୟ ରଖିଛୁ।

# ମାଇଁ ଓଡ଼ିଶା, ଇଣ୍ଡିଆଜ୍ ପ୍ରାଇଡ୍ ଉଦ୍ଯାପିତ

ଭୁବନେଶ୍ୱର,୨୩।୨

ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍କମ୍ଗୁଡ଼ିକ ପକ୍ଷରୁ ଆୟୋଜିତ 'ମାଇଁ ଓଡ଼ିଶା, ଇଣ୍ଡିଆଜ୍ ପ୍ରାଇଡ୍' ଶୀର୍ଷକ ପ୍ରତିଯୋଗିତାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ସରକାରଙ୍କ 'ସ୍କିଲ୍ଡ ଇନ୍ ଓଡ଼ିଶା' ଅଭିଯାନ ସହ ମିଶି ଆରମ୍ଭ ହୋଇଥିଲା। ଏପରିକି ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ବିଶିଷ୍ଟ ବିଚାରକ ମଣ୍ଡଳୀ ଦ୍ୱାରା ସମୀକ୍ଷା ପରେ ବିଜେତାଙ୍କ ନାମ ଓ ଫଳାଫଳ ପ୍ରକାଶିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ଏମ୍ଡିସିଠାରେ ଆୟୋଜିତ ଉଦ୍ଯାପନୀ ସମାରୋହରେ ୩୦ ଜଣ ବିଜେତା ଓ ୨୦ଜଣ ଶ୍ରେଷ୍ଠ ଯୋଗଦାନକାରୀଙ୍କୁ ଡିସ୍କମ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏପରିକି ବିଜେତାମାନଙ୍କୁ ସେମାନଙ୍କ ବୟସ ବର୍ଗ (୮ରୁ ୧୨ ଏବଂ ୧୩ରୁ ୧୬) ଏବଂ ବିଭିନ୍ନ ବର୍ଗର ଚିତ୍ରାଙ୍କନ, ସ୍କେଚିଂ (ଚିତ୍ରକଳା), ପ୍ରବନ୍ଧ, ଗଳ୍ପ ଓ କବିତା ସମେତ କଳାତ୍ମକ ଅଭିବ୍ୟକ୍ତି ଆଧାରରେ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ବିଜେତାଙ୍କୁ ଟ୍ରଫି ସହ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ୫୦ ଜଣ ମନୋନୀତ ଆବେଦନକୁ ୨୦୦୦ଟଙ୍କା ଲେଖାଏ ଗିଫ୍ଟ ଭାଉଚର ଓ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ କିଟ୍ର କୁଳପତି ପ୍ରଫେସର ଡ. ଶରଣଜିତ୍ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କିଟ୍ର ପ୍ଲେସ୍ମେଣ୍ଟ ଅଧିକାରୀ ତ୍ରିପତି ପ୍ରସାଦ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।

# Classified Everyday 0674-2580101, 2549949



REAL ESTATE

**SALE**

**Ready to move 2BHK and 3BHK flat for sale near TATA Ariana at Kalinga Vihar. Contact- 9437309741.** D-2609

3BHK Flat (1800sqft.) all attached Bathroom and Guest Toilet, Big well lighted D/D on 1st Floor, Wooden Flooring and Built in Wardrobe in all Rooms, Modular Kitchen with 3 Balconies for Utility/Ironing/Store Room in an Apart. in Shanti Nagar, Jharpada, Bhubaneswar. Contact- 9437009544. D-2603

ଭୁବନେଶ୍ୱର ଭୁଆସୁଣୀ ମନ୍ଦିର ପାଖ ଗଙ୍ଗପଡ଼ା ମୌଜାରେ **NH-16**କୁ ଲାଗି **100**ମି. ଦୂରରେ ଘରବାରି ପାଚେରି ସହିତ **1500/-** କିଣି ଘର କରନ୍ତୁ। **9938066403, 9438315973.** D-2568

**3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347.** D-2493

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପିଚୁ ରାସ୍ତାକୁ ଲାଗି ଘରବାଡ଼ି ପାଚେରି ପ୍ଲଟ୍ ପଚାରୁ ବିକ୍ରି ହେବ। **9827119799.** D-2605

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛତାବର Bypass sqft.-500/-. 9776974912. D-75919

**Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347.** D-2494

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

ଭୁବନେଶ୍ୱର-ପିତାପଲ୍ଲି NH-16 କଡ଼ରେ ବାସୋପଯୋଗୀ ପୋଜେସନ୍ ପ୍ଲଟ୍ 30ft. road, boundary ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9337166296. D-75911

Bhubaneswar Sundarpada roadରେ ଦଧିବାମନପୁର ମୌଜା yellowzone ଘରବାରି 30' ରୋଡ୍ ଥାଇ plot sqft.- 1200/- ବିକ୍ରିହେବ। Biswajit- 7008184348. D-71067

Plot sale near AIIMS Hospital, Bhubaneswar and duplex sale @57,00,000/-. 9777433701. D-75915

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

**House for sale at Bhubaneswar Jayadeb Bihar Behind HDFC Bank, near Petrol Pump Bishnupriya Apartment, 2 Bed Rooms, Dining & Drawing Room, Kitchen, 2 Bath Rooms, 1 Balcony. SBA 910sqft. Carpet Area 750sqft. on top Floor, Parking out side Apartment Wall. Contact: 9937094663.** D-2591

**TO LET**

3600sqft. floor building in Mahatab road Dolamundai Cuttack Rent for Shop, Office, Coaching Centre purpose. 9937778558. D-2607

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



CONSTRUCTION

Do you want to construct dream house on your own plot for details please contact K.K. Construction. 7008268129, 9439143273. D-71385

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913





**Relax, Refresh your body, Mind at Saikrupa Spa with best therapies. 8984068077.** D-2600

Relax, Refresh your body, mind by expert therapist. Contact: 9938843929. D-76103

Refreshments body massage therapy with experience therapists, Ashirvad Panchakarma SPA, Keshari Mall, Bhubaneswar- 8926173473. D-67129

Relax refreshment body massage therapy by experience lady therapist. 7008773793. D-76102

Kerala body Massage best Therapist @699/- Bhubaneswar. 9337672475. Ganeshspa.in. D-2555

**LOST**

ମୁଁ ପରମେଶ୍ୱର ନାଏକ, ପିତା- ୰ଦାମୋଦର ନାଏକ, ନି/ପୋ- ମକୁନ୍ଦପୁର, ଥାନା- ତୁଷୁରା, ଜିଲ୍ଲା- ବଲାଙ୍ଗୀର ଘୋଷଣା କରୁଛି ଯେ, ଗତ ତା୦୫।୦୨।୨୦୨୪ ଦିନ ମୋ ବାପାଙ୍କ ନାମରେ ଥିବା ରେଜିଷ୍ଟ୍ରି ଦଲିଲ ନେଇ ମକୁନ୍ଦପୁରରୁ ତୁଷୁରା ଆସୁଥିବା ବେଳେ ବାଟରେ କେଉଁଠି ହଜିଯାଇଛି। ରେଜିଷ୍ଟ୍ରି ଦଲିଲ ନଂ.-2384/1996 dt- 11.09.1996 ଅଟେ। ବହୁତ ଖୋଜାଖୋଜି କରିବା ପରେ ମଧ ଉକ୍ତ ଦଲିଲ ମୁଁ ପାଇଲି ନାହିଁ। Mob- 8917639582, 9937600836.
ସ୍ୱା./- ପରମେଶ୍ୱର ନାଏକ
ଧ-୨୫୯୯

**AFFIDAVIT**

By virtue of an affidavit sworn before the Executive Magistrate, Ranpur dated 12.02.2024 I, Santosh Trinath Pradhan, S/o- Trinath Pradhan, At- Nuapada, P.O.- Kerandatangi, P.S.- Chandpur, Dist.- Nayagarh, PIN-752024, Odisha declare that I have changed my name from Babrubahan Pradhan to Santosh Trinath Pradhan. Henceforth I shall be known as Santosh Trinath Pradhan for all purposes.
Sd./- Santosh Trinath Pradhan. D-2605

I, (Prasanta Kumar Patra), S/o (Baisnab Patra) aged 35 years Old permanent address (At-Alinagar, P.O.- Arakhapur, P.S- Mahanga, Via- Sunguda, Dist.- Cuttack, Odisha-754296) have changed my name to Prashant Kumar Patra vide Affidavit dated 22.02.2024 at Bhubaneswar. D-2611

# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଗୁରୁପ୍ରସାଦ ମହାପାତ୍ର
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ଦୋଳ ପୂର୍ଣ୍ଣିମା (୧୧।୦୩।୧୯୮୨)
ତିରୋଧାନ: ମାଘ ଶୁକ୍ଳ ଚତୁର୍ଦ୍ଦଶୀ (୨୪।୦୨।୨୦୧୩)
"ପୂର୍ଣ୍ଣମୀ ଚାନ୍ଦ ହୋଇ ଆସିଥିଲୁ, ହସୁଥିଲା ଏ ସଂସାର, ଦୁଃଖ ଦେଇ ତୁ ବାହୁଡ଼ି ଗଲୁ ଯେ ଭୁଲ୍ ଥିଲା କି ଆମର । ଅଭୁଲା ସ୍ମୃତି ଯେ ମନେପଡ଼େ ତୋର ଭୁଲି ପାରୁନାହୁଁ ତତେ, ବିଧିର ବିଧାନ କେ କରିବ ଆନ ଛାର ମନୁଷ୍ୟ ସମସ୍ତେ।"
ତୋର ପବିତ୍ର ଆତ୍ମାକୁ ଶ୍ରୀଜଗନ୍ନାଥ ମହାପ୍ରଭୁ ଶାନ୍ତି ଦିଅନ୍ତୁ।
ଶୋକସନ୍ତପ୍ତ: ବାପା, ନାନୀ, ଭାଇନା, ବାବା (ଭଣଜା), ବନ୍ଧୁ ଓ ପରିବାରବର୍ଗ ।
ଧ-୨୬୧୦

**In Loving Memory of**



1954-2015
Our Beloved Mother
**Mrs. Meera Tripathy**
Peacefully Left for her Heavenly Abode on Tuesday 3rd February, 2015 Ninth Annual Sradha: Saturday 24th February, 2024.
Fondly Remembered By: Haribandhu Tripathy and Family Members.
ଧ-୨୬୦୬

**2nd Shradha Barsiki**



Late Anadi Charan Malik
Guagadia, Basudevpur, Bhadrak
Date of Birth: 27.11.1934
Date of Death: 24.02.2022
**Sons: Akshya, Gangadhar Ramakanta And Baruna And Family Members.**
ଧ-୨୫୬୧

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



୰ ଡ଼ଃ ଦୁର୍ଗାଚରଣ ମହାନ୍ତି
ଆବିର୍ଭାବ : ୨୬.୧୨.୧୯୪୦
ତିରୋଧାନ : ୧୯.୦୨.୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା, ସେବା ଆମ୍ଭମାନଙ୍କ ଜୀବନର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀ ଲିଙ୍ଗରାଜଙ୍କ ଚରଣରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ଧର୍ମପତ୍ନୀ, ପୁତ୍ର, ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୬୩୨୩୫

**୩୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ପ୍ରଭା ରାଉତରାୟ
ସ୍ୱାମୀ ୰ ସୁଧାଂଶୁ ମୋହନ ରାଉତରାୟ
ପ୍ଲଟ. ନଂ.: ୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ: ତା ୧୭.୧୨.୧୯୩୭
ତିରୋଧାନ : ତା ୧୩.୦୨.୧୯୮୭
'ତୁମ ପରି କିଏ ମାଆ ହେବ ଚାରି ସନ୍ତାନ ଜଞ୍ଜାଳ ବୋହି ନୀତିକୁ କେବଳ ଆଦର୍ଶକରି ଦୁନିଆ ଆଗରେ ଠିଆ ହେବ'
ତୁମରି ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରୁଛୁ ।
ତୁମର ବନ୍ଧୁ ଓ ପରିବାରବର୍ଗ
ଧ-୭୫୮୦୩

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଆସାମରେ ଉଚ୍ଛେଦ ଅଶାନ୍ତି

## ଚାରଣଭୂଇଁରୁ ହଟିବେ ୧୦,୦୦୦ ବେଆଇନ ଅଧିବାସୀ



ସ୍ୱୟଂଶାସିତ ରାଜ୍ୟ ଦାବିରେ ଅଟୋନମସ୍ ଷ୍ଟେଟ୍ ଡିମାଣ୍ଡ୍ କମିଟି ୟୁଥ୍ ଫ୍ରଣ୍ଟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନବେଳର ଦୃଶ୍ୟ। (ଫାଇଲ୍ ଫଟୋ)

**ଗୁଆହାଟୀ,୨୩।୨**

ଉତ୍ତର ପୂର୍ବାଞ୍ଚଳର ଭାଜପା ଶାସିତ ରାଜ୍ୟ ଆସାମରେ ସମ୍ଭାବ୍ୟ ଉଚ୍ଛେଦକୁ ନେଇ ଅଶାନ୍ତି ଦେଖାଦେଇଛି। କେତେକ ଚାରଣଭୂଇଁରୁ ୧୦ ହଜାର ବେଆଇନ ଅଧିବାସୀଙ୍କୁ ହଟାଇବା ପାଇଁ ରାଜ୍ୟରେ ଦାବି ହେଉଥିବାବେଳେ ଗତମାସରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସେମାନଙ୍କୁ ବିସ୍ଥାପିତ ହେବାକୁ ଦିଆଯିବ ନାହିଁ ବୋଲି ଆଶ୍ୱାସନା ଦେଇଥିଲେ। ତେବେ ପ୍ରୋଫେସନାଲ ଗ୍ରାଜିଂ ରିଜର୍ଭ (ପିଜିଆର୍) ଏବଂ ଭିଲେଜ ଗ୍ରାଜିଂ ରିଜର୍ଭ (ଭିଜିଆର୍)ରୁ ଏହି ଅଧିବାସୀମାନଙ୍କୁ ହଟାଇବା ପାଇଁ କର୍ବି ଆଙ୍ଗ୍‌ଲୋଙ୍ଗ୍ ଅଟୋନମସ୍ କାଉନ୍‌ସିଲ (କେଏଏସି) ନିଷ୍ପତ୍ତି ନେଇଛି। ଆଙ୍ଗ୍‌ଲୋଙ୍ଗ୍ ଏବଂ ୱେଷ୍ଟ କର୍ବି ଜିଲାର ପ୍ରଶାସନ ଦାୟିତ୍ୱରେ ଥିବା କେଏଏସି ୨,୦୮୬ ପରିବାରର ଲୋକଙ୍କୁ ବେଆଇନ ଅଧିବାସୀ ରୂପେ ଆଖ୍ୟା ଦେଇଛି। ଇତିମଧ୍ୟରେ ଉକ୍ତ ଦୁଇ କିସମର ଜମିରେ ବସବାସ କରୁଥିବା ଲୋକଙ୍କୁ ଆଇନତଃ ବୈଧ ବାସିନ୍ଦା ଭାବେ ମାନ୍ୟତା ପ୍ରଦାନ ନିମନ୍ତେ ଗତ ଜାନୁଆରୀରେ ଏକ ହିନ୍ଦୀଭାଷୀ ଗୋଷ୍ଠୀ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ଦେଇଥିଲା। ସେଇଠୁ ଏହି ବିବାଦର ସୂତ୍ରପାତ ହୋଇଥିବା କୁହାଯାଉଛି।

କର୍ବି ଷ୍ଟୁଡେଣ୍ଟ୍ସ ଆସୋସିଏଶନ ଏବଂ ଅଟୋନମସ୍ ଷ୍ଟେଟ୍ ଡିମାଣ୍ଡ୍ କମିଟି ୟୁଥ୍ ଫ୍ରଣ୍ଟ ପକ୍ଷରୁ ଗତ ୧୫ ତାରିଖରେ ଦୁଇ ଜିଲାରୁ ବେଆଇନ ଅଧିବାସୀଙ୍କୁ ଉଚ୍ଛେଦ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ ବେଳେ ସଂଘର୍ଷ ଘଟିବାରୁ କେତେଜଣ ବ୍ୟକ୍ତି ଆହତ ହୋଇଥିଲେ। ବିଧାନସଭାରେ ଶୁକ୍ରବାର ରାଜ୍ୟ ସରକାର ବଜେଟ ଉପସ୍ଥାପନ କରୁଥିବାବେଳେ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇଛି। କଂଗ୍ରେସ ନେତା ଦେବବ୍ରତ ସାଇକିଆ କହିଛନ୍ତି, ବାସିନ୍ଦାମାନେ ୧୯୪୦ ମସିହାରୁ ଦଖଲ ଦସ୍ତାବିଜ ପାଇ ସେଠାରେ ରହିଆସୁଛନ୍ତି। ଏହାସତ୍ତ୍ୱେ ସେମାନଙ୍କ ନାମକୁ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି)ରେ ମଧ୍ୟ ଉଲ୍ଲେଖ କରାଯାଇଛି। ଏଥିଯୋଗୁ ସେମାନଙ୍କ ଭବିଷ୍ୟତ ଅନିଶ୍ଚିତତା ଦେଇ ଗତି କରୁଛି। ରାଜସ୍ୱ ମନ୍ତ୍ରୀ ଯୋଗେନ୍ ମୋହନ ଏହାର ଜବାବରେ କହିଛନ୍ତି, କେଏଏସିର ପଦକ୍ଷେପ ଯଥାର୍ଥ। ବେଆଇନ ଅଧିବାସୀଙ୍କୁ ହଟାଇବା ପାଇଁ ଆଦିବାସୀ ପରିଷଦ ଏହି ନିଷ୍ପତ୍ତି ନେଇଛି। କେଏଏସି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତୁଳୀରାମ ରୋଙ୍ଗ୍‌ହଙ୍ଗ୍ କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଏହି ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ

### ଏକ୍ସମେଲ୍ ଆଣିବେ ମସ୍କ



**ୱାଶିଂଟନ,୨୩।୨:** ଜିମେଲ୍‌ର ବିକଳ୍ପ ଭାବେ ଏକ୍ସମେଲ୍ ଖୁବ୍‌ଶୀଘ୍ର ଆସିବ ବୋଲି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ର ମାଲିକ ଏଲନ୍ ମସ୍କ ସୂଚନା ଦେଇଛନ୍ତି। ତେବେ କେବେଠାରୁ ଏକ୍ସମେଲ୍ ଉପଲବ୍ଧ ହେବ ତାହା ସେ ଜଣାଇ ନାହାନ୍ତି। ନିଜର ଚାଟ୍ ଜିପିଟି ଭର୍ସନ ଉନ୍ମୋଚନ କରିବା ଅବସରରେ ଆଗକୁ ଏକ୍ସମେଲ୍ ଲଞ୍ଚ ହେବାକୁଯାଉଛିବୋଲିମସ୍କସ୍ପଷ୍ଟକରିଥିଲେ। ଫଳରେ ଏହା ଗୁଗଲ୍‌ର ଜିମେଲ୍ ସେବା ସହ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସୋସିଆଲ ମିଡିଆ ନେଟ୍‌ୱର୍କରେ ଏକ ଜାଲ୍ ଫଟୋ ପ୍ରସାରିତ ହେବା ପରେ ଜିମେଲ୍ ବନ୍ଦ ହୋଇଯିବା ନେଇ ଗୁଜବ ପ୍ରକାଶ ପାଇଛି।

### ରୁଷିଆ ଉପରେ ସାନି କଟକଣା ଲଗାଇଲେ ଆମେରିକା, ଇୟୁ

**ୱାଶିଂଟନ,୨୩।୨:** ୟୁକ୍ରେନ୍ ଉପରେ ଆକ୍ରମଣକୁ ୨ ବର୍ଷ ପୂରିବାକୁ ଯାଉଥିବାବେଳେ ଏବଂ ଗତ ସପ୍ତାହରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଦୃଢ଼ ସମାଲୋଚକ ବିରୋଧୀ ଦଳ ନେତା ଏଲେକ୍ସି ନାଭାଲ୍‌ନିଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ଜବାବରେ ଆମେରିକା ଏବଂ ୟୁରୋପୀୟ ସଂଘ (ଇୟୁ) ରୁଷିଆ ଉପରେ ସାନିକଟକଣା ଲଗାଇଛନ୍ତି। ରୁଷିଆ ଓ ଏହାର ଯୁଦ୍ଧାସ୍ତ୍ର ଉପରେ ଆମେରିକା ୫୦୦ରୁ ଅଧିକ ନୂଆ କଟକଣା ଲଗାଇଛି। ୨୦୨୨ ଫେବୃଆରୀ ୨୪ରେ ରୁଷିଆ ୟୁକ୍ରେନ୍ ଆକ୍ରମଣ କରିବା ପରଠାରୁ ଏହା ଏକାଥରକେ ସର୍ବାଧିକ କଟକଣା। ୫ଟି ସଂଘୀୟ ମାମଲାରେ ରୁଷିଆର ଦ୍ୱିତୀୟ ବୃହତ୍ ବ୍ୟାଙ୍କ୍‌ର ମୁଖ୍ୟ ଏବଂ ଅନ୍ୟ ବ୍ୟବସାୟୀ ଓ ସେମାନଙ୍କ ମଧ୍ୟସ୍ଥମାନଙ୍କୁ ଟାର୍ଗେଟ କରାଯିବା ସହ ଅନେକଙ୍କୁ ଗିରଫ କରାଯାଇଛି। ସେହିପରି ରୁଷିଆକୁ ଦ୍ୱୈତ ବ୍ୟବହାର୍ଯ୍ୟ ସାମଗ୍ରୀ ରପ୍ତାନି କରୁଥିବା କେତେକ ବିଦେଶୀ କମ୍ପାନୀ ବିରୋଧରେ ଇୟୁ କଟକଣା ଲଗାଇଛି। ସେମାନେ ରପ୍ତାନି କରୁଥିବା ସାମଗ୍ରୀ ୟୁକ୍ରେନ୍ ବିରୋଧରେ ଯୁଦ୍ଧରେ ବ୍ୟବହାର କରାଯାଇପାରେ ବୋଲି ଆଶଙ୍କା କରାଯାଉଛି। ରୁଷିଆର ନ୍ୟାୟ ବିଭାଗ ସଦସ୍ୟଙ୍କ ସମେତ ସ୍ଥାନୀୟ ରାଜନେତା ଓ ଅଫିସରମାନଙ୍କୁ ଇୟୁ ଟାର୍ଗେଟ କରିଛି।

### ଭାରତ, ମାଳଦ୍ୱୀପ, ଶ୍ରୀଲଙ୍କା ତଟସୁରକ୍ଷା ବଳର ସମରାଭ୍ୟାସ

**ମାଲେ,୨୩।୨(ପି.ଟି.):** ସାମୁଦ୍ରିକ ସୁରକ୍ଷା ଏବଂ ଯୋଗାଯୋଗ ତଥା ସୂଚନା ଆଦାନପ୍ରଦାନ ବଢ଼ାଇବା ଲକ୍ଷ୍ୟରେ ଭାରତ, ମାଳଦ୍ୱୀପ ଓ ଶ୍ରୀଲଙ୍କାର ତଟସୁରକ୍ଷା ବାହିନୀ ଯବାନମାନେ ୪ ଦିନିଆ ସମରାଭ୍ୟାସରେ ନିୟୋଜିତ ହୋଇଛନ୍ତି। ଭାରତ ମହାସାଗର ଅଞ୍ଚଳରେ ବଢ଼ୁଥିବା ସାମୁଦ୍ରିକ ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରିବା ଏହି ତ୍ରିପାକ୍ଷିକ ଯୁଦ୍ଧାଭ୍ୟାସର ଲକ୍ଷ୍ୟ। 'ଦୋସ୍ତି-୧୬' ସମରାଭ୍ୟାସ ପାଇଁ ଭାରତୀୟ ତଟସୁରକ୍ଷା ଜାହାଜ ସମର୍ଥ ଏବଂ ଅଭିନବ ସହ ଶ୍ରୀଲଙ୍କା ନୌସେନା ଜାହାଜ ସମୁଦ୍ରୁରା ଗୁରୁବାର ମାଲେ ଉପକୂଳରେ ପହଞ୍ଚିଥିଲା। ଏଥିରେ ବାଂଲାଦେଶ ଏକ ପର୍ଯ୍ୟବେକ୍ଷକ ଦେଶ ଭାବେ ଯୋଗଦେଇଛି। ଭାରତୀୟ ତଟସୁରକ୍ଷା ବାହିନୀର ହେଲିକପ୍ଟର ଡୋର୍ନିଅର ମଧ୍ୟ ସମରାଭ୍ୟାସରେ ସାମିଲ ହୋଇଛି।

# ଚନ୍ଦ୍ରରେ ଆମେରିକାର ଘରୋଇ ଲ୍ୟାଣ୍ଡର

**କେପ୍ କାନାଭେରାଲ,୨୩।୨**

ଚନ୍ଦ୍ରପୃଷ୍ଠକୁ ଆମେରିକାର ମାନବ ମିଶନ ବନ୍ଦ ହେବାର ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ଏହାର ଏକ ଘରୋଇ ମହାକାଶ ଯାନ ଗୁରୁବାର ଚନ୍ଦ୍ରପୃଷ୍ଠରେ ଅବତରଣ କରିଛି। ଇନ୍‌ଟୁଇଟିଭ୍ ମେଶିନ୍ସ ନାମକ ଘରୋଇ ସଂସ୍ଥା ଦ୍ୱାରା ବିକଶିତ ମହାକାଶ ଯାନ ଓଡିସିଅସ୍ ଚନ୍ଦ୍ରର ଦକ୍ଷିଣ ମେରୁଠାରୁ ୩୦୦ କିଲୋମିଟର ଦୂରରେ ସଫ୍ଟ ଲ୍ୟାଣ୍ଡିଂ କରି ଇତିହାସ ରଚିଛି। ଇଡିସିଅସ୍‌ରେ ଆମେରିକୀୟ ମହାକାଶ ବିଜ୍ଞାନ ସଂସ୍ଥା (ନାସା)ର ପେ'ଲୋଡ୍ ରହିଛି, ଯାହା ଚନ୍ଦ୍ରପୃଷ୍ଠର ପରିବେଶ, ମୃତ୍ତିକାର ଅନୁଧ୍ୟାନ କରିବ।



ଚଳିତ ବର୍ଷ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ଏହା ଦ୍ୱିତୀୟ ମିଶନ। ଏହା ପୂର୍ବରୁ ଜାପାନର ସ୍ଲିମ୍ ମହାକାଶ ଯାନ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା। ଆଗାମୀ କିଛି ବର୍ଷ ମଧ୍ୟରେ ଚନ୍ଦ୍ରକୁ ମାନବ ପଠାଇବା ପାଇଁ ନାସା ଲକ୍ଷ୍ୟ ରଖିଛି। ଏହା ପୂର୍ବରୁ ଚନ୍ଦ୍ରପୃଷ୍ଠ ସମ୍ପର୍କରେ ଅଧିକ ଜାଣିବା ପାଇଁ ଆମେରିକା ମହାକାଶ ବିଜ୍ଞାନ ସଂସ୍ଥା ଅନେକ ମିଶନ ପଠାଇବାକୁ ଚାହୁଁଛି।

# ମନୋହର ଜୋଷୀଙ୍କ ପରଲୋକ

**ମୁମ୍ବାଇ,୨୩।୨**



ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକ ସଭାର ପୂର୍ବତନ ବାଚସ୍ପତି ମନୋହର ଜୋଷୀଙ୍କର ଶୁକ୍ରବାର ଭୋର ସମୟରେ ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ତାଙ୍କୁ ହୃଦ୍‌ଘାତ ହେବା ପରେ ମୁମ୍ବାଇର ହିନ୍ଦୁଜା ହସ୍ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ଶେଷ ଦର୍ଶନ ପାଇଁ ମରଶରୀରକୁ ମାଟୁଙ୍ଗା ବାସଭବନରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରଖାଯାଇଥିଲା। ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ଦାଦରର ଶିବାଜୀ ପାର୍କରେ ସମ୍ପନ୍ନ ହୋଇଯାଇଛି।

ମନୋହର ଶିବସେନା ପ୍ରତିଷ୍ଠାତା ବାଲା ସାହେବ ଠାକ୍‌ରେଙ୍କର ସବୁଠୁ ବିଶ୍ୱସ୍ତ ସହଯୋଗୀ ଥିଲେ। ୧୯୯୫ରେ ମହାରାଷ୍ଟ୍ରରେ ଶିବସେନା-ଭାଜପା ମେଣ୍ଟ କ୍ଷମତାକୁ ଆସିବା ପରେ ପ୍ରଥମ ଅଣକଂଗ୍ରେସ ସରକାରରେ ମନୋହର ମୁଖ୍ୟମନ୍ତ୍ରୀ ହୋଇଥିଲେ। ପରେ ସେ କେନ୍ଦ୍ରରେ ଅଟଳ ବିହାର ବାଜପେୟୀ ସରକାରରେ ୧୯୯୯ରୁ ୨୦୦୨ ପର୍ଯ୍ୟନ୍ତ ଭାରୀଶିଳ୍ପ ମନ୍ତ୍ରୀ ରହିଥିଲେ। ୨୦୦୨ରୁ ୨୦୦୪ ସେ ଲୋକ ସଭାର ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ। ବିନା ପାତର ଅନ୍ତରରେ ଲୋକ ସଭା ଚଳାଇବାରେ ସେ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ। ଗତବର୍ଷ ବ୍ରେନ୍ ହାମରେଜ୍‌ର ଶିକାର ହେବା ପରେ ସେ ସକ୍ରିୟ ରାଜନୀତିରୁ ଦୂରେଇ ଯାଇଥିଲେ। ତାଙ୍କ ପରଲୋକରେ ବହୁ ରାଜନେତା ଶୋକବ୍ୟକ୍ତ କରିଛନ୍ତି।

# ହରିୟାଣାରେ ପୋଲିସ-ଚାଷୀ ସଂଘର୍ଷ

**ଚଣ୍ଡିଗଡ଼,୨୩।୨**

### ଜଣେ ପୋଲିସ ଅଧିକାରୀ ଆହତ

ଭାଜପା ଶାସିତ ହରିୟାଣାର ହିସାର ଜିଲା ଅନ୍ତର୍ଗତ ଖେଡ଼ି ଚୋପଟାରେ ଶୁକ୍ରବାର ଆନ୍ଦୋଳନରତ ଚାଷୀଙ୍କ ସହ ପୋଲିସ୍‌ର ସଂଘର୍ଷ ଘଟି ଜଣେ ଅଫିସର ଆହତ ହୋଇଛନ୍ତି। ଆନ୍ଦୋଳନ ସ୍ଥଳ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଆନ୍ଦୋଳନକାରୀମାନେ ଭାଜପା ନେତାମାନଙ୍କ କୁଶପୁତ୍ତଳିକା ଦାହ କରିବା ପରେ ପୋଲିସକୁ ଘେରିଯାଇ ଟେକା ମାଡ଼ କରିଥିଲେ। ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାଳନା କରିଥିଲା। କୃଷକମାନେ ପଞ୍ଜାବର ଖନୌରୀ ସୀମାକୁ ଶୋଭାଯାତ୍ରାରେ ଯିବାବେଳେ ପୋଲିସ ଅଟକାଇବାରୁ ଏଭଳି ଉତ୍ତେଜନାପୂର୍ଣ୍ଣ ସ୍ଥିତି ଉପୁଜିଥିଲା। ଉକ୍ତ ଚାଷୀମାନେ ଖନୌରୀ ଏବଂ ଶମ୍ଭୁ ସୀମାରେ ଡେରା ପକାଇଥିବା ଆନ୍ଦୋଳନରତ ଚାଷୀଙ୍କ ସହ ସାମିଲ ହେବାକୁ ଯାଉଥିଲେ। ଶୁକ୍ରବାର ଖନୌରୀଠାରେ ଜଣେ ୬୨ ବର୍ଷୀୟ ଚାଷୀ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି।

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ 'ଦିଲ୍ଲୀ ଚଲୋ' ଅଭିଯାନରେ ବାହାରିଥିବା ଚାଷୀମାନେ ହରିୟାଣା ସୀମାରେ ଆନ୍ଦୋଳନ ଚଳାଇ ଥିବାବେଳେ ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାର କୃଷକ ସମ୍ପ୍ରଦାୟଙ୍କୁ ଖୁସି କରାଇବା ପାଇଁ କୃଷି ଋଣ ଉପରେ ସୁଧ ଛାଡ଼ ଘୋଷଣା କରିଛନ୍ତି। ମେ' ୩୧ ସୁଦ୍ଧା ମୂଳଧନ ଫେରାଇବାକୁ ଥିବା ଚାଷୀମାନଙ୍କୁ ଏହି ସୁବିଧା ମିଳିବ ବୋଲି ଖଟ୍ଟାର ବିଧାନସଭାରେ ବଜେଟ ଉପସ୍ଥାପନ ବେଳେ କହିଛନ୍ତି।



ହରିୟାଣାର ହିସାର ଜିଲା ଅନ୍ତର୍ଗତ ଖେଡ଼ି ଚୋପଟାରେ ଶୁକ୍ରବାର ଆନ୍ଦୋଳନରତ ଚାଷୀ ଭାଜପା ନେତାଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

# 'ଚାନ୍ଦା ପାଇଁ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ କରୁଛି ଭାଜପା'

**ନୂଆଦିଲ୍ଲୀ,୨୩।୨(ପି.ଟି.)**

### କଂଗ୍ରେସର ଅଭିଯୋଗ

ଘରୋଇ କମ୍ପାନୀଗୁଡ଼ିକରୁ ଭାଜପା ପାଇଁ ଜୋର୍‌ଜବରଦସ୍ତ ଚାନ୍ଦା ଆଦାୟ ନିମନ୍ତେ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅପବ୍ୟବହାର କରାଯାଉଥିବା କଂଗ୍ରେସ ଶୁକ୍ରବାର ଅଭିଯୋଗ କରିଛି। ସରକାରଙ୍କ ଏହି ଜବରଦସ୍ତ ଚାନ୍ଦା ଅସୁଲିର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରାଯିବାକୁ କଂଗ୍ରେସ ଦାବି କରିଛି। ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ୨୦୧୮-୧୯ରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ଅନ୍ୟୂନ ୩୦ଟି କମ୍ପାନୀ ଭାଜପାକୁ ପାଖାପାଖି ୩୩୫ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି, ଯେଉଁମାନେ କି ଉକ୍ତ ସମୟ ମଧ୍ୟରେ କେନ୍ଦ୍ରୀୟ ଏଜେନ୍ସି ତଦନ୍ତର ସମ୍ମୁଖୀନ ହୋଇଥିଲେ। ଭାଜପାକୁ ମିଳିଥିବା ଚାନ୍ଦାର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରାଯିବାକୁ ସରକାର ଚାହୁଁନାହାନ୍ତି କାହିଁକି ବୋଲି କଂଗ୍ରେସ ସଂଗଠନ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ପ୍ରଶ୍ନ କରିଥିଲେ।

ପ୍ରଧାନମନ୍ତ୍ରୀଙ୍କ 'ଚାନ୍ଦା ଦିଅ, ଜାମିନ ଓ ବ୍ୟବସାୟ' ଯୋଜନା ସମ୍ପର୍କରେ ଆପଣମାନେ ଜାଣନ୍ତି କି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ୍ସ'ରେ ପୋଷ୍ଟ କରିଥିଲେ। ପ୍ରଧାନମନ୍ତ୍ରୀ ଇଡି, ଆଇଟି ଏବଂ ସିବିଆଇର ଦୁରୁପଯୋଗ କରି 'ଅସୁଲି ଭାଇ' ଭଳି ବ୍ୟବସାୟ ଚଳାଇଥିବା ରାହୁଲ ଅଭିଯୋଗ କରିଥିଲେ। ଚାନ୍ଦା ବ୍ୟବସାୟ ଏଭଳି ଲଜ୍ଜାହୀନ ଭାବେ ଚାଲିଛି ଯେ, ମଧ୍ୟପ୍ରଦେଶର ଜଣେ ମଦ କାରଖାନା ମାଲିକ ଜାମିନ ପାଇବା ପରେ ଭାଜପାକୁ ଚାନ୍ଦା ଦେଇଥିଲେ। ଅସାଧୁ ଉପାୟରେ ଜଣେ ବନ୍ଧୁଙ୍କ କମ୍ପାନୀକୁ ଲାଭବାନ କରାଯାଉଥିବାବେଳେ ଅନ୍ୟମାନଙ୍କ ପାଇଁ ଭିନ୍ନ ନିୟମ ଲାଗୁ ହେଉଛି। ମୋଦି ସରକାର ଅମଳରେ ଭାଜପାକୁ ଦିଆଯାଇଥିବା ବେଆଇନ ଚାନ୍ଦା ଏବଂ ଇଲେକ୍ଟୋରାଲ ବଣ୍ଡ୍ 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍' ବୋଲି ରାହୁଲ ତାଙ୍କ ପୋଷ୍ଟରେ ଲେଖିଛନ୍ତି। ଭାଜପାକୁ କେଉଁ ସୂତ୍ରରୁ ଚାନ୍ଦା ଆସିଛି ଏବଂ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ ଯୋଗୁ କିପରି କର୍ପୋରେଟ୍ ସଂସ୍ଥାଗୁଡ଼ିକ ଚାନ୍ଦା ଦେବାକୁ ବାଧ୍ୟ ହୋଇଛନ୍ତି, ତାହା ଶ୍ୱେତପତ୍ର ଜରିଆରେ ସରକାର ଜଣାଇବେ କି ବୋଲି ଜୟରାମ ପ୍ରଶ୍ନ କରିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତ୍ପଥୀ




# ଆଧୁନିକ ଯୋଗାଯୋଗର ଭବିଷ୍ୟତ କେନ୍ଦ୍ର ହେବ: ଧର୍ମେନ୍ଦ୍ର

## ଦକ୍ଷତା ବିକାଶ କେନ୍ଦ୍ର ଲୋକାର୍ପିତ

ଢେଙ୍କାନାଳ,୨୩।୨(ରତନ ନାୟାର)



ଦକ୍ଷତା ବିକାଶ କେନ୍ଦ୍ରକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରୁଛନ୍ତି।

ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ନିକଟରେ ନୂତନ ଭାବେ ନିର୍ମାଣ ହୋଇଥିବା ଦକ୍ଷତା ବିକାଶ କେନ୍ଦ୍ର ଆଧୁନିକ ଯୋଗାଯୋଗର ଭବିଷ୍ୟତ କେନ୍ଦ୍ର ହେବ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଏହି ଦକ୍ଷତା ବିକାଶ କେନ୍ଦ୍ରକୁ ଲୋକାର୍ପଣ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଏକବିଂଶ ଶତାବ୍ଦୀର ଯୁବପିଢ଼ିଙ୍କ ଆକାଂକ୍ଷା ଓ ରୁଚିକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ରୋଜଗାର ଓ ସ୍ୱରୋଜଗାର ବଢ଼ାଇବା ଲକ୍ଷ୍ୟରେ ଏହି କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରରେ ଡିଜିଟାଲ ଦୁନିଆ ତଥା ସର୍ଭିସ ଇଣ୍ଡଷ୍ଟ୍ରିର ଆଧୁନିକ ସ୍କିଲିଂ ଟ୍ରେନିଂ ବ୍ୟବସ୍ଥା ଅଛି। ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନକୁ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଡିମ୍‌ଡ ୟୁନିଭର୍ସିଟିର ମାନ୍ୟତା ଦିଆଯାଇଛି। ଏଠାରେ ଉଦ୍‌ଘାଟିତ ଦକ୍ଷତା ବିକାଶ କେନ୍ଦ୍ର ଆଇଆଇଏମ୍‌ସି ଢେଙ୍କାନାଳ ସହ ଯୋଡ଼ିହେଲେ ଆଗାମୀ ଦିନରେ ଏହା ଢେଙ୍କାନାଳ ମଡର୍ନ କମ୍ୟୁନିକେଶନର ଫ୍ୟୁଚରିଷ୍ଟିକ୍ ସେଣ୍ଟର ହୋଇପାରିବ। ଅନେକ ଛାତ୍ରୀଛାତ୍ର ଏହି ଦକ୍ଷତା ବିକାଶ କେନ୍ଦ୍ରର ଲାଭ ନେଇପାରିବେ। ନୂଆ ପିଢ଼ିର ପିଲାଙ୍କୁ ଦକ୍ଷ କରିବା ପାଇଁ ପ୍ରଧାନମନ୍ତ୍ରୀ ବଦ୍ଧପରିକର। ନୂଆ ପିଢ଼ିର ଯୁବତୀ ଯୁବକମାନେ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍-ସ୍କିଲିଂ ସହ ଯୋଡ଼ିହୋଇ ନିଜକୁ ଦକ୍ଷ ବନାଇଲେ ହିଁ ବିକଶିତ ଭାରତର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ। ଏନ୍‌ଏସ୍‌ଡିସିର ସିଇଓ ତଥା ଇଣ୍ଟରନ୍ୟାଶନାଲ ଏମ୍‌ଡି ବେଦମଣି ତିୱାରୀ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ। ଢେଙ୍କାନାଳର ଏହି ପ୍ରଶିକ୍ଷଣ କେନ୍ଦ୍ରରେ ବର୍ଷକୁ ୧୨୦୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ପ୍ରଶିକ୍ଷଣ ନେଇପାରିବେ। ସ୍ୱଳ୍ପ ମୂଲ୍ୟରେ ୩ ମାସରେ ୮ଟି ବିଷୟ ଉପରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ସ୍କିଲ ଇଣ୍ଡିଆ ମିଶନ ଅଧୀନରେ ନିଉଏଜ୍ ସ୍କିଲ୍ସ, ଗ୍ରାଫିକ୍ସ ଡିଜାଇନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତି ସେବା ଫୁଡ ଆଣ୍ଡ ବେଭେରେଜ୍ ସର୍ଭିସେସ୍ ଭଳି ବିଭିନ୍ନ କ୍ଷେତ୍ରରେ ଇଚ୍ଛୁକ ଯୁବତୀ ଯୁବକଙ୍କୁ ଏହି କେନ୍ଦ୍ରରେ ତାଲିମ ଦିଆଯିବ।

# ଇଂଲିଶରେ କପିକରି ଧରାପଡ଼ିଲେ ୪୨ ପରୀକ୍ଷାର୍ଥୀ

**ମାଟ୍ରିକ୍ ପରୀକ୍ଷା**

କଟକ,୨୩।୨ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ଦ୍ୱାରା ପରିଚାଳିତ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାର ଦ୍ୱିତୀୟ ଭାଷା ଇଂଲିଶରେ ୪୨ ଜଣ ପରୀକ୍ଷାର୍ଥୀ ଶୁକ୍ରବାର ମାଲପ୍ରାକ୍ଟିସ୍(ଏମ୍‌ପି) ହୋଇଛନ୍ତି। ସେମାନେ ପରୀକ୍ଷା ହଲ୍‌ରେ ଅସତ୍ ଉପାୟ ଅବଲମ୍ବନ କରି ଉତ୍ତର ଲେଖୁଥିବାବେଳେ ସ୍କ୍ୱାଡ୍ ହାତରେ ଧରାପଡ଼ିଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଅନୁଷ୍ଠିତ ମାତୃଭାଷା ପରୀକ୍ଷାରେ ମୋଟ୍ ୧୦ ପରୀକ୍ଷାର୍ଥୀ ଏମ୍‌ପି ହୋଇଥିଲେ। ପରୀକ୍ଷା ପରିଚାଳନାକୁ ଶୃଙ୍ଖଳିତ କରିବା ପାଇଁ ବୋର୍ଡ ପକ୍ଷରୁ ୪୨ଟି ସ୍ପେଶାଲ ସ୍କ୍ୱାଡ୍, ୭୨ ଫ୍ଲାଇଂ ସ୍କ୍ୱାଡ୍ ଓ ଜିଲା ପ୍ରଶାସନ ସ୍ତରରେ ଗୋଟିଏ ଲେଖାଏ ସ୍ୱତନ୍ତ୍ର ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି। ସିସିଟିଭି ଜରିଆରେ ଆର୍ଟିଫିସିଆଲ ସର୍ଭିଲେନ୍ସ (ଏଆଇ) ଉପଯୋଗରେ ପରୀକ୍ଷା ପରିଚାଳନାକୁ ବୋର୍ଡ ମୁଖ୍ୟାଳୟରୁ ନିୟନ୍ତ୍ରଣ କରାଯାଉଛି। ପ୍ରଥମ ଦିନ ପରୀକ୍ଷାରେ କେତେକ ଅବ୍ୟବସ୍ଥା ଏଆଇ ମାଧ୍ୟମରେ ଧରାପଡ଼ିଥିଲା। ବୋର୍ଡ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଏ ବାବଦରେ ଚିଠି ଦ୍ୱାରା ଅବଗତ କରାଯିବା ପରେ ସମ୍ପୃକ୍ତ ଜିଲାର ଜିଲା ଶିକ୍ଷାଧିକାରୀମାନେ ଏନେଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାଟ୍ରିକ୍ ପରୀକ୍ଷା ସୂଚୀ ଅନୁଯାୟୀ, ଆସନ୍ତା ୨୬ରେ ଗଣିତ, ୨୮ରେ ତୃତୀୟ ଭାଷା, ମାର୍ଚ୍ଚ ୨ରେ ସାଧାରଣ ବିଜ୍ଞାନ ଓ ୪ ତାରିଖରେ ସାମାଜିକ ବିଜ୍ଞାନ ବିଷୟ ପରୀକ୍ଷା ହେବ।

# ୨୬ରେ ୫୫୪ ରେଳ ଷ୍ଟେଶନର ଶିଳାନ୍ୟାସ

- ୧୫୦୦ ଆର୍‌ଓବି, ଆର୍‌ୟୁବିର ହେବ ପୁନଃ ବିକାଶ
- ଓଡ଼ିଶାର ୨୧ ଷ୍ଟେଶନ ପାଇଁ ୯୦୦ କୋଟି ବ୍ୟୟ ବରାଦ

ଭୁବନେଶ୍ୱର,୨୩।୨(ଅନୁରାଧା ମହାରଣା)

ଦେଶର ରେଳ ଭିତ୍ତିଭୂମିରେ ପରିବର୍ତ୍ତନ ବ୍ୟାପକ ପରିବର୍ତ୍ତନ ହେଉଛି। ଆସନ୍ତା ୨୬ ତାରିଖରେ ୫୫୪ଟି ରେଳ ଷ୍ଟେଶନ, ୧୫୦୦ ରୋଡ୍ ଓଭର ବ୍ରିଜ (ଆର୍‌ଓବି) ଓ ରୋଡ୍ ଅଣ୍ଡର ବ୍ରିଜ୍ (ଆର୍‌ୟୁବି) ପ୍ରକଳ୍ପର ପୁନଃବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିଳାନ୍ୟାସ କରିବେ। ଶୁକ୍ରବାର ରେଳ ସଦନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ମନୋଜ ଶର୍ମା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ୯୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଓଡ଼ିଶାରେ ୨୧ଟି ଅମୃତ ଷ୍ଟେଶନ ନିର୍ମାଣ ହେବ। ଏହି ତାଲିକାରେ ବିମଳାଗଡ଼, ଜରୋଳି, ରାଇରଙ୍ଗପୁର, ପାନପୋଷ, ବାଲେଶ୍ୱର, ବେତନଟୀ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ୍, ଟିଟିଲାଗଡ଼, କେସିଙ୍ଗା, ରାୟଗଡ଼ା, ପାରଳାଖେମୁଣ୍ଡି, କୋରାପୁଟ, ଜୟପୁର, ତାଳଚେର, ରଘୁନାଥପୁର, ପାରାଦୀପ, କେନ୍ଦୁଝରଗଡ଼, ଭଦ୍ରକ, ବେଲପାହାଡ଼ ଓ ବ୍ରଜରାଜନଗର ଷ୍ଟେଶନ ରହିଛି। ଏହାବାଦ୍ ପୂର୍ବତଟ ରେଳପଥର ଜୋନ୍ (ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼) ମଧ୍ୟରେ ୭୯୦ କୋଟି ଟଙ୍କା ବ୍ୟୟ ଅଟକଳରେ ଆଉ ୨୨ଟି ଅମୃତ ଭାରତ ରେଳ ଷ୍ଟେଶନରେ ଶିଳାନ୍ୟାସ କରାଯିବ। ଏହି ଷ୍ଟେଶନଗୁଡ଼ିକ ହେଲା ନଉପଡ଼ା, ସିଂହଚଲମ, ବବିଲି, ଶ୍ରୀକାକୁଲମ ରୋଡ୍, ପାର୍ବତୀପୁରମ୍, ଟିପୁରୁପାଲ୍ଲେ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ୍, ଟିଟିଲାଗଡ଼, କେସିଙ୍ଗା, ରାୟଗଡ଼ା, ପାରଳାଖେମୁଣ୍ଡି, କୋରାପୁଟ, ଜୟପୁର, ତାଳଚେର, ରଘୁନାଥପୁର, ପାରାଦୀପ, କେନ୍ଦୁଝରଗଡ, ଭଦ୍ରକ, ଆରାକୁ, କୋଟାଭାଲାସା, ଇଚ୍ଛାପୁରମ୍ ଆଦି ରହିଛି। ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶରେ ଉଲ୍ଲେଖନୀୟ ପ୍ରୋତ୍ସାହନ ମିଳୁଛି। ଶିଳାନ୍ୟାସ ହେବାକୁ ଥିବା ପ୍ରକଳ୍ପ ମଧ୍ୟରେ ଓଡ଼ିଶାର ମୋଟ ୫୨ଟି ଆର୍‌ଓବି ଏବଂ ଆର୍‌ୟୁବି ରହିଛି। ଏଥିପାଇଁ ୧୪୨୦ କୋଟି ଟଙ୍କା ବ୍ୟୟମଞ୍ଜୁର କରାଯାଇଛି। କେବଳ ପୂର୍ବତଟ ରେଳପଥ ଜୋନ୍‌ରେ ୧୨୮ କୋଟି ଟଙ୍କା ବ୍ୟୟରେ ୩୦ଟି ଆର୍‌ଓବି/ଆର୍‌ୟୁବିର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦିଆଯାଇଛି।

# ଅଗ୍ନିକ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

## ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ନେଇ ଆଇନର ଆଶ୍ରୟ ନେବେ ଅକ୍ଷୟ

ଭୁବନେଶ୍ୱର,୨୩।୨(ସତ୍ୟଜିତ୍ ରାଉତ)

ରାଜ୍ୟ ଅଗ୍ନିଶମ ସେବା ସଂସ୍ଥାର ଅଗ୍ନିକ କର୍ମଚାରୀମାନେ ଦୁଇଦଫା ଦାବି ନେଇ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଶୁକ୍ରବାର ପ୍ରତ୍ୟାହୃତ କରିନେଇଛନ୍ତି। ଏନେଇ ସଂଘ ସଭାପତି ତଥା ନୟାଗଡ଼ ଜିଲା ନୂଆଗାଁରେ କାର୍ଯ୍ୟରତ ମୁଖ୍ୟ ଅଗ୍ନିକ ଅକ୍ଷୟ ପ୍ରଧାନ ସୂଚନା ଦେଇଛନ୍ତି। ସଂଘ ପକ୍ଷରୁ ଘୋଷଣା ପରେ ସମସ୍ତ ଅଗ୍ନିକ କର୍ମଚାରୀମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତେବେ ଅକ୍ଷୟଙ୍କୁ ବିଭାଗ ପକ୍ଷରୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା କାରଣରୁ ସେ ଆଇନର ଆଶ୍ରୟ ନେବେ ବୋଲି ସୂଚନା ଦେଇଛନ୍ତି।

ଅଗ୍ନିଶମ ସେବା ସଂସ୍ଥାର ଅଗ୍ନିକ, ଅଗ୍ନିକ ଗାଡିଚାଳକ ଓ ହାବିଲଦାର (ମୁଖ୍ୟ ଅଗ୍ନିକ, ଡ୍ରାଇଭର ହାବିଲଦାର)ଙ୍କୁ ପୂର୍ବପରି ଓଡ଼ିଶା ପୋଲିସ ସିପାହି ଓ ହାବିଲଦାରଙ୍କ ଦରମା ଏବଂ ଭତ୍ତା ସହ ସମାନ କରିବା, ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘର ସରକାରୀ ପଞ୍ଜୀକରଣ କରିବା ଦାବିରେ ବୁଧବାରଠାରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ତେବେ ଏହି ଆନ୍ଦୋଳନ ଯୋଗୁ ଜରୁରୀକାଳୀନ ସେବା ବ୍ୟାହତ ହେବାର ଆଶଙ୍କା ଥିବାରୁ ଗୃହ (ସ୍ପେଶାଲ ସେକ୍ସନ୍) ବିଭାଗ ପକ୍ଷରୁ ଏହା ଉପରେ ଓଡିଶା ଏସେନ୍‌ସିଆଲ୍ ସର୍ଭିସେସ୍ (ମେଣ୍ଟେନାନ୍ସ) ଆକ୍ଟ (ଏସ୍‌ମା) ଲାଗୁ କରାଯାଇଛି। ଏହି ଆଇନ ଆଗାମୀ ୬ ମାସ ଯାଏ ବଳବତ୍ତର ରହିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଦାବି ପୂରଣ ନ ହେଲେ ଆଗକୁ ୫ ହଜାର କର୍ମଚାରୀ ଏବଂ ସେମାନଙ୍କ ପରିବାର ଜବାବ ଦେବେ ବୋଲି ଅକ୍ଷୟ ଚେତାବନୀ ଦେଇଛନ୍ତି।




CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**JOB REQUIREMENT**

REQUIRED SITE ENGINEER / SUPERVISOR / SURVEYOR IN PHD WORK FOR A LEADING CONSTRUCTION COMPANY AT DHENKANAL DISTRICT.
Salary is negotiable. Experience person is preferable.
Send your Profile via WhatsApp number - 7205058526

**JOB REQUIREMENT**

REQUIRED SECURITY GUARD FOR A LEADING CONSTRUCTION COMPANY AT DHENKANAL DISTRICT.
The Security Guard must be a:-
- Retired Odisha Police
- Retired RPF
- Retired Army person
- Sports person

Required 50 number of people. Salary is negotiable.
Send your Profile via WhatsApp number - 7205058526

**WANTED**
**Lady Office Clerk**
Free accommodation. Free fooding. Salary: Rs.10000/-.
Near Phulanakhara
7809525452

**St. Xavier's High School (CBSE)**
Chandiabiranchipur, Keonjhar
**WANTED**
PRT- English, Science, Social Sc.
TGT- English, Social Sc., Math, Science
Special Educator & Account Asst.
Email CV within 10 days:
st.xaviers2050@gmail.com
Mob.:7873158480

**WANTED**
ଧରିତ୍ରୀ DHARITRI Oriya daily
is looking for
SUBEDITOR-CUM-LAYOUT DESIGNERS
- Candidate must have at least 3 years experience in print media.
- Should have expertise in editing and translation.
- Should have a degree in Journalism.
- Proficiency in InDesign, Photoshop is a must.

Apply immediately to : recruitment@dharitri.com
Attractive salary commensurate with experience

बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର କ୍ଷେତ୍ର
୧ମ ମହଲା, ସା: ଖ୍ରୀଷ୍ଟିଆନପଡା, ଜିଏମ୍ କଲେଜ୍ ଛକ, ଜିଲ୍ଲା: ସମ୍ବଲପୁର-୭୬୮୦୦୧

**ଚୁକ୍ତି ଭିତ୍ତିରେ ବ୍ୟବସାୟିକ ପ୍ରତିନିଧି ସୁପରଭାଇଜର ନିଯୁକ୍ତି**

ଭାରତର ଅନ୍ୟତମ ବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଓଡ଼ିଶାର **କଳାହାଣ୍ଡି, ମାଲକାନଗିରି, ଅନୁଗୁଳ, ସୁନ୍ଦରଗଡ, ନୂଆପଡା** ଆଦି ଜିଲ୍ଲା ପାଇଁ ନିମ୍ନଲିଖିତ ବ୍ୟକ୍ତିବିଶେଷଙ୍କ ଠାରୁ ଅଫ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଅଛି।
- ମୁଖ୍ୟ ପ୍ରବନ୍ଧକ ପାହ୍ୟା ପର୍ଯ୍ୟନ୍ତ ଯେକୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପୂର୍ବତନ କର୍ମଚାରୀ
- JAIIB ସମାପ୍ତ କରିଥିବା ବ୍ୟାଙ୍କ ଅଫ୍ ବରୋଦାର ଅବସରପ୍ରାପ୍ତ କିରାଣୀମାନେ
- କମ୍ପ୍ୟୁଟର ଜ୍ଞାନ (MS Office, Email, Internet ଇତ୍ୟାଦି ଜ୍ଞାନ ଥିବା) ଯେକୌଣସି ଗ୍ରାଜୁଏଟ୍, କିନ୍ତୁ M.Sc. (IT)/ BE (IT)/ MCA/ MBA ଆଦି ଯୋଗ୍ୟତାଧାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ।

ପୂର୍ବତନ ବ୍ୟାଙ୍କ କର୍ମଚାରୀମାନଙ୍କ ବୟସ ନିଯୁକ୍ତି ସମୟରେ **୬୫ ବର୍ଷରୁ** ଊର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ। ଅନ୍ୟ ଆବେଦନକାରୀମାନଙ୍କ ପାଇଁ ବୟସ ସୀମା **୨୧-୪୫ ବର୍ଷ** ମଧ୍ୟରେ ହୋଇଥିବା ଆବଶ୍ୟକ। ଆବେଦନ କରୁଥିବା ସମସ୍ତ ପ୍ରାର୍ଥୀ ଓଡ଼ିଶା ନିବାସୀ ହୋଇଥିବା ଆବଶ୍ୟକ ଏବଂ ସ୍ଥାନୀୟ ଭାଷାରେ ପାରଦର୍ଶିତା ଥିବା ଆବଶ୍ୟକ।

ଅଧିକ ବିବରଣୀ ପାଇଁ ଆମ୍ଭ ବ୍ୟାଙ୍କର ୱେବ୍‌ସାଇଟ୍ ଦେଖନ୍ତୁ।
https://www.bankofbaroda.in/career-detail.htm#tab-18
ଅଫ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ଅନ୍ତିମ ତାରିଖ: ୧୫.୦୩.୨୦୨୪

ତାରିଖ: ୨୨.୦୨.୨୦୨୪
ସ୍ଥାନ: ସମ୍ବଲପୁର
କ୍ଷେତ୍ରୀୟ ମୁଖ୍ୟ
ସମ୍ବଲପୁର କ୍ଷେତ୍ର

MCL
ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ସନ୍ଦର୍ଭ ସଂଖ୍ୟା.MCL/SBP/HQ/EE/2024/Advisor(Forest)/1718 ତାରିଖ: 19.02.2024

**ଏମ୍‌ସିଏଲ୍‌ରେ ପୂର୍ଣ୍ଣକାଳୀନ ଉପଦେଷ୍ଟା (ବନ)ଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି**

ସରକାରୀ/ପିଏସ୍‌ୟୁରୁ ଅବସରପ୍ରାପ୍ତ ବ୍ୟକ୍ତିଙ୍କଠାରୁ ଚୁକ୍ତିଭିତ୍ତିରେ ପୂର୍ଣ୍ଣକାଳୀନ ଉପଦେଷ୍ଟା (ବନ) ପଦବୀ ନିମନ୍ତେ ଆବେଦନ ଆହ୍ୱାନ କରାଯାଉଛି। ପ୍ରାର୍ଥୀ **ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ହେବା ସହ ଅତିରିକ୍ତ ପ୍ରମୁଖ ବନ ସଂରକ୍ଷକ କିମ୍ବା ତଦୂର୍ଦ୍ଧ୍ୱ** ପଦବୀରେ କାର୍ଯ୍ୟ ସମ୍ପାଦନ କରିଥିବା ଏବଂ ଚୁକ୍ତି ଅବଧି ମଧ୍ୟରେ ୬୫ ବର୍ଷ ବୟସରୁ ଅଧିକ ହୋଇ ନ ଥିବା ଆବଶ୍ୟକ । ଯୋଗ୍ୟତାର ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ଅନୁଭବ/ଅଭିଜ୍ଞତା, କାର୍ଯ୍ୟ ପରିସର ସମେତ ସମ୍ପାଦନ କରିବାକୁ ଥିବା କାର୍ଯ୍ୟର ବିବରଣୀ ଏବଂ ଦରଖାସ୍ତ ଫର୍ମାଟ୍ ସମ୍ବଳିତ ସବିଶେଷ ବିବରଣୀ **www.mahanadicoal.in** ୱେବ୍‌ସାଇଟ୍ ଅନ୍ତର୍ଗତ Careers@mcl->Career News->Recruitment ଏବଂ ସିଆଇଏଲ୍ ୱେବ୍‌ସାଇଟ୍ **www.coalindia.in** ରେ ଉପଲବ୍ଧ। **ଆବେଦନ ଗ୍ରହଣ କରିବାର ଅନ୍ତିମ ତାରିଖ 04.03.2024 ସନ୍ଧ୍ୟା 5.00 ଘଟିକା।** ଦରଖାସ୍ତ ଫର୍ମାଟ୍ ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ। ଭଲଭାବେ ପୂରଣ କରାଯାଇଥିବା ଦରଖାସ୍ତ ସହିତ ଆବଶ୍ୟକ ନଥିପତ୍ରଗୁଡ଼ିକର ସତ୍ୟାପିତ ନକଲ ପ୍ରାର୍ଥୀଙ୍କ ଦ୍ୱାରା ଉପ ମହାପ୍ରବନ୍ଧକ (Pers./EE), ମହାନଦୀ କୋଲ୍‌ଫିଲଡ୍‌ସ୍ ଲିମିଟେଡ୍, ସା/ପୋ: ଜାଗୃତି ବିହାର, ବୁର୍ଲା, ଜିଲା: ସମ୍ବଲପୁର-768020, ଓଡ଼ିଶାଙ୍କୁ କେବଳ **gm-ee.mcl@coalindia.in** ଇମେଲ୍ ଆଇଡିରେ ପଠାଇବାକୁ ହେବ।

ସ୍ୱା/-
ଉପ ମହାପ୍ରବନ୍ଧକ (Pers/EE)
R-5194

ଧରିତ୍ରୀ DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୪/୨୦୨୪ Bhubaneswar, Saturday, February 24/ 2024

# କୋଚ୍ ପଦରୁ ସ୍କୋପ୍‌ମାନଙ୍କ ଇସ୍ତଫା

ନୂଆଦିଲ୍ଲୀ, ୨୩।୨ (ପି.ଟି.)

ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଜାନେକ୍ ସ୍କୋପମାନ ଶୁକ୍ରବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଜାତୀୟ ମହାସଂଘ ତାଙ୍କ କଥାକୁ ଗୁରୁତ୍ୱ ଦେଉ ନାହିଁ କିମ୍ବା ତାଙ୍କୁ ଯଥେଷ୍ଟ ସମ୍ମାନ ଦେଉ ନାହିଁ ବୋଲି କିଛି ଦିନ ପୂର୍ବେ ତାଙ୍କ ଅଭିଯୋଗ ପରେ ସେ ଚର୍ଚ୍ଚାରେ ରହିଥିଲେ। ଡଚ୍ କୋଚ୍ ୨୦୨୧ରେ ଜୋର୍ଡ ମାରିନଙ୍କଠାରୁ ମହିଳା ଦଳର ଦାୟିତ୍ୱ ଗ୍ରହଣ କରିଥିଲେ। ମାରିନଙ୍କ ତତ୍ତ୍ୱାବଧାନରେ ଭାରତ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ସ୍କୋପମାନ ୨୦୨୦ ଜାନୁଆରୀରେ ମାରିଜ୍‌ନେଙ୍କ ଅଧୀନରେ ଆନାଲିଟିକାଲ କୋଚ୍ ଭାବେ ଯୋଗ ଦେଇଥିଲେ। ପ୍ୟାରିସ ଅଲିମ୍ପିକ୍ସ ପରେ ଅଗଷ୍ଟରେ ତାଙ୍କ ଚୁକ୍ତିନାମାର ଅବଧି ଶେଷ ହେବାକୁ ଥିଲା। ମାତ୍ର ନିକଟରେ ବିବାଦୀୟ ଟିପ୍ପଣୀ ଦେବା ପରେ ସେ ତାଙ୍କ ପଦବୀରେ ଆଉ ରହିବେ ନାହିଁ ବୋଲି ସ୍ପଷ୍ଟ ହୋଇଯାଇଥିଲା। ଓଡ଼ିଶାରେ ଏଫ୍ଆଇଏଚ୍ ହକି ପ୍ରୋ-ଲିଗ୍‌ର ହୋମ୍ ଲେଗ୍‌ରେ ଦଳର ମ୍ୟାଚଗୁଡ଼ିକ ଶେଷ ହେବାପରେ ଏହି



ଜାନେକ୍ ସ୍କୋପମାନ

୪୬ ବର୍ଷୀୟା କୋଚ୍ ତାଙ୍କ ଇସ୍ତଫା ପତ୍ର ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କୁ ପ୍ରଦାନ କରିଥିବା ହକି ଇଣ୍ଡିଆ ତରଫରୁ ସୂଚନା ଦିଆଯାଇଛି। ନିକଟରେ ଅଲିମ୍ପିକ କ୍ୱାଲିଫାୟର୍ସରେ ନୈରାଶ୍ୟଜନ ପ୍ରଦର୍ଶନ ଏବଂ ତାଙ୍କ ଇସ୍ତଫା ପରେ ହକି ଇଣ୍ଡିଆ ଜଣେ ନୂଆ ମୁଖ୍ୟ କୋଚ୍ ସନ୍ଧାନରେ ରହିବ, ଯିଏକି ୨୦୨୬ରେ ପରବର୍ତ୍ତୀ ମହିଳା ବିଶ୍ୱକପ୍ ଏବଂ ଲସ୍ ଆଞ୍ଜେଲ୍ସ ଅଲିମ୍ପିକ୍ସ ୨୦୨୮ ଲାଗି ଭାରତୀୟ ଦଳକୁ ପ୍ରସ୍ତୁତ କରିବେ। ଓଡ଼ିଶାରେ ଏକ ପ୍ରୋ-ଲିଗ୍ ମ୍ୟାଚ ପରେ ସ୍କୋପମ୍ୟାନ ଅଭିଯୋଗ କରିଥିଲେ ହକି ଇଣ୍ଡିଆ ପୁରୁଷ କୋଚ୍ ପ୍ରତି ଭିନ୍ନ ବ୍ୟବହାର କରାଯାଉଛି। ଗତ ଦୁଇ ବର୍ଷ ହେଲା ସେ ଅନୁଭବ କରି ଆସୁଛନ୍ତି। ମୋର ଧାରଣା ଥିଲା ଏଠିକାର ସଂସ୍କୃତିରେ ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଇଥାଏ। କିନ୍ତୁ ବାସ୍ତବରେ ତାହା ନୁହେଁ ବୋଲି ସେ ଅନୁଭବ କରିଛନ୍ତି। ନେଦରଲାଣ୍ଡରୁ ଆସିଥିବା ସ୍କୋପମାନ ଆମେରିକାରେ ମଧ୍ୟ କାର୍ଯ୍ୟ କରିଛନ୍ତି। ସ୍କୋପମାନଙ୍କ ଅଭିଯୋଗର ଖଣ୍ଡନ କରିଛି ହକି ଇଣ୍ଡିଆ। ଉଭୟ ପୁରୁଷ ଓ ମହିଳା କୋଚ୍‌ଙ୍କ ପ୍ରତି ସମାନ ବ୍ୟବହାର କରାଯାଇଥାଏ ବୋଲି ସଫେଇ ଦେଇଛି। ସ୍କୋପମାନଙ୍କ ଅଧୀନରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିଛି। ତାଙ୍କ ତତ୍ତ୍ୱାବଧାନରେ ଦଳ ୭୪ ମ୍ୟାଚ ଖେଳି ୩୮ଟିରେ ବିଜୟ ହାସଲ କରିଥିବା ବେଳେ ୧୭ଟି ଡ୍ର ରଖିଛି ଏବଂ ୧୯ଟିରେ ପରାଜିତ ହୋଇଛି। ତାଙ୍କ ଅଧୀନରେ ଭାରତୀୟ ଦଳର ଏସିଆନ ଚାମ୍ପିୟନ୍ସ ଟ୍ରଫି ୨୦୨୩ ଟାଇଟଲ ହାସଲ ଉଲ୍ଲେଖନୀୟ। ତେବେ ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରି ନ ପାରିବା ସବୁଠାରୁ ନୈରାଶ୍ୟଜନକ ବିଷୟ।

# ସୁବ୍ରତ-ରାକେଶ ଫାଇନାଲ

ଭୁବନେଶ୍ୱର, ୨୩।୨

(ତପନ ସ୍ୱାଇଁ)

ପଟିଆର ଆଦର୍ଶ ବିହାରସ୍ଥିତ ଉଡାନ ସ୍ପୋର୍ଟ୍ସ ଏକାଡେମୀରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୧୫ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର ସେମିଫାଇନାଲ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ଏଥିରେ ବିଜୟୀ ହୋଇ ସୁବ୍ରତ ଦାସ ଓ ରାକେଶ ରୋଶନ ପ୍ରଧାନ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ସୁବ୍ରତ ୫-୦ରେ ଜ୍ଞାନ ଦାସଙ୍କୁ ହରାଇଥିବାବେଳେ ଦ୍ୱିତୀୟ ସେମିରେ ରାକେଶ ୫-୩ରେ ନିଶାନ୍ତ ବିଶ୍ୱାଳଙ୍କୁ ପରାସ୍ତ କରିଛନ୍ତି। ସୁବ୍ରତ ଓ ରାକେଶଙ୍କ ମଧ୍ୟରେ ଫାଇନାଲ ଶନିବାର ଅନୁଷ୍ଠିତ ହେବ।

# କିଟ୍ ପୁରୁଷ ରଗ୍‌ବୀ ଦଳକୁ ରୌପ୍ୟ




ରୌପ୍ୟ ପଦକ ବିଜୟୀ କିଟ୍ ରଗ୍‌ବୀ ଦଳ।

ଭୁବନେଶ୍ୱର, ୨୩।୨

(ତପନ ସ୍ୱାଇଁ)

ଗୁଆହାଟୀ ଇନ୍ଦିରା ଗାନ୍ଧୀ ଆଥ୍‌ଲେଟିକ୍ସ ଷ୍ଟାଡିୟମର ସରୁସଜାଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପୁରୁଷ ରଗ୍‌ବୀ ୭ଏସ୍ ଇଭେଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟ ଦଳ ରୌପ୍ୟ ପଦକ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ କିଟ୍ ଦଳ ମୋହାଲିର ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟଠାରୁ ୭-୧୨ରେ ହାରି ଯାଇଛି। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ କିଟ୍ ଦଳ ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ୩୯-୦ରେ ପରାସ୍ତ କରିଥିଲା। ଗୁରୁବାର କ୍ୱାର୍ଟର ଫାଇନାଲରେ ଏହି ଦଳ ଗାନ୍ଧୀନଗରର ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟକୁ ୩୧-୭ରେ ହରାଇ ଦେଇଥିଲା।

# ଓଡ଼ିଶା ଏଫ୍‌ସି-ମୋହନ ବାଗାନ ମ୍ୟାଚ ଆଜି

**ଇଣ୍ଡିଆନ ସୁପର ଲିଗ୍**

ଭୁବନେଶ୍ୱର, ୨୩।୨

(ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶନିବାର ଓଡ଼ିଶା ଏଫ୍‌ସି ଓ ମୋହନ ବାଗାନ ସୁପର ଜାଏଣ୍ଟ ମଧ୍ୟରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ମ୍ୟାଚ ଅନୁଷ୍ଠିତ ହେବ। ଓଡ଼ିଶା ଏଫ୍‌ସି ସମ୍ପ୍ରତି ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ୧୫ ମ୍ୟାଚରୁ ଏହି କଳିଙ୍ଗ ୱାରିୟର୍ସ ଦଳ ୯ ବିଜୟ, ୪ ଡ୍ର ଓ ୨ ପରାଜୟ ସହ ୩୧ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ମୋହନ ବାଗାନ ୧୪ ମ୍ୟାଚରୁ ୯ ବିଜୟ ସହ ୨୯ ପଏଣ୍ଟରେ ରହିଛି। ତେଣୁ ଏହି ମ୍ୟାଚରେ ବିଜୟୀ ହେବା ଦଳ ଟେବୁଲର ଶୀର୍ଷକୁ ଉନ୍ନୀତ ହେବ। ତେଣୁ ଉଭୟ ଦଳ ପାଇଁ ମ୍ୟାଚର ଗୁରୁତ୍ୱ ବଢ଼ିଛି।

ଓଡ଼ିଶା ଏଫ୍‌ସି ୧୫ ଦିନର ବ୍ରେକ୍ ପରେ ପରବର୍ତ୍ତୀ ମ୍ୟାଚ ଖେଳିବାକୁ ଯାଉଛି। ପୂର୍ବ ମ୍ୟାଚକୁ ଏହି ଦଳ ଏଫ୍‌ସି ଗୋଆ ବିପକ୍ଷରେ ୧-୧ରେ ଡ୍ର ରଖିଥିଲା। ଚଳିତ ଲିଗ୍‌ରେ ୧୧ ମ୍ୟାଚରେ ଅପରାଜେୟ ରହିଛି। ତେଣୁ ମୋମେଣ୍ଟମ ବଜାୟ ରଖିବା ଉପରେ ଗୁରୁତ୍ୱ ଦେଉଛନ୍ତି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ମିଡ୍ ଫିଲ୍ଡର ଅହମଦ ଜାହୋଉଙ୍କ ଅନୁପସ୍ଥିତି ସତ୍ତ୍ୱେ ଦଳ ନିକଟରେ ମ୍ୟାଚ ଜିତିବା ଦକ୍ଷତା ରହିଛି ବୋଲି ଲୋବେରା ଆତ୍ମବିଶ୍ୱାସରେ ରହିଛନ୍ତି। "ବ୍ରେକ୍ ପୂର୍ବରୁ ଆମେ ନିଜକୁ ଭଲଭାବେ ପ୍ରସ୍ତୁତ କରିଛୁ। ତେଣୁ କୌଣସି ଅସୁବିଧା ନାହିଁ। ମୋହନ ବାଗାନ, ମୁମ୍ବାଇ ସିଟି ଏବଂ ଏଫ୍‌ସି ଗୋଆ ଟେବୁଲ ଶୀର୍ଷକୁ ଉଠିବା ପାଇଁ ଚାପରେ ଥିବାବେଳେ ଆମେ ଆମ ପୋଜିଶନକୁ ନେଇ ବହୁତ ଖୁସି ଅଛୁ। ଟେବୁଲର ଶୀର୍ଷରେ ରହିଲେ କିମ୍ବା ପ୍ଲେ ଅଫ୍ ଜିତିଲେ ଆମ ସ୍ୱପ୍ନ ସାର୍ଥକ ହେବ। ବଡ଼ ଚ୍ୟାଲେଞ୍ଜକୁ ମୁକାବିଲା ପାଇଁ ଆମେ କେତେ ପ୍ରସ୍ତୁତ ତାହା ଆସନ୍ତା ମ୍ୟାଚରୁ ଜଣାପଡ଼ିବ" ବୋଲି ଲୋବେରା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମୋହନ ବାଗାନ ମଧ୍ୟ ଟେବୁଲର ଶୀର୍ଷସ୍ଥାନ ଉପରେ ନଜର ରଖିଛି। ନବନିଯୁକ୍ତ କୋଚ୍ ଆଣ୍ଟୋନିଓ ହବାସଙ୍କ ଅଧୀନରେ ଏହି ଦଳ ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀ ଦଳକୁ ଚ୍ୟାଲେଞ୍ଜ ଦେବାକୁ ସକ୍ଷମ। ଓଡ଼ିଶା ଏଫ୍‌ସି ଅଧିନାୟକ ଅମରିନ୍ଦର ସିଂ ମଧ୍ୟ ଆଗାମୀ ମୁକାବିଲାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। "ନୂଆ କୋଚ୍ ଏବଂ ତାଙ୍କ ଷ୍ଟାଇଲ ଅନୁସାରେ ମୋହନ ବାଗାନ ବିପକ୍ଷ ଆଗାମୀ ମ୍ୟାଚ ନିଶ୍ଚିତ ଭିନ୍ନ ଧରଣର ହେବ। ଘରୋଇ ପରିବେଶରେ ଖେଳୁଥିବାରୁ ଆମକୁ ସମସ୍ତ ଚ୍ୟାଲେଞ୍ଜର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ। ଚଳିତ ସିଜନରେ ୭ ଥର କ୍ଲିନ ଶିଟ୍ ପାଇସାରିଥିବାରୁ ମୁଁ ଆମ ଡିଫେନ୍ସ ବିଭାଗକୁ ନେଇ ଆତ୍ମବିଶ୍ୱାସରେ ଅଛି। ଦଳଗତ ଭାବେ ଆମର ପ୍ରତିଶ୍ରୁତିବଦ୍ଧତା ଏବଂ ପ୍ରଦର୍ଶନ ପ୍ରତିଫଳିତ ହୋଇଛି" ବୋଲି ଅମରିନ୍ଦର କହିଛନ୍ତି।

ଏଏଫ୍‌ସି କପ୍‌ରେ ମୋହନ ବାଗାନ ସୁପର ଜାଏଣ୍ଟକୁ ହରାଇ ଓଡ଼ିଶା ଏଫ୍‌ସି ନକ୍‌ଆଉଟରେ ପ୍ରବେଶ କରିଥିଲା। ମାତ୍ର ଆଇଏସ୍ଏଲ୍‌ରେ ଦଳର ସେହି ପ୍ରଦର୍ଶନ ଦେଖିବାକୁ ମିଳିନାହିଁ। ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୮ଟି ମ୍ୟାଚ ହୋଇଥିଲେ ହେଁ ଗୋଟିଏ ହେଲେ ଜିତିବାକୁ ସକ୍ଷମ ହୋଇନାହିଁ। ଓଡ଼ିଶା ଏଫ୍‌ସି ୪ଟି ମ୍ୟାଚ ଡ୍ର ରଖିଥିବାବେଳେ ଅନ୍ୟ ୪ଟି ମ୍ୟାଚରେ ବିଜୟୀ ହୋଇଛି।




ଓଡ଼ିଶା ଏଫ୍‌ସି କୋଚ୍ ସର୍ଗିଓ ଲୋବେରା ଓ ଅଧିନାୟକ ଅମରିନ୍ଦର ସିଂ। (ଫଟୋ: ବିକାଶ ନାୟକ)




# କାନ୍ଦାନ ଜୁଡୋ ରେଫରି

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

ଭୁବନେଶ୍ୱର, ୨୩।୨

(ବିଜୟ ରଣା)

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଚତୁର୍ଥ ସଂସ୍କରଣ ଆସାମ ସମେତ ଅନ୍ୟ ୬ଟି ରାଜ୍ୟରେ ଅନୁଷ୍ଠିତ ହେଉଛି। ଏଥିରେ ୨୦ଟି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଆସାମରେ ଜୁଡୋ ପ୍ରତିଯୋଗିତା ଗୁଆହାଟୀ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ୨୬ରୁ ୨୮ ପର୍ଯ୍ୟନ୍ତ ହେବ। ଏଥିରେ ରେଫରି ଦାୟିତ୍ୱ ତୁଲାଇବା ଲାଗି ଜୁଡୋ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶାର ଏକମାତ୍ର ଅନ୍ତର୍ଜାତୀୟ ଜୁଡୋ ରେଫରି କାନ୍ଦାନ ମୁର୍ମୁଙ୍କୁ ଆମନ୍ତ୍ରଣ ମିଳିଛି। କାନ୍ଦାନ ହେଉଛନ୍ତି କିଟ୍ ଓ କିସ୍‌ରୁ ସିନିୟର ଜୁଡୋ କୋଚ୍। ଏହାଛଡ଼ା ସେ ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନର ଟେକ୍‌ନିକାଲ ସେକ୍ରେଟାରୀ ଏବଂ ମୟୂରଭଞ୍ଜ ଜିଲା ଜୁଡୋ ଆସୋସିଏଶନର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ।



କାନ୍ଦାନ ମୁର୍ମୁ

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଜୁଡୋ ପ୍ରତିଯୋଗିତାରେ ରେଫରି ଦାୟିତ୍ୱ ତୁଲାଇବା ଲାଗି ଆମନ୍ତ୍ରଣ ପାଇଥିବାରୁ ସେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ରାଜ୍ୟ ଜୁଡୋ ସଂଘର ସିଇଓ ଗୀତାଞ୍ଜଳି ପଣ୍ଡା ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ପୂର୍ବତନ ରଣଜୀ ଖେଳାଳିଙ୍କ ପରଲୋକ

ଭୁବନେଶ୍ୱର, ୨୩।୨

(ତପନ ସ୍ୱାଇଁ)

ରାଜ୍ୟର ପୂର୍ବତନ ରଣଜୀ ଟ୍ରଫି ଖେଳାଳି ରାଜେଶ ସିଂଙ୍କର ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ହୋଇଥିଲା। ରାଜେଶ ଓଡ଼ିଶା ପକ୍ଷରୁ ୧୬ଟି ପ୍ରଥମ ଶ୍ରେଣୀ କ୍ରିକେଟ ମ୍ୟାଚରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କର ଜଣେ ପୁଅ ଅଛନ୍ତି। ରାଜେଶଙ୍କ ପରଲୋକରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଶୋକ ପ୍ରକାଶ କରିଛନ୍ତି।



ରାଜେଶ ସିଂ

# ପୋଲିସ ଅଫିସର ହେବାଲାଗି ସ୍ୱପ୍ନ ଦେଖୁଥିଲେ ଦୀପ୍ତି ଶର୍ମା

**ନୂଆଦିଲ୍ଲୀ, ୨୩।୨ (ପି.ଟି.):** ଉତ୍ତର ପ୍ରଦେଶ ପୋଲିସରେ ଡିଏସ୍‌ପି ଭାବେ ନିଯୁକ୍ତି ପାଇଛନ୍ତି ଭାରତୀୟ ମହିଳା କ୍ରିକେଟ ଦଳ ଅଲରାଉଣ୍ଡର ଦୀପ୍ତି ଶର୍ମା। ଏହା ଦ୍ୱାରା ତାଙ୍କ ସ୍ୱପ୍ନ ସାକାର ହୋଇଛି। ପୋଲିସରେ ଭର୍ତ୍ତି ହେବା ଲାଗି ତାଙ୍କ ପିଲାଦିନର ଅଭିଳାଷ ଥିଲା। କ୍ୱଚିତଙ୍କ ଭାଗ୍ୟରେ ଏହା ଫଳବତୀ ହୋଇଥାଏ। ଆଗ୍ରା ବାସିନ୍ଦା ଦୀପ୍ତି ଗତ ଦୁଇବର୍ଷ ହେଲା ପ୍ରଭାବୀ ପ୍ରଦର୍ଶନ କରିଆସୁଛନ୍ତି। ସେ ଗତବର୍ଷ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ଦଳର ଅନ୍ୟତମ ସଦସ୍ୟା ଥିଲେ। ପୁନଶ୍ଚ ସେ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା ଦଳର ସଦସ୍ୟା ଥିଲେ। ତାଙ୍କ ପ୍ରଭାବୀ ପ୍ରଦର୍ଶନକୁ ସ୍ୱୀକୃତି ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କୁ ୩ କୋଟି ଟଙ୍କା ଆର୍ଥିକ ପୁରସ୍କାର ସହ ସମ୍ମାନିତ କରିଥିଲେ। ଏହାଛଡ଼ା ପୋଲିସ ଡିଏସ୍‌ପି ପାଇଁ ମନୋନୀତ ହୋଇଥିଲେ। ଦୀପ୍ତି କହିଛନ୍ତି, ଜଣେ ପୋଲିସ ଅଫିସର ହେବା ଲାଗି ସେ ସବୁବେଳେ ସ୍ୱପ୍ନ ଦେଖିଆସୁଥିଲେ। ପୋଲିସ ୟୁନିଫର୍ମ ପରିଧାନ କରିଲେ ମନରେ କି ଭାବନା ସୃଷ୍ଟି ହୁଏ ତାହା ଜାଣିବାକୁ ତାଙ୍କର ପ୍ରବଳ ଉତ୍କଣ୍ଠା ରହିଥିଲା। ସେ ପୋଲିସ ଅଫିସର ହୁଅନ୍ତୁ ବୋଲି ତାଙ୍କ ମାତାପିତା ମଧ୍ୟ ଚାହୁଁଥିଲେ। ସେ ୨୦୨୨-୨୩ ସିଜନରେ ଓମେନ୍ସ ଇଣ୍ଟରନ୍ୟାଶନାଲ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପାଇଥିଲେ।

